୬୪ତମ ବର୍ଷ ୨୪ ନଭେମ୍ବର ୨୦୨୧ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

*Let us keep flaming*
*in our heart the*
*fire of progress.*

*With my blessings.*

୬୪ତମ ବର୍ଷ ୨୪ ନଭେମ୍ବର ୨୦୨୧ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ବର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୧]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀମା'ଙ୍କ ବାଣୀ | ... | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୬ |
| ପୂର୍ଣ୍ଣଯୋଗର ପଥ | ... | ଶ୍ରୀଅରବିନ୍ଦ | ୯ |
| ମଣିଷସମାଜକୁ ଉଦ୍ଧାର କରିବାର ମାର୍ଗ | ... | ଶ୍ରୀମା | ୧୧ |
| ସୌରଦୀପ୍ତ ପଥ | ... | ଶ୍ରୀଅରବିନ୍ଦ | ୧୩ |
| ବିଶ୍ୱ-ରଙ୍ଗମଞ୍ଚରେ ଏସିଆ ତଥା ଭାରତର ଭୂମିକା | ... | ଶ୍ରୀଅରବିନ୍ଦ | ୧୫ |
| ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶ | ... | ଶ୍ରୀମା | ୧୮ |
| ଦିବ୍ୟଜନନୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୨୧ |
| ଶ୍ରୀଅରବିନ୍ଦ ଆଶ୍ରମ ଓ ଶ୍ରୀମା'ଙ୍କ ତିରୋଧାନ | ... | ... | ୨୬ |
| ଦୁଇଟି ଶିକ୍ଷା | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୨୭ |
| ମା'ଙ୍କର ଶରୀରତ୍ୟାଗ (କେ.ଡ଼ି. ସେଠ୍‌ନାଙ୍କର ଏକ ମନ୍ତବ୍ୟ) | ... | ... | ୨୯ |
| ସ୍ଥିତିଶୀଳ ଓ ଗତିଶୀଳ ଆଧ୍ୟାତ୍ମିକତା | ... | ଶ୍ରୀ ପ୍ରପତ୍ତି | ୩୨ |
| ଶ୍ରୀମା'ଙ୍କର ମହାପ୍ରୟାଣ | ... | ଶ୍ରୀ ମାଧବ ପଣ୍ଡିତ | ୩୬ |
| ''ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ'' : ସମାପ୍ତି କେବେ ? | ... | ଶ୍ରୀ ମନୋଜ ଦାସ | ୪୩ |
| ନବଜ୍ୟୋତି ମୁଦ୍ରଣାଳୟର ଇତିହାସ ଓ ତହିଁରେ ଶ୍ରୀପତି ବାବୁଙ୍କ ଭୂମିକା | ... | ଶ୍ରୀ ଗୋପାଳଚନ୍ଦ୍ର ମାହାନା | ୪୭ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୯) | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଅନ୍ତର୍ନିହିତ ନୂତନ ଜଗତ୍ | ... | ଶ୍ରୀମା | ୫୫ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ଜାତୀୟ ଚେତନାର ଉଦ୍‌ବୋଧନ | ... | ଶ୍ରୀ ବିଶ୍ୱମ୍ବର ସାମନ୍ତ | ୫୮ |


❖

# ଶ୍ରୀମା’ଙ୍କ ବାଣୀ

## A morning prayer

Mother Divine, grant that today may bring to us a completer consecration to Thy Will, a more integral gift of ourselves to Thy work, a more total forgetfulness of self, a greater illumination, a purer love. Grant that in a communion growing ever deeper, more constant and entire, we may be united always more and more closely to Thee and become Thy servitors worthy of Thee. Remove from us all egoism, root out all petty vanity, greed and obscurity. May we be all ablaze with Thy divine Love; make us Thy torches in the world.

– The Mother

## ଏକ ପ୍ରାତଃ ପ୍ରାର୍ଥନା

ହେ ପରମା ଦିବ୍ୟ ଜନନି ! ଏପରି କର ଯେପରି ଆଜି ଦିନଟି ଆମ ପାଇଁ ବହନ କରି ଆଣେ ତୁମ ଇଚ୍ଛା ନିକଟରେ ଏକ ପୂର୍ଣ୍ଣତର ନିବେଦନ, ତୁମରି କର୍ମରେ ପରିପୂର୍ଣ୍ଣତର ଆତ୍ମଦାନ, ଏକ ସମଗ୍ରତର ଆତ୍ମ-ବିସ୍ମରଣ, ଏକ ବୃହତ୍ତର ଜ୍ୟୋତିର୍ମୟତା, ଏକ ଶୁଦ୍ଧତର ପ୍ରେମ । ଏପରି କର ଯେପରି ତୁମ ସହ ନିତ୍ୟ-ବର୍ଦ୍ଧମାନ ଗଭୀରରୁ ଗଭୀରତର, ଅବିଚ୍ଛିନ୍ନରୁ ଅବିଚ୍ଛିନ୍ନତର, ପୂର୍ଣ୍ଣାଙ୍ଗରୁ ପୂର୍ଣ୍ଣାଙ୍ଗତର ସଂଯୋଗ ମଧ୍ୟରେ ଆମେ ତୁମ ସହ ଅଧିକରୁ ଅଧିକ ନିବିଡ଼ ଭାବରେ ନିରନ୍ତର ମିଳିତ ହୋଇପାରୁ ଏବଂ ତୁମର ଯୋଗ୍ୟ ସେବକରେ ପରିଣତ ହୋଇପାରୁ । ଦୂର କର ଆମ ଭିତରୁ ସକଳ ଅହମିକା, ସକଳ ତୁଚ୍ଛ ଦର୍ପ, ଲୋଭ ଓ ଅନ୍ଧକାର । ଆମେ ସମସ୍ତେ ଯେପରି ତୁମରି ଦିବ୍ୟପ୍ରେମରେ ପ୍ରଜ୍ୱଳିତ ହୋଇଉଠୁ; ଜଗତରେ ଆମକୁ ପରିଣତ କର ତୁମର ଆଲୋକ ବର୍ତ୍ତିକାରେ ।

— ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

It is by the constant remembrance that the being is prepared for the full opening. By the opening of the heart the Mother's presence begins to be felt and, by the opening to her Power above, the Force of the higher consciousness comes down into the body and works there to change the whole nature.

– Sri Aurobindo

ନିରନ୍ତର ସ୍ମରଣ ଦ୍ୱାରାହିଁ ପୂର୍ଣ୍ଣ ଉନ୍ମୀଳନ ସକାଶେ ସତ୍ତା ପ୍ରସ୍ତୁତ ହୁଏ । ହୃଦୟର ଉନ୍ମୀଳନ ଦ୍ୱାରା ଦିବ୍ୟଜନନୀଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ କରେ ଏବଂ ତାଙ୍କର ଊର୍ଦ୍ଧ୍ୱସ୍ଥ ଦିବ୍ୟଶକ୍ତି ପ୍ରତି ଉନ୍ମୀଳନ ଦ୍ୱାରା ଉଚ୍ଚତର ଚେତନାର ମହାପ୍ରବେଗ ଶରୀର ମଧ୍ୟକୁ ଅବତରଣ କରିଆସେ ଏବଂ ସମଗ୍ର ପ୍ରକୃତିକୁ ପରିବର୍ତ୍ତିତ କରିବା ନିମିତ୍ତ ସେଠାରେ କାର୍ଯ୍ୟକରେ ।

— ଶ୍ରୀଅରବିନ୍ଦ



# ପୂର୍ଣ୍ଣଯୋଗର ପଥ

## ଶ୍ରୀଅରବିନ୍ଦ

ପୁରାତନ ଯୋଗୀମାନେ ଓ ସାଧକମାନେ ସର୍ବପ୍ରଥମେ ଶାନ୍ତି ପାଇଁହିଁ ପ୍ରାର୍ଥନା କରୁଥିଲେ ଏବଂ ନିରନ୍ତର ଶାନ୍ତି ଆଣି ଦେଉଥିବା ନୀରବ, ନିଶ୍ଚଳ ମନକୁ ସେମାନେ ଭଗବତ୍ ଉପଲବ୍ଧି ପାଇଁ ଏକ ସର୍ତ୍ତ ଭାବରେ ଘୋଷଣା କରୁଥିଲେ । ପ୍ରଫୁଲ୍ଲ ଓ ଆଲୋକରେ ଉଦ୍ଭାସିତ ଏକ ହୃଦୟ ଆନନ୍ଦ ପାଇଁ ଉପଯୁକ୍ତ ଆଧାର । ଆନନ୍ଦ ଓ ଯାହାକିଛି ଏହାକୁ ପ୍ରସ୍ତୁତ କରେ, ତାହା ଭଗବତ୍ ମିଳନ ପଥରେ ଏକ ପ୍ରତିବନ୍ଧକ ବୋଲି କେହି କ'ଣ ପ୍ରଶ୍ନ କରିବ ? କାରଣ ନୈରାଶ୍ୟ ସମ୍ପର୍କରେ କୁହାଯାଇପାରେ ଯେ ଏହା ମାର୍ଗରେ ବହନ କରିନେବା ପାଇଁ ଏକ ବିରାଟ ବୋଝ । ସାଧକକୁ ଏହା ଭିତର ଦେଇ ଯିବାକୁ ହେବ; ଅନେକ ସମୟରେ ଠିକ୍ ଏହା Pilgrims Progressର ଖ୍ରୀଷ୍ଟିଆନ ସାଧକର ନିରାଶାର କାନ୍ତାର ମଧ୍ୟରେ ଗଲା ଭଳି ହୋଇଥାଏ । ନୈରାଶ୍ୟର ବାରମ୍ବାର ପୁନରାବର୍ତ୍ତନ ଏକ ପ୍ରତିବନ୍ଧକ ଛଡ଼ା ଆଉ କିଛି ହୋଇ ନ ପାରେ ।... ମୁଁ ଖୁବ୍ ଭଲଭାବରେ ଜାଣେ ଯେ ବେଦନା, ଯନ୍ତ୍ରଣା, ସଂଗ୍ରାମ ଓ ହତାଶାର ଆକ୍ରମଣ ସ୍ୱାଭାବିକ; ଯଦିଓ ଏଗୁଡ଼ିକ ମାର୍ଗରେ ଅପରିହାର୍ଯ୍ୟ ନୁହେଁ । ଏହାର କାରଣ ନୁହେଁ ଯେ ସେଗୁଡ଼ିକ ପଥ ମଧ୍ୟରେ ସହାୟକ । ମଣିଷ ପ୍ରକୃତିର ଅନ୍ଧକାର ସେଗୁଡ଼ିକୁ ଆମ ଉପରେ ବଳପୂର୍ବକ ଲଦିଦେଇଛି, ଯେଉଁ ଅନ୍ଧକାର ବିରୋଧରେ ସଂଗ୍ରାମ କରି ଆମକୁ ଦିବ୍ୟ ଆଲୋକ ମଧ୍ୟକୁ ବାହାରି ଆସିବାକୁ ହେବ... । ଯୋଗର ସୂର୍ଯ୍ୟଦୀପ୍ତ ପଥ ସମ୍ପର୍କରେ ରାମକୃଷ୍ଣ ଅଜ୍ଞ ନଥିଲେ । ବରଂ ଏହା ଅନ୍ୟାନ୍ୟ ମାର୍ଗ ଅପେକ୍ଷା ଦ୍ରୁତତର ଓ ଅଧିକ ଉତ୍ତମ ବୋଲି ସେ କହୁଥିଲେ ।

ଏହାର ଅର୍ଥ ନୁହେଁ ଯେ ମୁଁ ନିଜେ ସୌରଦୀପ୍ତ ପଥର ଅନୁସରଣ କରିଛି ବା ବାଧାବିଘ୍ନ, ଦୁଃଖଭୋଗ ବା ବିପଦକୁ ମୁଁ ଏଡ଼େଇ ଦେଇ ପାରିଛି । ମୋତେ ଏସବୁ ସମ୍ପୂର୍ଣ୍ଣ ଭାବରେ ଭୋଗ କରିବାକୁ ପଡ଼ିଛି; କିନ୍ତୁ ମା'ଙ୍କୁ ଏହା ଅପେକ୍ଷା ଦଶ ଗୁଣ ସହ୍ୟ କରିବାକୁ ପଡ଼ିଛି । କିନ୍ତୁ ଏହାର କାରଣ ହେଲା ମାର୍ଗଦର୍ଶକମାନଙ୍କୁ ଏସବୁ ଉପରେ ବିଜୟ ହାସଲ କରିବା ପାଇଁ ଏ ସମସ୍ତର ସମ୍ମୁଖୀନ ହେବାକୁ ହୁଏ । ଆମେ ସମ୍ମୁଖୀନ ହୋଇ ନଥିବା ଏପରି କୌଣସି ବାଧା ନାହିଁ ଯାହା ସାଧକଙ୍କ ନିକଟକୁ ଆସିବ । ଅନେକ ବାଧା, ପ୍ରତିବନ୍ଧକ କ୍ଷେତ୍ରରେ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମକୁ ଶତବାର ସଂଗ୍ରାମ କରିବାକୁ ପଡ଼ିଛି, (ବାସ୍ତବରେ ଏହାଠାରୁ ଅନେକ ଅଧିକ) ତଥାପି କେତେକ ବାଧାବିଘ୍ନ ଏପର୍ଯ୍ୟନ୍ତ ମଧ୍ୟ ବିରୋଧ କରୁଛନ୍ତି ଓ ରହିଛନ୍ତି ଏବଂ କହନ୍ତି ଯେ ସମ୍ପୂର୍ଣ୍ଣ ପୂର୍ଣ୍ଣତା ନ ଆସିବା ପର୍ଯ୍ୟନ୍ତ ସେମାନଙ୍କର ରହିବାର ଅଧିକାର ରହିଛି । କିନ୍ତୁ ଅନ୍ୟମାନଙ୍କ ପାଇଁ ସେଗୁଡ଼ିକର ପ୍ରୟୋଜନୀୟତା ଯେ ଅପରିହାର୍ଯ୍ୟ ଏହା ଆମେ କଦାପି ସ୍ୱୀକାର କରୁ ନାହୁଁ । ପ୍ରକୃତରେ ଅନ୍ୟମାନଙ୍କ ପାଇଁ ମାର୍ଗକୁ ସୁଗମ କରିବା ସକାଶେ ଆମକୁ ସେହି ବୋଝକୁ ବହନ କରିବାକୁ ପଡ଼ିଛି । ସେଥିପାଇଁ ଥରେ ମା' ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ଯେ ମାର୍ଗ ପାଇଁ ଆବଶ୍ୟକ ଯେଉଁ ସବୁ ବାଧା, ବିପଦ ଓ ଦୁଃଖଭୋଗ ସେସବୁ ଅନ୍ୟମାନଙ୍କ ଉପରେ ନ ଆସି ବରଂ ତାଙ୍କରି ଉପରେ ଆସୁ । ଦିନ ଦିନ ଓ ବର୍ଷ ବର୍ଷ ଧରି ଏହି ଉତ୍କଟ ଭୟଙ୍କର ସଂଗ୍ରାମର ପରିଣାମସ୍ୱରୂପ ମା'ଙ୍କର ଏହି ଇଚ୍ଛାକୁ ମଞ୍ଜୁର କରି ଦିଆଯାଇଛି ଯେ ଯେଉଁମାନେ ତାଙ୍କ ଉପରେ ସମ୍ପୂର୍ଣ୍ଣ ଆନ୍ତରିକ ବିଶ୍ୱାସ ଓ ଭରସା ରଖିବେ ସେମାନେ ସେହି ସୌରଦୀପ୍ତ ପଥର ଅନୁସରଣ କରିପାରିବେ — ଏପରି କି ଯେଉଁମାନେ ଏହାକୁ ଅନୁସରଣ କରିପାରିବେ ନାହିଁ ସେମାନେ ଯଦି ଭରସା ରଖିବାକୁ ଆରମ୍ଭ କରନ୍ତି ତେବେ ଦେଖିବେ ଯେ ସହସା ତାଙ୍କର ପଥ ସହଜ ହୋଇଉଠିଛି ଏବଂ ଏହା ପୁନର୍ବାର କଠିନ ହୋଇଯାଏ କେବଳ ଯେତେବେଳେ ଅବିଶ୍ୱାସ, ବିଦ୍ରୋହ, ଅଭିମାନ ଏବଂ ଅନ୍ୟାନ୍ୟ ଅନ୍ଧକାର ଶକ୍ତି ସେମାନଙ୍କ ମଧ୍ୟକୁ ପ୍ରବେଶ କରେ । ସୂର୍ଯ୍ୟଦୀପ୍ତ ପଥ ଖାଲି ଏକ ପରୀ ରାଇଜର କାହାଣୀ ନୁହେଁ ।

କିନ୍ତୁ ତୁମେ ପଚାରିବ ଯେ ଯେଉଁମାନେ ପାରିବେ ନାହିଁ, ସେମାନଙ୍କର କ'ଣ ହେବ ? ହଁ, ସେମାନଙ୍କ ପାଇଁ ଏକ ପରିମିତ ସମୟ ମଧ୍ୟରେ ଅତିମାନସ ଶକ୍ତିକୁ ନିମ୍ନକୁ ଉତାରି ଆଣିବା ପାଇଁ ମୁଁ ମୋ ସମସ୍ତ ଶକ୍ତି ସହ ପ୍ରୟାସ କରୁଛି । ମୁଁ ଜାଣେ ଯେ ଏହା ଅବତରଣ କରିବ, କିନ୍ତୁ ମୁଁ ଚାହୁଁଛି ଏହା ନିକଟ ଭବିଷ୍ୟତରେ ଶୀଘ୍ର ଅବତରଣ କରୁ ଏବଂ ପାର୍ଥିବ

ପ୍ରକୃତିର ଅନ୍ଧକାରମୟ ଶକ୍ତିର ପ୍ରତିରୋଧ ବା ଏହାକୁ ବାଧା ଦେବାକୁ ଭୟଙ୍କର ଆସୁରିକ ଆକ୍ରମଣ ସତ୍ତ୍ୱେ ଏହି ଶକ୍ତି ପାର୍ଥିବ ଭୂମିର କ୍ରମଶଃ ନିକଟତର ହେଉଛି । ତୁମେ ଯେପରି କଳ୍ପନା କର ଅତିମାନସ ସେପରି ଉଦାସୀନ, ଶୁଷ୍କ, କଠୋର ଓ ପ୍ରସ୍ତର ପରି ଏକ ବସ୍ତୁ ନୁହେଁ । ଏହା ନିଜ ମଧ୍ୟରେ ବହନ କରିଥାଏ ଦିବ୍ୟପ୍ରେମ ଓ ଦିବ୍ୟସତ୍ୟର ଉପସ୍ଥିତି । ଏଠାରେ ତାହାର ରାଜତ୍ୱର ଅର୍ଥ ହେଉଛି ଯେଉଁମାନେ ଏହାକୁ ଗ୍ରହଣ କରିବେ ସେମାନଙ୍କ ପାଇଁ ଏପରି ଏକ ସରଳ ଓ ନିଷ୍କଣ୍ଟକ ପଥ ଯେଉଁଥିରେ କୌଣସି ବାଧାର ପ୍ରାଚୀର ବା ପ୍ରତିବନ୍ଧକ ନାହିଁ ଏବଂ ଯାହାକୁ ପୁରାତନ ଋଷିମାନେ ଦେଖିଥିଲେ ଏକ ସୁଦୂର ଭବିଷ୍ୟତର ସମ୍ଭାବନା ରୂପେ ।

ଅନ୍ଧକାରର ପଥ ମଧ୍ୟ ରହିଛି ଏବଂ ଅନେକେ ଖ୍ରୀଷ୍ଟିଆନଙ୍କ ଭଳି ଆଧ୍ୟାତ୍ମିକ ଦୁଃଖ ଯନ୍ତ୍ରଣାକୁ ମୂଳ ମନ୍ତ୍ର ଭାବରେ ମାନି ନେଇଥା'ନ୍ତି; କେତେକ ବ୍ୟକ୍ତି ଏହାକୁ ବିଜୟର ଅପରିହାର୍ଯ୍ୟ ମୂଲ୍ୟ ଭାବରେ ଗ୍ରହଣ କରନ୍ତି । କେତେକ ପରିସ୍ଥିତିରେ ଏହା ସେପରି ହୋଇପାରେ । ଯେପରି ପ୍ରାରମ୍ଭିକ ଅବସ୍ଥାରେ କେତେକଙ୍କ ଜୀବନରେ ଏହା ଆସିଥାଏ, କିଂବା ଜଣେ ନିଜର ପସନ୍ଦ ଅନୁସାରେ ଏହାକୁ ଗ୍ରହଣ କରିପାରେ । ଅନାସକ୍ତି, ସହିଷ୍ଣୁତା ଓ ଅଗ୍ର-ପଦକ୍ଷେପ ପୂର୍ବରୁ ପଶ୍ଚାତ୍ ଅପସରଣ ପାଇଁ ପ୍ରସ୍ତୁତି ସହିତ ଏଥିପାଇଁ ମୂଲ୍ୟ ଦେବାକୁ ହେବ । ମୁଁ ସ୍ୱୀକାର କରୁଛି ଯଦି ଏହି ଭାବରେ ଗ୍ରହଣ କରାଯାଏ, ତେବେ ଅନ୍ଧକାରମୟ ଶକ୍ତିଙ୍କର ଆକ୍ରମଣ କିଂବା ସେମାନେ ଯେଉଁ ପରୀକ୍ଷାରେ ପକାନ୍ତି, ତାହାର କିଛି ଅର୍ଥ ଅଛି । ସେମାନଙ୍କ ଉପରେ ହାସଲ କରାଯାଉଥିବା ପ୍ରତ୍ୟେକ ବିଜୟ ପରେ ଏକ ପ୍ରତ୍ୟକ୍ଷ ଅଗ୍ରଗତି ହୋଇଥାଏ । ଅନେକ ସମୟରେ ମନେହୁଏ ସେମାନେ ଆମ ଭିତରେ ଥିବା ବାଧାସବୁକୁ ଦେଖାଇ ଦେଉଛନ୍ତି, ଯେଉଁଗୁଡ଼ିକକୁ ଅତିକ୍ରମ କରିବାକୁ ହେବ ଏବଂ ସେମାନେ ଯେପରି କହନ୍ତି, ''ଏହିଠାରେହିଁ ତୁମକୁ ବିଜୟଲାଭ କରିବାକୁ ହେବ ।'' କିନ୍ତୁ ଯାହାହେଲେ ମଧ୍ୟ ଏହି ପଥ ଅତ୍ୟନ୍ତ ଅନ୍ଧକାରମୟ ଓ କଠିନ । ପ୍ରୟୋଜନ ନ ଥିଲେ କେହି ମଧ୍ୟ ଏହାର ଅନୁସରଣ କରିବା ଉଚିତ ନୁହେଁ ।

ଅନେକେ ଏହି ତପସ୍ୟା ବା ଅନ୍ୟ କିଛି ଉପରେ ବିଶ୍ୱାସ ରଖି ଯୋଗ କରିଛନ୍ତି, କିନ୍ତୁ ଭଗବତ୍ କୃପା ଉପରେ ସେମାନେ ଦୃଢ଼ ବିଶ୍ୱାସ ରଖିପାରି ନାହାନ୍ତି । ଯାହା ବି ହେଉ; ଅପରିହାର୍ଯ୍ୟ ହେଲା ଏକ ଉଚ୍ଚତର ଦିବ୍ୟ ସତ୍ୟ ବା ଉଚ୍ଚତର ଦିବ୍ୟଜୀବନ ପାଇଁ ଆତ୍ମାର ଦାବି; ତୁମେ ବିଶ୍ୱାସ କର ବା ନ କର ଏହା ଯେଉଁଠି ଅଛି ସେଠାରେ ଦିବ୍ୟକୃପା ଅବଶ୍ୟ ସହାୟତା କରିବ । ଯଦି ତୁମେ ବିଶ୍ୱାସ କରିବ ତେବେ ତାହା ସବୁକିଛିକୁ କ୍ଷିପ୍ର ଓ ସହଜତର କରିବ; ଏବଂ ଯଦି ଏପର୍ଯ୍ୟନ୍ତ ତୁମେ ବିଶ୍ୱାସ କରିପାରି ନାହଁ ତଥାପି ଆତ୍ମାର ଅଭୀପ୍ସା ଯେକୌଣସି କଠିନତା, ବାଧା ବା ସଂଘର୍ଷ ମଧ୍ୟରେ ନିଜର ସାର୍ଥକତା ପ୍ରମାଣ କରିବ ।

*

**ପ୍ରଶ୍ନ :** *ଯେତେବେଳେ ମୁଁ ଶୁଣେ ଲୋକମାନେ ଅତିମାନସ ଅବତରଣ ବିଷୟରେ କଥାବାର୍ତ୍ତା କରନ୍ତି, ମୁଁ ସେତେବେଳେ ଏକ ପ୍ରକାର ସଂଶୟବାଦୀ ହୋଇପଡ଼େ । ସେମାନେ ଆଶା କରନ୍ତି ଯେ ଯେତେବେଳେ ଅବତରଣ ଘଟିବ ସେତେବେଳେ ସବୁକିଛି ଆଧ୍ୟାତ୍ମିକ ଭାବାପନ୍ନ ହୋଇଯିବ, ଏବଂ ଏପରିକି ନିତାନ୍ତ ବାହ୍ୟ ରାଜନୈତିକ ଜୀବନ ମଧ୍ୟ, ଯାହାସବୁ ବର୍ତ୍ତମାନ ଭୁଲ୍ ଅଛି ତତ୍କ୍ଷଣାତ୍ ଠିକ୍ ଭାବରେ ସଜାଡ଼ି ହୋଇଯିବ । ଏବଂ ଏହି ଆଶା ସେମାନଙ୍କ ମଧ୍ୟରେ ଏକ ବିରାଟ କୌତୂହଳ ଓ ଚାଞ୍ଚଲ୍ୟ ସୃଷ୍ଟି କରେ ।*

**ଶ୍ରୀଅରବିନ୍ଦ** : ଏସବୁ ନିତାନ୍ତ ନିରର୍ଥକ । ଅତିମାନସ ଅବତରଣ ଅର୍ଥ ହେଲା ସେହି ଦିବ୍ୟଶକ୍ତି ପୃଥିବୀ ଚେତନାରେ ଏକ ଜୀବନ୍ତ ଶକ୍ତି ଭାବରେ ପ୍ରତିଷ୍ଠିତ ହେବ ଯେପରି ଚିନ୍ତାମାନସ ଓ ଊର୍ଦ୍ଧ୍ୱମାନସ ପୂର୍ବରୁ ରହିଛି । କିନ୍ତୁ ଯେପରି ଗୋଟିଏ ପଶୁ ଚିନ୍ତାମାନସର ଉପସ୍ଥିତିରୁ କୌଣସି ଲାଭ ପାଇପାରିବ ନାହିଁ ବା ଏକ ଅନୁନ୍ନତ ମନୁଷ୍ୟ ଊର୍ଦ୍ଧ୍ୱମାନସ ଶକ୍ତିର ଉପସ୍ଥିତି ଅନୁଭବ କରିପାରେ ନାହିଁ — ଠିକ୍ ସେହିପରି ଯେକୌଣସି ବ୍ୟକ୍ତି ଦିବ୍ୟ ଅତିମାନସ ଶକ୍ତିର ଉପସ୍ଥିତିର କୌଣସି ଉପଯୋଗ କରିପାରିବ ନାହିଁ । ମୁଁ ମଧ୍ୟ ଏକଥା ବହୁବାର କହିଛି ଯେ ଏହା ପ୍ରଥମେ ଅଳ୍ପ କେତେକଙ୍କ ପାଇଁ ଆସିବ, ସମଗ୍ର ପୃଥିବୀ ପାଇଁ ନୁହେଁ — କେବଳ ପାର୍ଥିବ ଜୀବନ ଉପରେ ଏହାର ପ୍ରଭାବ ଉତ୍ତରୋତ୍ତର ବଢ଼ିଚାଲିବ ।

(୧୫.୧୨.୧୯୩୪)
(ଶ୍ରୀଅରବିନ୍ଦ-ଆକ୍ସନ୍, ସଂଖ୍ୟା : ୧୦-୧୧
ପୃଷ୍ଠା : ୮-୯)

# ମଣିଷସମାଜକୁ ଉଦ୍ଧାର କରିବାର ମାର୍ଗ

## ଶ୍ରୀମା

ଯେଉଁମାନେ ପୂର୍ଣ୍ଣଯୋଗର ଅଭ୍ୟାସ କରନ୍ତି ସେମାନଙ୍କ ପାଇଁ ମଣିଷସମାଜର କଲ୍ୟାଣ କେବଳ ସେମାନଙ୍କ ସାଧନାର ଏକ ପରିଣତି ଓ ଫଳାଫଳ ହୋଇପାରେ, ଏହା କେବେ ଲକ୍ଷ୍ୟ ହୋଇ ନପାରେ । ମଣିଷସମାଜର ଅବସ୍ଥାକୁ ଆହୁରି ଉନ୍ନତ କରିବା ନିମିତ୍ତ ସକଳ ପ୍ରକାର ଉଦ୍ୟମ ପଶ୍ଚାତରେ ପ୍ରବଳ ଉତ୍ସାହ, ଉଦ୍ଦୀପନା ଓ ଆତ୍ମତ୍ୟାଗ ଥାଇ ମଧ୍ୟ ସେସବୁ ଚରମ ବ୍ୟର୍ଥତାରେ ପରିଣତ ହୋଇଛି । ଏହାର ଏକମାତ୍ର ଯଥାର୍ଥ କାରଣ ହେଉଛି ମଣିଷ ଜୀବନର ଦୂରବସ୍ଥାକୁ ପରିବର୍ତ୍ତନ କରିବାକୁ ହେଲେ ତାହା ଅନ୍ୟ ଏକ ପ୍ରାରମ୍ଭିକ ରୂପାନ୍ତର ମାଧ୍ୟମରେ କରି ହେବ, ସେ ରୂପାନ୍ତରଟି ହେଉଛି ମଣିଷ ଚେତନାର ରୂପାନ୍ତର; ଅନ୍ତତଃପକ୍ଷେ ଏହି ରୂପାନ୍ତର କ୍ରିୟା କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କର କ୍ଷେତ୍ରରେ ସାଧିତ ହେଲେ ତାହା ଏକ ସାଧାରଣ ରୂପାନ୍ତରର ଭିତ୍ତି ସ୍ୱରୂପ କାର୍ଯ୍ୟ କରିବ ।

ଆମ୍ଭେମାନେ ପରେ ଏ ବିଷୟରେ ଆଲୋଚନା କରିବା ଓ ଏହାହିଁ ହେବ ଆମର ଉପସଂହାର । ପ୍ରଥମରେ ମୁଁ ପୃଥିବୀର ଯଥାର୍ଥ ଜନ-କଲ୍ୟାଣକାରୀଙ୍କ ମଧ୍ୟରୁ ଦୁଇଜଣ ଉଲ୍ଲେଖଯୋଗ୍ୟ ବ୍ୟକ୍ତିଙ୍କ ସମ୍ବନ୍ଧେ କହିବି ।

ଦୁଇଜଣ ଅସାଧାରଣ ବ୍ୟକ୍ତି — କର୍ମ ଓ ଚିନ୍ତାଧାରାରେ ପରସ୍ପରର ସମ୍ପୂର୍ଣ୍ଣ ବିପରୀତ — ଦୁଇଜଣ ଅତି ଉନ୍ନତ ଆତ୍ମା; ଅତ୍ୟନ୍ତ ସୂକ୍ଷ୍ମଚିତ୍ତ ଓ ଦୟାର୍ଦ୍ର ହୃଦୟ ନେଇ ମଣିଷସମାଜର ଦୁଃଖ-ଦୁର୍ଦ୍ଦଶାର ସମ୍ପର୍କରେ ଆସି ଏକହିଁ ପ୍ରକାରର ଅନ୍ତରାତ୍ମିକ ଆଘାତ ପାଇଥିଲେ । ଉଭୟେ ମଣିଷସମାଜର ଦୁଃଖ-ଯନ୍ତ୍ରଣାର ପ୍ରତିକାର ନିମନ୍ତେ ଉପାୟ ଆବିଷ୍କାରରେ ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ ଓ ଉଭୟେ ବିଶ୍ୱାସ କରୁଥିଲେ ଯେ ତାହା ସେମାନେ ଆବିଷ୍କାର କରିଛନ୍ତି । କିନ୍ତୁ ଏହି ଉଭୟ ସମାଧାନ ଯାହାକୁ କି ପରସ୍ପରର ବିରୋଧୀ ବୋଲି କୁହାଯାଇପାରେ, ତାହା ସମାନ ଭାବରେ ବ୍ୟର୍ଥତାରେ ପରିଣତ ହୋଇଛି; କାରଣ ଉଭୟେ ନିଜସ୍ୱ ଧାରାରେ ଥିଲେ ଅପୂର୍ଣ୍ଣ ଓ ଆଂଶିକ । ଏପର୍ଯ୍ୟନ୍ତ ମଣିଷ ତା'ର ଦୁଃଖକଷ୍ଟ କବଳରୁ ଉଦ୍ଧାର ହୋଇ ନାହିଁ ।

ପ୍ରଥମ ଦୃଷ୍ଟାନ୍ତଟି ପ୍ରାଚ୍ୟରୁ — ରାଜକୁମାର 'ସିଦ୍ଧାର୍ଥ'; ପରବର୍ତ୍ତୀ କାଳରେ ଯେ 'ବୁଦ୍ଧ' ନାମରେ ପରିଚିତ ଏବଂ ଦ୍ୱିତୀୟ ଦୃଷ୍ଟାନ୍ତଟି ପାଶ୍ଚାତ୍ୟରୁ — 'ମସିଓଁ ଭେଁସ' (Monsieur Vincent) ଯେ ମୃତ୍ୟୁ ପରେ 'ସେଣ୍ଟ୍ ପଲ୍' ନାମରେ ପରିଚିତ ହୋଇଥିଲେ । କହିବାକୁ ଗଲେ ସେ ଦୁଇଜଣଯାକ ମାନବ-ଚେତନାର ଦୁଇ ଚରମ ପ୍ରାନ୍ତକୁ ଧାରଣ କରିଥିଲେ । ଦୁଇଜଣଙ୍କର ସାହାଯ୍ୟ ଦାନର ପଦ୍ଧତି ମଧ୍ୟ ପରସ୍ପରର ଠିକ୍ ବିରୋଧୀ ଥିଲା । ତଥାପି ଉଭୟେ ଆତ୍ମା ଦ୍ୱାରା, ମନର ଅତୀତ ଏକ ଅନନ୍ତ ସର୍ବମୟଙ୍କ ଦ୍ୱାରା ମୁକ୍ତି ସମ୍ଭବ ବୋଲି ବିଶ୍ୱାସ କରୁଥିଲେ । ଜଣେ ତାଙ୍କୁ କହୁଥିଲେ 'ଭଗବାନ୍' ଓ ଅନ୍ୟ ଜଣେ କହୁଥିଲେ 'ନିର୍ବାଣ' ।

ସେଣ୍ଟ୍ ପଲ୍‌ଙ୍କର ଏକ ଜ୍ୱଳନ୍ତ ବିଶ୍ୱାସ ଥିଲା ଏବଂ ସେ ତାଙ୍କ ଶିଷ୍ୟମାନଙ୍କୁ କହୁଥିଲେ,— ସର୍ବପ୍ରଥମେ ନିଜର ଆତ୍ମାକୁ ଉଦ୍ଧାର କରିବାକୁ ହେବ । କିନ୍ତୁ ମନୁଷ୍ୟର ଦୁଃଖ, ଦୈନ୍ୟର ସମ୍ପର୍କରେ ଆସି ଖୁବ୍ ଶୀଘ୍ର ସେ ଉପଲବ୍ଧି କଲେ ଯେ ଆତ୍ମାକୁ ଜାଣିବାକୁ ହେଲେ ସେଥିନିମିତ୍ତ ଅବସର ଥିବା ଉଚିତ । କିନ୍ତୁ ଯେଉଁମାନେ ପ୍ରାତଃକାଳରୁ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟାସ୍ତରୁ ପୁଣି ପରଦିନ ପ୍ରାତଃକାଳ ପର୍ଯ୍ୟନ୍ତ ସାମାନ୍ୟ ମୁଠିଏ ଅନ୍ନ ନିମନ୍ତେ ଜୀବନମୂର୍ଚ୍ଛା କଠୋର ପରିଶ୍ରମ କରନ୍ତି, ସେମାନଙ୍କ ପକ୍ଷେ ଆତ୍ମାର ବିଷୟ ଚିନ୍ତା କରିବାକୁ ଅବସର କାହିଁ ? ସୁତରାଂ ତାଙ୍କର ସରଳ ଓ ଦୟାର୍ଦ୍ର ହୃଦୟରେ ସେ ସିଦ୍ଧାନ୍ତ କଲେ ଯେ ଯଦି ଧନୀମାନେ ସେମାନଙ୍କର ଧନରୁ କିଛି ଦରିଦ୍ରମାନଙ୍କର ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ନିମନ୍ତେ ଉତ୍ସର୍ଗ କରନ୍ତେ ତେବେ ଦରିଦ୍ର ଓ ଦୁଃସ୍ଥ ବ୍ୟକ୍ତିମାନେ ଏକ ଉନ୍ନତତର ଜୀବନଯାପନ କରିବାକୁ ସୁଯୋଗ ପାଇ ପାରିବେ । ସେ ସମାଜ-ସେବାର ମହତ୍ତ୍ୱ ଓ ଉପଯୋଗିତା ତଥା ଏକ ସକ୍ରିୟ ଓ ସ୍ଥୂଳ ସାହାଯ୍ୟ ଦାନ ଉପରେ ବିଶ୍ୱାସ କରୁଥିଲେ । ସେ ବିଶ୍ୱାସ କରୁଥିଲେ ଯେ ବ୍ୟକ୍ତିଗତ ଦୁଃଖ ନିରାକରଣର ସଂଖ୍ୟା ବୃଦ୍ଧି କରିବା ଦ୍ୱାରା ବହୁ ସଂଖ୍ୟାରେ, ଯେତେଦୂର ସମ୍ଭବ ସର୍ବାଧିକ ସଂଖ୍ୟାର ବ୍ୟକ୍ତିଙ୍କୁ ସାହାଯ୍ୟ ଦାନ ଦ୍ୱାରା ଦୁଃଖ-ଦୁର୍ଦ୍ଦଶାର ଅବସାନ ଘଟିବ । କିନ୍ତୁ କହିବା ଅନାବଶ୍ୟକ ଯେ ରୋଗ ନିରାକରଣର ଏହା ଏକ ସାମୟିକ ଉପାୟ ମାତ୍ର; ସମ୍ପୂର୍ଣ୍ଣ ଆରୋଗ୍ୟ ନୁହେଁ । ଯେଉଁ ପୂର୍ଣ୍ଣ ଆତ୍ମ-ନିବେଦନ ଓ ଆତ୍ମତ୍ୟାଗ

ଦ୍ୱାରା ସେ ଏହି କାର୍ଯ୍ୟ କରିଥିଲେ, ତଦ୍ୱାରା ସେ ମଣଷସମାଜର ଇତିହାସରେ ଜଣେ ପରମ ସୁନ୍ଦର ହୃଦୟସ୍ପର୍ଶୀ ମହାପୁରୁଷ ରୂପେ ପରିଚିତ ହୋଇଛନ୍ତି । କିନ୍ତୁ ତଥାପି ମନେ ହୁଏ ତାଙ୍କର ପ୍ରଚେଷ୍ଟା ବରଂ ଦୁର୍ଗତ ଓ ନିଃସହାୟମାନଙ୍କ ସଂଖ୍ୟା ବୃଦ୍ଧି କରିଛି, ହ୍ରାସ କରି ନାହିଁ । ତେବେ ନିଶ୍ଚିତ ରୂପେ କୁହାଯାଇପାରେ ଯେ ତାଙ୍କ ଶିକ୍ଷାର ପ୍ରତ୍ୟକ୍ଷ ଫଳସ୍ୱରୂପ କେତେକ ଧନିକ ଶ୍ରେଣୀର ବ୍ୟକ୍ତିଙ୍କ ମନରେ ଏକ ବାସ୍ତବ ଦାନର ପ୍ରେରଣା ଉତ୍ପନ୍ନ ହେଲା ଏବଂ ଠିକ୍ ଏହି କାରଣରୁହିଁ ଏହି କାର୍ଯ୍ୟ ଗ୍ରହୀତାମାନଙ୍କ ଅପେକ୍ଷା ଦାତାମାନଙ୍କ ପକ୍ଷରେ ବେଶୀ ଉପକାରୀ ହୋଇଥିଲା ।

ମାନବ-ଚେତନାର ଅନ୍ୟ ଏକ ପ୍ରାନ୍ତରେ ଦେଖିବାକୁ ମିଳେ ବୁଦ୍ଧଙ୍କୁ — ପବିତ୍ର ଦିବ୍ୟ କରୁଣାର ପ୍ରତିମୂର୍ତ୍ତି । ତାଙ୍କ ନିକଟରେ ଜୀବନର ଅର୍ଥହିଁ ହେଲା ଦୁଃଖ; ସେହି ଦୁଃଖର ଅବସାନ ଅର୍ଥ ଜୀବନର ଅବସାନ । କାରଣ ଅଜ୍ଞାନର ଫଳସ୍ୱରୂପ ଓ ଅସ୍ତିତ୍ୱ ଗ୍ରହଣର କାମନାରୁହିଁ ଏ ଜୀବନ ଓ ଜଗତର ସୃଷ୍ଟି । କାମନାର ବିନାଶ କର, ଅଜ୍ଞାନକୁ ଦମନ କର; ପୃଥିବୀ ଅନ୍ତର୍ହିତ ହେବ ଏବଂ ତାହା ସଙ୍ଗେ ସଙ୍ଗେ ଅନ୍ତର୍ହିତ ହେବ — ଦୁଃଖ, ଦୁର୍ଦ୍ଦଶା । ଆଧାତ୍ମିକ ଅଭୀପ୍ସାର ବିଶାଳ ଅନୁପ୍ରେରଣା ଓ ନୀରବ, ନିଶ୍ଚଳ ଏକାଗ୍ରତାର ମଧ୍ୟ ଦେଇ ମୁକ୍ତିକାମୀମାନଙ୍କ ନିମନ୍ତେ ସେ ଗଢ଼ି ତୋଳିଛନ୍ତି ସକଳ ସାଧନା ମଧ୍ୟରେ ସର୍ବୋଚ୍ଚ ଊର୍ଦ୍ଧ୍ୱମୁଖୀ ସଫଳତମ ସାଧନା, ଯେଉଁ ସାଧନାର ସମ୍ମୁଖୀନ ସେମାନେ କେବେ ବି ହୋଇ ନ ଥିଲେ ।

କୋଟି କୋଟି ଲୋକ ଏହି ଧର୍ମରେ ବିଶ୍ୱାସ ସ୍ଥାପନ କରିଛନ୍ତି ଯଦିଓ ଖୁବ୍ କମ୍ ବ୍ୟକ୍ତି ଏହାକୁ କାର୍ଯ୍ୟରେ ପରିଣତ କରିଛନ୍ତି । ତଥାପି ପୃଥିବୀରେ ମଣିଷର ଅବସ୍ଥା ପୂର୍ବ ଭଳି ରହିଛି, ତା'ର ଦୁଃଖ-ଦୁର୍ଦ୍ଦଶାର ସମୁଦାୟ ଭାରର କୌଣସି ଉଲ୍ଲେଖଯୋଗ୍ୟ ହ୍ରାସ ଘଟି ନାହିଁ ।

ତଥାପି ମଣିଷ କୃତଜ୍ଞତା ଓ ଶ୍ରଦ୍ଧାର ବଶବର୍ତ୍ତୀ ହୋଇ ଜଣକୁ 'ସେଣ୍ଟ୍' (ସନ୍ଥ) ଏବଂ ଅନ୍ୟ ଜଣଙ୍କୁ 'ଭଗବାନ୍' ଆଖ୍ୟା ଦେଇଛି । କିନ୍ତୁ ଖୁବ୍ କମ୍ ବ୍ୟକ୍ତିହିଁ ନିଷ୍ଠାର ସହ ତାଙ୍କର ଶିକ୍ଷା ଓ ଉପଦେଶକୁ କାର୍ଯ୍ୟରେ ପରିଣତ କରିଥିଲେ ଯଦିଓ ତାହାହିଁ ଥିଲା ସେମାନଙ୍କ ପ୍ରତି ଯଥାର୍ଥ କୃତଜ୍ଞତା ପ୍ରଦର୍ଶନର ଏକମାତ୍ର ସଫଳ ଉପାୟ । ପୁନଶ୍ଚ ସେହି ଆଦର୍ଶକୁ କାର୍ଯ୍ୟକାରୀ କରିଥିଲେ ମଧ୍ୟ ମଣିଷ ଜୀବନର ଅବସ୍ଥାରେ ଯେ କିଛି ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହୋଇଥା'ନ୍ତା ତା' ନୁହେଁ । ବସ୍ତୁତଃ ସେଣ୍ଟ୍ ପଲ୍‌ଙ୍କର ସମାଧାନ ଦ୍ୱାରା, ସ୍ଥୂଳ ଭୌତିକ ଦୁଃଖ-କଷ୍ଟର ନିରାମୟ ଦ୍ୱାରା ମନୁଷ୍ୟର ଦୁଃଖ-ଦୁର୍ଦ୍ଦଶା ମଧ୍ୟରୁ ମୁକ୍ତ କରାଯାଇ ନପାରେ; କାରଣ ସମସ୍ତ ପ୍ରକାର ମାନବିକ ଦୁଃଖର କାରଣ ଭୌତିକ ଦାରିଦ୍ର୍ୟ ନୁହେଁ, ଆଉ କେବଳ ସ୍ଥୂଳ ଉପାୟ ଦ୍ୱାରା ଏହାକୁ ନିରାକରଣ କରାଯାଇ ନପାରେ । ସମସ୍ୟାଟିର ସମାଧାନ ଏହାଠାରୁ ରହିଛି ବହୁ ଦୂରରେ । ଶାରୀରିକ ସୁଖ-ସ୍ୱାଚ୍ଛନ୍ଦ୍ୟ ଅବଶ୍ୟମ୍ଭାବୀ ରୂପେ ଶାନ୍ତି ଓ ଆନନ୍ଦ ଆଣି ନଥାଏ; ଦାରିଦ୍ର୍ୟର ଅର୍ଥହିଁ ଯେ ଦୁଃଖ-କଷ୍ଟ — ଏହା ବି ନୁହେଁ; କାରଣ, ଯୁଗେ ଯୁଗେ, ଦେଶେ ଦେଶେ ଏସବୁ ଦେଖା ଯାଇଛି, ସାଧୁ-ସନ୍ନ୍ୟାସୀଗଣ ଦାରିଦ୍ର୍ୟ ମଧ୍ୟରେ ରହି ବି ପୂର୍ଣ୍ଣ ଶାନ୍ତି ଓ ଆନନ୍ଦ ଆସ୍ୱାଦନ କରିଛନ୍ତି । ସେହିପରି ଅନ୍ୟ ପକ୍ଷରେ ପୃଥିବୀର ସକଳ ଐଶ୍ୱର୍ଯ୍ୟ-ଭୋଗ, ପାର୍ଥିବ ସମ୍ପଦ ଯେଉଁସବୁ ଭୋଗ-ବିଳାସ, ସୁଖ ଓ ସ୍ଥୂଳ ତୃପ୍ତି ଆଣିଦିଏ, ସେସବୁ ବି ମନୁଷ୍ୟକୁ ଦୁଃଖ-ଶୋକର ଆକ୍ରମଣରୁ ରକ୍ଷା କରିବାକୁ ଅସମର୍ଥ ।

ଅନ୍ୟ ସମାଧାନଟି ହେଉଛି ବୁଦ୍ଧଙ୍କର । ଏଇଟି ହେଉଛି ପୃଥିବୀରୁ ପଳାୟନ; କିନ୍ତୁ ଏହା ଦ୍ୱାରା ସମସ୍ୟାର ଯଥାର୍ଥ ସମାଧାନ ହୁଏ ନାହିଁ । ଯଦିଓ ଆମ୍ଭେମାନେ ଯୁକ୍ତି ଦ୍ୱାରା ସ୍ୱୀକାର କରି ନେଉ ଯେ ଏହି ଧର୍ମକୁ ବହୁ ଲୋକ ଅନୁସରଣ କରିବାକୁ ସକ୍ଷମ ହୋଇ ପାରନ୍ତି ଏବଂ ମୁକ୍ତିରେ ପହଞ୍ଚି ପାରନ୍ତି ତଥାପି ଏହା ଦ୍ୱାରା ପୃଥିବୀର ଦୁଃଖ-ଦୁର୍ଦ୍ଦଶା ଦୂର ହେବ ନାହିଁ । ଯେଉଁ ସାଧାରଣ ବ୍ୟକ୍ତିଗଣ ନିର୍ବାଣର ପଥ ଧରି ଚାଲିବାକୁ ଅକ୍ଷମ, ସେମାନେ ଦୁଃଖ-ଦୁର୍ଦ୍ଦଶାରୁ ମୁକ୍ତ ହେବେ କିପରି ?

ବସ୍ତୁତଃ, ସେହି ସୁଖହିଁ ଯଥାର୍ଥ ସୁଖ ଯାହା ସକଳ ଅବସ୍ଥାରେ ଅନୁଭବ କରାଯାଏ, କାରଣ ଏହା ସେହି ଊର୍ଦ୍ଧ୍ୱତନ ଭୂମିସକଳରୁ ଆସେ ଯାହାକୁ ବାହ୍ୟ ପରିସ୍ଥିତି ବାଧା ଦେଇପାରେ ନାହିଁ । କିନ୍ତୁ ଖୁବ୍ ଅଳ୍ପ ବ୍ୟକ୍ତିହିଁ ଏହି ସୁଖଲାଭ କରିପାରନ୍ତି, ଅଧିକାଂଶହିଁ ଆଜି ରହିଛନ୍ତି ପାର୍ଥିବ ବନ୍ଧନରେ । ସୁତରାଂ ଆମ୍ଭେମାନେ ଗୋଟିଏ ଦିଗରୁ କହିପାରିବା ଯେ ମନୁଷ୍ୟ-ଚେତନାର ରୂପାନ୍ତର ଏକ ଅପରିହାର୍ଯ୍ୟ ପ୍ରୟୋଜନ ଏବଂ ଅନ୍ୟ ଦିଗରୁ କହିପାରିବା ଯେ ପୃଥିବୀ-ବାତାବରଣର ଏକ ସାମୂହିକ ରୂପାନ୍ତର ନ ଘଟିଲେ ମନୁଷ୍ୟ ଜୀବନର ଏକ ଅବସ୍ଥାରେ କୌଣସି ଫଳପ୍ରଦ ପରିବର୍ତ୍ତନ ହୋଇପାରିବ ନାହିଁ । ଉଭୟ କ୍ଷେତ୍ରରେ ଏକହିଁ ସମାଧାନ ପ୍ରଯୁଜ୍ୟ : ଏକ ନୂତନ ଚେତନା ପୃଥିବୀ ଏବଂ ମନୁଷ୍ୟ ମଧ୍ୟରେ ଏକହିଁ ସମୟରେ ପ୍ରଘଟ ହେବା ଉଚିତ । ଦୁଃଖତାପକ୍ଳିଷ୍ଟ ମନୁଷ୍ୟକୁ ଉଦ୍ଧାର କରିବାର ଏକମାତ୍ର ଉପାୟ ହେଉଛି ପୃଥିବୀପୃଷ୍ଠରେ ଏକ ନୂତନ ଶକ୍ତି, ଜ୍ୟୋତି ଓ

*(ଅବଶିଷ୍ଟାଂଶ ପୃଷ୍ଠା ୧୪ରେ ଦେଖନ୍ତୁ)*

# ସୌରଦୀପ୍ତ ପଥ

## ଶ୍ରୀଅରବିନ୍ଦ

ସୌରଦୀପ୍ତ ପଥକୁ ସେହିମାନେ ଅନୁସରଣ କରିପାରିବେ ଯେଉଁମାନେ ସମର୍ପଣର ସାଧନା କରିବା ପାଇଁ ସକ୍ଷମ – ପ୍ରଥମେ ଏକ କେନ୍ଦ୍ରୀୟ ସମର୍ପଣ ଏବଂ ତା'ପରେ ସମଗ୍ର ସତ୍ତାରେ ଏକ ଅଧିକତର ସମ୍ପୂର୍ଣ୍ଣ ଆତ୍ମନିବେଦନ । ସେମାନେ ଯଦି କେନ୍ଦ୍ରୀୟ ସମର୍ପଣ କରିପାରନ୍ତି ଓ ସେହି ମନୋଭାବକୁ ବରାବର ବଜାୟ ରଖିପାରନ୍ତି, ସେମାନେ ଯଦି ପୂରାପୂରି ଭଗବାନଙ୍କ ଉପରେ ଭରସା ଓ ଆସ୍ଥା ରଖିପାରନ୍ତି ଏବଂ ଭଗବାନଙ୍କଠାରୁ ଯାହା ମିଳିଥାଏ ତାହାକୁ ଆନନ୍ଦର ସହିତ ଗ୍ରହଣ କରିପାରନ୍ତି, ତା'ହେଲେ ସେମାନଙ୍କ ପଥ ସୌରଦୀପ୍ତ ହୁଏ ଓ ଏପରିକି ସିଧାସଳଖ ଓ ସହଜ ହୋଇଯାଏ । ସମସ୍ତ ବାଧାବିଘ୍ନକୁ ସେମାନେ ଏଡ଼ାଇ ଯାଇପାରିବେ ନାହିଁ, କୌଣସି ସାଧକ ତାହା କରିପାରିବ ନାହିଁ କିନ୍ତୁ ଦୁଃଖକାତର ବା ହତାଶ ନହୋଇ ସେମାନେ ସେହି ବାଧାବିଘ୍ନଗୁଡ଼ିକର ସମ୍ମୁଖୀନ ହୋଇ-ପାରିବେ ।...

ବାଧାବିଘ୍ନର ଏହି ନିୟମକୁ ଆମ ଉପରେ ଚାପି ଦିଆଯାଇଛି ଅଜ୍ଞାନ ଦ୍ୱାରା ଯାହାକି ଆମର ସମସ୍ତ ଅଂଶର ସ୍ୱଭାବ ରୂପେହିଁ ରହିଛି । ଆମ ଦୈହିକ ସତ୍ତା ସ୍ପଷ୍ଟରୂପେ ଅଜ୍ଞାନରହିଁ ଏକ ଘନୀଭୂତ ଆକାର, ପ୍ରାଣସତ୍ତା ନାନା ଅଜ୍ଞାନମୟ କାମନାବାସନା ଓ ଆବେଗରେ ପରିପୂର୍ଣ୍ଣ, ଆମର ମନ ମଧ୍ୟ ଅଜ୍ଞାନରହିଁ ଏକ ଯନ୍ତ୍ର ଯାହାକି ଗୋଟାଏ ଧରଣର ଅପୂର୍ଣ୍ଣ ଓ ମୁଖ୍ୟତଃ ନିକୃଷ୍ଟ ଏବଂ ବାହ୍ୟଜ୍ଞାନ ପାଇବା ପାଇଁ କଷ୍ଟେ ମଷ୍ଟେ ସଂଗ୍ରାମ କରୁଛି । ସାଧକର ପଥ ଏହି ଅଜ୍ଞାନ ଭିତରଦେଇହିଁ ଆଗେଇ ଯାଇଥାଏ; ବେଶ୍ ଦୀର୍ଘ ସମୟ ଧରି ଯଥାର୍ଥ ଅନୁଭୂତି ବା ଉପଲବ୍ଧିର କୌଣସି ଆଲୋକ ସେ ଦେଖିପାରେ ନାହିଁ, ରହିଥାଏ କେବଳ ମନର ନାନା ଆଶା, ଧାରଣା ଓ ବିଶ୍ୱାସସବୁକୁ ନେଇ ଯାହାକି କେବେହେଲେ ଯଥାର୍ଥ ଆଧ୍ୟାତ୍ମିକ ଦୃଷ୍ଟି ବା ପ୍ରତ୍ୟକ୍ଷ ଦେଇପାରିବ ନାହିଁ; କିଂବା ଅତି ବେଶୀରେ ସେ ପାଏ ଆଲୋକର କିଛି ଝଲକ ବା ସ୍ୱଳ୍ପକାଳ ପାଇଁ ଆଲୋକର କିଛି ସ୍ପର୍ଶ, କିନ୍ତୁ ସେହି ଆଲୋକ ଅନେକ ସମୟରେ ଚାଲିଯାଏ ଏବଂ ଆଲୋକର ସେହି ସ୍ୱଳ୍ପସ୍ଥାୟୀ ସମୟ ପରେ ଆସେ ଅନ୍ଧକାରର ଘନ ଘନ, ଦୀର୍ଘସ୍ଥାୟୀ ସମୟ ।...

ଯଦି ସାଧକର ବିଶ୍ୱାସ ଥାଏ ବା ବିଶ୍ୱାସର ଅଭାବ ଥିଲେ ମଧ୍ୟ ଏସବୁ ଭିତରେ ଶେଷ ଲକ୍ଷ୍ୟ ପର୍ଯ୍ୟନ୍ତ ଆଗେଇ ଯିବାର ସଂକଳ୍ପ ଥାଏ, ତା'ହେଲେ ସେ ଏସବୁକୁ ଅତିକ୍ରମ କରି ଆଗେଇ ଯାଏ ଏବଂ ଭଗବତ୍ ଉପଲବ୍ଧିର ଆନନ୍ଦ ଓ ଆଲୋକ ଭିତରେ ପ୍ରବେଶ କରେ । ଯଦି ଜଣକ ଭିତରେ ଯଥାର୍ଥ ସମର୍ପଣର କିଛି ଅଭ୍ୟାସ ଆସିଯିବ ତେବେ ଏଗୁଡ଼ିକର କିଛି ଆବଶ୍ୟକତା ନାହିଁ, ଜଣେ ସିଧାସଳଖ ସୌରଦୀପ୍ତ ପଥରେ ପ୍ରବେଶ କରିବ...

ପୂର୍ଣ୍ଣଯୋଗର ଅର୍ଥ ହେଉଛି ଏକ ଚତୁରଙ୍ଗ ପଥ,– ମନ ପାଇଁ ଜ୍ଞାନଯୋଗ, ହୃଦୟ ପାଇଁ ଭକ୍ତିଯୋଗ, ସଂକଳ୍ପ ପାଇଁ କର୍ମଯୋଗ ଏବଂ ସମଗ୍ର ସ୍ୱଭାବ ପାଇଁ ପୂର୍ଣ୍ଣତାର ଯୋଗ ।...

ବୁଦ୍ଧିପ୍ରଧାନ ମନର ବହୁବିଧ କ୍ରିୟା ଯାହା ଏକ ବିରାଟ ଆକାର ଧାରଣ କରିଥାଏ ଏବଂ ନାନା ବିଚାର ଓ ଧାରଣା ସମ୍ପର୍କରେ ନିଜର ଗର୍ବ ପ୍ରତି ଏହି ମନର ଯେଉଁ ଆସକ୍ତି ରହିଥାଏ, ଏହାର ଯେଉଁ ସବୁ ଅନ୍ଧ ସଂସ୍କାର, ଅନମନୀୟ ଧାରଣା ଓ ଅଜ୍ଞାନତାପୂର୍ଣ୍ଣ ଯୁକ୍ତିବୁଦ୍ଧି ରହିଥାଏ, ତାହାସବୁ ଅନ୍ତରର ଆଲୋକ ପ୍ରତି ଏହାର ଦରଜାକୁ ବନ୍ଦ କରିଦେଇପାରେ ଏବଂ ଭକ୍ତିର ସେହି ପୂର୍ଣ୍ଣ ଜୁଆରକୁ ମଧ୍ୟ ବାଧା ଦେଇପାରେ ଯାହା ସବୁକିଛିକୁ ପ୍ଳାବିତ କରିଦେଇ ଥାଆନ୍ତା । ଏହା ମଧ୍ୟ ଏକ ବାହ୍ୟ ଉପରଠାଉରିଆ ମାନସିକ କ୍ରିୟାକୁ ଜାବୁଡ଼ି ଧରି ରହିପାରେ ଏବଂ ଗଭୀର ଭିତରକୁ ଯିବାକୁ ଓ ଆନ୍ତର ହୃଦୟର ଚୈତ୍ୟ ଦୃଷ୍ଟି ଓ ଅନୁଭବ ଦ୍ୱାରା ପରିଚାଳିତ ହେବାକୁ ଅସ୍ୱୀକାର କରିପାରେ, ଯଦିଓ କେବଳ ସେହି ଆନ୍ତର ଦୃଷ୍ଟି ଓ ଅନୁଭବ ଦ୍ୱାରାହିଁ ଭକ୍ତି ବୃଦ୍ଧି ପାଇଥାଆନ୍ତା ଓ ଅନ୍ୟସବୁକୁ ଜୟକରି ପାରିଥାଆନ୍ତା । ସେହିପରି ପ୍ରାଣସତ୍ତାର ଆବେଗ ଓ କାମନାବାସନା ଏବଂ ତାହାର ଅହଂ ପଥ-ଅବରୋଧ କରିପାରେ ଏବଂ ଭଗବାନଙ୍କ ପାଖରେ ମନ ଓ ହୃଦୟର ଆତ୍ମନିବେଦନ ପାଇଁ ବାଧା ସୃଷ୍ଟି କରିପାରେ ।...

ଯେଉଁମାନେ ମନର କିଛି କୌତୂହଳ ଯୋଗୁଁ ବା ଏପରିକି ଜ୍ଞାନର ବାସନା ନେଇ ଯୋଗସାଧନାରେ ଆଗ୍ରହୀ ହୋଇଥାଆନ୍ତି; ସେମାନେ ନିରାଶା, ହତୋତ୍ସାହ ବା ସେହିପରି

କିଛି କାରଣ ଯୋଗୁଁ ଏହି ପଥ ଛାଡ଼ିଦେଇ ପାରନ୍ତି । ଆହୁରି ଅଧିକ କ୍ଷେତ୍ରରେ ଯେଉଁମାନେ କୌଣସି ଆନ୍ତର ଉଚ୍ଚାଭିଳାଷ ବା ପ୍ରାଣିକ ବାସନା ନେଇ ଯୋଗସାଧନା ଆରମ୍ଭ କରିଥାଆନ୍ତି ସେମାନେ ବାର ବାର ବାଧା ଓ ବିଫଳତାର ସମ୍ମୁଖୀନ ହେଲେ ବିଦ୍ରୋହ, ନୈରାଶ୍ୟ ଓ ହତାଶା ଆଦି ଭାବନେଇ ଏହି ପଥ ଛାଡ଼ି ଦିଅନ୍ତି ।...

ବର୍ତ୍ତମାନ ପାଇଁ ମନହିଁ ଆମର ସର୍ବପ୍ରଧାନ ବୃତ୍ତି । ଚିନ୍ତାଶୀଳ ମନ ଓ ହୃଦୟ ଜରିଆରେ ଏବଂ ତାହାର ପଛରେ ରହିଥିବା ଆତ୍ମା ଓ ଚୈତ୍ୟସତ୍ତାର ସହାୟତାରେ ଆମକୁ ଦିବ୍ୟ ଆତ୍ମସତ୍ତାରେ ବିକଶିତ ହେବାକୁ ହେବ । କାରଣ ଦିବ୍ୟଭଗବତ୍ ଶକ୍ତି ଆମ ଭିତରେ ପ୍ରଥମେ ଯେଉଁ ଜିନିଷ ଆଣିଦେବାକୁ ଚେଷ୍ଟା କରେ ତାହା ହେଉଛି ଆମର ମନକୁ ଏକ ଯଥାର୍ଥ କେନ୍ଦ୍ରୀୟ ଧାରଣାରେ, ବିଶ୍ୱାସରେ ବା ଯଥାର୍ଥ ଆଭିମୁଖ୍ୟରେ, ଯଥାର୍ଥ ଅଭୀପ୍ସାରେ ଏବଂ ହୃଦୟର ଏକ ଯଥାର୍ଥ ଭାବ ବା ବିନ୍ୟାସରେ ସ୍ଥାପିତ କରିବା ଏବଂ ଏଗୁଡ଼ିକୁ ଏପରି ଶକ୍ତିଶାଳୀ ଓ ଦୃଢ଼ କରି ଗଢ଼ିବା ଯେ ଯାହାଫଳରେ ମନ ଓ ହୃଦୟରେ ଏଗୁଡ଼ିକଠାରୁ ଭିନ୍ନ ବା ଏଗୁଡ଼ିକ ସହ ବିରୋଧ ରହିଥିବା ଅନ୍ୟାନ୍ୟ ଗତିବୃତ୍ତି ରହିଥିଲେ ମଧ୍ୟ ଏହି କେନ୍ଦ୍ରୀୟ ଭାବଟି ଯେପରି ସ୍ଥାୟୀ ରହେ ।

ସେ ଯାହାହେଉ ପ୍ରାଣକୁ ନେଇ ସାଧନା ଆରମ୍ଭ କରିବା ବେଶ୍ ଦୁଷ୍କର ଓ ଗଣ୍ଡଗୋଳିଆ ମଧ୍ୟ । ମାନସିକ ସ୍ତର ଅପେକ୍ଷା ଏହି ପ୍ରାଣିକ ସ୍ତରରେ ରହିଥିବା ବାଧାବିଘ୍ନଗୁଡ଼ିକ ଅନେକ ଉଗ୍ର ଓ ସେଗୁଡ଼ିକର ସଂଖ୍ୟା ମଧ୍ୟ ଅନେକ ଅଧିକ, ଏଥିରେ ସ୍ଖଳନ ପାଇଁ ଅସଂଖ୍ୟ ବିପଦ ଓ ଗର୍ତ୍ତ ବା ଖଣାସବୁ ରହିଛନ୍ତି । ଏହି ପ୍ରାଣିକ ସ୍ତରରୁ ଆତ୍ମା ଓ ଚୈତ୍ୟସତ୍ତା ଦିଗରେ ପ୍ରବେଶ-ପଥ ମଧ୍ୟ ଆଦୌ ସହଜ ନୁହେଁ, କାରଣ ତାହା ଆବୃତ ହୋଇ ରହିଥାଏ ଅହଂ, ଆବେଗ ଓ କାମନାବାସନାର ଏକ ମୋଟା ପରଦା ଦ୍ୱାରା । ପ୍ରାଣିକ ଅନୁଭୂତିର ନାନା ଖେଳା, ଯେଉଁଗୁଡ଼ିକୁ ଆଦୌ ବିଶ୍ୱାସ କରିହେବ ନାହିଁ, ଛୋଟ ଛୋଟ ସିଦ୍ଧିର ନାନା ପ୍ରଲୋଭନ, ଅହଂ ପାଇଁ ଅନ୍ଧକାର ଶକ୍ତିର ନାନା ଆକର୍ଷଣ – ଏହିସବୁ ଭିତରେ ସାଧକ ନିଜର ପଥ ହରାଇ କେଉଁଆଡ଼େ ହଜି ଲୋପ ପାଇଯିବାର ବିପଦ ରହିଥାଏ ।...

*

ଏହି ଯୋଗ ଦାବିକରେ ଦିବ୍ୟସତ୍ୟକୁ ଆବିଷ୍କାର କରିବା ଓ ତାହାକୁ ମୂର୍ତ୍ତ କରି ଧରିବାର ଅଭୀପ୍ସା ଦିଗରେ ଜୀବନର ପୂର୍ଣ୍ଣ ଉତ୍ସର୍ଗ; ଏହା ବ୍ୟତୀତ ଅନ୍ୟ କୌଣସି କିଛି ପାଇଁ ତା'ର ଅଭୀପ୍ସା ରହିବ ନାହିଁ ।

ତୁମକୁ ନିଜ ଭିତରକୁ ଯାଇ ପ୍ରବେଶ କରିବାକୁ ହେବ ଆଧ୍ୟାତ୍ମିକ ଜୀବନ ପାଇଁ ଏକ ପୂର୍ଣ୍ଣ ଉତ୍ସର୍ଗ ଭିତରେ ।

ଯଦି ଯୋଗ ସାଧନାରେ କୃତକାର୍ଯ୍ୟ ଓ ସଫଳ ହେବାକୁ ଚାହଁ ତେବେ ତୁମ ଭିତରୁ ସମସ୍ତ ମାନସିକ ପସନ୍ଦକୁ ଜାବୁଡ଼ି ଧରିବାର ଭାବ ଦୂର ହୋଇଯିବା ଉଚିତ; ପ୍ରାଣିକ ଲକ୍ଷ୍ୟ, ଆଗ୍ରହ ଓ ଆସକ୍ତିସବୁ ମଧ୍ୟ ଲୋପ ପାଇଯିବା ଉଚିତ ଏବଂ ପରିବାର, ବନ୍ଧୁ ଓ ଦେଶପ୍ରତି ସମସ୍ତ ଅହଂମୂଳକ ଆସକ୍ତି ମଧ୍ୟ ଦୂର ହୋଇଯିବା ଉଚିତ ।

ଭଗବାନଙ୍କ ପଥ ମଣିଷ ମନର ଧାରଣା ପରି ନୁହେଁ ବା ଆମର ସେହିସବୁ ପରିଚିତ ଧାରଣାର ଛବି ଅନୁଯାୟୀ ତିଆରି ହୋଇ ନାହିଁ । ସେଗୁଡ଼ିକୁ ବିଚାର କରିବା ଏବଂ ସେ କ'ଣ କରିବେ ବା ନକରିବେ ସେ ସମ୍ପର୍କରେ ତାଙ୍କ ପାଇଁ କୌଣସି କାର୍ଯ୍ୟକ୍ରମ ରଖିବା ସମ୍ପୂର୍ଣ୍ଣ ଅସମ୍ଭବ ଓ ଅବାନ୍ତର; କାରଣ ଭଗବାନ୍ ଆମଠାରୁ ଅଧିକ ଭଲଭାବରେ ଜାଣନ୍ତି କ'ଣ କରାଯିବା ଉଚିତ । ଭଗବାନଙ୍କ ଉପରେ ନିଜର ମାନସିକ ଓ ପ୍ରାଣିକ ଇଚ୍ଛାକୁ ଲଦି ନଦେଇ ଭଗବାନଙ୍କ ଇଚ୍ଛାକୁ ଗ୍ରହଣ କରିବା ଓ ତାହାର ଅନୁସରଣ କରିବା ହେଉଛି ସାଧନାର ଯଥାର୍ଥ ମନୋଭାବ ।

(*A Practical Guide to Integral Yoga*, pp. 68 - 70) ✣

---

*(ପୃଷ୍ଠା ୧୨ର ଅବଶିଷ୍ଟାଂଶ)*

ସାମର୍ଥ୍ୟର ପ୍ରକାଶ ସହ ଅତିମାନସ ଚେତନାର ଅବତରଣ । କାରଣ ଏକମାତ୍ର ଅତିମାନସ ଚେତନାହିଁ ପୃଥିବୀପୃଷ୍ଠରେ ଗୋଟାଏ ଉଚ୍ଚତର ସ୍ଥିତି, ସତ୍ୟତର ଏବଂ ଶୁଦ୍ଧତର ଜ୍ୟୋତି ଆନୟନ କରି ଏହି ମହାନ୍ ଅଲୌକିକ ରୂପାନ୍ତର କ୍ରିୟା ସଂଘଟିତ କରିପାରେ ।

(CWM. Vol. 12, pp. 95 - 98) ✣

# ବିଶ୍ୱ-ରଙ୍ଗମଞ୍ଚରେ ଏସିଆ ତଥା ଭାରତର ଭୂମିକା

## ଶ୍ରୀଅରବିନ୍ଦ

କେବଳ କର୍ମ ଭିତରେ ହିନ୍ଦୁର ପ୍ରତିଭା ପର୍ଯ୍ୟବସିତ ନୁହେଁ, ହିନ୍ଦୁର ପ୍ରତିଭା ହେଲା କର୍ମ ଭିତରେ ତା'ର ଚିନ୍ତାଧାରା ଓ ଅନ୍ତରର ଅଭୀପ୍ସାକୁ ସଂସିଦ୍ଧ କରିବା । ପ୍ରଥମେ ଦରକାର ଅନ୍ତଃପୁରୁଷର ଧ୍ୟାନ, ପରେ ଦେହ ମାନିନେବ ଅନ୍ତରର ଧ୍ୟାନଲବ୍ଧ ଅନୁଜ୍ଞା । ହିନ୍ଦୁର ଜୀବନ ଅନ୍ତର୍ମୁଖୀ, ମାତ୍ର ବହିର୍ଜୀବନରେ ତା'ର ଲକ୍ଷ୍ୟ କେବଳ ଚିତ୍‌ଶକ୍ତିର ପ୍ରେରଣାସବୁକୁ ବାହାରେ ରୂପ ଦେବା । ତାହାର ଭାବଧାରା ଓ କର୍ମ ଭିତରେ ଯେଉଁ ନିବିଡ଼ ସମ୍ପର୍କ ରହିଛି ସେହିଠାରେହିଁ ରହିଛି ତା'ର ସୁଚିର ଅକ୍ଷୟ ପ୍ରାଣଶକ୍ତିର ରହସ୍ୟ । ଅନ୍ୟାନ୍ୟ ଜାତି ପରି ତାହାର ବାହ୍ୟ ଜୀବନ ବୃଦ୍ଧି ଓ କ୍ଷୟର ଅଧୀନ । ମାହାତ୍ମ୍ୟର ଯୁଗ ତଥା ଅବନତିର କାଳ ମଧ୍ୟ ତାହାର ଅଛି, ତେବେ ଅନ୍ୟାନ୍ୟ ଜାତିମାନଙ୍କ ପରି ତା'ର କିଛି କାଳ ନିର୍ଦ୍ଦିଷ୍ଟ ସୀମା ନାହିଁ । ଯେତେବେଳେ ମୃତ୍ୟୁ ସେ ଜାତିକୁ ଗ୍ରାସ କରିବାକୁ ଯାଏ ସେତେବେଳେ ସେ ଆଶ୍ରୟ ନିଏ ଏକ ସର୍ବଅମରତ୍ୱର ଉତ୍ସ ନିକଟରେ, ସେ ଡେଇଁ ପଡ଼େ ଚିତ୍‌ଶକ୍ତିର ଗଙ୍ଗୋତ୍ରୀରେ ଏବଂ ସେଠାରୁ ନବଜୀବନରେ ମଣ୍ଡିତ ହୋଇ ନବତର ଅସ୍ତିତ୍ୱର ଯୁଗପ୍ରାଙ୍ଗଣକୁ ଫେରି ଆସେ । ଭାରତ ଏକମାତ୍ର ଦେଶ ଯେ କି ଆବିଷ୍କାର କରିଛି ଜାତୀୟ ଜୀବନର ମୃତସଂଜୀବନୀ ସୁଧା; ସହସ୍ର ସହସ୍ର ବର୍ଷ ଧରି ଜୀବନର ଏହି ଉତ୍ତମ ରହସ୍ୟଟିକୁ ସେ ସଂରକ୍ଷଣ କରି ଆସିଛି – ପୃଥିବୀ ତାହା ଦିନେ ନା ଦିନେ ଗ୍ରହଣ କରିବ ଏହି ଅପେକ୍ଷାରେ । ବର୍ତ୍ତମାନ ଯେଉଁସବୁ ଦେଶ ମୃତ୍ୟୁ ଓ ଅବକ୍ଷୟର ପ୍ରାନ୍ତ ଦେଶରେ ଉପନୀତ ସେମାନଙ୍କୁ ଏହି ସତ୍ୟ ଦାନ କରିବାର ସମୟ ଆସିଛି ।

ୟୁରୋପୀୟ ଜାତିସବୁ ଜଡ଼ଜୀବନକୁ ତାହାର ଅଭିବ୍ୟକ୍ତିର ସୀମାକୁ ନେଇ ଯାଇଛନ୍ତି । ଦେହଗତ ଅସ୍ତିତ୍ୱର ବିଜ୍ଞାନକୁ ଦେଇଛନ୍ତି ଏକ ପୂର୍ଣ୍ଣତା, କିନ୍ତୁ ତେବେ ମଧ୍ୟ ବିଜ୍ଞାନର ଅସାଧ ରୋଗରେ ସେମାନେ ପୀଡ଼ିତ । ଇଂଲଣ୍ଡ ନିଜର ବ୍ୟାବହାରିକ ବୁଦ୍ଧି ଦେଇ, ଫ୍ରାନ୍ସ ତା'ର ସ୍ୱଚ୍ଛ ଯୁକ୍ତିବୁଦ୍ଧିର ସାହାଯ୍ୟ ନେଇ, ଜର୍ମାନ୍ ତାହାର କଳ୍ପନାଶ୍ରୟୀ ପ୍ରତିଭାକୁ ନେଇ, ରୁଷିଆ ତାହାର ପ୍ରାଣାବେଗର ଶକ୍ତି ନେଇ ଓ ଆମେରିକା ତାହାର ବାଣିଜ୍ୟବଳ ନେଇ ମନୁଷ୍ୟର ଉନ୍ନତି ପାଇଁ ଯଥାସାଧ ଚେଷ୍ଟା କରିଛି । ତେବେ ସେମାନେ ନିଜ ନିଜର ସାମର୍ଥ୍ୟର ଶେଷ ସୀମାରେ ପହଞ୍ଚିଛନ୍ତି । ଏପରି କିଛିର ଅଭାବ ରହି ଯାଇଛି ଯାହାକୁ ୟୁରୋପ ପୂରଣ କରି ପାରିବ ନାହିଁ । ଏହି ସନ୍ଧିକ୍ଷଣରେ ବିଶ୍ୱର ପ୍ରୟୋଜନ ଏସିଆର ଜାଗରଣ । ଏହି ମହାଦେଶଟି ବିଶ୍ୱର ମାନସିକ ଶାନ୍ତିର ଧାରକ ଓ ବାହକ । ଏସିଆ ୟୁରୋପ ପ୍ରସୂତ ସର୍ବରୋଗର ଧନ୍ୱନ୍ତରୀ । ପ୍ରତି ଯୁଗରେ ଏସିଆ ଉପରେ ଆଦେଶ ଆସିଛି ତା'ର ଆତ୍ମରତି, ଆତ୍ମତୃପ୍ତି, ଆତ୍ମମଗ୍ନତାର ସୁଷୁପ୍ତି ମଧ୍ୟରୁ ଜାଗ୍ରତ୍ ହୋଇ ଉଠିବାକୁ, ଯାହା ଫଳରେ ବିଶ୍ୱ ତା'ର ପଦପାର୍ଶ୍ୱରେ-ବସି ଜୀବନରହସ୍ୟ ସବୁ ଶିଖି ପାରିବ, କାରଣ ଏ କାର୍ଯ୍ୟ କେବଳ ସେ କରିବାକୁ ସମର୍ଥ । ୟୁରୋପର ଅଶାନ୍ତ ଆତ୍ମା ଯେତେଥର ଜଡ଼-ବିଜ୍ଞାନର ବିବର୍ତ୍ତନର ଧାରାରେ ଏକ ନୂତନ ଅଧ୍ୟାୟ ଯୋଜନା କରିଛି, ରାଜନୀତିକୁ କରିଛି ନିୟନ୍ତ୍ରିତ, ସମାଜକୁ କରିଛି ପୁନଃସ୍ଥାପିତ, ନ୍ୟାୟନୀତିକୁ ପୁନର୍ବିନ୍ୟସ୍ତ ତଥା ବିଜ୍ଞାନକୁ କରିଛି ପୁନରାବିଷ୍କୃତ, ସେତେଥର ଏସିଆର ପ୍ରଶାନ୍ତ, ଧ୍ୟାନସମାହିତ, ଆତ୍ମପ୍ରାପ୍ତ ଅନ୍ତଃପୁରୁଷ ୟୁରୋପର ଏସବୁ ଆବିଷ୍କାରକୁ ଅଧିକାର କରି ତା'ର ଆତିଶଯ୍ୟଗୁଡ଼ିକୁ ତଥା ବିଚ୍ୟୁତିଗୁଡ଼ିକୁ ମହତ୍ ଅଭିପ୍ରାୟ ଓ ଆଧ୍ୟାତ୍ମିକ ଆଲୋକର ସାହାଯ୍ୟରେ ସଂଶୋଧନ କରି ଦେଇଛି; ଏହି କ୍ଷମତା କେବଳ ଏସିଆର ରହିଛି ଯେ ଏକମାତ୍ର ପୃଥିବୀକୁ ସାହାଯ୍ୟ କରି ପାରିବ । ଗ୍ରୀକ୍ ଓ ରୋମାନମାନଙ୍କର କୀର୍ତ୍ତିକଳାପ ଯେତେବେଳେ ନିଃଶେଷିତ, ସେତେବେଳେ ସେମାନଙ୍କର ଅସମାପ୍ତ କର୍ମଭାର ଗ୍ରହଣ କରିବାକୁ, ପ୍ରାକ୍ତନ ପୃଥିବୀର ସଭ୍ୟତାକୁ ପୁନରୁଜ୍ଜୀବିତ ଓ ଜ୍ଞାନାନୁସରଣର ପଥରେ ଏସିଆର ଗଭୀରତର ପ୍ରେରଣା ଶକ୍ତି ଦେବାକୁ ଆରବୀୟମାନେ ସେମାନଙ୍କ ମରୁଭୂମିରୁ ସେଠାକୁ ଯାଇଥିଲେ । ସର୍ବଦା ସବୁକିଛିର ଉଦ୍‌ବୋଧନ କରିଛି ଏସିଆ, ଉଦ୍‌ଯାପନ କରିଛି ୟୁରୋପ । ୟୁରୋପର ଶକ୍ତି ହେଲା ପୁଙ୍ଖାନୁପୁଙ୍ଖ ତଥା ଅନୁସନ୍ଧାନ କରିବାରେ, ଏସିଆର ଶକ୍ତି ହେଲା ସମନ୍ୱୟରେ । ଜୀବନର ଓ ଚିନ୍ତାର ଗୋଟିଏ ଗୋଟିଏ ବିଶେଷ ଦିଗକୁ ପୂର୍ଣ୍ଣତା ଦେଲେ ମଧ୍ୟ ୟୁରୋପ ସେସବୁକୁ ସମନ୍ୱିତ କରି ଏକ ନିଖୁଣ ଐକ୍ୟତାନ ସୃଷ୍ଟି କରିବାରେ ଅସମର୍ଥ । ସେମାନେ ବୁଦ୍ଧିଗତ ବିରୋଧ ମତବାଦ ଓ ବ୍ୟାବହାରିକ ଆତିଶଯ୍ୟର କବଳରେ ପଡ଼ି ଯାଆନ୍ତି ଯାହା ଜୀବନର ତଥ୍ୟ-ସମ୍ଭାର, ମାନବ ପ୍ରକୃତିର ସୀମାବଦ୍ଧତା ଓ

ଅସ୍ତିତ୍ୱର ଚରମ ସତ୍ୟ ସବୁର ବିପରୀତ ଆଚରଣ କରେ । ସେଥିପାଇଁ ୟୁରୋପ ଯେତେବେଳେ ବୃଥା ମତବାଦର ସଂଘର୍ଷରେ, ବନ୍ଧ୍ୟା ପରୀକ୍ଷା ନିରୀକ୍ଷାରେ ପୁଣି ଆପଣାର ଭ୍ରାନ୍ତିର ଫଳଭୋଗ ଭିତରେ ନିଜକୁ ହରାଇ ପକାଇ 'ନ ଯଯୌ ନ ତସ୍ଥୌ' ଅବସ୍ଥାରେ ପଡ଼ିଯାଏ ଠିକ୍ ସେତିକି ବେଳେ ଏସିଆର ଡାକ ପଡ଼େ ମାନବ ବିବର୍ତ୍ତନର କର୍ମଧାରାକୁ ପରିଚାଳନା କରିବାକୁ । ପୃଥିବୀ ଇତିହାସରେ ସେହି ସମୟ ଏବେ ପହଞ୍ଚିଛି ।

ପୂର୍ବର ସବୁ ଯୁଗରେ ନିଭୃତରେ, ଏକାନ୍ତରେ ଭାରତ ଥିଲା ଶାନ୍ତି ଓ ମନନର ଏକ ତପୋବନ । ବିଶେଷ ଭୌଗୋଳିକ ଅବସ୍ଥାନ ହେତୁ ଅବଶିଷ୍ଟ ମାନବଜାତିରୁ ବିଛିନ୍ନ ହୋଇ ସେ ନିଜ ସମସ୍ୟା ସମାଧାନ ତଥା ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରିବାରେ ରତ ଥିଲା । ଜଗତର କୋଳାହଳଠାରୁ ଦୂରରେ ସେ ଯେପରି ଏକ ଜନହୀନ ଶାନ୍ତିମୟ ଆଶ୍ରମ । ସେଠାରୁ ତା'ର ଧ୍ୟାନାଲୋକର ବିଦ୍ୟୁତ୍ ଝଲକ ସାରା ଏସିଆମୟ ଖେଳିଯାଇ ସୃଷ୍ଟି କରୁଥିଲା ନୂଆ ସଭ୍ୟତାମାନ । ଭାରତର ସନ୍ତାନଗଣ ବିଭିନ୍ନ ଜାତି ନିକଟକୁ ନିଜର ଜ୍ଞାନାଲୋକ ବହନ କରି ନେଇ ଯାଉଥିଲେ । ତା'ର ଇତସ୍ତତଃ ବିକ୍ଷିପ୍ତ କ୍ଷୁଦ୍ର କଣାସବୁକୁ ଆଶ୍ରୟ କରି ଗଢ଼ି ଉଠିଛି କେତେ କେତେ ଦର୍ଶନ ଶାସ୍ତ୍ର ! ତା'ର ମାନସ ସୃଷ୍ଟର ପରିତ୍ୟକ୍ତ ଉପାଦାନ ନେଇ ମୁଣ୍ଡ ଟେକିଛି କେତେ କେତେ ବିଜ୍ଞାନ ! ତା'ପରେ ତା'ର ଗଣ୍ଡିର ବାଡ଼ଟି ଭାଙ୍ଗିଗଲା, ହିମାଳୟର ଗିରି ଦ୍ୱାର ଦେଇ ଜାତି ପରେ ଜାତି – କେତେ ଜାତିର ଢେଉ ପିଟି ହେବାକୁ ଲାଗିଲା ଓ ଭାରତର ଶାନ୍ତି ଅନ୍ତର୍ହିତ ହେଲା । ଶତାବ୍ଦୀ ପରେ ଶତାବ୍ଦୀ ଧରି ସଂଘାତ, ସଂଗ୍ରାମ, ଆଲୋଡ଼ନ ଚାଲିଲା । ତା'ର ବିକ୍ଷିପ୍ତ ଚିନ୍ତାକଣା ମଧ୍ୟରୁ ଜାତ ହୋଇଥିବା ସଭ୍ୟତାସବୁ ପୁଷ୍ଟ ହୋଇ ସେମାନଙ୍କର ଜନ୍ମଦାତ୍ରୀ ଜନନୀର ବିଶାଳ ଅଙ୍କରେ ନିଜ ନିଜର ସ୍ଥାନ ଦଖଲ କରିବାକୁ ଫେରି ଆସିଲେ । ଏମାନଙ୍କର ଚିନ୍ତାଧାରା ଭାରତ ପାଖରେ ତା'ର ଭୁଲି ଯାଇଥିବା ବା ଏକ କୋଣରେ ଠେଲି ଦେଇଥିବା ପ୍ରାକ୍ତନ ମାନସିକ ପର୍ଯ୍ୟବେକ୍ଷଣର ସ୍ମୃତିକଣା ମାତ୍ର । ସେ ପୁଣି ସେଗୁଡ଼ିକୁ ଗ୍ରହଣ କଲା, ସେହି ପୁରୁଣା ଚିନ୍ତାଗୁଡ଼ିକୁ ନୂତନ ଆଲୋକର ନବୀନତର ସମନ୍ୱୟର ଭିତର ଦେଇ ଆତ୍ମୀକରଣ କରି ନେଲା । ଗ୍ରୀକ୍, ସୀଦିୟାନ୍ ଓ ଇସଲାମଧର୍ମ ପ୍ରତି ତା'ର ଆଚରଣ ଏହିପରି ଥିଲା । ବର୍ତ୍ତମାନ ଖ୍ରୀଷ୍ଟଧର୍ମ, ବୌଦ୍ଧଧର୍ମ, ୟୁରୋପୀୟ ବିଜ୍ଞାନ ଓ ବସ୍ତୁତାନ୍ତ୍ରିକତା ପ୍ରଭୃତି ତା'ର ପ୍ରତ୍ୟାଗତ ସନ୍ତାନଗଣଙ୍କ ସମ୍ବନ୍ଧରେ ମଧ୍ୟ ତା'ର ଆଚରଣ ଅନୁରୂପ ହେବ । ପୃଥିବୀର ନାନା ଦେଶରୁ ଆସିଥିବା ନାନାଭାବ, ଧର୍ମ, ଦର୍ଶନ, ବିଜ୍ଞାନର ଏହି ସୁ-ପ୍ରାଚୀନ ଜନ୍ମଭୂମିରେ ଚିନ୍ତାର ଉତ୍ସ ସ୍ଥାନରେ ନବ ସ୍ପର୍ଶ ପାଇ ଯେଉଁ ନୂଆ ମତବାଦ ଗଢ଼ି ତୋଳିଛନ୍ତି ସେସବୁ ସମ୍ବନ୍ଧରେ ମଧ୍ୟ ଭାରତର ଆଚରଣ ସେହିପରି । ବିପୁଳ ପରିମାଣର ନୂଆ ଜିନିଷସବୁ ତାକୁ ଆତ୍ମସାତ୍ କରିବାକୁ ହେବ – ଏହା ତା'ର ଇତିହାସରେ ଅଭୂତପୂର୍ବ କିନ୍ତୁ କଠିନ ନୁହେଁ । ତା'ର ସର୍ବଗ୍ରାସୀ ବୁଦ୍ଧି, ତା'ର ଅନ୍ତର୍ଭେଦୀ ବୋଧି, ତା'ର ଅପରାଜେୟ ମୌଳିକତା, ଏସବୁ ବୃହତ୍ତର କର୍ମ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ । ବାହାରର ଅର୍ଥାତ୍ ପୃଥିବୀର କଥାରେ ସେ ଦିନେ କାନ ଦେଉଥିଲା, ତା'ର ସେହି ନିଷ୍କ୍ରିୟ ପରମୁଖାପେକ୍ଷୀଭାବର ସମୟ ବର୍ତ୍ତମାନ ଆଉ ନାହିଁ । କେବଳ ଗ୍ରହଣ ଓ ପୁନରୁତ୍ପାଦନ କରି, ଏପରିକି ଗ୍ରହଣ ଓ ବିବର୍ଦ୍ଧନ ଦ୍ୱାରା ମଧ୍ୟ ସେ ସନ୍ତୁଷ୍ଟ ରହିପାରିବ ନାହିଁ । ଜାପାନର ପ୍ରତିଭା ଅନୁକରଣ ଓ ଉନ୍ନତି କରଣରେ, ମାତ୍ର ଭାରତର ପ୍ରତିଭା ମୌଳିକତାରେ । ଅନ୍ୟାନ୍ୟ ଜାତିର ଦାନ ସେ ଗ୍ରହଣ କରିପାରେ କେବଳ ତା'ର ବିପୁଳ ସୃଷ୍ଟିଧର୍ମୀ ବୃତ୍ତିଗୁଡ଼ିକର ସ୍ଥୂଳ ଉପାଦାନ ହିସାବରେ ।

ଏହି ସ୍ଥୂଳ ଉପାଦାନଗୁଡ଼ିକୁ ଭାରତକୁ ନେଇ ଆସିବା ଥିଲା ଇଂଲଣ୍ଡର ଆଦିଷ୍ଟ କର୍ମ । କିନ୍ତୁ ତା'ର ଜଡ଼ ସାଫଲ୍ୟର ଉଦ୍ଧତ ଅହମିକାରେ ସେ ନିଜକୁ ଗୁରୁର ଆସନରେ ବସାଇ ଭାରତକୁ ଶିଶୁ ଭାବି ଶିକ୍ଷା ଦେବାକୁ ବସିଲା, କ୍ରୀତଦାସ ଭାବି ପ୍ରଭୁର ସେବାରେ ନିଯୁକ୍ତ କରିବାକୁ ଚେଷ୍ଟା କଲା । ଏହି ପ୍ରହସନର ପାଲା ଏବେ ଶେଷ ହୋଇଛି, ଭାରତରେ ଇଂଲଣ୍ଡର ଆଦିଷ୍ଟ କର୍ମର ଅବସାନ ଘଟିଛି; ତା'ର ଅଧିକାର ଉପରେ ସେ ସୀମାରେଖା ଟାଣି ଦିଆଯାଇଛି ଏକଥା ମଧ୍ୟ ବର୍ତ୍ତମାନ ସେ ବୁଝିଲାଣି । ବିଧାତା ଯେତେବେଳେ ଚାହିଁଲେ ଯେ ଇଂଲଣ୍ଡ ଭାରତ ଅଧିକାର କରୁ, ସେତେବେଳେ ଜଗତ୍ ଅବାକ୍ ହୋଇ ଦେଖିଲା ଏହି ଅନାୟାସ ବିଜୟ ଓ ଏଥିପାଇଁ ଇଂରେଜ ଜାତିକୁ ତା'ର ପ୍ରତିଭା ଓ ଗୁଣାବଳୀ ପାଇଁ ପ୍ରଶଂସା କରିବାକୁ ଲାଗିଲା । ଏହି କାଳ୍ପନିକ କାହାଣୀକୁ ବଢ଼ାଇବାରେ ଇଂରେଜ ଜାତିକୁ ବେଶୀ ସମୟ ଲାଗିଲା ନାହିଁ ଓ ଏ ଶତାବ୍ଦୀର ଅଧିକାଂଶ ଭାଗ ସେ ଏହି ମିଛ ଗର୍ବକୁ ଜାହିର କରି ବ୍ୟବସାୟ କରିବାରେ କଟାଇ ଦେଲା । ମାତ୍ର ଅସଲ ସତ୍ୟଟି ନିହିତ ରହିଛି ଏହି ବିଖ୍ୟାତ ପ୍ରବାଦ ମଧ୍ୟରେ ଯେ ଇଂରେଜ ହଠାତ୍ ଭାରତକୁ ଅନ୍ୟମନସ୍କ

ଭାବରେ ଜୟ କରି ପକାଇଲା । ଅର୍ଥାତ୍ ଅନ୍ୟ ଭାବରେ କହିଲେ ସେ ଜାଣିଶୁଣି ଜୟ କରି ନାହିଁ, ଭାରତକୁ ତା' ହାତରେ ଛାଡ଼ି ଦିଆ ହୋଇଥିଲା; କ'ଣ ଘଟିଲା ବା କିପରି ଘଟିଲା ତାହା ସେ ବୁଝିପାରି ନାହିଁ । ସେଥିନିମନ୍ତେ ପ୍ରୟୋଜନୀୟ ଅବସ୍ଥାସବୁ ସୃଷ୍ଟି କରାହୋଇଛି; ତା'ର ପଥକୁ ସହଜ କରି ଦିଆଯାଇଛି, ଯନ୍ତ୍ରଗୁଡ଼ିକ ତୋଳି ଦିଆଯାଇଛି ତା' ହାତରେ । ଯେଉଁସବୁ ଲୋକ ଇଂଲଣ୍ଡ ତରଫରୁ କାର୍ଯ୍ୟ କରୁଥିଲେ ବୁଦ୍ଧିବୃତ୍ତିରେ ସେମାନେ ନିକୃଷ୍ଟତର । ୟୁରୋପର ଇତିହାସରେ ଯେଉଁଠି ଶାସନଯନ୍ତ୍ରରେ ଥିବା ତ୍ରୁଟିର ସଂଶୋଧନ ନିମନ୍ତେ କେହି ବିଶେଷ ଭାଗ୍ୟନିୟନ୍ତା ଉଦ୍ୟମ କରି ନଥିଲେ, ସେହି ଇତିହାସରେ ଅଳ୍ପ କେତେଜଣଙ୍କ ଛଡ଼ା ଏ ବିଷୟରେ ବିଶେଷ କେହି ବୈଶିଷ୍ଟ୍ୟପୂର୍ଣ୍ଣ ସ୍ଥାନ ଅଧିକାର କରିପାରି ନାହାନ୍ତି, ପାରି ନଥା'ନ୍ତେ ମଧ୍ୟ । ଯେଉଁମାନେ ନାୟକ ବୋଲି ଉଲ୍ଲିଖିତ ହୋଇଛନ୍ତି ସେମାନଙ୍କର ସାମର୍ଥ୍ୟ, କିଂବା ସେ ଜାତିର ଉତ୍କୃଷ୍ଟତର ପ୍ରତିଭା ଅଥବା ବିଜିତ ଜାତିର ଦୁର୍ବଳତା ଏଥିମଧ୍ୟରୁ କୌଣସି ଗୋଟିଏ ବି ଭାରତର ପରାଧୀନତାର ହେତୁ ବୋଲି କୁହାଯାଇ ପାରିବ ନାହିଁ । ଇତିହାସରେ ଏହା ଏକ ଶାଶ୍ୱତ ବିସ୍ମୟ ! ବସ୍ତୁତଃ ସେହି ଘଟଣାଗୁଡ଼ିକ ଭିତରୁ ଏହା ଅନ୍ୟତମ ଯେ ଏପରି ଏକ ଜାତି ଯେକି ଅନ୍ୟ କୌଣସି ଜାତିର ତୁଳନାରେ ଶ୍ରେଷ୍ଠତର ନୁହେଁ ତାହାକୁହିଁ ଦିଆହେଲା ନିୟତିନିର୍ଦ୍ଦିଷ୍ଟ ଏକ ବିଶେଷ କାର୍ଯ୍ୟର ଭାର ଓ ଏହି କାର୍ଯ୍ୟରେ ସାଫଲ୍ୟ ଆଣିବା ପାଇଁ ନିୟତିନିର୍ଦ୍ଦିଷ୍ଟ ଏକ ବିଶେଷ ସୌଭାଗ୍ୟ । ଏହି ଆଦିଷ୍ଟ କର୍ମ ସମ୍ପାଦନରେ ବିଧାତାର ଯେଉଁ ଦେବଦୂତଟି ଇଂଲଣ୍ଡ ପାଖରେ ଠିଆ ହୋଇ ତାଙ୍କ ହସ୍ତ-ସଞ୍ଚାଳନରେ ସବୁକିଛି ବାଧାବିଘ୍ନ ଓ ବିରୋଧୀମାନଙ୍କୁ ଅପସାରଣ କରିଥିଲେ ସେ ଏବେ ଆଉ ତାକୁ ରକ୍ଷା କରିବେ ନାହିଁ । ଇଂଲଣ୍ଡ ସେତିକି ଦିନ ରହିବ ଯେତେ ଦିନ ଭାରତର ନିୟତି ତା'ର ପ୍ରୟୋଜନ ବୋଧ କରିବେ — ତା'ଠାରୁ ଦିନକ ପାଇଁ ମଧ୍ୟ ଅଧିକ ନୁହେଁ । କାହିଁକି ନା ସେ ଯେ ଏଠାକୁ ଆସିଛି — ତାହା ତା'ର ନିଜର ଶକ୍ତିରେ ନୁହେଁ; ତେଣୁ ସେ ତା'ର ନିଜର ଶକ୍ତିରେ ଏଠାରେ ରହିପାରିବ ନାହିଁ । ଭାରତରେ ପୁନର୍ଜାଗରଣ ଆରମ୍ଭ ହୋଇଛି, ଇଂଲଣ୍ଡ ଯଦି ଚାହେଁ ସହାୟତା କରି ଏହି ଜାଗରଣକୁ ସାର୍ଥକ କରିପାରେ, ଯଦି ନ ଚାହେଁ ତେବେ ମଧ୍ୟ ତା'ର ସାହାଯ୍ୟ ବ୍ୟତୀତ ଏହି ପୁନର୍ଜାଗରଣ ସାର୍ଥକ ହେବ ଏବଂ ଯଦି ବାଧାଦିଏ ତେବେ ଏହି ସାର୍ଥକତା ତା'ର ବିରୋଧତାକୁ ଅବଶ୍ୟ ନଷ୍ଟଭ୍ରଷ୍ଟ କରିଦେବ ।

(ଶ୍ରୀଅରବିନ୍ଦଙ୍କ 'Asiatic Role'ର ଅନୁବାଦ) ❖

… … ଅନ୍ୟ ଏକ ସ୍ୱପ୍ନ ହେଲା ଏସିଆବାସୀଙ୍କର ପୁନରୁତ୍‌ଥାନ ଓ ମୁକ୍ତି ଏବଂ ମାନବସଭ୍ୟତାର ବିକାଶ ଦିଗରେ ତାହାର ମହତ୍ତର ଭୂମିକା ଗ୍ରହଣ । ଏସିଆ ଆଜି ଜାଗ୍ରତ୍ । ତା'ର ଅଧିକାଂଶ ରାଷ୍ଟ୍ର ଆଜି ସ୍ୱାଧୀନ କିଂବା ସ୍ୱାଧୀନତା ପଥର ଯାତ୍ରୀ । ଯେଉଁ ରାଷ୍ଟ୍ରମାନେ ପୂର୍ଣ୍ଣ ବା ଆଂଶିକଭାବେ ପରାଧୀନ ସେମାନେ କୌଣସି ନା କୌଣସି ପ୍ରକାରେ ସ୍ୱାଧୀନତା ସଂଗ୍ରାମ ଚଳାଇଛନ୍ତି । କେବଳ ଅତି ସାମାନ୍ୟ ମାତ୍ର କରିବାକୁ ବାକି ଅଛି, ଆଜି ହେଉ ବା କାଲି ହେଉ ତାହା ନିଶ୍ଚିତ ରୂପେ ହେବ । ସେଥିରେ ଭାରତର କିଛି କର୍ତ୍ତବ୍ୟ ରହିଛି ଏବଂ ସେହି କର୍ମ ସେ ଅତି ସାମର୍ଥ୍ୟ ଓ ଦକ୍ଷତାର ସହ ଆରମ୍ଭ କରିଛି । ଏଥିରୁ ସୂଚିତ ହେଉଛି ତା'ର ଭବିଷ୍ୟତ୍ ସମ୍ଭାବନା ଏବଂ ରାଷ୍ଟ୍ରମାନଙ୍କ ସଭାରେ ସେ କେଉଁ ଆସନ ଗ୍ରହଣ କରିବ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶ

## ଶ୍ରୀମା

ମନୁଷ୍ୟଜାତି ବର୍ତ୍ତମାନ ଯାହାକିଛି ହାସଲ କରିଛି ସେଗୁଡ଼ିକ ଯେତେ ବୃହତ୍ ହୋଇଥିଲେ ମଧ୍ୟ ସେଗୁଡ଼ିକ କଦାପି ଆମେ ଅନୁସରଣ କରିବା ଭଳି ଏକ ଆଦର୍ଶରେ ପରିଣତ ହୋଇ ପାରିବ ନାହିଁ । ମନୁଷ୍ୟର ସେହି ଅନ୍ୟ ଆଦର୍ଶଗୁଡ଼ିକୁ ନେଇ ପ୍ରୟୋଗ କରିବା ସକାଶେ ଏକ କ୍ଷେତ୍ର ରୂପେ ପ୍ରଶସ୍ତ ପୃଥିବୀ ପଡ଼ି ରହିଛି ।

ଆମର ଉଦ୍ଦେଶ୍ୟ ଏକାବେଳେକେ ଭିନ୍ନ ଏବଂ ଆମ ସଫଳତାର ସମ୍ଭାବନାଗୁଡ଼ିକ ବର୍ତ୍ତମାନ ଅତ୍ୟନ୍ତ କ୍ଷୀଣ ହୋଇ ରହିଥିଲେ ମଧ୍ୟ ଆମ ମନରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ଆମେ ଭବିଷ୍ୟତକୁ ପ୍ରସ୍ତୁତ କରି ଆଣିବା ଲାଗିହିଁ ଏଠାରେ ସବୁକିଛି କାର୍ଯ୍ୟ କରୁଛୁ ।

ମୁଁ ଭଲକରି ଜାଣିଛି ଯେ ବାହ୍ୟ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ପୃଥିବୀରେ ବର୍ତ୍ତମାନ ହାସଲ ହୋଇ ସାରିଥିବା ଅନେକ କିଛିର ତୁଳନାରେ ଆମେ କେତେ ପଛରେ ପଡ଼ି ରହିଛୁ; ମାତ୍ର, ମନୁଷ୍ୟର ମାନଦଣ୍ଡ ଅନୁସାରେ କୌଣସି ପୂର୍ଣ୍ଣତା ହାସଲ କରିବା ଆମର ଆଦୌ ଲକ୍ଷ୍ୟ ନୁହେଁ । ଆମେ ଆଉ କିଛି ଲାଗି ଉଦ୍ୟମ ଆରମ୍ଭ କରିଛୁ, ଭବିଷ୍ୟତର ଗର୍ଭରେ ରହିଥିବା ଏକ ସମ୍ପଦ ଲାଗି ପ୍ରୟାସ କରୁଛୁ ।

ଏକ ନୂତନ ପୃଥିବୀର ଗଠନ ପାଇଁ ପ୍ରାରମ୍ଭ ସ୍ଥଳ ରୂପେ କାର୍ଯ୍ୟ କରିବା ଲାଗି ଆଶ୍ରମର ପ୍ରତିଷ୍ଠା ହୋଇଛି, ତାହା ସେଇଥିଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

ପ୍ରେରଣା ଉର୍ଦ୍ଧ୍ୱରୁ ଆସୁଛି, ପଥପ୍ରଦର୍ଶନକାରୀ ଶକ୍ତି ମଧ୍ୟ ଉର୍ଦ୍ଧ୍ୱରୁ ଆସୁଛି, ସୃଜନକାରିଣୀ ଶକ୍ତି ଉର୍ଦ୍ଧ୍ୱରୁ ଆସୁଛି,— ନୂତନ ଉପଲବ୍ଧିଟିର ଅବତରଣ ଲାଗି କାର୍ଯ୍ୟକାରୀ ହୋଇ ରହିଛି ।

ଏହି ଆଶ୍ରମ ଆପଣାର ଦୁର୍ବଳତା, ଅଭାବ ଏବଂ ବିଫଳତାଗୁଡ଼ିକର ପରିପ୍ରେକ୍ଷୀରେହିଁ ବର୍ତ୍ତମାନର ଏକ ଦୃଷ୍ଟାନ୍ତ ହୋଇ ରହିଛି ।

ମନୁଷ୍ୟଜାତି ବର୍ତ୍ତମାନ ଯେତେ ଯାହା ହାସଲ କରି ପାରିଛି, ଆଶ୍ରମକୁ ତାହାର ଅସୁବିଧାଗୁଡ଼ିକ ମଧ୍ୟରୁ ଟାଣି ବାହାର କରି ନେବା ପାଇଁ ସେଗୁଡ଼ିକର କୌଣସି ଶକ୍ତି ନାହିଁ ।

ଆଶ୍ରମବାସୀ ସମସ୍ତେ ଯେତେବେଳେ ସଂପୂର୍ଣ୍ଣ ଭାବରେ ଦୀକ୍ଷିତ ହୋଇଯିବେ ଏବଂ ଅବତରଣ କରୁଥିବା ପରମ ସତ୍ୟାଲୋକ ଲାଗି ଯେତେବେଳେ ପୂର୍ଣ୍ଣ ଉନ୍ମୋଚନ ସମ୍ଭବ ହେବ, ସେତେବେଳେ ତାହାହିଁ ଆଶ୍ରମକୁ ଆପଣା ଲକ୍ଷ୍ୟର ଉପଲବ୍ଧିରେ ସାହାଯ୍ୟ କରିପାରିବ ।

ଏହା ଯେ ଏକ ଅତି କଠିନ କାର୍ଯ୍ୟ ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ସେହି କାର୍ଯ୍ୟକୁ ସମ୍ପନ୍ନ କରିବା ନିମନ୍ତେ ଆମେ ଆଦେଶ ପାଇଛୁ ଏବଂ କେବଳ ସେଇଥି ସକାଶେହିଁ ପୃଥିବୀରେ ରହିଛୁ ।

ସର୍ବୋଚ୍ଚ ପରମସତ୍ତାଙ୍କର ଇଚ୍ଛା ତଥା ସହାୟତାରେ ଅବିଚଳ ବିଶ୍ୱାସ ସ୍ଥାପନ କରିହିଁ ଆମେ ଶେଷ ପର୍ଯ୍ୟନ୍ତ ସେହି କାର୍ଯ୍ୟଟିକୁ କରିବାରେ ଲାଗିଥିବୁ ।

ଯେଉଁମାନେ ସେହି ଉଦ୍ଦେଶ୍ୟ ସକାଶେ ନିଜର ଜୀବନ ଦେବାକୁ ନିଷ୍ପତ୍ତି କରୁଛନ୍ତି, ସେମାନଙ୍କ ଲାଗି ଦ୍ୱାର ଖୋଲା ହୋଇ ରହିଛି ଓ ସତତ ସେହିପରି ଖୋଲା ହୋଇ ରହିଥିବ ।

*(୧୩ ଜୁନ୍, ୧୯୬୪)*

# ଦିବ୍ୟଜନନୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମାନବିକ ଦୁର୍ବଳତାରେ ଆଚ୍ଛନ୍ନ ହୋଇ ଆମେମାନେ ଦିବ୍ୟଜନନୀଙ୍କୁ ଦେଖୁ କେବଳ ଜନନୀ ରୂପେ, ଭୁଲିଯାଉ ଯେ ସେ ଦିବ୍ୟ । ତାଙ୍କର ଅପରୂପ ନାମର ଶେଷାଂଶଟିକୁ ଆମେମାନେ ପୂର୍ଣ୍ଣ ବୋଲି ଗ୍ରହଣ କରୁ, ପ୍ରଥମ ଅଂଶଟି ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏହା ଆମେମାନେ ଲକ୍ଷ୍ୟ କରୁ ନାହିଁ । ସନ୍ତାନ ଉପରେ ମାନୁଷୀ ମା'ଙ୍କ ଯେପରି ସ୍ନେହମମତା, ତାଙ୍କଠାରୁ ଆମେମାନେ ସେହିପରି ସ୍ନେହ-ମମତା ଆଶା କରୁ । ତାଙ୍କ ପ୍ରତି ଆମର ପ୍ରେମ ମାନବିକ, ଅଜ୍ଞାନ ଭାବରେ ମାନବିକ – ଲୋଭ ଓ ଇନ୍ଦ୍ରିୟ-ପ୍ରରୋଚନା ତଥା ଅଧିକାର-ବାସନାରେ ପରିପୂର୍ଣ୍ଣ; ମା' ଯେପରି ଆମମାନଙ୍କର ସ୍ୱାର୍ଥ ଚରିତାର୍ଥ କରିବାର ନିମିତ୍ତମାତ୍ର ।

ସେ ନିଶ୍ଚୟହିଁ ଜନନୀ, କିନ୍ତୁ ଦିବ୍ୟଜନନୀ । ସେ ଚାହାନ୍ତି ଆମମାନଙ୍କୁ ତାଙ୍କ ପାଖକୁ ଯିବାକୁ ମାନବିକ ଭାବରେ ନୁହେଁ, ବରଂ ଦିବ୍ୟ ଭାବରେ । କାରଣ ଏହି ଦିବ୍ୟ ଭାବରେହିଁ ଆମେମାନେ ଉଠିଯାଉ ଆମମାନଙ୍କ ସତ୍ତାର ଉତ୍ତୁଙ୍ଗ ଶିଖରକୁ, ପହଞ୍ଚିପାରୁ ଗଭୀରତମ ଗଭୀରରେ ଏବଂ ତାଙ୍କୁ ପ୍ରାପ୍ତ ହେଉ ପରିପୂର୍ଣ୍ଣ ରୂପେ ଓ ନିଃଶେଷରେ, ଆଉ ଅବଗାହନ କରୁ ତାଙ୍କ କରୁଣାର ଅମୃତଧାରାରେ । ମାନବିକ ଭାବ, ମାନବୀୟ ବୋଧ ଓ ଅନୁଭବର କ୍ଷୁଦ୍ରତା ଓ ତୁଚ୍ଛତା କେବଳ ଆମମାନଙ୍କୁ ବାନ୍ଧି ରଖେ । ବହୁତ ସମୟରେ ଏହି ମାନବିକ ଭାବର ଧାରା ଅଧିକ ଆଦରରେ ବଢ଼ିଥିବା ଭ୍ରଷ୍ଟ ସନ୍ତାନର ଧାରା ତୁଲ୍ୟ । ଯଦିବା ଅନ୍ତରର ନିମ୍ନତମ ଭୂମିରେ ଏକ ବିନ୍ଦୁ ଶୁଦ୍ଧ ପ୍ରେମ ଥାଇପାରେ ତଥାପି ତାହା ପୁଞ୍ଜୀଭୂତ ଅଜ୍ଞାନ ଓ ରାଶୀକୃତ ପଙ୍କିଳ କ୍ଲେଦ ମଧ୍ୟରେ ଆଚ୍ଛାଦିତ ହୋଇରହିଛି ।

ତଥାପି ସେ ଦିବ୍ୟ ହୋଇ ମଧ୍ୟ ଜନନୀ । ସେ ଦିବ୍ୟ କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ସୁଦୂର, ସମ୍ପର୍କହୀନ ଏବଂ ବିଶ୍ୱାତୀତ ବ୍ରହ୍ମଙ୍କ ତୁଲ୍ୟ ନିର୍ମମ ଓ ଉଦାସୀନ । ବସ୍ତୁତଃ ଦିବ୍ୟ-ଜନନୀଙ୍କର ମାତୃସ୍ନେହ ମାନବିକ ମାତୃସ୍ନେହ ଅପେକ୍ଷା ବହୁ ଗୁଣରେ ପରିପୂର୍ଣ୍ଣ । କାରଣ ମାନବିକ ମା' ହେଲେ ସେହି ଆଦି ଜଗତର ଦିବ୍ୟଜନନୀଙ୍କର ଏକ ଅସ୍ପଷ୍ଟ ପ୍ରତିଧ୍ୱନି ବା ପ୍ରତିଚ୍ଛାୟା ବା ବିକୃତି ମାତ୍ର ।

ବିଶ୍ୱାତୀତା ହୋଇ ମଧ୍ୟ ଦିବ୍ୟଜନନୀ ଆମମାନଙ୍କ ମାନୁଷୀ ଆଧାର ମଧ୍ୟରେ ଅବତରଣ କରିଛନ୍ତି, ଆମମାନଙ୍କ ପରି ମନୁଷ୍ୟ ରୂପ ଧାରଣ କରିଛନ୍ତି, ଆତ୍ମସ୍ୱରୂପ ହୋଇ ଆମମାନଙ୍କ ମଧ୍ୟରେ ରହିଛନ୍ତି, ସଙ୍ଗେ ସଙ୍ଗେ ମଧ୍ୟ ସାଥୀ ଓ ଗୁରୁ ରୂପେ ରହିଛନ୍ତି । ଯଦି ଆମେମାନେ ତାଙ୍କୁ କାର୍ଯ୍ୟ କରିବାକୁ ଛାଡ଼ିଦେଉ ସେ ଆମମାନଙ୍କ ହାତ ଧରି ଉଠାଇ ନେଇଯାଆନ୍ତି, କିପରି ଆମର ଏହି କ୍ଷୁଦ୍ର ମାନବିକ ସତ୍ତାକୁ ଅତିକ୍ରମ କରିଯିବାକୁ ହେବ ତାହା ଶିକ୍ଷା ଦିଅନ୍ତି; ଆଉ ଆମମାନଙ୍କ ପ୍ରେମ ଯଦି ତାଙ୍କ ଦିବ୍ୟପ୍ରେମର ପୂର୍ଣ୍ଣ ଉତ୍ତର ଦିଏ, ତେବେ ଅତି ଆଶ୍ଚର୍ଯ୍ୟ ରୂପେ ତାଙ୍କର ପ୍ରେମ ଦ୍ୱାରା ଆମକୁ ତାଙ୍କ ଦିବ୍ୟପ୍ରକୃତି ଓ ସତ୍ତାରେ ବଢ଼ି ଉଠିବାକୁ ସହାୟତା କରନ୍ତି ।

ଆମେମାନେ ତାଙ୍କର ଯଥାର୍ଥ ସନ୍ତାନ ହୋଇପାରୁ ଯଦି ତାଙ୍କର ଏହି ଦ୍ୱିବିଧ ସତ୍ୟ ସ୍ମରଣ ରଖିପାରୁ – ତାଙ୍କ ପ୍ରେମର ଦୁଇଟି ବାହୁ – ଯାହା ଦ୍ୱାରା ସେ ଆମମାନଙ୍କୁ କରୁଣାବଶରେ ଘେରି ରହିଛନ୍ତି ।

(ଶ୍ରୀମା'ଙ୍କ ଅଶୀତିତମ ଜନ୍ମୋତ୍ସବ, ୧୯୫୮ରେ ଲିଖିତ)

### ଶ୍ରୀମା'ଙ୍କ ଶରୀରତ୍ୟାଗ ସମ୍ବନ୍ଧେ ବାଣୀ : ନଭେମ୍ବର ୧୭, ୧୯୭୩

THE Mother's body belonged to the old creation. It was meant to be the pedestal of the New Body. It served its purpose well. The New Body will come.

This is a test, how far we are faithful to Her, true to Her Consciousness.

The revival of the body would have meant revival of the old troubles in the body. The body troubles were eliminated so far as could be done while in the body – farther was not possible. For a new mutation, a new

procedure was needed. "Death" was the first stage in that process.

(Collected Works of Nolini Kanta Gupta, Vol. 5, p. 87)

ଅର୍ଥାତ୍, ''ମା'ଙ୍କର ଶରୀର ଥିଲା ପୁରାତନ ସୃଷ୍ଟିର । ଏହା ଉଦ୍ଦିଷ୍ଟ ଥିଲା ନୂତନ ଶରୀରର ଆହ୍ୱାନ ହେବା ନିମନ୍ତେ । ଏହା ତା'ର ଉଦ୍ଦେଶ୍ୟ ଉତ୍ତମ ରୂପେ ସମ୍ପାଦନ କଲା । ନୂତନ ଶରୀର ପୁଣି ଆସିବ ।

''ମା'ଙ୍କ ପ୍ରତି ଆମେ କେତେଦୂର ବିଶ୍ୱସ୍ତ, ତାଙ୍କ ଚେତନା ପ୍ରତି ଆମେ କେତେଦୂର ନିଷ୍ଠାବାନ୍ – ଏହା ତା'ରି ଏକ ପରୀକ୍ଷା ।

''ଏ ଶରୀରରେ ପୁନର୍ଜୀବନ ପ୍ରାପ୍ତିର ଅର୍ଥ ହୋଇଥା'ନ୍ତା ଏଇ ଶରୀରଗତ ପୁରାତନ ଦୁଃଖ-ଯନ୍ତ୍ରଣାର ପୁନରାବୃତ୍ତି । ଶରୀର ମଧ୍ୟରେ ରହି ଶାରୀରିକ ପ୍ରତିବନ୍ଧକକୁ ଯେତେଦୂର ହଟାଇ ଦିଆଯାଇପାରେ ତାହା କରାଗଲା – ଏହାଠାରୁ ଅଧିକ ଆଉ ସମ୍ଭବ ନଥିଲା । ଏକ ନୂତନ ଦୈହିକ ପରିବର୍ତ୍ତନ ପାଇଁ ଆବଶ୍ୟକ ହେଲା ଏକ ନୂତନ ପଦ୍ଧତି । ''ମୃତ୍ୟୁ'' ସେଇ ପଦ୍ଧତିର ପ୍ରଥମ ସୋପାନ ।''

**NOVEMBER 21, 1973**

Mother once told me – "If ever I leave my body, my consciousness will remain with you."

Mother is present amongst us and Her work continues.

Let us once more dedicate ourselves for Her work of transformation with utmost sincerity & faithfulness.

– Nolini Kanta Gupta

**ନଭେମ୍ବର ୨୧, ୧୯୭୩**

ମା' ଥରେ ମୋତେ କହିଥିଲେ – ''ଯଦି କେବେ ମୁଁ ମୋର ଶରୀର ତ୍ୟାଗ କରେ ତେବେ ମୋର ଚେତନା ତୁମମାନଙ୍କ ସହ ରହିବ ।''

ମା' ଆମମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି ଏବଂ ତାଙ୍କର କାର୍ଯ୍ୟ ଚାଲୁ ରହିଛି ।

ଆସ, ଆମେ ପୁଣିଥରେ ପୂର୍ଣ୍ଣ ଆନ୍ତରିକତା ଓ ବିଶ୍ୱସ୍ତତା ସହ ଆମମାନଙ୍କୁ ତାଙ୍କରି ରୂପାନ୍ତର କାର୍ଯ୍ୟ ନିମନ୍ତେ ଉତ୍ସର୍ଗ କରିବା ।

– ଶ୍ରୀ ନଳିନୀକାନ୍ତ ଗୁପ୍ତ

ସର୍ବଦା ସେ ତୁମ ମଧ୍ୟରେ ଓ ତୁମେ ତାଙ୍କ ମଧ୍ୟରେ; ଏହାହିଁ ହେବ ତୁମର ନିରନ୍ତର, ସହଜ ଓ ସ୍ୱାଭାବିକ ଅନୁଭୂତି ଯେ ତୁମର ସମସ୍ତ ଚିନ୍ତା, ସମସ୍ତ ଦୃଷ୍ଟି ଓ କର୍ମ, ତୁମର ପ୍ରତିଟି ନିଶ୍ୱାସ-ପ୍ରଶ୍ୱାସ, ପ୍ରତ୍ୟେକଟି ଗତିବୃତ୍ତି ତାଙ୍କରିଠାରୁହିଁ ଆସିଛି, ସେସମସ୍ତ ତାଙ୍କରି । ତୁମେ ଜାଣିବ, ଦେଖିବ, ଅନୁଭବ କରିବ ଯେ ଦିବ୍ୟଜନନୀ ତାଙ୍କର ନିଜର ସତ୍ତାରୁହିଁ ତୁମକୁ ଏକ ବିଶେଷ ବ୍ୟକ୍ତି ଓ ଶକ୍ତିରୂପେ ନିଜେହିଁ ଗଢ଼ିଛନ୍ତି, ଲୀଳା ନିମନ୍ତେ ବାହାରକୁ ପ୍ରକଟ କରି ଧରିଛନ୍ତି, ତେବେ ବି ସର୍ବଦାହିଁ ତୁମେ ତାଙ୍କ ମଧ୍ୟରେ ନିରାପଦ ରହିଛ, ତାଙ୍କରି ସତ୍ତାର ତୁମେ ସତ୍ତା, ତାଙ୍କରି ଚେତନାର ତୁମେ ଚେତନା, ତାଙ୍କରି ଶକ୍ତିର ତୁମେ ଶକ୍ତି, ତାଙ୍କରି ଆନନ୍ଦର ତୁମେ ଆନନ୍ଦ ।

– ଶ୍ରୀଅରବିନ୍ଦ

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ବିଶ୍ୱବିଦ୍ୟାଳୟ ପାଇଁ କର୍ଜନବାଦ

ଶେଷରେ ଲର୍ଡ଼ କର୍ଜନ୍ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ସ୍ୱଦେଶ ପ୍ରେମର କଣ୍ଠରୋଧ କରିବା ପାଇଁ ଯେଉଁ ଚାଲବାଜ ବ୍ରହ୍ମାସ୍ତ୍ରଟିକୁ ପ୍ରୟୋଗ କରିଥିଲେ ତା'ର ସଦୁପଯୋଗ କରିବାକୁ ପଡ଼ିବ ପୂର୍ଣ୍ଣ ସାମର୍ଥ୍ୟ ପର୍ଯ୍ୟନ୍ତ । ପ୍ରଥମ ସ୍ୱଦେଶୀ ସଂଗ୍ରାମ ସମୟରେ ଆମେ ସମସ୍ତେ ସେଇ ବିଶେଷ ଖଣ୍ଡଯୁଦ୍ଧ ଘଟଣାଟି ମନେ ରଖିଛୁ; ଯେଉଁ ସଂଗ୍ରାମରେ ସାର୍ ଓ୍ୟାମ୍ଫିଲ୍ଡେ ଜିଦ୍ ଧରିଥିଲେ ସିରାଜ୍‌ଗଞ୍ଜସ୍ଥ ବିଦ୍ୟାଳୟଗୁଡ଼ିକରୁ ସ୍ୱୀକୃତିକୁ ପ୍ରତ୍ୟାହାର କରିନେବା ପାଇଁ କାରଣ, ଶିକ୍ଷକ ଓ ଛାତ୍ରମାନେ ସମସ୍ତଙ୍କ ସମ୍ମୁଖରେ ରାଜନୀତିରେ ଭାଗ ନେଉଥିଲେ । ଏହି କାର୍ଯ୍ୟରେ ଲର୍ଡ଼ ମିଣ୍ଟୋଙ୍କର ସରକାର ତାଙ୍କୁ ସମର୍ଥନ ଦେବାକୁ ମନା କରି ଦେଲା କାରଣ ସମୟର ଗତିବୃତ୍ତି ଥିଲା ଅଶାନ୍ତ ଓ ସାର୍ ଓ୍ୟାମ୍ଫିଲ୍ଡେଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଲର୍ଡ଼ ମିଣ୍ଟୋଙ୍କର କାର୍ଯ୍ୟାନୁଷ୍ଠାନ ପଛରେ ଯାହାକିଛି ଶକ୍ତିଶାଳୀ ଅଭିସନ୍ଧିମାନ ରହିଥିଲେ ବି ପ୍ରକାଶ୍ୟତଃ ଏହା ହିଁ ହେଲା ଇସ୍ତଫାର କାରଣ ଯାହା ପ୍ରସଙ୍ଗଟିକୁ ବହିଷ୍କାର ପର୍ଯ୍ୟନ୍ତ ଟାଣି ନେଲା । ବର୍ତ୍ତମାନ ଆମେ ଦେଖୁଛୁ ସେଇ ସରକାରଙ୍କୁ ଆଉ ସେଇ ଲର୍ଡ଼ ମିଣ୍ଟୋଙ୍କୁ, ଯେଉଁମାନେ ଫୁଲାରଙ୍କଠୁ ବଳି ମହାଫୁଲାର୍ ଢାଞ୍ଚାରେ ଏବଂ ଆହୁରି ଅଧିକ ଅଶାନ୍ତ ସମୟରେ ଧମକ ଦେଇଛନ୍ତି ସମୁଦାୟ ସରକାରୀ କିଂବା ସାହାଯ୍ୟ ବା ସ୍ୱୀକୃତି ପ୍ରାପ୍ତ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଯାହା କରିବାକୁ ଓ୍ୟାମ୍ଫିଲ୍ଡେ ମହାଶୟ ଚିନ୍ତା କରୁଥିଲେ ଦୁଇ ଗୋଟି ଅନୁଷ୍ଠାନ ବିରୋଧରେ ।

''ଭାରତବର୍ଷରେ ଉଚ୍ଚ ଶିକ୍ଷାକୁ ସୁରକ୍ଷା ଦେବା ଲକ୍ଷ୍ୟ ନେଇ'' ସ୍ଥାନୀୟ ସରକାରମାନଙ୍କୁ ପ୍ରେରିତ ନିର୍ଦ୍ଦେଶନାମାଟି ହେଉଛି ଅଖାଡୁଆ ଏବଂ କଦର୍ଯ୍ୟ ଶବ୍ଦ ସମ୍ବଳିତ ଗୋଟିଏ ଦଲିଲ ଯାହାକୁ ଆମେ ଏଚ୍. ରିସ୍‌ଲେ ମହାଶୟଙ୍କ କଲମ ମୁନରୁ ଆଶା କରି ନ ଥିଲୁ । କିନ୍ତୁ ଏଥିରେ ନିହିତ ଥିବା ଉଦ୍ଦେଶ୍ୟ ଏବଂ ପନ୍ଥାଗୁଡ଼ିକ ବେଶ୍ ସୁନ୍ଦରଭାବେ ଏହା ପରିସ୍ଫୁଟ କରିଛି । ଏହାର ଉଦ୍ଦେଶ୍ୟ ହେଲା ସମଗ୍ର ବଙ୍ଗଳାରେ ଅଭିବୃଦ୍ଧି ଲାଭ କରିଥିବା ସ୍ୱେଚ୍ଛାସେବୀମାନଙ୍କର ବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ଆଣିବା ପାଇଁ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆୟୁଧ ରୂପେ ବ୍ୟବହାର କରି ରାଜନୈତିକ ଜୀବନର ବିକାଶକୁ ଶ୍ୱାସରୁଦ୍ଧ କରିବା ପାଇଁ ଏବଂ ଶିକ୍ଷା କ୍ଷେତ୍ରରେ ଥିବା ଦକ୍ଷତାସମ୍ପନ୍ନ ଓ ପ୍ରଭାବଶାଳୀ ମଣିଷମାନଙ୍କୁ ଏକ ରାଜନୈତିକ କ୍ଷମତାରେ ପରିଣତ ହେବାକୁ ନ ଦେବା ପାଇଁ । ଏହିପରି ଭାବେ ଲର୍ଡ଼ ମିଣ୍ଟୋ ସମ୍ଭବତଃ ଜନ୍ ମୋର୍ଲେଙ୍କ ଅନୁମୋଦନ କ୍ରମେ ଏଇ ଲକ୍ଷ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରଖିଛନ୍ତି । ସେମାନଙ୍କର ମଙ୍ଗଳମୟ ଆଉ ଉନ୍ନତ ମାନସିକତାସମ୍ପନ୍ନ ଦୃଷ୍ଟିରେ ଥିବା ବସ୍ତୁଗୁଡ଼ିକ ଚାରୋଟି ଶ୍ରେଣୀରେ ବିଭକ୍ତ, ଯଥା : ବିଦ୍ୟାଳୟର ବାଳକମାନେ, ମହାବିଦ୍ୟାଳୟର ଛାତ୍ରଗଣ, ବିଦ୍ୟାଳୟର ଶିକ୍ଷକବୃନ୍ଦ, ଅଧ୍ୟାପକଗଣ; ଆଉ ବୈଜ୍ଞାନିକ ଦୃଷ୍ଟିକୋଣରୁ ସତର୍କତା ସହକାରେ ଏକ ଭିନ୍ନ ଆଚରଣ ବିଧି ନିର୍ଦ୍ଧାରିତ ହୋଇଛି ପ୍ରତ୍ୟେକଟି ବିଭାଗ ପାଇଁ ।

ହାଇସ୍କୁଲର ଛାତ୍ରମାନଙ୍କ ପାଇଁ, ''ପିଲାମାନଙ୍କର ନିଜର ସ୍ୱାର୍ଥ ଦୃଷ୍ଟିରୁ ରାଜନୈତିକ ସଭାସମିତିଗୁଡ଼ିକରେ ଉପସ୍ଥିତ ରହିବା ଦ୍ୱାରା କିଂବା କୌଣସି ପ୍ରକାରର ରାଜନୈତିକ ବିକ୍ଷୋଭରେ ଅଂଶ ଗ୍ରହଣ କରିବା ଦ୍ୱାରା ସେମାନେ ସେମାନଙ୍କର କର୍ତ୍ତବ୍ୟକୁ ଯେ ଡୁଡ଼ି ବସିବେ ଏକଥା ସ୍ପଷ୍ଟତଃ ଅବାଞ୍ଛନୀୟ । କ୍ରମାଗତଭାବେ ଏବଂ ଶିକ୍ଷକମାନଙ୍କର ଅବା ପରିଚାଳନା କମିଟିର ପ୍ରୋତ୍ସାହନରେ କିଂବା ସମର୍ଥନ ଲାଭ କରି ହେଉ ଏତାଦୃଶ ଅନୁଚିତ ଆଚରଣର ପରିପ୍ରେକ୍ଷୀରେ ବିହିତ ଚେତାବନୀ ଦେଇ ସାରିବା ପରେ ଦୋଷୀ ବିଦ୍ୟାଳୟଗୁଡ଼ିକ ଉପରେ ନିମ୍ନମତେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ – (କ) ସ୍ଥାନୀୟ ସରକାରଙ୍କ ଦ୍ୱାରା, ଯାହାଙ୍କର ରହିଛି କ୍ଷମତା ଯେକୌଣସି ସହାୟକ ଅନୁଦାନ (Grant-in-aid)କୁ ପ୍ରତ୍ୟାହାର କରି ନେବାର ଆଉ ଛାତ୍ରବୃତ୍ତି (Scholarship) ପାଇଁ ପ୍ରତିଯୋଗିତାର ଏବଂ ଛାତ୍ରବୃତ୍ତିଧାରୀମାନଙ୍କୁ ଅଭ୍ୟର୍ଥନା ଦେବାର ସ୍ୱତନ୍ତ୍ର ସୁବିଧା (Privilege)କୁ ସ୍ଥଗିତ ରଖିବା ପାଇଁ (ଖ) ବିଶ୍ୱବିଦ୍ୟାଳୟ ଦ୍ୱାରା, ଯିଏ ବିଦ୍ୟାଳୟର ସ୍ୱୀକୃତିକୁ ପ୍ରତ୍ୟାହାର କରି ନେଇପାରେ, ତା'ର ଫଳସ୍ୱରୂପ ପ୍ରବେଶିକା ପରୀକ୍ଷା ପାଇଁ ପ୍ରାର୍ଥୀ ହିସାବରେ ଛାତ୍ରଛାତ୍ରୀମାନଙ୍କୁ ମନୋନୀତ କରିବାରୁ କ୍ଷାନ୍ତ ରହିବା ।'' ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ତେଣୁ

ସମସ୍ତ ପ୍ରକାରର ରାଜନୈତିକ ଶିକ୍ଷାରୁ ବଞ୍ଚିତ କରିବାକୁ ପଡ଼ିବ ଏବଂ ପ୍ରଶାସକ ଲୀ ଓ୍ୟାର୍ଣ୍ଣରଙ୍କର ଓ ମହାରାଣୀ ଭିକ୍ଟୋରିଆଙ୍କ ଜନ୍ମଦିନ 'Empire Day'ରେ ମିଳୁଥିବା ଏକମାତ୍ର ସୁଷମ ଖାଦ୍ୟରେ ଲାଳନପାଳନ କରିବାକୁ ହେବ । ରାଜନୈତିକ ସଭାମାନଙ୍କରେ କୌଣସି ଛାତ୍ର ଯୋଗଦାନ କଲେ, ଆପଣମାନେ ମନେ ରଖନ୍ତୁ, ହୋଇପାରେ ଅଭିଭାବକମାନଙ୍କର ସମ୍ପୂର୍ଣ୍ଣ ସମ୍ମତି ନେଇ, ବିଦ୍ୟାଳୟର ଶୃଙ୍ଖଳା ଭିତରେ ଏହାକୁ ଅନୁଚିତ ଆଚରଣ (Misconduct) ବୋଲି ଧରି ନେବାକୁ ହେବ । ଏଥିପ୍ରତି ଶୃଙ୍ଖଳାଗତ ଶାସ୍ତି ବିଧାନ କରାଯିବ, କହିବାକୁ ଗଲେ, ପିଲାମାନଙ୍କୁ ବେତ୍ରାଘାତ କିଂବା ବହିଷ୍କାର ଆକାରରେ ହେଉ । କିନ୍ତୁ ଶିକ୍ଷକ ହୁଅନ୍ତୁ ଅବା ପରିଚାଳନା କମିଟିର କର୍ତ୍ତୃପକ୍ଷ ହୁଅନ୍ତୁ ସେମାନେ ମନେ ରଖିବା ଉଚିତ ସେମାନେ ମଣିଷ ମାତ୍ର, କୁକୁର ନୁହଁନ୍ତି ଯେ ସରକାରଙ୍କଠାରୁ ମିଳୁଥିବା ସାମାନ୍ୟ ଖାଦ୍ୟ ଟିକକ ପାଇଁ ନ୍ୟାୟରେ କିଂବା ଅନ୍ୟାୟରେ ହେଉ ଯେକୌଣସି କାର୍ଯ୍ୟ କରିବା ପାଇଁ ଆଗଭର ହୋଇ ଉଠିବେ ? କ'ଣଟା ସେଠୁ ଭାସିଯିବ ସେମାନେ ଯଦି ଏଥିପାଇଁ ସରକାରଙ୍କର ଏହି ଘୃଣ୍ୟ କାର୍ଯ୍ୟକୁ ନ କରନ୍ତି ? ତା'ପରେ ସ୍ଥାନୀୟ ମାଜିଷ୍ଟ୍ରେଟ ଆସି ସହାୟକ ଅନୁଦାନ ପାଉଥିବା ଛାତ୍ରବୃତ୍ତିର ଏବଂ ଛାତ୍ର ବୃତ୍ତିଧାରୀମାନଙ୍କୁ ଅଭ୍ୟର୍ଥନା କରିବାର ସ୍ୱତନ୍ତ୍ର ସୁବିଧାଟିକୁ କାଢ଼ି ନେବେ । କିନ୍ତୁ ମନେ କରାଯାଉ ଜଣେ କିଂବା ଦୁଇଜଣ ବିଦ୍ୟାସାଗର ଏଇସବୁ ଉତ୍କୋଚକୁ ଘୃଣାପୂର୍ଣ୍ଣ ମନୋଭାବରେ ପ୍ରତ୍ୟାଖ୍ୟାନ କରି ଦେବେ ଓ ତାଙ୍କ ପୌରୁଷତ୍ୱକୁ ବଜାୟ ରଖିବାକୁ ଚାହିଁବେ ? ସେଥିପାଇଁ ମଧ ଏହି ଦୂରଦୃଷ୍ଟିସମ୍ପନ୍ନ ଆଦେଶ ପତ୍ର କିଛି ବିଧାନ କରିଛି । ବିଦ୍ୟାଳୟର ସ୍ୱୀକୃତିକୁ ମନା କରି ଦିଆଯାଇପାରେ, ତାହା ଏଭଳି ଧରଣର ବାରଣ ଯାହାର ଅର୍ଥ କଲେଜ ଶିକ୍ଷାରୁ ଏହାର ଛାତ୍ରମାନଙ୍କୁ ବଞ୍ଚିତ କରିବା । ଏହି ଉଦ୍ଦେଶ୍ୟ ସିଦ୍ଧି ପାଇଁ ସ୍ଥାନୀୟ ପ୍ରଶାସନ ବିଶ୍ୱବିଦ୍ୟାଳୟକୁ ଏକ ବିବରଣ ପେଶ୍ କରିବେ ''ଯାହା ଆଇନଗତ ଭାବେ ଆବଶ୍ୟକୀୟ ଦଣ୍ଡର ବିଧାନ କରିବା ପାଇଁ ଏକମାତ୍ର ଯୋଗ୍ୟ'' । କିନ୍ତୁ ଯଦି ଏହି ଏକମାତ୍ର ଆଇନର ହର୍ତ୍ତାକର୍ତ୍ତା ସ୍ଥାନୀୟ ସରକାରଙ୍କର ରିପୋର୍ଟ ଉପରେ କାରବାର କରିବା ପାଇଁ ମନା କରି ଦିଏ ? ତା'ହେଲେ ଏଥିରୁ ପ୍ରତୀୟମାନ ହୋଇଯିବ ଯେ ଆଉ ଜଣେ ଏକମାତ୍ର ସେଠାରେ ହର୍ତ୍ତାକର୍ତ୍ତା ଅଛନ୍ତି ଯିଏକି ବୈଧ ବା ଅବୈଧ ହେଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୋଗ୍ୟ,– ସେ ହେଲେ ଖୋଦ ସରକାର । ରିପୋର୍ଟଟିକୁ ରିପୋର୍ଟ ହିସାବରେ ନ ବୁଝି ଗୋଟିଏ ନିର୍ଦ୍ଦେଶ ହିସାବରେ ବୁଝିବାକୁ ହେବ ଆଉ ଯଦି ଏହି ଆଦେଶଟିକୁ ଅମାନ୍ୟ କରାଯାଏ, ବିଶ୍ୱବିଦ୍ୟାଳୟ – ''ଶିକ୍ଷା ସମ୍ବନ୍ଧୀୟ ଆସ୍ଥାକୁ ବହନ କରିବାରେ ବ୍ୟର୍ଥ ହୋଇ ପଡ଼ିବ ଯାହାର ଅଧିକାର ଏହାକୁ ଆଇନ ଦେଇଛି ଏବଂ ଏଥିରେ ହସ୍ତକ୍ଷେପ କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ଧରାଯିବ ।''

ତା'ପରେ ଯେଉଁ ଗୋଷ୍ଠୀଟି ଆସୁଛି ତାହା ଗଠିତ ହୋଇଛି ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ । ସେମାନଙ୍କ କ୍ଷେତ୍ରରେ ସାଧାରଣ ନିୟମ ଦୃଷ୍ଟିରୁ କେବଳ ଖାଲି ରାଜନୈତିକ ସଭାଗୁଡ଼ିକରେ ଉପସ୍ଥିତ ରହିଲେ ସରକାର ସେମାନଙ୍କୁ ଦଣ୍ଡିତ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ଆମେ ଧରି ନେଇଛୁ ଯେ କେତୋଟି ବିଶେଷ କ୍ଷେତ୍ରରେ, ଉଦାହରଣସ୍ୱରୂପ ଯଦି ଗୋଟିଏ ସଭାରେ ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପାଲ୍ କିଂବା ସୟଦ ହାଲ୍‌ଦାର୍ ରେଜା ବା ମିଃ. ତିଳକ ସମ୍ବୋଧିତ କରୁ ଥାଆନ୍ତି, ତା'ହେଲେ ସେଇ ଛାତ୍ରମାନଙ୍କୁ ଦଣ୍ଡିତ କରାଯିବ ନାହିଁ । କିନ୍ତୁ ସଭାରେ ଯଦି ସେମାନେ ସକ୍ରିୟ ଭାଗ ନିଅନ୍ତି ତା'ହେଲେ ଶୃଙ୍ଖଳା ରକ୍ଷା କରିବା କାର୍ଯ୍ୟଟି ଆରମ୍ଭ ହୋଇଯିବ । କୌଣସି କାର୍ଯ୍ୟ ଯଦି କଲେଜ ପାଇଁ ଅବାଞ୍ଛନୀୟ ବଦନାମ ଆଣି ଦିଏ ତା'ହେଲେ ସରକାରଙ୍କ ହସ୍ତକ୍ଷେପ ପାଇଁ ଯଥେଷ୍ଟ କାରଣ ରହିବ । ଧାରଣା (picketing)ରେ ବସିବାଟା ଅବଶ୍ୟ ଛାତ୍ରମାନଙ୍କ ପାଇଁ ନିଷେଧ, ସେହିପରି ପ୍ରକାଶ୍ୟ ହିଂସାର ଆଚରଣ ମଧ – ଯଥା : ଉଦାହରଣସ୍ୱରୂପ ମୁସଲମାନ ଗୁଣ୍ଡାମାନଙ୍କ କବଳରୁ ତାଙ୍କର ପୈତୃକ ବାସଗୃହକୁ, ଧନଜନକୁ କିଂବା ରାଜନୈତିକ ବଦମାସମାନଙ୍କ ଦ୍ୱାରା ତାଙ୍କର ପତ୍ନୀ, ଭଗିନୀ ଅବା ଜନନୀର ଇଜ୍ଜତ ଉପରେ କୌଣସି ଆଞ୍ଚ ନ ଆସିବା ପାଇଁ ସୁରକ୍ଷା ପ୍ରଦାନ କରିବା ।

ବିଦ୍ୟାଳୟର ଶିକ୍ଷକଙ୍କୁ କୃପାଭରା ଆଚରଣ ପ୍ରଦର୍ଶନ କରାଯାଏ । ସୁଦୟାବଶତଃ ତାଙ୍କୁ ଅଧିକାର ପ୍ରଦାନ କରାଯାଏ ନିଜ ମତାମତକୁ ବ୍ୟକ୍ତ କରିବା ପାଇଁ, ଏପରିକି ସୀମା ଭିତରେ ରହି, ପ୍ରଶାସନ ତାଙ୍କ ପାଇଁ ଯାହା ନିର୍ଦ୍ଦିଷ୍ଟ କରି ଦେଇଛି । ''ତେଣୁ ଯଦି ସର୍ବସାଧାରଣରେ ବିଦ୍ୟାଳୟର ଶିକ୍ଷକଙ୍କ ମୁହଁରୁ ସେମିତି କିଛି ଟିପ୍ପଣୀ ପ୍ରକାଶ ପାଏ ଯାହା ଫଳରେ ତାଙ୍କ ତତ୍ତ୍ୱାବଧାନରେ ଥିବା ପିଲାମାନଙ୍କର ଅପରିପକ୍ୱ ମସ୍ତିଷ୍କ ଭିତରେ କିଛି ମତବାଦ ସ୍ଥାନ ପାଇବା ଦ୍ୱାରା ସେମାନଙ୍କର ସୁଶୃଙ୍ଖଳିତ ବିକାଶ ବିପଦାପନ୍ନ ହୋଇ ପଡ଼ିଲା ଭଳି ଅବସ୍ଥା

ସୃଷ୍ଟି ହେବ ଯେଉଁ ମତବାଦ ସେମାନଙ୍କ କର୍ତ୍ତୃପକ୍ଷଙ୍କ ପ୍ରତି ରହିଥିବା ସମ୍ମାନଟିକୁ ନଷ୍ଟ କରିବା ପାଇଁ, ନାଗରିକ ହିସାବରେ ସେମାନଙ୍କ ଉପଯୋଗିତାକୁ କ୍ଷୁଣ୍ଣ କରିବା ପାଇଁ ଆଉ ଅଧ୍ୟୟନ ପରବର୍ତ୍ତୀ ଜୀବନରେ ସେମାନଙ୍କର ଅଗ୍ରଗତିକୁ ବ୍ୟାହତ କରିବା ପାଇଁ ପରିକଳ୍ପିତ, ତା'ହେଲେ ତାଙ୍କର ସମୁଦାୟ ଆଚରଣର ଧାରା ନିଶ୍ଚିତ ଭାବେ କର୍ତ୍ତବ୍ୟରେ ଅବହେଳା ବୋଲି ଧରାଯିବ ଏବଂ ସେଥିପାଇଁ ସମୁଚିତ ଶୃଙ୍ଖଳାଗତ ଶାସ୍ତି ବିଧାନ କରା-ଯାଇପାରେ।'' ବିଦ୍ୟାଳୟର ଶିକ୍ଷକଙ୍କୁ ସରଳ ବେସରକାରୀ ଇଂରେଜୀ ଭାଷାରେ ଆନୁଗତ୍ୟ ଆଉ ଅଧୀନତା ସମ୍ପର୍କରେ ଶିକ୍ଷା ଦେବା ପାଇଁ ଅନୁମତି ମିଳିବ, କିନ୍ତୁ ଯଦି ସେ ଛାତ୍ରମାନଙ୍କୁ ଦେଶାତ୍ମବୋଧ ବିଷୟରେ ଶିକ୍ଷା ଦିଅନ୍ତି ତା'ହେଲେ ତାଙ୍କୁ ଯେମିତି ହେଲେ କାର୍ଯ୍ୟରୁ ନିଲମ୍ବିତ କରାଯିବ, ତଳ ପାହ୍ୟାକୁ ଖସେଇ ଦିଆଯିବ, ନଚେତ୍ ଚାକିରିରୁ ବହିଷ୍କାର କରାଯିବ। ଯଦି ସେ ଛାତ୍ରଛାତ୍ରୀମାନଙ୍କୁ ସାଙ୍ଗରେ ଧରି ରାଜନୈତିକ ସଭାସ୍ଥଳକୁ ଯାଆନ୍ତି କିଂବା ସେସବୁ ଜାଗାକୁ ଯିବା ପାଇଁ ସେ ସେମାନଙ୍କୁ ଉତ୍ସାହିତ କରନ୍ତି – ସାମ୍ରାଜ୍ୟ ଦିବସ (Empire Day)ର ସମାରୋହକୁ ବାଦ୍ ଦେଇ – ତେବେ ତାଙ୍କୁ ତତ୍କ୍ଷଣାତ୍ ଚାକିରିରୁ ଅବଶ୍ୟ ବହିଷ୍କାର କରାଯିବ। ଶେଷରେ କଲେଜର ଅଧ୍ୟାପକବୃନ୍ଦ ଯଥା : ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନାର୍ଜୀ, ଅଶ୍ୱିନୀ କୁମାର ଦତ୍ତ, କୃଷ୍ଣ କୁମାର ମିତ୍ରଙ୍କ ପରି ମନୀଷୀମାନଙ୍କ ମୁହଁରେ ଆଉ ତୁଣ୍ଡି ବାନ୍ଧିବା ପ୍ରୟୋଜନ ହେବ ନାହିଁ କିନ୍ତୁ ସେମାନଙ୍କ ହାତଗୁଡ଼ିକ ବନ୍ଧା ହେବ। ''ଯଦି ସେ ତାଙ୍କର ଛାତ୍ରମାନଙ୍କର ମନକୁ ରାଜନୈତିକ ଆନ୍ଦୋଳନ ଆଡ଼କୁ ଆକର୍ଷିତ କରନ୍ତି'' ଯାହା କେତେ ଦଶନ୍ଧି ପୂର୍ବେ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ କରି ସାରିଛନ୍ତି; ''ଯଦି ସେ ସେମାନଙ୍କୁ ରାଜନୈତିକ ସଭାଗୁଡ଼ିକରେ ଉପସ୍ଥିତ ରହିବା ପାଇଁ ଉତ୍ସାହିତ କରନ୍ତି କିଂବା ବ୍ୟକ୍ତିଗତଭାବେ'' ସେମାନଙ୍କୁ ସଭାସ୍ଥଳୀକୁ ନେଇ କରି ଯାଆନ୍ତି – ଏଇଟା ପ୍ରକାଶ୍ୟରେ ଶ୍ରୀଯୁକ୍ତ କୃଷ୍ଣ କୁମାର ମିତ୍ର ଏବଂ ନିର୍ଦ୍ଦେଶନାମାର ବିରୋଧି ସଂଘକୁ ଲକ୍ଷ୍ୟ ରଖି କୁହାଯାଇଛି – ''କିଂବା ଯଦି ସେ ଏମିତି ଏକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ଯଦ୍ଦ୍ୱାରା ତାଙ୍କୁ ନିଯୁକ୍ତି ମିଳିଥିବା କଲେଜର ଅସ୍ତିତ୍ୱ ଏବଂ କାର୍ଯ୍ୟ କ୍ରମରେ ବିଭ୍ରାଟ ସୃଷ୍ଟି ହେବ'' – ଏହି ସାଙ୍କେତିକ ଉକ୍ତିଟିର ଅର୍ଥ ଯାହା ହୋଇଥାଉ ନା କାହିଁକି, – କଲେଜର ସ୍ୱୀକୃତିକୁ ପ୍ରତ୍ୟାହାର କରି ନିଆଯିବ କିଂବା ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଟି ବଳପୂର୍ବକ ତଡ଼ା ଖାଇବ।

ଆଇନ ବହିର୍ଭୂତ ଏଇ ଜୋର୍ ଜବରଦସ୍ତି ବ୍ୟବସ୍ଥା (Ukase) ଋଷିଆର ଜାର୍‌ଙ୍କ ନିର୍ଦ୍ଦେଶକୁ ଅତିକ୍ରମ କରିଯାଇଛି। ଏମିତିକି ଋଷିଆରେ ତରୁଣମାନଙ୍କ ଭିତରେ ରାଜନୈତିକ ଜୀବନକୁ ଏବଂ ଦେଶାତ୍ମବୋଧ କାର୍ଯ୍ୟକଳାପକୁ ନିରୁତ୍ସାହିତ କରିବା ପାଇଁ ଏ ଧରଣର ସୁଚିନ୍ତିତ କଠୋର ପଦକ୍ଷେପଗୁଡ଼ିକ ମଧ୍ୟ ନିଆଯାଇ ନାହିଁ। ଏପରିକି ସର୍ବଶକ୍ତିମାନ୍ ଜାର୍ ମଧ୍ୟ ଏଭଳି ମନମୁଖୀ ଅତ୍ୟାଚାରପ୍ରବଣ ଏବଂ କୌତୂହଳୋଦ୍ଦୀପକ କଠୋର ଅନୁଶାସନକୁ ଜାରି କରିବା ପାଇଁ ଭରସି ନାହାନ୍ତି। ଏହାର ଅର୍ଥ ହେଲା ଆତ୍ମସମ୍ମାନବୋଧ ଥିବା କୌଣସି ସ୍ୱଦେଶ-ପ୍ରେମୀ ଭବିଷ୍ୟତରେ ସରକାରୀ ଶିକ୍ଷା କ୍ଷେତ୍ରରେ ଥିବା ଚାକିରିରେ କିଛି ହେଲେ ଦାୟିତ୍ୱପୂର୍ଣ୍ଣ ପଦବୀରେ ଯୋଗ ଦେବେ ନାହିଁ କିଂବା ରହିବେ ନାହିଁ; ଯଦି ସେ ଚାକିରିରେ ରହି ଯାଆନ୍ତି ତାଙ୍କୁ ବେଶୀ ଦିନ ରହିବାକୁ ଦିଆ ଯିବନି। ଏହାର ଅର୍ଥ ଘରୋଇ ସ୍କୁଲ କଲେଜଗୁଡ଼ିକର ସ୍ଥିତି ଅସହ୍ୟ ହୋଇ ଉଠିବ ଏବଂ ଶେଷରେ ସେମାନେ ସରକାରୀ ବିଶ୍ୱବିଦ୍ୟାଳୟ ସହିତ ସମ୍ପର୍କ ଛିନ୍ନ କରି ଦେବା ପାଇଁ ବାଧ୍ୟ ହେବେ। ଏହାର ଅର୍ଥ ଯଦି ଦେଶ ଭିତରେ ତିଳ ପ୍ରମାଣ ଆତ୍ମସମ୍ମାନର ଅବଶେଷ କେଉଁଠି ରହିଯାଏ, ତା'ହେଲେ ସରକାରୀସ୍ତରୀୟ ବିଶ୍ୱବିଦ୍ୟାଳୟର ବିଲୋପ ଘଟିବ ଏବଂ ଏକ ଜାତୀୟ ବିଶ୍ୱବିଦ୍ୟାଳୟର ବିକାଶ ସାଧିତ ହେବ। ଆଉ ଏହି କାରଣ ପାଇଁ ଆମେ ଆଦେଶପତ୍ର (Circular)କୁ ସ୍ୱାଗତ କରୁଛୁ ଏବଂ ଆଶା ପ୍ରକାଶ କରୁଛୁ ଯେ ଏହାର ସର୍ତ୍ତଗୁଡ଼ିକ ବେଶ୍ କଡ଼ାକଡ଼ି ଭାବେ ବଳବତ୍ତର କରାଯିବ।

[ବନ୍ଦେ ମାତରମ୍, ମେ ୮, ୧୯୦୭]

**ପ୍ରସଙ୍ଗ କ୍ରମେ :**

ଆମର ବିଶ୍ୱାସ ଆଙ୍ଗ୍ଲୋ-ଭାରତ ପ୍ରତିରକ୍ଷା ସମିତି (The Anglo-Indian Defence Association) ତିଷ୍ଠି ରହିଛି ଜଣ ଜଣ କରି ତଥା ସାର୍ବଜନିକ ଭାବେ ଆଙ୍ଗ୍ଲୋ-ଭାରତୀୟମାନଙ୍କର ସ୍ୱାର୍ଥକୁ ତୋଳି ଧରିବା ଉଦ୍ଦେଶ୍ୟରେ। ସେ ସ୍ୱାର୍ଥ, ନ୍ୟାୟ କିଂବା ଅନ୍ୟାୟବଶତଃ ହୋଇଥାଉ, ସେ ବ୍ୟକ୍ତି ଜଣକ ଗୋଟିଏ ଉତ୍ତମ ନାଗରିକ ହୋଇଥାଉ କିଂବା ଆଇନ ତା'ର ପିଛା କରୁଥିବା ଗୋଟିଏ ନାଗରିକ ହୋଇଥାଉ। ଏପରି ଗୋଟିଏ ସଙ୍ଗଠନ ମଧ୍ୟ ମୁସଲମାନ ଗୁଣ୍ଡାମାନଙ୍କର ହିତ ସାଧନ

ଉଦ୍ଦେଶ୍ୟରେ ଯେ ନେତୃତ୍ୱ ଦେବାର ଦେଖିବାକୁ ମିଳିବ ଏଥିରେ ସେମିତି କିଛି ବିସ୍ମିତ ହେବାର ନାହିଁ, ଯେଉଁ ଗୁଣ୍ଡାମାନେ କି ବର୍ତ୍ତମାନ ପାଇଁ ଆଙ୍ଗ୍ଲୋ-ଭାରତର ଉତ୍ତମ ବନ୍ଧୁ, ମିତ୍ର ଓ ଭାଇ ସଦୃଶ ବାହୁରେ ବାହୁ ଛନ୍ଦି ସ୍ୱଦେଶୀ ବିରୋଧରେ ସେ ଚଳେଇଥିବା ଲଢ଼େଇରେ ସାମିଲ ହୋଇ ଯାଉଛନ୍ତି । ସ୍ୱର୍ଗତଃ ସାର୍ ରିଚାର୍ଡ଼ ଗାର୍ଥଙ୍କ ପୁତ୍ର ବୋଲି କଥିତ ପ୍ରଧାନ ବିଚାରପତି ତଥା ''ଭାରତ ବାନ୍ଧବଗଣ'' (Friends of India))ଙ୍କର ନିମ୍ନମାନର ଓ ବିଶାଳ ସଂଖ୍ୟକ ଗୋଟିଏ ଗୋଷ୍ଠୀ ଭିତରୁ ମିଃ. ଗାର୍ଥ ନାମଧେୟ ଜଣେ ବିଶିଷ୍ଟ ବ୍ୟକ୍ତି ଉକ୍ତ ଅବସରରେ ଭାଷଣବାଜି କରୁଥିବା ବୀରପୁରୁଷ ସାଜି ଅବତୀର୍ଣ୍ଣ ହୋଇଥିଲେ ବର୍ତ୍ତମାନ ପାଇଁ । ସୋମବାର ଦିନ ମ୍ୟାଙ୍ଗୋଲେନ୍‌ରେ ଏ ଭଦ୍ର ବ୍ୟକ୍ତିଙ୍କର ଏକ ଭାଷଣକୁ ଉଦ୍ଧାର କରାଯାଇଛି, ଯେଉଁଥିରେ ସ୍ୱଦେଶୀ ବଙ୍ଗାଳୀମାନଙ୍କ ବିରୋଧରେ ଗୋଟିଏ ସ୍ତମ୍ଭ(Column)ରୁ ଅଧିକ ଅପମାନଭରା ଉକ୍ତି ଏବଂ ଭୁଲ୍ ତଥ୍ୟମାନ ପରିବେଷଣ କରାଯାଇଥିଲା । ଆଚମ୍ବିତ ବିଶ୍ୱକୁ ସେ ସୂଚନା ଦେଲେ ଯେ ବଙ୍ଗଳାର ପ୍ରେସ ଯେଉଁ ବିବରଣୀ ପ୍ରଦାନ କରିଥିଲା ତାହା ପୂର୍ବ ବଙ୍ଗଳାରେ ପରିଦୃଷ୍ଟ ଘଟଣାବଳୀର ନିହାତି ବିପରୀତ । ଆମେ ଏଇ ଉକ୍ତିଟିକୁ ଠିକ୍ ଭାବେ ବୁଝି ପାରୁନୁ । ମିଃ. ଗାର୍ଥଙ୍କ ଉକ୍ତିର ତାତ୍ପର୍ଯ୍ୟ କ'ଣ ଏଇଆ ଯେ ମୁସଲମାନମାନେ ଲୁଣ୍ଠନର ଶିକାର ହେଉଛନ୍ତି, ସେମାନଙ୍କ ଲୋକମାନେ କ୍ଷତ-ବିକ୍ଷତ ହେଉଛନ୍ତି ଏବଂ ଆହତ ହେଉଛନ୍ତି, ସେମାନଙ୍କ ନାରୀମାନଙ୍କ ପ୍ରତି ଅସଦାଚରଣ ହେଉଛି, ଯେତେବେଳେ କି ସରକାରୀ କର୍ମଚାରୀବୃନ୍ଦ ସେମାନଙ୍କ ଆକ୍ରମଣକାରୀମାନଙ୍କୁ ଅବାଧ ସୁଯୋଗ ଦେଇ ଚାଲିଛନ୍ତି ଏବଂ ଆତ୍ମରକ୍ଷାର ସମସ୍ତ ପ୍ରଚେଷ୍ଟାକୁ ଦମନ କରି ରଖିବାରେ ନିଜକୁ ବ୍ୟସ୍ତ ରଖୁଛନ୍ତି ? ବଙ୍ଗଳାର ସମ୍ବାଦପତ୍ରଗୁଡ଼ିକ ଯାହା ପ୍ରକାଶ କରିଛନ୍ତି ଏଇଟା ହେଉଛି ଠିକ୍ ତା'ର ବିପରୀତ ।

କିନ୍ତୁ ମିଃ. ଗାର୍ଥ ତା'ପରେ ଏଭଳି ଆଶ୍ୱାସନା ଦେଇ ଚାଲିଛନ୍ତି ଏ ସମୟରେ ଯାହା ଜଗତକୁ ଯୁଗପତ୍ ଭୟ ଓ ବିସ୍ମୟରେ ହତବାକ୍ କରି ଦେବ – ଅର୍ଥାତ୍ ସେ ନିଜେ, ମିଃ. ଗାର୍ଥ ବେଶ୍ ସନ୍ତୋଷ ପ୍ରକଟ କରିଛନ୍ତି, କୁଆଡ଼େ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକ ସମ୍ପୂର୍ଣ୍ଣ ମିଥ୍ୟା ଉକ୍ତି ଉପରେ ଆଧାରିତ । ଯେଉଁ ଅଭିଯୋଗଗୁଡ଼ିକ ବିରୋଧରେ କର୍ମଚାରୀମାନେ ପ୍ରତିବାଦ କରିଥିଲେ ଆଉ ଆଙ୍ଗ୍ଲୋ-ଭାରତୀୟ ଦୈନିକ ଖବର କାଗଜଗୁଡ଼ିକ ଯାହାକୁ ଖଣ୍ଡନ କରିବା ପାଇଁ ସକ୍ଷମ ହୋଇ ନାହାନ୍ତି । ସେଗୁଡ଼ିକ ଖଣ୍ଡନ କରିବା ପାଇଁ ଯେ ଏକମାତ୍ର ତଥ୍ୟ ରହିଛି କିଂବା ଉକ୍ତ ପ୍ରମାଣର ସାମାନ୍ୟତମ ଅଂଶକୁ ବିଚାରାଳୟରେ ଯେ ଯାଞ୍ଚ କରାଯାଇନି, ଏକଥା ସେ, ଅର୍ଥାତ୍ ଅନାୟାସରେ ସନ୍ତୁଷ୍ଟ ହୋଇ ପଡ଼ିଥିବା ମିଃ. ଗାର୍ଥ ଛଳନାବଶତଃ କହୁ ନାହାନ୍ତି । ମିଃ. ଗାର୍ଥଙ୍କର ଆନ୍ତର ଚେତନା, ଅବଚେତନ ସତ୍ତା, ତାଙ୍କ ଭିତରେ ରହିଥିବା ବାରିଷ୍ଟର ରୂପୀ ବାହ୍ୟ ବ୍ୟକ୍ତିଟିକୁ ପ୍ରତିଶ୍ରୁତି ଦେଇଥିଲା ମେସର୍ସ. କ୍ଲାର୍କ, ଲୋଘ୍‌ମ୍ୟାନ୍ ଏଣ୍ଡ୍ କୋଙ୍କ ନିର୍ଦୋଷତା ସମ୍ପର୍କରେ ଯେ ସେମାନେ ବର୍ତ୍ତମାନ ଦୋଷମୁକ୍ତ । ମିଃ. ଗାର୍ଥ ମଧ୍ୟ ସମ ଭାବରେ ଦୃଢ଼ ନିଶ୍ଚିତ ଯେ ନିକଟରେ ଘଟି ଯାଇଥିବା ଦଙ୍ଗାଗୁଡ଼ିକ ଭିତରୁ କୌଣସି ଗୋଟିକ ବି ମୁସଲମାନମାନେ ଆରମ୍ଭ କରି ନାହାନ୍ତି – ହିନ୍ଦୁମାନେହିଁ ଯାଇ ସେମାନଙ୍କୁ ବାଧ୍ୟ କରିଥିଲେ ଦଙ୍ଗା ଓ ଲୁଟପାଟ ପାଇଁ, ପରିସ୍ଥିତିକୁ ବିଗାଡ଼ିବା ପାଇଁ – ତେଣୁ ଜମାଲପୁର ଓ ଦେୱାନ୍‌ଗଞ୍ଜର ଲୋକେ ବ୍ୟଗ୍ର ହୋଇ ଉଠିଥିଲେ ନିଜ ଉପରକୁ ସବୁଠୁ କଦର୍ଯ୍ୟ ଏଇ ଦୁରାଚାର ଏବଂ ଅପମାନ ସବୁକୁ ନେଇ ଆସିବାକୁ । ଅନ୍ତର୍ଦୃଷ୍ଟି ଓ ବିଚାରର ଏହି ଚମତ୍କାର ସାମର୍ଥ୍ୟଗୁଡ଼ିକୁ ଧରି ମିଃ. ଗାର୍ଥ ବାରିଷ୍ଟର ଭାବରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ସମୀଚୀନ ହୋଇ ଥାଆନ୍ତା, ଯାହା ସେ ଏପର୍ଯ୍ୟନ୍ତ କରିବାରେ ସଫଳତା ଅର୍ଜନ କରିଛନ୍ତି ତା'ହେଲେ ତା' ଅପେକ୍ଷା ଢେର ଅଧିକା କିଛି କରି ପାରିଥା'ନ୍ତେ ।

ପ୍ରତିଭାବାନ୍ ଏଇ ବିଶିଷ୍ଟ ଆଇନଜୀବୀଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ମୁସଲମାନମାନଙ୍କର ମୋକଦ୍ଦମାଟି ହେଲା ସେମାନଙ୍କୁ କୁଆଡ଼େ ଗୋରୁଗାଈ ଭଳି ପିଟାପିଟି କରି ପାଗଳ ଅବସ୍ଥାକୁ ଅଣାଯାଇଥିଲା । ତାଙ୍କ ଉକ୍ତିକୁ ପ୍ରମାଣ କରିବାକୁ ଯାଇ ଇତିହାସର ଭୁଲ୍ ବ୍ୟାଖ୍ୟା ଦିଗରେ ସେ କୌଣସି ସଂଶୟକୁ ବାଦ୍ ଦେଇ ନାହାନ୍ତି । ସେ କହିଛନ୍ତି, ହିନ୍ଦୁମାନେ ମୁସଲମାନମାନଙ୍କୁ ସେମାନଙ୍କ ସାଥିରେ ଆସି ଯୋଗଦେବା ପାଇଁ ସବୁଠୁ କଠିନ ଉଦ୍ୟମ କରିଥିଲେ କିନ୍ତୁ ସମ୍ପୂର୍ଣ୍ଣ ବିଫଳ ହୋଇ ଯାଇଛନ୍ତି । ବିଭାଜନ ଆନ୍ଦୋଳନ ସମୟରେ ହିନ୍ଦୁ ମୁସଲମାନଙ୍କ ଏକତା କଥା ଆମେ ଯେତେବେଳେ ମନେ ରଖିଛୁ ସେତେବେଳେ ଏ ପ୍ରକାରର ନିର୍ଭୀକ ମିଥ୍ୟା ଉକ୍ତିଟିକୁ ପ୍ରଶଂସା ନ କରି ରହି ପାରୁନୁ । ତେବେ ହିନ୍ଦୁମାନେ ବ୍ୟର୍ଥ ମନୋରଥ ହୋଇଗଲେ ଏବଂ ବିଦେଶୀ ଦ୍ରବ୍ୟଗୁଡ଼ିକର ଗରିବ ବିକ୍ରେତାମାନଙ୍କୁ ଭୟ ପ୍ରଦର୍ଶନ ପାଇଁ ଚେଷ୍ଟା କଲେ । ସେଇ

ବିକ୍ରେତାମାନେ ଜଣ ଜଣ କରି ସମସ୍ତେ, ଆପଣମାନେ ଯଦି ଅନୁଗ୍ରହପୂର୍ବକ ଶୁଣିବେ... ହଁ, ହଁ ଜଣ ଜଣ କରି ସମସ୍ତେ ହେଉଛନ୍ତି ମୁସଲମାନ, ମିଃ. ଗାର୍ଥ ଏକଥା କହିଥିଲେ ଏକ ଆମୋଦଦାୟକ ପ୍ରେମରସ ରଞ୍ଜିତ ଢଙ୍ଗରେ । କିନ୍ତୁ, ତେବେ ବି ମୁସଲମାନମାନେ ଦେବଦୂତ ତୁଲ୍ୟ ସେମାନଙ୍କ ଧୈର୍ଯ୍ୟକୁ ହରାଇ ନାହାନ୍ତି, ତଥାପି ହ୍ୟାରେ ଷ୍ଟ୍ରିଟ୍‌ର ତୂର୍ଯ୍ୟନାଦ ପ୍ରତି ସେମାନେ କାନ ଡେରି ନାହାନ୍ତି । କିନ୍ତୁ ସର୍ବଶେଷରେ ହିନ୍ଦୁମାନେ ସ୍ୱେଚ୍ଛାସେବୀ ସଙ୍ଗଠନମାନ ଗଢ଼ିବା ଓ ବାଡ଼ି ଖେଳ, ଖଣ୍ଡା ଖେଳ ଶିଖିବା ଆରମ୍ଭ କରି ଦେଲେ । ଏଇଟା ହିଁ ଥିଲା ଅପମାନର ଚରମ ପର୍ବ ଯାହା ମୁସଲମାନମାନଙ୍କୁ ପାଗଳାମି ଆଡ଼କୁ ଠେଲି ନେଇଥିଲା । ମିଃ. ଗାର୍ଥଙ୍କ ଟିପ୍ପଣୀ ଅନୁସାରେ, ହିନ୍ଦୁମାନେ ଯେ ଖଣ୍ଡାଖେଳ ଓ ବାଡ଼ିଖେଳ ଶିଖିବା ଉଚିତ ଏଇତକ ହିଁ ଅତ୍ୟାଚାର, ଲୁଣ୍ଠନ, ହତ୍ୟା, ଅଙ୍ଗଚ୍ଛେଦନ ଏବଂ ନାରୀମାନଙ୍କ ପ୍ରତି ଅସୌଜନ୍ୟ ପ୍ରଦର୍ଶନ ପରି କାମଗୁଡ଼ିକୁ ପ୍ରତିପାଦନ କରିବା ପାଇଁ ଯଥେଷ୍ଟ । ଏହାପରେ ସେ କହିଛନ୍ତି ମୁସଲମାନମାନେ ସେମାନଙ୍କ ନେତାମାନଙ୍କୁ ପଚାରିବା ଆରମ୍ଭ କରିଲେ, ''ଏସବୁ କଅଣ ଚାଲିଛି'' ? ଏଥିରେ ତ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବ୍ରିଟିଶ ଶାସନ ଅଧୀନରେ ଏ ସମସ୍ତ ହଟ୍ଟଗୋଳ ଓ ହିଂସା, ଏ ସକଳ ଆର୍ମେନୀୟ ଓ ବୁଲ୍‌ଗେରୀୟ (Armenian and Bulgarian) ବିଭୀଷିକା ହେଉଛି, କେବଳ ନିରପରାଧ, ଧୈର୍ଯ୍ୟବାନ୍, ଅନୁଗତ ମୁସଲମାନର ତା' ନେତୃବର୍ଗଙ୍କୁ ''ଏସବୁ କଅଣ ଚାଲିଛି'' ବୋଲି ପଚାରିବାର ଏକ ଉଦ୍ରେଚିତ ମାର୍ଗ ।

ଉପରୋକ୍ତ କଥାଗୁଡ଼ିକ ଆମେ ଲେଖୁଛୁ ଅନ୍ତରର ନିହାତି ତିକ୍ତ ଭାବ ନେଇ । ଭାରତରେ ଇଂରେଜମାନଙ୍କର ସମ୍ପୂର୍ଣ୍ଣ ନୈତିକ ସମର୍ଥନରେ ହିନ୍ଦୁ ଉପରେ ଅକଥନୀୟ ଅତ୍ୟାଚାର ଯେ ସଂଘଟିତ ହୋଇଥିଲା ଏହା ପୂର୍ବାପେକ୍ଷା ଅଧିକ ସ୍ପଷ୍ଟ ହୋଇ ଯାଇଛି । ସରକାରୀ କର୍ମକର୍ତ୍ତାଗଣ ସେମାନଙ୍କୁ ଅନୁମତି ଦେଇଛନ୍ତି, ଆଙ୍ଗ୍ଲୋ-ଭାରତୀୟ ସମ୍ବାଦପତ୍ରଗୁଡ଼ିକ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇଛନ୍ତି, ଆଙ୍ଗ୍ଲୋ-ଭାରତୀୟ ବକ୍ତାମାନେ ସେମାନଙ୍କୁ ଘଣ୍ଟ ଘୋଡ଼ାଇଛନ୍ତି, ଆଉ ଯେଉଁସବୁ ଅଭିଭାଷଣ ଓ ଲେଖାଗୁଡ଼ିକରେ ସେମାନଙ୍କ ପ୍ରତି ସମର୍ଥନ ଜ୍ଞାପନ କରାଯାଇଛି ତାହା ବଙ୍ଗଳାର ସମଗ୍ର ହିନ୍ଦୁ ନେତାମାନଙ୍କ ପ୍ରତି ଦୁର୍ବିଷହ ଅପମାନରେ ଭରପୂର । ଏତେ ହୀନସ୍ତା ହେଲା ପରେ ବି ଆମେ 'ଇଂଲିଶମ୍ୟାନ୍' ଏବଂ 'ଏମ୍ପାୟାର୍'କୁ କିଣିବା ବନ୍ଦ କରିନୁ । ମିଃ. ଗାର୍ଥ ଓ ତାଙ୍କ ସମଧର୍ମୀ ଲୋକମାନଙ୍କୁ ସୁହାଇଲା ପରି ତାଙ୍କରି ଭାଷଣର ସଂକ୍ଷିପ୍ତ ବିବରଣୀଗୁଡ଼ିକ ପ୍ରଦାନ କରି ଲାଗିଛୁ । ମିଃ. ଗାର୍ଥ ତାଙ୍କ ବକ୍ତୃତା ଭିତରେ ଅନୁମାନତଃ ସମୁଦାୟ ବଙ୍ଗାଳୀ ଆଇନଜୀବୀମାନଙ୍କୁ ତଥା ପ୍ରେସକୁ ମିଥ୍ୟାବାଦୀର ଏକ ଗଣ୍ଡିଳି ବୋଲି ସମ୍ବୋଧନ କରିଥିବାରୁ ଜଣେ ପ୍ରମୁଖ ସ୍ୱଦେଶୀ ନେତା ଠିକ୍ ତା'ର ଦିନକ ପରେ ପୁରସ୍କାର ସ୍ୱରୂପ ସେଇ ବକ୍ତୃତାର ଏକ ସଂକ୍ଷିପ୍ତ ବିବରଣୀ ମିଃ. ଗାର୍ଥଙ୍କୁ ଆଣି ପ୍ରଦାନ କରିଥିଲେ ବୋଲି ଆମେ ଶୁଣିବାକୁ ପାଇଛୁ । ଯଦି ଏକଥା ସତ ହୋଇଥାଏ ତା'ହେଲେ ଆମ ପ୍ରତି ପ୍ରୟୋଗ କରାଯାଇ ପାରୁଥିବା ପ୍ରତିଟି ଅପମାନର ଆମେମାନେ ହିଁ ହକ୍‌ଦାର ।

[ବନ୍ଦେ ମାତରମ୍, ମେ ୯,୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

ମଣିଷ ଯାହା କରି ସାରିଛି, ଚିରକାଳ ପାଇଁ ସେଇଗୁଡ଼ିକର ପୁନରାବୃତ୍ତି କରି ଚାଲିବା ଆମର କାମ ନୁହେଁ । ଆମର କାମ ହେଉଛି ଏପରି ସବୁ ନୂତନ ସିଦ୍ଧିରେ ପହଞ୍ଚିବା ଓ ଏପରି ସବୁ ରହସ୍ୟର ଉଦ୍‌ଘାଟନ କରିବା ଯାହାକୁ କେହି ସ୍ୱପ୍ନରେ ମଧ୍ୟ ଦେଖି ନାହାନ୍ତି । ଆମର କ୍ଷେତ୍ର ରୂପେ ଦିଆଯାଇଛି ସମୟ, ଆତ୍ମା ଓ ଜଗତ୍; ଦୃଷ୍ଟି, ଆଶା ଓ ସୃଜନଶୀଳ କଳ୍ପନା ଆମକୁ ଦିଅନ୍ତି ସଂଳାପର ଗୋପନ ଇଙ୍ଗିତ, ସଂକଳ୍ପ, ବିଚାର ଏବଂ ଶ୍ରମ ହେଉଛି ଆମର ସର୍ବ ଫଳପ୍ରଦ ଯନ୍ତ୍ର ଓ ଉପାୟ ।

— ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଆଶ୍ରମ ଓ ଶ୍ରୀମା'ଙ୍କ ତିରୋଧାନ

***ପ୍ରଶ୍ନ :** ମା'ଙ୍କ ତିରୋଧାନ ପରେ ଆଶ୍ରମର ଅସ୍ତିତ୍ୱର କେବଳ ଏକମାତ୍ର ଯୁକ୍ତିଯୁକ୍ତ କାରଣ ରହିଛି ଯଦି ଏହା ଅତିମାନସର ଅଭିବ୍ୟକ୍ତି ତଥା ମଣିଷ ପ୍ରକୃତିର ଅତିମାନସ ରୂପାନ୍ତରର ଏକ କେନ୍ଦ୍ର ଅଥବା ଏକ ଗବେଷଣାଗାର ରୂପେ କାର୍ଯ୍ୟ କରିପାରେ ।*

*ଶ୍ରୀଅରବିନ୍ଦ କହିଥିଲେ ଯେ ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ମା'ଙ୍କର ଉପସ୍ଥିତି ଓ ଶକ୍ତି ଆବଶ୍ୟକ । ମା ତ' ତାଙ୍କର ପାର୍ଥିବ ତନୁ ତ୍ୟାଗ କଲେ । ଯଦି ଉପସ୍ଥିତି ଅର୍ଥ ସ୍ଥୂଳ ଉପସ୍ଥିତିକୁ ବୁଝାଏ ତେବେ ମା'ଙ୍କୁ ତାଙ୍କର **ନୂତନ ଶରୀର** ନେଇ ଆସିବାକୁ ହେବ ।*

*ଏହାଛଡ଼ା ଅନ୍ୟ କିଛି ଉପାୟ ଅଛି କି ?*

*ଅଥବା ଅତିମାନସ ଶକ୍ତି ୧୯୫୬ ମସିହାରୁ ଅବତରଣ କରି ସକ୍ରିୟଭାବେ ଅଧିକରୁ ଅଧିକ କ୍ରିୟା କରୁଥିବାରୁ ମା'ଙ୍କର ସ୍ଥୂଳ ଉପସ୍ଥିତିର ଆଉ ପ୍ରୟୋଜନ ନାହିଁ ?*

**ଉତ୍ତର :** ଅତିମାନସ ଶକ୍ତିର ଅବତରଣ ଓ ପାର୍ଥିବ ଚେତନାରେ ଏହାର ଅଭିବ୍ୟକ୍ତି ନିମନ୍ତେ ପୃଥିବୀପୃଷ୍ଠରେ ମା'ଙ୍କର ସ୍ଥୂଳ ଉପସ୍ଥିତି ଥିଲା ଏକ ଅପରିହାର୍ଯ୍ୟ ସର୍ତ୍ତ । ୧୯୫୬ ମସିହାରେ ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଘଟିଲା ଓ ତା' ପରଠାରୁ ଏହା ପ୍ରବଳତର ଭାବେ କ୍ରିୟା କରିଚାଲିଛି । ୧୯୬୫ରୁ ୧୯୭୩ ମସିହା ମଧ୍ୟରେ ପ୍ରକାଶ ପାଇଥିବା 'ବୁଲେଟିନ୍'ଗୁଡ଼ିକରେ 'ସାଧନା ପଥେ' (Notes on the Way) ଶୀର୍ଷକ ଆଲୋଚନାଗୁଡ଼ିକ ଟିକିଏ ମନୋନିବେଶର ସହ ପାଠକଲେ ଜଣାପଡ଼େ ଯେ ଅତିମାନସ ଶକ୍ତି କିପରି ଭାବେ କାର୍ଯ୍ୟ କରିଆସୁଛି ଓ ପୃଥିବୀଚେତନାରେ ସଂଶ୍ଲିଷ୍ଟ ହୋଇଯାଇଛି । ଏଇଥିରୁ ଏହା ସୁନିଶ୍ଚିତ ଭାବେ ଜଣାପଡୁଛି ଯେ ମଣିଷ ପ୍ରକୃତିର ଅତିମାନସ ରୂପାନ୍ତର କ୍ରିୟା ଚାଲିଛି ଏବଂ ସେଇଥିଯୋଗୁଁ ସେଇ କାର୍ଯ୍ୟର ଅଭିବୃଦ୍ଧି ଏବଂ ପୂର୍ଣ୍ଣ ପରିଣତି ନିମନ୍ତେ ଆଶ୍ରମ ଏକ କେନ୍ଦ୍ର ବା ଗବେଷଣାଗାର ରୂପେ କାର୍ଯ୍ୟ କରିଚାଲିବ ।

ଏଇ କାର୍ଯ୍ୟ ଚାଲୁ ରହିବା ନିମନ୍ତେ ଶ୍ରୀମା'ଙ୍କର ସ୍ଥୂଳ ଉପସ୍ଥିତି ଯଦି ଅପରିହାର୍ଯ୍ୟ ହୋଇଥା'ନ୍ତା ତେବେ ସେ କେବେ ବି ଶରୀର ତ୍ୟାଗ କରି ନଥା'ନ୍ତେ । ତା'ଛଡ଼ା ଶ୍ରୀମା'ଙ୍କର ଶରୀର ତ୍ୟାଗର ଅର୍ଥ ନୁହେଁ ଯେ ସେ ଆମ ସହିତ ନାହାନ୍ତି । ଦୃଶ୍ୟମାନ ବସ୍ତୁରାଜିର ଅନ୍ତରାଳରେ ରହିଛି ତାଙ୍କର ସକ୍ରିୟ ଉପସ୍ଥିତି ଯାହାକି ଗତିଶୀଳ ଶକ୍ତିର ସହ କରିଚାଲିଛି ତାଙ୍କର କାର୍ଯ୍ୟ ।

ଅତିମାନସ ଅଭିବ୍ୟକ୍ତିର ଅନିବାର୍ଯ୍ୟ ଚରମ ପରିଣତି ଏବଂ ଜଡ଼ ଉପରେ ଆତ୍ମାର ପରିପୂର୍ଣ୍ଣ ବିଜୟ ଘୋଷଣାର ଚିହ୍ନ ରୂପେ ତାଙ୍କର **ନୂତନ ଶରୀରର** ଆବିର୍ଭାବ ଘଟିବ ।

(୧୯୭୪, ଜାନୁଆରୀ ସଂଖ୍ୟା
'Mother India'ରୁ) ❖

# ଦୁଇଟି ଶିକ୍ଷା

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମୋର ସୁଦୀର୍ଘ ଜୀବନକାଳରୁ ତଥା ଜୀବନରୁ ମୁଁ ଦୁଇଟି ଶିକ୍ଷା ଲାଭ କରିଛି; ସେଇ କଥାଟି ଆଜି କହିବି । ଜୀବନକୁ ସୁନ୍ଦର କରି ଗଢ଼ିବାକୁ ହେଲେ – ତାହା ବ୍ୟକ୍ତିଗତ ଜୀବନ ହେଉ ଅବା ସମଷ୍ଟିଗତ ଜୀବନ ହେଉ, ଉଭୟ କ୍ଷେତ୍ରରେ – ଏ ଦୁଇଟିଯାକରେ ଆଣିଦେବ ଅବ୍ୟର୍ଥ ସାଫଲ୍ୟ – ମୋର ଯେତେଦୂର ମନେହୁଏ; କାରଣ ଏ ଦୁଇଟି ହେଉଛନ୍ତି ଅବିଚଳ ଓ ଅପରିହାର୍ଯ୍ୟ ପ୍ରତିଷ୍ଠା ।

ପ୍ରଥମଟି ହେଉଛି କାହାରି ଉପରେ ଦୋଷାରୋପ କରିବ ନାହିଁ । ସଚରାଚର କାହିଁକି, ସଦାସର୍ବଦା ଦେଖାଯାଏ ଯେ କେଉଁଠି କିଛି ଭୁଲ୍‌ତ୍ରୁଟି ନଜରରେ ପଡ଼ିଲେ ଆମେ ତାହାର ହେତୁ ଆବିଷ୍କାର କରୁ ବାହ୍ୟ ଅବସ୍ଥା ଭିତରେ କିଂବା ଅପର କୌଣସି ବ୍ୟକ୍ତି ପାଖରେ ଅବା କେତେ ଲୋକଙ୍କ ପାଖରେ । କିନ୍ତୁ ସେଇ ଦୋଷର ହେତୁଟି ଯେ ମୋ'ଠାରେ, କିଂବା ହେତୁର ହେତୁ ଯେ ମୁଁ ହୋଇଥିବି, ତାହା ଆମ ଆଖିରେ ଜମା ପଡ଼େ ନାହିଁ; ଅଥଚ ତାହାହିଁ ହେଉଛି ଅବିସଂବାଦୀ, ଅବ୍ୟଭିଚାରୀ ସତ୍ୟ ।

ମୁଁ ଯଦି ଦୁଃଖୀ, ତାହାର କାରଣ ବି ମୁଁ ନିଜେ । ଏହା ତ ଆମର ପ୍ରାଚୀନ ପରିଚିତ କର୍ମବାଦ । ମୋ ଜୀବନରେ ଯାହା କିଛି ଘଟେ, ତାହା ମୋର ନିଜରହିଁ କର୍ମଫଳ – ସେଇ କର୍ମର ଫଳରେ ଆଉ କୌଣସି ବ୍ୟକ୍ତି ବା ବସ୍ତୁ ଭାଗୀଦାର ନୁହନ୍ତି । ଆମ ସମସ୍ତଙ୍କର ପରିଚିତ ଗୋଟିଏ ଗୀତର ମର୍ମସ୍ପର୍ଶୀ କଥାଟି ମନେ ପଡ଼ିଯାଏ :

''ଦୋଷ କାରୋ ନହେ ଗୋ ଶ୍ୟାମା,
ଆମି ସ୍ୱଖାତ ସଲିଳେ ଡୁବେ ମରି, ଓ ମା ।''

ଏଇଟି ଯେ କବିତାର ଏକ ପଦ ମାତ୍ର, ଯେଉଁଥିରେ ଆବେଗ, ଉଚ୍ଛ୍ୱାସ ଖାଲି ପ୍ରକଟ ହୋଇଛି ତାହା ନୁହେଁ; ଏହା ହେଉଛି ଦୃଢ଼ ବାସ୍ତବ କଥା, ଖାଣ୍ଟି ବୈଜ୍ଞାନିକ ସତ୍ୟ ।

ସ୍ମରଣ ରଖିବାକୁ ହେବ ଯେ କୌଣସି ଦୋଷ ବା ତ୍ରୁଟି ଯାହା ଆମେ ବାହାରେ ଦେଖିବାକୁ ପାଉ, ସେସବୁ ଦୋଷ ବା ତ୍ରୁଟି ମୋ ନିଜ ଭିତରେ ରହିଛି । ନିଜ ଭିତରେ କାହିଁକି ଦେଖେ ନାହିଁ ସେଗୁଡ଼ିକ – କାରଣ ମୋର ଦୃଷ୍ଟି ସତତ ରହିଛି ବାହାରେ । ବିଶ୍ୱର ଗଠନହିଁ ଏଇ ପ୍ରକାରର – ସେଇ କାରଣରୁ କୁହାଯାଏ – 'ଯାହା କିଛି ବ୍ରହ୍ମାଣ୍ଡରେ ରହିଛି, ସେସବୁ ପିଣ୍ଡରେ ରହିଛି; ଯାହା ପିଣ୍ଡରେ ନାହିଁ, ତାହା ବ୍ରହ୍ମାଣ୍ଡରେ ବି ନାହିଁ ।' ଏଇ କଥାଟି ଅନ୍ୟ ଭାବରେ କୁହାଯାଏ ଯେ 'ଯାହା ନାହିଁ ଭାରତେ, ତାହା ନାହିଁ ଭୂ-ଭାରତେ'; ଯାହା ଅଛି ଭୂ-ଭାରତେ, ସେସବୁହିଁ ଭାରତେ (ଅବଶ୍ୟ ଏ କଥାଟି ମହାଭାରତ ସଂପର୍କରେ ପ୍ରଥମେ କୁହାଯାଇଥିଲା ।) । ପାଶ୍ଚାତ୍ୟ ଦେଶରେ ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ microcosm (ଅଣୁ-ଜଗତ୍) ଆଉ macrocosm (ବିଶ୍ୱ-ଜଗତ୍) ଏଇ ଦ୍ୱୈତ ତତ୍ତ୍ୱର ସହାୟରେ ଏଇ ସିଦ୍ଧାନ୍ତଟିହିଁ କୁହାଯାଇଥାଏ । ଏଇ ଯେଉଁ ଆବିଷ୍କାର ତାହା ଚହଳ ପକାଇ ଦେଇଥିଲା ତା'ର ଚମତ୍କାରିତାରେ । ତୁମେ ଯେତେବେଳେ କୌଣସି ଗୋଟିଏ ତ୍ରୁଟି ଆବିଷ୍କାର କରିଛ ଅନ୍ୟ ଭିତରେ କି ବିଶ୍ୱ ମଧ୍ୟରେ, ସେତେବେଳେ ନିଜ ଚେତନାରେ, ନିଜ ଅନ୍ତରରେ ଦୃଷ୍ଟିପାତ କର । ଟିକିଏ ଲକ୍ଷ୍ୟ କଲେ ଦେଖିପାରିବ ଅକପଟରେ ଓ ସରଳ ଭାବରେ ଯେ ସେଇ ଏକା ଦୋଷ ବା ତ୍ରୁଟି ତୁମ ନିଜ ଅନ୍ତରରେ, ନ୍ୟୂନାଧିକ ମାତ୍ରାରେ ରହିଥିବ – ରହିଥାଇପାରେ । ମର୍ତ୍ତ୍ୟର କୌଣସି ବି ବ୍ୟକ୍ତି ତ୍ରୁଟି- ମୁକ୍ତ ନୁହେଁ; ଯେଉଁ ଦୋଷତ୍ରୁଟି ବିଶ୍ୱରେ ଏଠି ସେଠି ଭରି ରହିଛି, ପୃଥିବୀର ମାଟି ସହିତ ମିଶି ରହିଛି, ସେଥିରୁ କେହି ମୁକ୍ତ ନୁହନ୍ତି । ସୁତରାଂ ଆମେ ଯେବେ ଜଗତ୍ ବା ସଂସାରକୁ ଉଦ୍ଧାର କରିବାକୁ ବାହାରୁ, ଯେବେ ଅପର ବ୍ୟକ୍ତିର ସଂସ୍କାର କରିବାକୁ ବାହାରି ପଡୁ ସେତେବେଳେ ସର୍ବାଗ୍ରେ କରଣୀୟ ହେଉଛି ନିଜର ସଂସ୍କାର କରିବା, ନିଜକୁ ଉଦ୍ଧାର କରିବା – 'ଆତ୍ମାନାମ୍ ଉଦ୍ଧରେତ୍' । ଏଇ କାମଟି ତୁମର ପ୍ରଥମ କାମ ଏବଂ ସହଜ କାମ, କାହିଁକି ନା ସେଇଟି ତୁମର ଅଧିକାର କ୍ଷେତ୍ରର ମଧ୍ୟରେ ରହିଛି । ଏକଥା ଅବଶ୍ୟ ଆମେ କହିବାକୁ ଯାଉନୁ ଯେ ସେତେବେଳ ଯାଏଁ ତୁମେ ବାହାରର କାମଟି ମୁଲତବୀ ରଖିବ ବା ଏକେବାରେ ବାଦ୍ ଦେଇଦେବ, ଯେତେବେଳ ଯାଏଁ ପୂର୍ଣ୍ଣ ଆତ୍ମଶୁଦ୍ଧି ବା ଆତ୍ମସିଦ୍ଧି ତୁମେ ଅର୍ଜନ ନ କରିଛ । ତାହା ଆଦୌ ନୁହେଁ, ଏ ଦୁଇଟି କାମ ଯୁଗପତ୍ ଚାଲିବ । ବରଂ ବାହାରର ସଂସ୍ପର୍ଶରେ ଆସି କେବଳ ଯେ ତୁମେ ଯାବତୀୟ ଭୁଲ୍, ଦୋଷ-ତ୍ରୁଟି ଆବିଷ୍କାର କରିବ ବାହ୍ୟ-ଜଗତର, ସେତିକି ନୁହେଁ; ତୁମ ନିଜ ଅନ୍ତରରେ ଥିବା ଦୋଷତ୍ରୁଟି

ବି ଆବିଷ୍କୃତ ହୋଇପଡ଼ିବ ଆପଣାଛାଏଁ, ଆଉ ତତ୍ ସଙ୍ଗେ ସଙ୍ଗେ ସେଗୁଡ଼ିକ ସହ କାରବାର କରିବାକୁ ଏକ ସୁଯୋଗ ବି ମିଳିବ – ସେଗୁଡ଼ିକର ମୁହାଁମୁହିଁ ହେବାର । ଏହିପରି ଆମେ ନିଜ ବିଷୟରେ ଯେତେ ସଚେତନ ହେଉ ଏବଂ ଯେତେଦୂର ନିଜକୁ ପରିଷ୍କୃତ ଓ ସମୁନ୍ନତ କରୁ ଆମର ବାହାର କାମ ବି ସେତେ ପରିମାଣରେ ପରିଷ୍କୃତ ଓ ସମୁନ୍ନତ ହୋଇ ଉଠିଥାଏ, ଆହୁରି ବି ନିଜଠି ଦୋଷତ୍ରୁଟି ଦେଖିବାର ଓ ସ୍ୱୀକାର କରିବାର କ୍ଷେତ୍ରରେ କିଛି ଅପରାଧ ନାହିଁ । କାରଣ ସମଗ୍ର ବିଶ୍ୱ ଏପରି ଐକ୍ୟ ଯେଉଁଠି ପ୍ରତ୍ୟେକେ ଅପର ସହିତ ମିଳିମିଶି ଅଖଣ୍ଡ, ଅଭିନ୍ନ, ଅଭେଦ ଭାବରେ ବାନ୍ଧି ହୋଇଥା'ନ୍ତି । ତାହାର ଗୋଟିଏ ବିନ୍ଦୁକୁ ସ୍ପର୍ଶ କଲେ ତା'ର ଅନୁରୂପ ସ୍ପନ୍ଦନ ସର୍ବତ୍ର ଖେଳେଇ ହୋଇଯିବ । ସେଇ କାରଣରୁ ମୁଁ ଯେବେ ମୋ ଭିତରେ କିଛି ପରିବର୍ତ୍ତନ ଘଟାଇ ପାରିଲି, ତା'ହେଲେ ଜଗତ୍ ମଧ୍ୟରେ ବି ପରିବର୍ତ୍ତନର ତରଙ୍ଗ ଖେଳେଇ ଦେବି ମୋ ସ୍ପନ୍ଦନର ଭିତର ଦେଇ । ଜଗତ୍ ଭିତରେ ସାକ୍ଷାତ୍ ଭାବରେ ପରିବର୍ତ୍ତନ ନେଇ ଆସିବାର କିଛି କ୍ଷମତା ମୋର ନ ଥାଇପାରେ, କିନ୍ତୁ ନିଜକୁ, ନିଜର କ୍ଷେତ୍ରକୁ ବଦଳାଇବାର କ୍ଷମତା ତ ମୋର ରହିଥିବ । ମାନୁଷୀ ବ୍ୟକ୍ତିତ୍ୱର ମହିମା ଏଇଠାରେ – ଅନ୍ୟ କଥାରେ କହିଲେ ମଣିଷ ଭିତରେ, ମର୍ତ୍ତ୍ୟ ମଧ୍ୟରେ ଦେବତ୍ୱର ଅଧିଷ୍ଠାନ ।

ଠିକ୍ ଏହାର ପରବର୍ତ୍ତୀ କଥାଟି ହେଉଛି ମୋର ଦ୍ୱିତୀୟ ଶିକ୍ଷାର କଥା – ମଣିଷ ଭିତରେ ଏଇ ଯେଉଁ ସ୍ୱେଚ୍ଛାଶକ୍ତି, ଏଇଟିକୁ ଯେତେଦୂର ସମ୍ଭବ କ୍ରମଶଃ ଉର୍ଦ୍ଧ୍ୱକୁ ତୋଳି ଧରିବାକୁ ପଡ଼ିବ ଏବଂ ସେଇଟି କରିବାକୁ ସିଏ ଯେତେଦୂର ସକ୍ଷମ ହେବ, ଚେଷ୍ଟାର ଫଳ ଓ କର୍ମର ଫଳ ସେତେ ସୁଚାରୁ ହେବ । ଇଂରାଜୀରେ ଏକ ପ୍ରବାଦ ରହିଛି : "Hitch your wagon to the star" । ଅର୍ଥାତ୍, ''ତୁମର ଯାନଟିକୁ ଆକାଶର ତାରା ସହିତ ଯୋଖିଦିଅ ।'' ଅର୍ଥାତ୍, ତୁମର ଲକ୍ଷ୍ୟ ହେବ, ଗନ୍ତବ୍ୟ ହେବ ଉର୍ଦ୍ଧ୍ୱତମ, ସୁଦୂରତମ । ସମତଳରେ ଆଉ ତାହା ରହିବ ନାହିଁ – ସେଇଠାରେ ନିଜକୁ ଆଗେଇ ନେବା ବା ପ୍ରସାରିତ କରିନେବା ନୁହେଁ, ପରିଚିତ ସମତଳ ଛାଡ଼ି ଉଠିଚାଲିବାକୁ ପଡ଼ିବ ଉପର ସ୍ତରକୁ । ଉନ୍ନତି କହିଲେ ତାହାହିଁ ବୁଝାଏ । କେବଳ ପ୍ରଗତି ନୁହେଁ, ଖାଲି ଆଗେଇ ଚାଲିବା ନୁହେଁ, ତା' ସହିତ ଉର୍ଦ୍ଧ୍ୱାରୋହଣ ରହିଛି ମଧ୍ୟ ।

ମଣିଷ କାହିଁକି ଦୁର୍ଭୋଗରେ ପଡ଼ିଯାଏ – ଏଇ କାରଣରୁ ଯେ ତା'ର ଚେତନା ପଡ଼ିଥାଏ ଏକାନ୍ତ ନିମ୍ନତମ ସ୍ତରରେ – ଦେହ ଓ ପ୍ରାଣର ଦାବି ନେଇ, ସାମାନ୍ୟ କିଛି ମନର ଭରସା ନେଇ; ମଣିଷମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନରେ, ଚରିତ୍ରରେ ଶ୍ରେଷ୍ଠତମ, ସେମାନେ ବି ଏଇ ପରିଧି ମଧ୍ୟରେ ଆବଦ୍ଧ । ମନୁଷ୍ୟକୁ ଖାଲି ଦେହ-ପ୍ରାଣର ଉପରକୁ ଉଠିଗଲେ ଚଳିବ ନାହିଁ; ମନର ଘେରକୁ ବି ଡେଇଁଯିବାକୁ ପଡ଼ିବ ତା'ଠାରୁ ଉଚ୍ଚତର ସ୍ତର ଆଡ଼କୁ । ସମାଜର ପକ୍ଷରେ, ସମଷ୍ଟି ଜୀବନର ପକ୍ଷରେ ଏଇ ମୁହୂର୍ତ୍ତରେ ହୁଏତ ସେଇ କାମଟି କରିବାର ସାମର୍ଥ୍ୟ ଆସି ନାହିଁ; କିନ୍ତୁ ବ୍ୟକ୍ତିର, ବ୍ୟକ୍ତିବିଶେଷର ସେ କ୍ଷମତା ରହିଛି ଅବଶ୍ୟ । ସମାଜରେ ଯେଉଁମାନେ ଅଗ୍ରଣୀ, ପୁରୋଧା, ଦିଗ୍‌ଦର୍ଶକ, ସର୍ବୋପରି ଯିଏ ଲୋକନାୟକ, ସେମାନଙ୍କର ପଥ କ'ଣ, ଗନ୍ତବ୍ୟ କେଉଁଠିକୁ – ଏକଥା ଜାଣିବାକୁ ପଡ଼ିବ । ସେମାନେ ଆଗେ ଲାଭ କରିବେ ଉର୍ଦ୍ଧ୍ୱତର ସ୍ଥିତି – ଆଉ ତାହା କେମିତି ହେବ : କି ଉପାୟରେ ?

ଏହାର ଉତ୍ତର : 'ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।' ମୋର ଏଇଟିହିଁ ଦ୍ୱିତୀୟ ଶିକ୍ଷା । ମୋ ଜୀବନରେ ଏଇ ଦୁଇଟି ଶିକ୍ଷା ।

(ରଚନାବଳି, ନଳିନୀକାନ୍ତ ଗୁପ୍ତ, ୮ମ ଖଣ୍ଡ,
'କାଲେର୍ ଆହ୍ୱାନ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❖

ମୁଁ ସଦାସର୍ବଦା ତୁମ ହୃଦୟରେ ରହିଛି ଶାନ୍ତି ଓ ନିଶ୍ଚିତତା ଆଣିଦେଇ । ମୁଁ ସଦାସର୍ବଦା ତୁମ ମସ୍ତକର ଉର୍ଦ୍ଧ୍ୱରେ ରହିଛି ଦିବ୍ୟ ଆଲୋକ ଓ ଆନନ୍ଦ ବର୍ଷଣ କରି ଏବଂ ମୁଁ ତୁମର ସମସ୍ତ ଦେହକୋଷକୁ ଭେଦ କରିବି ଏକ ଅବିଚଳିତ ଆନନ୍ଦ ଦ୍ୱାରା ।

ପ୍ରେମ ଓ ଆଶୀର୍ବାଦ ସହ ।

– ଶ୍ରୀମା

# ମା'ଙ୍କର ଶରୀରତ୍ୟାଗ

## (କେ. ଡ଼ି. ସେଠ୍‌ନାଙ୍କର ଏକ ମନ୍ତବ୍ୟ)

ନଭେମ୍ବର ୧୭ ତାରିଖ ରାତି ଘ ୭.୨୫ ମିନିଟରେ ଶ୍ରୀଅରବିନ୍ଦ ଆଶ୍ରମର ଶ୍ରୀମା ଶରୀରତ୍ୟାଗ କଲେ । ଡାକ୍ତରଙ୍କ ମତରେ ତାଙ୍କ ଶରୀରତ୍ୟାଗ ହୃଦ୍‌ଯନ୍ତ୍ରକ୍ରିୟା ବନ୍ଦ ହେତୁ ଘଟିଲା ବୋଲି କୁହାଯାଏ । ଆଧ୍ୟାତ୍ମିକ ଦୃଷ୍ଟିରୁ ଆମେ କହିପାରିବା ଯେ ଅଚଳ ହୋଇ ପଡ଼ିବା ହେତୁ କିଂବା ଲକ୍ଷ୍ୟ ପୂରଣ ହୋଇ ନ ପାରିବାରୁ ମା'ଙ୍କର ହୃଦ୍‌ଯନ୍ତ୍ର କ୍ରିୟା କେବେ ବି ବନ୍ଦ ହୋଇ ନ ପାରେ । ମା'ଙ୍କର ସ୍ଥୂଳ ହୃଦ୍‌ଯନ୍ତ୍ରଟି ତା'ର ପଶ୍ଚାତରେ ଥିବା ଅନନ୍ତ କ୍ରିୟାଶୀଳ ଶକ୍ତିର ଏକ ବାହ୍ୟ ପ୍ରକାଶ ମାତ୍ର । ଇଚ୍ଛାକରି ସେ ଏହି ସ୍ଥୂଳ ସୀମାର ବନ୍ଧନରେ ବାନ୍ଧି ହୋଇଥିଲେ । ଏହି ହୃଦୟର ବର୍ଣ୍ଣନା ଆମେ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀରୁ ପାଇବା ଯେଉଁଥିରେ ସେ ମା'ଙ୍କୁ ପରମା ଶକ୍ତିଙ୍କର ମୂର୍ତ୍ତ ରୂପ ରୂପେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି :

"A heart of silence in the hands of joy
Inhabited with rich creative beats
A body like a parable of dawn
That seemed a niche for veiled divinity
Or golden temple-door to things beyond."

ଦିବ୍ୟ ଚେତନାର ଜୀବନ୍ତ ସ୍ପନ୍ଦନ ଯେଉଁ ହୃଦୟରେ ସ୍ଥୂଳ ରୂପ ଗ୍ରହଣ କରିଥିଲା ସେହି ସର୍ବୋତ୍କୃଷ୍ଟ ହୃଦୟର ବର୍ଣ୍ଣନା ସାବିତ୍ରୀର ଅନ୍ୟ ଏକ ସ୍ଥାନରେ ମଧ୍ୟ ପ୍ରକାଶ ପାଇଛି :

"A deep of compassion, a hushed sanctuary,
Her inward help unbarred a gate in heaven;
Love in her was wider than the universe,
The whole world could take refuge in her single heart."

ଏଭଳି ଏକ ହୃଦୟର ନିୟତିକୁ ଡାକ୍ତରୀ ଭାଷାରେ କେବେ ବି ପ୍ରକାଶ କରାଯାଇ ପାରେନା । ଏହାର ତାତ୍ପର୍ଯ୍ୟ ୧୯୫୦, ଡିସେମ୍ବର ୫ ତାରିଖରେ ଶ୍ରୀଅରବିନ୍ଦଙ୍କ ଶରୀରତ୍ୟାଗ ପରେ ଶ୍ରୀମା ଯାହା ଏଇ ଲେଖକଙ୍କୁ କହିଥିଲେ ସେଇଥିରୁ ବେଶ୍ ବୁଝାପଡ଼େ ।

ଶ୍ରୀଅରବିନ୍ଦଙ୍କ ଅପ୍ରତ୍ୟାଶିତ ଶରୀରତ୍ୟାଗ ସମ୍ବନ୍ଧୀୟ ଏକ କ୍ଷୁଦ୍ର ଦୁଃଖପୂର୍ଣ୍ଣ ବିବରଣୀ ଯେତେବେଳେ ଶ୍ରୀମାଙ୍କୁ ଦେଖାଗଲା, ମା ସେଥିରେ ଲେଖାଥିବା ଭାଷା 'ଶ୍ରୀଅରବିନ୍ଦଙ୍କ ମୃତାବଶେଷ' (the mortal remains of Sri Aurobindo)କୁ ପଢ଼ି କିଛି ସମୟ ନୀରବ ରହିଲେ । ତା'ପରେ କହିଲେ, ''ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ 'ମୃତ' ବୋଲି କିଛି ନାହିଁ ।'' ତୁମେ କେବଳ ଲେଖିବା ଉଚିତ 'ସ୍ଥୂଳ ଅବଶେଷ' (remains) । ଅଳ୍ପ ସମୟ ଛାଡ଼ି ସେ ପୁଣି କହିଲେ, ''ଶ୍ରୀଅରବିନ୍ଦ କୌଣସି ଶରୀରଗତ କାରଣ ନେଇ ମୃତ୍ୟୁବରଣ କରି ନାହାନ୍ତି । ଶରୀର ଉପରେ ତାଙ୍କର ସମ୍ପୂର୍ଣ୍ଣ ଆୟତ୍ତ ଥିଲା ।''

ଲେଖକ ପଚାରିଲା, ''ତାଙ୍କର ଶରୀରତ୍ୟାଗର ରହସ୍ୟ ସମ୍ବନ୍ଧେ କିଛି ଆପଣ କହିବେ ନାହିଁ ?''

ମା କହିଲେ, ''ଏ ବିଷୟ ମୋ ନିକଟରେ ସମ୍ପୂର୍ଣ୍ଣ ସ୍ପଷ୍ଟ । କିନ୍ତୁ ମୁଁ ତୁମକୁ କିଛି କହିବାକୁ ଯାଉ ନାହିଁ । ସତ୍ୟଟିକୁ ତୁମେ ନିଜେ ଖୋଜି ବାହାର କରିବା ଉଚିତ ।''

ଶିଷ୍ୟ ଲେଖକଟି କହିଲା, ''ତେବେ ଏହି ସତ୍ୟଟିକୁ ଖୋଜି ବାହାର କରିବା ଲାଗି ମୋତେ ଶକ୍ତି ପ୍ରଦାନ କର ।''

ଶ୍ରୀମା ତାଙ୍କର ଶିଷ୍ୟକୁ ଆଶୀର୍ବାଦ କଲେ ।

ପ୍ରେରଣା ନିମନ୍ତେ ଗୁରୁଙ୍କୁ ପ୍ରାର୍ଥନା କରି 'ମଦର୍ ଇଣ୍ଡିଆ'(Mother India)ର ଏକ ସମ୍ପାଦକୀୟ ଲେଖା ନିମନ୍ତେ ଶିଷ୍ୟ ପ୍ରସ୍ତୁତ ହେଉ ହେଉ ୧୫ ଦିନ ଚାଲିଗଲା । ଶେଷରେ ପ୍ରେରଣା ଆସିଲା ଓ ଶିଷ୍ୟ ''The Passing of Sri Aurobindo – Its Inner Significance and Consequence'' ନାମରେ ସମ୍ପାଦକୀୟଟି ଲେଖିଲା । ମା ଲେଖାଟିକୁ ପୂର୍ଣ୍ଣ ସମର୍ଥନ ଜଣାଇଲେ ଓ ପରେ ପୁସ୍ତିକା ଆକାରରେ ଲେଖାଟିର ୧୫,୦୦୦ କପି ଛପାଇବା ପାଇଁ ଆଦେଶ ଦେଲେ । ଶ୍ରୀଅରବିନ୍ଦଙ୍କ ଶରୀରତ୍ୟାଗର ପ୍ରଥମ ବାର୍ଷିକୀ ଉପଲକ୍ଷେ ଏହି ଶିଷ୍ୟ ଅନ୍ୟ ଏକ ଲେଖା ଲେଖିଥିଲା । ସେଇଟି ମଧ୍ୟ ମା'ଙ୍କର ସ୍ୱୀକୃତି ଲାଭ କରିଥିଲା । ଏହି ଲେଖାଟି ଅନ୍ୟ ଲେଖା ଭଳି ବିଶେଷ ପ୍ରସାର ଲାଭ କରି ନଥିଲା । ସେ

ଲେଖାଟିରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଏହି ସଂଖ୍ୟା (ମଦର୍ ଇଣ୍ଡିଆ)ରେ ପୁନର୍ବାର ପ୍ରକାଶ କରାଯାଇଛି । ଏହି ଦୁଇଟି ଲେଖାରୁ କିଛି ବୁଝିବା ଲାଗି ଏକ ସୂତ୍ର ବାହାର କରାଯାଇପାରେ ଯେ ୨୩ ବର୍ଷ ପରେ ଶ୍ରୀଅରବିନ୍ଦଙ୍କ ଭଳି ଶ୍ରୀମା କିପରି ସମାନ ପଦକ୍ଷେପ ନେଲେ ।

ଆମେ ସଂକ୍ଷେପରେ ଏତିକି କହିପାରିବା ଯେ ତାଙ୍କରି କାର୍ଯ୍ୟ ପୃଥିବୀର ରୂପାନ୍ତର ଏବଂ ସେ ଓ ଶ୍ରୀଅରବିନ୍ଦ ଆବିଷ୍କାର କରିଥିବା ସତ୍ୟଚେତନା ଜ୍ୟୋତର୍ମୟ ଅତିମାନସ ଶକ୍ତି ଦ୍ୱାରା ମଣିଷ ଶରୀରର କୋଷଗୁଡ଼ିକୁ ଦିବ୍ୟତା ପ୍ରଦାନ କରିବା ଇତ୍ୟାଦିର ସୁବିଧା ନିମନ୍ତେ ତାଙ୍କର ଭୌତିକ ଆବରଣଟି ତ୍ୟାଗ କରିବାକୁ ସେ ସ୍ଥିର କଲେ । ପାର୍ଥିବ ଜୀବନରେ ବର୍ତ୍ତମାନର ପ୍ରତିକୂଳ ସ୍ଥିତି ଦୃଷ୍ଟିରୁ ମା'ଙ୍କର ଶରୀରତ୍ୟାଗର ଯେଉଁ ସଫଳତା ଆସିଛି ତାହା ଗତବର୍ଷ ତାଙ୍କରି ଶ୍ରୀମୁଖରୁ ପ୍ରକାଶ ପାଇଛି । ଶ୍ରୀମା ସେଥିରେ ଆମକୁ କହିଛନ୍ତି ଯେ ଶ୍ରୀଅରବିନ୍ଦ ତାଙ୍କ ଶରୀରରେ ଥିବା ଅପେକ୍ଷା ବର୍ତ୍ତମାନ କାର୍ଯ୍ୟ ନିମନ୍ତେ ଅଧିକ ସାମର୍ଥ୍ୟ ଲାଭ କରିଛନ୍ତି । କେବଳ ଏହି ତଥାକଥିତ ମୃତ୍ୟୁ ଦ୍ୱାରାହିଁ ଆବଶ୍ୟକ ହେଉଥିବା ଅଧିକ ସାମର୍ଥ୍ୟ ସେ ଲାଭ କରି ପାରିଛନ୍ତି । ଆହୁରି ମଧ୍ୟ ଲକ୍ଷ୍ୟ କରିବାର କଥା ଯେ ଶ୍ରୀମା ଶ୍ରୀଅରବିନ୍ଦଙ୍କ କ୍ରିୟାକୁ 'ବାସ୍ତବ' (Concrete) ଏବଂ ସମ୍ପୂର୍ଣ୍ଣ 'ସ୍ଥୂଳ' (Material) ବୋଲି କହିଛନ୍ତି । ସେଇ ଏକା କଥା ଆଜି ମା'ଙ୍କ କ୍ରିୟା ସମ୍ବନ୍ଧରେ କୁହାଯାଇପାରେ । ଶ୍ରୀଅରବିନ୍ଦଙ୍କ ଶରୀରତ୍ୟାଗ ସମ୍ବନ୍ଧରେ ଶ୍ରୀମା ନିଜେ ଯାହା କହିଥିଲେ ତାକୁ ଆମେ ବୁଝିପାରିଲେ ଅନ୍ୟ କୌଣସି ଉପସଂହାର ଆବଶ୍ୟକ ନାହିଁ ।

ଆମେ ଯେତେବେଳେ ଅତିମାନସର ଯୁଗଳ ଅବତାର ଉଭୟ ଶ୍ରୀମାଶ୍ରୀଅରବିନ୍ଦଙ୍କ କଥା ଭାବୁ ଯେକି ବର୍ତ୍ତମାନ ଏକ ବୃହତ୍ତର ଦ୍ୱିଧାଜନକ ସ୍ଥିତିରେ ରହି ଏକତ୍ର କାର୍ଯ୍ୟ କରୁଛନ୍ତି, ସେତେବେଳେ ୯୫ ବର୍ଷ ଧରି ପୃଥିବୀପୃଷ୍ଠରେ ରହି ଆସିଥିବା ଦିବ୍ୟପ୍ରେମ ଓ ଅପରୂପ ସୌନ୍ଦର୍ଯ୍ୟ ତଥା ମାଧୁର୍ଯ୍ୟରେ ଭରା ମା'ଙ୍କର ସେଇ ସ୍ଥୂଳ ଶରୀରର ଅନୁପସ୍ଥିତିରେ ଦୁଃଖ ବା ହତାଶା ଆସିବା ଉଚିତ ନୁହେଁ । ପୃଥିବୀପୃଷ୍ଠରେ ବିବର୍ତ୍ତନଗତ ଜୀବନର ଜଡ଼ସ୍ତର ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପାନ୍ତର ନିମନ୍ତେ ସେ ତାଙ୍କର ଯେଉଁ ସର୍ବସମର୍ଥ ସ୍ମିତହାସ୍ୟପୂର୍ଣ୍ଣ 'ଦିବ୍ୟସ୍ପର୍ଶ' ଦେଇ କାର୍ଯ୍ୟ କରୁଥିଲେ ସେହି କାର୍ଯ୍ୟ ବିଧିନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବ ।

ଏହି ଅବସରରେ ଶ୍ରୀମାଙ୍କର ଏକ ଆଶ୍ୱାସନାଭରା ବାଣୀରୁ ଆମ୍ଭେମାନେ ସାନ୍ତ୍ୱନା ପାଇପାରୁ । ଏହି ଲେଖାର ଲେଖକ ଶ୍ରୀଅରବିନ୍ଦଙ୍କର ସ୍ଥୂଳ ଶରୀରର ଅନୁପସ୍ଥିତିରେ ବହୁତ ବିବ୍ରତ ହୋଇ ପଡ଼ିଥିଲା । କାରଣ ତା'ର ସାହିତ୍ୟିକ ତଥା ଆଧ୍ୟାତ୍ମିକ ଅଗ୍ରଗତିର ସମସ୍ତ ପ୍ରେରଣା ସେ ଶ୍ରୀଅରବିନ୍ଦଙ୍କଠାରୁ ପାଉଥିଲା । ଶିଷ୍ୟର ପ୍ରତ୍ୟେକ ଲେଖା ସେ ପଢୁଥିଲେ ଓ ମତାମତ ଦେଉଥିଲେ । ଶ୍ରୀମା ବିବ୍ରତ ଶିଷ୍ୟଟିର ହାତ ଚାପିଦେଇ କହିଲେ, ''କିଛି ହୋଇ ନାହିଁ । ଯେପରି ସାହାଯ୍ୟ ପାଇଁ ପ୍ରାର୍ଥନା କରୁଥିଲ ସେଇପରି କର, ସାହାଯ୍ୟ ସବୁବେଳେ ଆସିବ । କିଛି ପରିବର୍ତ୍ତନ ହୋଇ ନାହିଁ ।''

କିଏ ଜାଣେ ମା'ଙ୍କର ସ୍ଥୂଳ ଅନୁପସ୍ଥିତି ଦୀର୍ଘକାଳ ରହିବ କି ନାହିଁ ! ଆମ୍ଭମାନଙ୍କ ଲାଗି ସେ ଧାରଣ କରିଥିବା ମାନବିକ ସ୍ୱରୂପର ପଶ୍ଚାତରେ ତାଙ୍କର ଅତିମାନସ ଶରୀର ସବୁବେଳେ ରହିଥିଲା ଓ ଏହା ମାନୁଷୀ ତନୁ ସହ ନିଜକୁ ମିଶାଇଦେବା ନିମନ୍ତେ ଅପେକ୍ଷା କରିଥିବା ସମ୍ବନ୍ଧେ ଆମ୍ଭେମାନେ ଜାଣୁ । ନିକଟରେ ଦୀର୍ଘକାଳ ଧରି ଯେଉଁ ସଂଗ୍ରାମର ମଧ୍ୟଦେଇ ସେ ଗତି କଲେ ତାହା କେବଳ ତାଙ୍କର ମାନବିକ ସ୍ୱରୂପକୁ ସମ୍ପୂର୍ଣ୍ଣ ରୂପେ ଅତିମାନସ ଶରୀର ପ୍ରତି ଖୋଲି ଧରିବା ପାଇଁ ଏକ ଯୌଗିକ କ୍ରିୟା ବୋଲି ଆମେ ଜାଣୁ । ଏହି ମାନବିକ ସ୍ୱରୂପ ଯେତେ ଦୂର ପାରେ ସେତେ ଦୂର ତା'ର କାର୍ଯ୍ୟ କଲା । କିନ୍ତୁ ଏହାର ଅତିଶୟ ଯନ୍ତ୍ରଣାଭୋଗ ଅତିମାନସ ଶରୀରର ଅଭିବ୍ୟକ୍ତି ନିମନ୍ତେ ଆଉ ଆବଶ୍ୟକ ହେଲା ନାହିଁ । ପ୍ରାୟ ସେହି ଅତିମାନସ ଶରୀର ଏହି ଭୌତିକ ଶରୀରର ବିକାଶର ସୁଯୋଗ ନେଇ ନିଜର ସୂକ୍ଷ୍ମଭୌତିକ ସ୍ଥିତିକୁ ଅଧିକ ଘନତ୍ୱ ପ୍ରଦାନ କରିପାରିଲା ଓ ବର୍ତ୍ତମାନ ତାହା ନିଜେ ଅନତିବିଳମ୍ବେ ନିଜକୁ ସ୍ଥୂଳ ଆକାରରେ ପ୍ରକାଶ କରି ପାରିବ ।

ଯାହା ବି ହେଉନା କାହିଁକି ପାର୍ଥିବ ଜଗତକୁ ଶ୍ରୀମା ଯେଉଁ ବାର୍ତ୍ତା ଆଣି ଆସିଥିଲେ ତା'ର ଶେଷ ପରିଣତି ଆମେ ଦେଖି ନାହୁଁ । ତାଙ୍କ ଭଳି ପ୍ରେମର ଏକ ପ୍ରଚଣ୍ଡ କର୍ମୀ ତାଙ୍କର ସନ୍ତାନମାନଙ୍କୁ କେବେ ବି ନିଃସହାୟ ଅବସ୍ଥାରେ ଛାଡ଼ିଯାଇ ନପାରନ୍ତି । ତାଙ୍କର ସମସ୍ତ କାର୍ଯ୍ୟକଳାପ ଯେତେ ପ୍ରହେଳିକାମୟ ହେଉପଛେ, ଏହି ଅନ୍ଧାକାରମୟ ଧରାପୃଷ୍ଠରେ ସ୍ୱର୍ଗକୁ ଉତାରି ଆଣିବା ନିମନ୍ତେ ଉଦ୍ଦିଷ୍ଟ । ଆମର ମନ ସଂଶୟାଚ୍ଛନ୍ନ ହୋଇପାରେ ଓ ଏକ ଜ୍ୟୋତିର୍ମୟ କୁହେଳିକା ଛଡ଼ା ଅନ୍ୟ କିଛି ଦେଖି ନପାରେ; କିନ୍ତୁ ଶ୍ରୀଅରବିନ୍ଦଙ୍କ ଭଳି ମା'ଙ୍କର ପ୍ରତ୍ୟେକ କାର୍ଯ୍ୟର

ପଶ୍ଚାତରେ ସେହି ଗୋଟିଏ ଉଦ୍ଦେଶ୍ୟ ନିହିତ ଅଛି ବୋଲି ଅନୁମାନ କରାଯିବା ଉଚିତ । ସେଇଟି ହେଉଛି ଏକ ଦିବ୍ୟ ଦୃଶ୍ୟମାନ, ସ୍ପନ୍ଦନଶୀଳ ଶାଶ୍ୱତ ଜ୍ଞାନ, ଶକ୍ତି ଓ ଆନନ୍ଦଯୁକ୍ତ ଶରୀର ଗଠନ ।

''ସବୁକିଛି ଭଲ ହେବ'', ଏତିକି କହିଲେ ଚଳିବ ନାହିଁ । ଆମକୁ କହିବାକୁ ହେବ, ''ସବୁକିଛି ଭଲ ଅଛି ଓ ଭବିଷ୍ୟତରେ ଆହୁରି ଭଲ ହେବ !''

(୧୯୭୩ ମସିହା ନଭେମ୍ବର-ଡିସେମ୍ବର ସଂଖ୍ୟା 'Mother India' ପତ୍ରିକାରୁ)

Sri Aurobindo is always with us, enlightening, guiding, protecting. We must answer to his grace by a perfect faithfulness.

(CWM Vol. 13, p. 13) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ସ୍ଥିତିଶୀଳ ଓ ଗତିଶୀଳ ଆଧ୍ୟାତ୍ମିକତା

## ଶ୍ରୀ ପ୍ରପତ୍ତି

ସାଧାରଣ ବ୍ୟକ୍ତି ପକ୍ଷରେ ଆଧ୍ୟାତ୍ମିକତାର ଅର୍ଥ ବୁଝିବା ଅତ୍ୟନ୍ତ କଠିନ । କାରଣ କୌଣସି ସ୍ଥୂଳ ଓ ବାସ୍ତବ ବସ୍ତୁ ବ୍ୟତୀତ କୌଣସି ସୂକ୍ଷ୍ମ, ଗୂଢ଼, ରହସ୍ୟାବୃତ ଓ ବ୍ୟାପକ ବସ୍ତୁ ବା ତତ୍ତ୍ୱ ସମ୍ବନ୍ଧେ ଧାରଣ କରିବା ତାହା ପକ୍ଷରେ କଠିନ ହୋଇପଡ଼େ । ଖୁବ୍ ବେଶୀ ହେଲେ ସାଧାରଣତଃ ଆଧ୍ୟାତ୍ମିକତାର ଅର୍ଥ ନୈତିକତା ବା ଧାର୍ମିକତା ବୋଲି ଅଧିକାଂଶ ବ୍ୟକ୍ତି ଗ୍ରହଣ କରନ୍ତି । ନୈତିକ ଗୁଣସମ୍ପନ୍ନ ବ୍ୟକ୍ତି ସମାଜରେ ଆଧ୍ୟାତ୍ମିକ ବୋଲି ପରିଗଣିତ ହୁଏ । ବିଭିନ୍ନ ପ୍ରକାର ଲୌକିକ ଓ ଆହ୍ନିକ କ୍ରିୟାକର୍ମ ଓ ପୂଜାପଦ୍ଧତିରେ ବ୍ୟସ୍ତ ଥିବା ବ୍ୟକ୍ତିଙ୍କୁ ଆମ୍ଭେମାନେ ଆଧ୍ୟାତ୍ମିକ ବୋଲି ଅନେକ ସମୟରେ ଭାବିଥାଉ । କିନ୍ତୁ ମନେ ରଖିବା ଉଚିତ ନୈତିକତା ଆଧ୍ୟାତ୍ମିକତାଠାରୁ ଭିନ୍ନ ବସ୍ତୁ ଏବଂ ଏହା ଧାର୍ମିକତା (Religiosity) ମଧ୍ୟ ନୁହେଁ । ନୈତିକ ବା ଧର୍ମଗତ ଗୁଣଗୁଡ଼ିକ ମନରୁ ଉଦ୍ଭୂତ ଏବଂ ମନର ସୀମା ମଧ୍ୟରେ ଆବଦ୍ଧ । ଏଗୁଡ଼ିକ ଅଧିକାଂଶ ସଂକୀର୍ଣ୍ଣ, ଏକ ତରଫା ଏବଂ ଶକ୍ତିହୀନ ନିଷ୍ପ୍ରଭ ଆଲୋକ ବା ସାମର୍ଥ୍ୟ । ଅନେକ ସମୟରେ ନୈତିକ ବିଚାରଧାରା ଆଧ୍ୟାତ୍ମିକ ଉତ୍ଥାନ ଓ ଉନ୍ନତି ପଥରେ ବାଧା ସୃଷ୍ଟି କରେ । ବ୍ୟକ୍ତି ନୈତିକ ସୀମାକୁ ପାର ନ ହେଲେ ଆଧ୍ୟାତ୍ମିକ ସ୍ତରରେ ପ୍ରବେଶ କରିପାରିବ ନାହିଁ । ନୈତିକ ଶୃଙ୍ଖଳା ଓ ସଂଯମ ମନ ଦ୍ୱାରା ଗଠିତ ଏବଂ ସେଥିପାଇଁ ଏହିଗୁଡ଼ିକ ସଂକୀର୍ଣ୍ଣ ଓ ଦେଶ, କାଳ ଦ୍ୱାରା ସୀମାବଦ୍ଧ । ଅନେକ ସମୟରେ ଏହା ଏକାନ୍ତ ବାହ୍ୟିକ ଏବଂ ସର୍ବତ୍ର ସମାନ ଭାବରେ ପ୍ରଯୁଜ୍ୟ ନୁହେଁ । ତୃତୀୟତଃ, ନୈତିକ ନିୟମପାଳନ ଯେତେ କଠୋର ହେଲେ ହେଁ ଏହା ପ୍ରକୃତି ଉପରେ ଲଗାମ ତୁଲ୍ୟ । ଏହା ପ୍ରକୃତିର ପରିବର୍ତ୍ତନ କରେ ନାହିଁ । ସେହିପରି ଧର୍ମଗତ ଶୃଙ୍ଖଳା ଓ ନିୟମନ ମଧ୍ୟ ସାମ୍ପ୍ରଦାୟିକ ଗଣ୍ଡି ମଧ୍ୟରେ ଆବଦ୍ଧ । ଯାହା ଦେଶ-କାଳ-ପାତ୍ରକୁ ଅତିକ୍ରମ କରି ମନୁଷ୍ୟର ବୃହତ୍ତର, ବିଶାଳତର, ଅତ୍ୟୁଚ୍ଚ ଚେତନା ଓ ସତ୍ତାର ସନ୍ଧାନ ଦିଏ ତାହା ହିଁ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତାର ମୂଳ ବସ୍ତୁ ହେଲା ଏକ ବୃହତ୍ତର, ଭୂମା ଚେତନା ମଧ୍ୟରେ ବାସ କରିବା ଓ କ୍ରିୟା କରିବା । ଏହି ଚେତନା ଦେଶ-କାଳ-ପାତ୍ର ସର୍ବତ୍ର ଏକ, ଅଭିନ୍ନ ଓ ସମାନ । ସକଳ ଆଧ୍ୟାତ୍ମିକ ଅନୁଭୂତିର ମର୍ମ ଏକ, ଯଦିଓ ବ୍ୟକ୍ତିର ସ୍ୱଭାବ ଓ ପ୍ରକୃତିର ମାଧ୍ୟମରେ ଏହା ଭିନ୍ନ ରୂପେ ପ୍ରକାଶ ପାଇପାରେ ।

ଆଧ୍ୟାତ୍ମିକତା ସମ୍ବନ୍ଧରେ ଗଭୀରଭାବେ ଆଲୋଚନା କରିବାକୁ ଗଲେ ଆମ୍ଭମାନଙ୍କୁ କେତୋଟି ବିଷୟ ସ୍ପଷ୍ଟଭାବେ ମନେ ରଖିବାକୁ ହେବ ।

ପ୍ରଥମତଃ, ବେଦାନ୍ତ ଦର୍ଶନରେ ଏହା ହିଁ ପ୍ରତିପାଦ୍ୟ ଯେ ଏହି ସ୍ଥୂଳ, ଦୃଶ୍ୟମାନ, ପରିବର୍ତ୍ତନଶୀଳ, ଭଙ୍ଗୁର ଜଗତର ପଶ୍ଚାତରେ ଏକ ଅଖଣ୍ଡ, ଅବିଭାଜ୍ୟ, ଶାଶ୍ୱତ ସଦ୍‌ବସ୍ତୁ ଏବଂ ପରମା ଚିତ୍-ଶକ୍ତି ବିଦ୍ୟମାନ । ଏହି ଅଖଣ୍ଡ ସଦ୍‌ସତ୍ତା ବା ବସ୍ତୁ ହେଲେ ବ୍ରହ୍ମ ଏବଂ ତାଙ୍କଠାରୁ ଅଭିନ୍ନ ଭାବେ ଉଦ୍ଭୂତ ଶକ୍ତି ହିଁ ହେଲା ଚିତ୍-ଶକ୍ତି ।

ଏହି ଚିତ୍-ଶକ୍ତି (ଚିତ୍-ତପସ୍)ର କ୍ରିୟା ଫଳରେ ସମଗ୍ର ଜଗତ୍ ସୃଷ୍ଟି ହୋଇଛି ଏବଂ ଏହି ଶକ୍ତି ଦ୍ୱାରା ଏହି ବିଶ୍ୱ ବିଧୃତ, ନିୟମିତ ଓ ପରିଚାଳିତ । ଏହା ହିଁ ସଚ୍ଚିଦାନନ୍ଦ, ପୁରୁଷୋତ୍ତମ ।

ଏହି ମହାନ୍ ସଦ୍‌ବସ୍ତୁ, ପରମସତ୍ତା ଏବଂ ପରମଶକ୍ତିର ସନ୍ଧାନ, ତାହା ମଧ୍ୟରେ ପ୍ରବେଶ ଓ ବାସ ହିଁ ଜୀବନର ଚରମ ଲକ୍ଷ୍ୟ ଓ ଶେଷ ପରିଣାମ । ଏହା ହିଁ ଆନନ୍ଦ, ପ୍ରେମ, ରସ ଓ ଲୀଳା, ''ରହସ୍ୟସ୍ୟ ରହସ୍ୟମ୍'' । ଆଧ୍ୟାତ୍ମିକ ଦୃଷ୍ଟି ବଳରେ ମନୁଷ୍ୟ ସକଳ ବସ୍ତୁର ଅନ୍ତରର ଐଶ୍ୱର୍ଯ୍ୟ ଓ ଆଲୋକକୁ ବୁଝିପାରେ ଏବଂ ସେସବୁର ଯଥାର୍ଥ ସ୍ୱଧର୍ମ ଜାଣିପାରେ ।

ପରିଶେଷରେ ଏହି ଅଖଣ୍ଡ ଦିବ୍ୟ ସଚ୍ଚିଦାନନ୍ଦ ଚେତନା ପ୍ରାପ୍ତ, ତହିଁରେ ବାସ ହିଁ ପରମ ମୁକ୍ତି, ଭୁକ୍ତି ଏବଂ ସ୍ୱାତନ୍ତ୍ର୍ୟ; ଏହା ହିଁ ଯଥାର୍ଥରେ ପରମପଦ ଲାଭ ।

ଭାରତୀୟ ବେଦାନ୍ତ-ଦର୍ଶନ ତଥା ଗୀତା, ତନ୍ତ୍ର ଓ ପୁରାଣ ଇତ୍ୟାଦି ଅଧ୍ୟାତ୍ମ-ଶାସ୍ତ୍ରରେ ସଂକ୍ଷେପରେ ଆଧ୍ୟାତ୍ମିକତାର ଏହି ଅର୍ଥ ସୂଚିତ ହୋଇଛି । ଯାହା ସ୍ଥୂଳ, ଭୌତିକ, ଦୃଶ୍ୟମାନ, କ୍ଷୟଶୀଳ, ତାହା ଆଧ୍ୟାତ୍ମିକ ନୁହେଁ । ଆଧ୍ୟାତ୍ମିକ ବସ୍ତୁ ସୂକ୍ଷ୍ମ, ଅବିନଶ୍ୱର, ଅମୃତମୟ ଓ ଚିରନ୍ତନ । ଆଧ୍ୟାତ୍ମିକ ଦୃଷ୍ଟି, ସ୍ଥୂଳ ଦୃଷ୍ଟିର ବିପରୀତ । ଆମ୍ଭେମାନେ ସାଧାରଣତଃ ଯେଉଁ ଜାଗତିକ ଚେତନା ଓ ପ୍ରକୃତି ମଧ୍ୟରେ ବାସ କରୁ ତାହା ଆଧ୍ୟାତ୍ମିକ ଚେତନା ନୁହେଁ, ତାହା ସାଧାରଣତଃ ମନଃ-ଚେତନା । ମନ

ବିଭେଦମୂଳକ, କ୍ଷୀଣଦୃଷ୍ଟି ସମ୍ପନ୍ନ, ସୀମିତ ଓ ସାମର୍ଥ୍ୟହୀନ । କିନ୍ତୁ ଯଦି ଅନ୍ତରର ଗଭୀରରେ ପ୍ରବେଶ କରାଯାଏ, ସେଠାରେ ଚେତନାର ଏପରି ଏକ ସ୍ତର ଅଛି ଯାହାକୁ ଚୈତ୍ୟ-ଚେତନା ବୋଲି କୁହାଯାଇପାରେ । ଏହି ଚେତନାର ସ୍ପର୍ଶ ଅର୍ଥ ଶାନ୍ତି, ସମତା, ଆଲୋକ, ସମନ୍ୱୟ ଓ ଦିବ୍ୟ ପ୍ରେମର ସ୍ପର୍ଶ । ଏହାର ପ୍ରଧାନ ଲକ୍ଷଣ ଏହି ଯେ ଏହା ମନୁଷ୍ୟକୁ ଭଗବାନଙ୍କ ପ୍ରତି ଉନ୍ମୁଖ କରେ । ଏହା ମଧ୍ୟରେ ଶାଶ୍ୱତଭାବ, ଅପରୂପ ସୌନ୍ଦର୍ଯ୍ୟ, ଦୃଢ଼ ସାମଞ୍ଜସ୍ୟ ନିହିତ ଥାଏ । ଯେ କେହି ବ୍ୟକ୍ତି ଏହି ଚେତନାରେ ବାସ କଲେ ବା ଏହାର ସ୍ପର୍ଶଲାଭ କଲେ, ନିଜକୁ ଓ ପୃଥିବୀକୁ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ଦେଖିବ, ଏଥିରେ କୌଣସି ସନ୍ଦେହ ନାହିଁ । ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଏହି ଚୈତ୍ୟ ଚେତନାର ଜାଗରଣ ହିଁ ପୂର୍ଣ୍ଣଯୋଗର ପ୍ରାଥମିକ କାର୍ଯ୍ୟ ଏବଂ ଏହା ଫଳରେ ହିଁ ଅନ୍ୟାନ୍ୟ ବହୁ ବିଶାଳ ଆଧ୍ୟାତ୍ମିକ ଅନୁଭୂତିର ପଥ ପରିଷ୍କାର ହୋଇଯାଏ । କୌଣସି କୌଣସି ଯୋଗରେ ଏହି ଚୈତ୍ୟ-ଚେତନାରେ ବାସ କରିବାକୁ ଚୈତ୍ୟ-ସିଦ୍ଧି ତଥା ଯୋଗମାର୍ଗର ଶେଷ କଥା ବୋଲି ଧରି ନିଆଯାଇଥାଏ । ମାତ୍ର ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ଏକ ପ୍ରାଥମିକ ସିଦ୍ଧି, ଯଦିଓ ଏହା ଅତି ମୂଲ୍ୟବାନ୍ ଏବଂ ମହତ୍ତ୍ୱପୂର୍ଣ୍ଣ ସିଦ୍ଧି ।

ଆଧ୍ୟାତ୍ମିକତାର ପରିସର ଦିଗନ୍ତ ବିସ୍ତାରୀ, ବହୁମୁଖୀ ଏବଂ ତାହା ମଧ୍ୟରେ ଅସଂଖ୍ୟ ସିଦ୍ଧି ଓ ସାଧନା ରହିଛି । ଚୈତ୍ୟ ସିଦ୍ଧିର ପରେ ପରେ ଆସେ ଏକ ବିଶ୍ୱଗତ, ବିଶାଳ ଭୂମା ଚେତନାର ଉପଲବ୍ଧି । ଏହା ଅନ୍ୟ ଏକ ବିଶାଳତର ଆଧ୍ୟାତ୍ମିକ ଉପଲବ୍ଧି (Spiritual Realisation) । ଏହି ଚେତନାରେ ଯଦି ବ୍ୟକ୍ତି ରୂପାନ୍ତରିତ ହୁଏ, ତେବେ ସେ ଅଧ୍ୟାତ୍ମ-ପୁରୁଷ (Spiritual Personality)ରେ ପରିଣତ ହୁଏ । ଏହାର ଊର୍ଦ୍ଧ୍ୱରେ ଅବସ୍ଥିତ ଦିବ୍ୟ-ଅତିମାନସ ଅଧ୍ୟାତ୍ମ ଆଲୋକ ଶକ୍ତି । ଏହାହିଁ ପରମବ୍ରହ୍ମ ସଚ୍ଚିଦାନନ୍ଦଙ୍କର ସ୍ୱକୀୟ ଆଲୋକ ଓ ମୂଳଗତଜ୍ଞାନ । ଅନ୍ୟ ଏକ ଅର୍ଥରେ ଏହା ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣଆନନ୍ଦ । ଏହି ସ୍ତରରେ କେହି କେବେ ଉପନୀତ ହୋଇ ନାହାଁନ୍ତି ଯଦିଓ ପୂର୍ବେ ମୁନି, ଋଷିମାନେ ଏହି ପରମା ଅଖଣ୍ଡ ଦିବ୍ୟ-ଶକ୍ତିର ଦର୍ଶନ କରିଥିବାର ସୂଚନା ବେଦ ଓ ଉପନିଷଦ୍‌ରେ ରହିଛି । ଗୀତାରେ ଏହା ପୁରୁଷୋତ୍ତମ ତତ୍ତ୍ୱ ରୂପେ ବ୍ୟାଖ୍ୟାତ ହୋଇଛି । ଏପରି ଏକ ମହାନ୍ ଦିବ୍ୟଜ୍ୟୋତିଃ, ଶକ୍ତି, ସାମର୍ଥ୍ୟ ଓ ଚେତନାରେ ପ୍ରବିଷ୍ଟ ହେବା କୌଣସି ମାନବିକ ଚେତନା ପକ୍ଷରେ ଏକ ଚରମ ବିସ୍ଫୋରଣ ଏବଂ ଏହି ବିସ୍ଫୋରଣକୁ ଧାରଣ କରିବା ବ୍ୟକ୍ତି ପକ୍ଷରେ ସହଜ ନୁହେଁ । ଏ ବିଷୟ ଆମ୍ଭେମାନେ ପରେ ଆଲୋଚନା କରିବା ।

ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଆଧ୍ୟାତ୍ମିକ ଶକ୍ତି, ଚେତନା ଓ ଆଲୋକ – ଏକ ବିଶୁଦ୍ଧ, ଦିବ୍ୟ, ନୂତନ ଶକ୍ତି, ଚେତନା ଓ ସାମର୍ଥ୍ୟ । ତାହା କୌଣସି ମିଶ୍ରିତ, ଖଣ୍ଡିତ ବା ସ୍ୱଳ୍ପ, ସୀମିତ, ସଂକୀର୍ଣ୍ଣ ବିଷୟ ନୁହେଁ । ସୁତରାଂ ଯେଉଁଠାରେ ଆଧ୍ୟାତ୍ମିକ ଶକ୍ତିର ଉଦ୍ଭବ ହୁଏ ବା ଯେଉଁଠାରେ ଏହି ଶକ୍ତି କ୍ରିୟା କରେ, ତାହା ସ୍ପଷ୍ଟତଃ ଏକ ନୂତନ ଭୂମିକା ସୃଷ୍ଟି କରେ ।

ଏହି ଆଧ୍ୟାତ୍ମିକ ସାଧନା ଓ ସିଦ୍ଧିର ଦୁଇଟି ଦିଗ ଅଛି । ଅନ୍ୟ କଥାରେ ଆଧ୍ୟାତ୍ମିକତା ଦୁଇ ପ୍ରକାରର ହୋଇପାରେ, ବା ଦୁଇଟି ବିଭିନ୍ନ ଦିଗରେ ଗତି କରିପାରେ । ଗୋଟିଏ ପ୍ରକାର ଆଧ୍ୟାତ୍ମିକ ସାଧନା ଓ ସିଦ୍ଧି ହେଲା ସ୍ଥିତିଶୀଳ (static), ନିଷ୍କ୍ରିୟ (inactive) ଏବଂ ଆରୋହଣମୂଳକ (ascending); ଅନ୍ୟଟି ହେଲା ଗତିଶୀଳ (dynamic), ସକ୍ରିୟ (active) ଏବଂ ଅବରୋହଣମୂଳକ (descending) । ଶେଷୋକ୍ତ ଗତିଶୀଳ ଆଧ୍ୟାତ୍ମିକତାର, ବିଶେଷ କରି ଶ୍ରୀଅରବିନ୍ଦ ଯେଉଁ ଆଧ୍ୟାତ୍ମିକତା ବିଷୟ ବର୍ଣ୍ଣନା କରିଛନ୍ତି, ତାହା ରୂପାନ୍ତରକାରୀ (transforming) । ତନ୍ତ୍ର ଓ ଭଗବତ୍ ଗୀତାରେ ଉକ୍ତ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟ ଗତିଶୀଳ, କିନ୍ତୁ ରୂପାନ୍ତରକାରୀ ନୁହେଁ । ଏହି ରୂପାନ୍ତରର କ୍ରିୟା କେବଳ ଅତିମାନସ ଦିବ୍ୟଶକ୍ତି ବଳରେ ସମ୍ଭବ ହୋଇଥାଏ । ସ୍ଥିତିଶୀଳ ଆଧ୍ୟାତ୍ମିକତା ପୃଥିବୀକୁ ବର୍ଜନ କରି ଊର୍ଦ୍ଧ୍ୱଲୋକକୁ ଭଗବାନଙ୍କ ଦିଗରେ ଗତି କରେ । ଏହାର ଲକ୍ଷ୍ୟ ହେଲା ମୁକ୍ତି ବା ନିର୍ବାଣ, ଗୋଲୋକରେ ବା ବୃନ୍ଦାବନରେ ଭଗବାନଙ୍କ ସାନ୍ନିଧ ବା ସାମୀପ୍ୟ ପ୍ରାପ୍ତି । ଅଦ୍ୱୈତବାଦୀମାନେ ସମ୍ପୂର୍ଣ୍ଣ ରୂପେ ପୃଥିବୀକୁ ମିଥ୍ୟା, ମାୟା ବା ମରୀଚିକା କହି ପ୍ରତ୍ୟାଖ୍ୟାନ କରନ୍ତି ଏବଂ ଏ ଜଗତର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି । ତାଙ୍କ ପକ୍ଷରେ ଏକମାତ୍ର ନିର୍ବିଶେଷ, ନିଷ୍କ୍ରିୟ, ନିର୍ଗୁଣ ବ୍ରହ୍ମ ହିଁ ବିଦ୍ୟମାନ । ଏହି ସୃଷ୍ଟି ବ୍ରହ୍ମଙ୍କ ଦ୍ୱାରା ବିଧୃତ ହେଲେ ହେଁ ଏହା ଏକ ବିଭ୍ରମ ମାତ୍ର, ''ରଜ୍ଜୁଃ ସର୍ପବତ୍'' । ଯେଉଁ ମୁହୂର୍ତ୍ତରେ ବ୍ୟକ୍ତି ଉଚ୍ଚତର ବ୍ରହ୍ମସ୍ଥିତି ଲାଭ କରେ, ସେହି ମୁହୂର୍ତ୍ତରେ ଏହି ଜୀବ-ଜଗତ୍ ଏବଂ ଭୌତିକ ଜଗତ୍ କେବଳ ଏକ ନାମ-ରୂପର ଖେଳା ବୋଲି ମନେ ହୁଏ । ଅଦ୍ୱୈତ ସାଧନାର ସତ୍ୟତା ଏହି ଯେ ଏହା ବ୍ରହ୍ମଙ୍କର ଗୋଟିଏ ଦିଗ ଉପଲବ୍ଧି କରିଛି । ସାଯୁଜ୍ୟର ବା ତାଦାତ୍ମ୍ୟର ଗୋଟିଏ ଦିଗକୁ ଗ୍ରହଣ କରିଛି । ଜୀବାତ୍ମା ସଙ୍ଗେ ପରମାତ୍ମାଙ୍କ ଏକତ୍ୱକୁ ଚରମ

ତତ୍ତ୍ୱ ବୋଲି ପ୍ରତିପାଦିତ କରିଛି । କିନ୍ତୁ ଅଦ୍ୱୈତବାଦୀମାନଙ୍କ ଜଗତ୍-ବର୍ଜନ ଓ ପ୍ରତ୍ୟାଖ୍ୟାନ ଏକ ବିଭ୍ରାନ୍ତିମୂଳକ ତତ୍ତ୍ୱ ଏବଂ ଏହା ସେମାନଙ୍କର ଦାର୍ଶନିକ ସିଦ୍ଧାନ୍ତର ଏକ ଦୁର୍ବଳତା ।

ସେହିପରି ବୁଦ୍ଧଦେବ ଯେଉଁ 'ନିର୍ବାଣ' ତତ୍ତ୍ୱ ଓ ସିଦ୍ଧାନ୍ତ ଉପସ୍ଥାପିତ କରିଛନ୍ତି ତାହା ଅଦ୍ୱୈତବାଦୀଙ୍କର ସିଦ୍ଧାନ୍ତଠାରୁ କିଛି ବି ଭିନ୍ନ ନୁହେଁ । ଶ୍ରୀଅରବିନ୍ଦ ଏକଥା ସ୍ପଷ୍ଟଭାବେ କହିଛନ୍ତି ଯେ ବୁଦ୍ଧଙ୍କର 'ନିର୍ବାଣ' ଓ ଶଙ୍କରଙ୍କର ନିର୍ବିଶେଷ ବ୍ରହ୍ମଙ୍କର ଉପଲବ୍ଧି ଏକ ହିଁ ସିଦ୍ଧି; ଯଦିଓ ବୌଦ୍ଧବାଦୀମାନେ ଉପନିଷଦ୍, ବେଦ ଓ ହିନ୍ଦୁ ପରମ୍ପରାର ବିରୋଧୀ ଏବଂ ଶଙ୍କର ସ୍ୱୟଂ ବୌଦ୍ଧଧର୍ମକୁ ଏ ଦେଶରୁ ବିତାଡ଼ିତ କରିଥିଲେ । ଅନ୍ୟ ପକ୍ଷରେ ବୈଷ୍ଣବମାନଙ୍କ ସିଦ୍ଧାନ୍ତରେ ଏ ଜଗତ୍ ମିଥ୍ୟା ବା ମାୟା ନୁହେଁ, ଅବିଦ୍ୟା ଓ ବିଭ୍ରାନ୍ତି ନୁହେଁ । ଏ ଜଗତ୍ ଭଗବତ୍ ସୃଷ୍ଟି ଏବଂ ଏହା ପରମ ବ୍ରହ୍ମଙ୍କର ଲୀଳା । ଏହି ଲୀଳାର ରହସ୍ୟ ଉପଲବ୍ଧି କରିବାକୁ ହେଲେ ସେହି ପରମ ତତ୍ତ୍ୱ ମଧ୍ୟରେ ପ୍ରବେଶ କରି ବିଲୀନ ହେବାକୁ ହେବ ନାହିଁ ବରଂ ତାଙ୍କ ସହ ଏକତ୍ୱ ଲାଭ କରି ମଧ୍ୟ ଭିନ୍ନ ରହିବାକୁ ହେବ । ବୈଷ୍ଣବମାନେ ବ୍ରହ୍ମଙ୍କର ପ୍ରେମଘନ, ଭାବଘନ ବା ରସଘନ ରୂପର ଉପାସକ । ସୁତରାଂ ବ୍ରହ୍ମ ସାକାର, ସଗୁଣ ଏବଂ ''ରସୋ ବୈ ସଃ'' । ସେ ହିଁ ସକଳ ଘଟରେ ପ୍ରେମ, ସୌନ୍ଦର୍ଯ୍ୟ, ରସ ଓ ଲୀଳା ରୂପେ ବିରାଜିତ । ବୈଷ୍ଣବମାନେ ଏ ସୃଷ୍ଟିକୁ ଭଗବାନଙ୍କ ବହିଃପ୍ରକାଶ କହିବା ସତ୍ତ୍ୱେ ଏ ସୃଷ୍ଟି ମଧ୍ୟରେ ଭଗବାନଙ୍କ ସାନ୍ନିଧ ଲାଭ କରିପାରନ୍ତି ନାହିଁ, ସେମାନେ ସେହି ଊର୍ଦ୍ଧ୍ୱଲୋକରେ ନିତ୍ୟ ବୃନ୍ଦାବନ, ଗୋଲୋକ ବା ବୈକୁଣ୍ଠରେ ଭଗବତ୍ ସାନ୍ନିଧ ପ୍ରାପ୍ତ ହୁଅନ୍ତି । ସ୍ଥୂଳ ଜଗତରେ, ସ୍ଥୂଳ ଶରୀରରେ ଭଗବତ ପ୍ରାପ୍ତି ଏକାନ୍ତ ଅସମ୍ଭବ । କାରଣ ଅଧ୍ୟାତ୍ମ ବା ଭାଗବତ ଚିନ୍ମୟ ତତ୍ତ୍ୱ ଏବଂ ସ୍ଥୂଳ ବା ଭୌତିକ ତତ୍ତ୍ୱ ଦୁଇଟି ବିଜାତୀୟ ବସ୍ତୁ । ଭଗବତ୍ ଉପଲବ୍ଧି କରିବାକୁ ହେଲେ ସ୍ଥୂଳ ମଧ୍ୟରୁ ବାହାରି ଯାଇ ଚେତନାର କୌଣସି ଏକ ସ୍ତରରେ ତାହା କରି ହେବ । ସ୍ଥୂଳ ମଧ୍ୟରେ ଚିନ୍ମୟ ତତ୍ତ୍ୱର ବିକାଶ ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ସୁତରାଂ ବୈଷ୍ଣବ ଶାସ୍ତ୍ରୋକ୍ତ ନିତ୍ୟ ରାସଲୀଳା ଦିବ୍ୟଲୋକରେ ସଂଘଟିତ ହୁଏ ।

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଅନ୍ୟ ଏକ ଶକ୍ତିଶାଳୀ ଦିଗ ହେଲା ତନ୍ତ୍ର-ସାଧନା । ତାନ୍ତ୍ରିକମାନେ ବ୍ରହ୍ମର ସକ୍ରିୟ, ସଗୁଣ ଦିଗକୁ ସ୍ୱୀକାର କରିଛନ୍ତି । ସେମାନେ ମୁଖ୍ୟତଃ ବ୍ରହ୍ମ ମଧ୍ୟରୁ ଉଦ୍ଭୂତ 'ଚିତ୍-ତପସ୍' ବା ଦିବ୍ୟ-ଚିନ୍ମୟୀ ଶକ୍ତିକୁ ପ୍ରାଧାନ୍ୟ ଦେଇ, ବ୍ରହ୍ମଙ୍କ ନିର୍ବିଶେଷ ଓ ନିର୍ଗୁଣ ଦିଗକୁ ବାଦ୍ ଦେଇଛନ୍ତି । ଏହି ଚିତ୍-ଶକ୍ତି ସୃଷ୍ଟିର ମୂଳ ଉତ୍ସ ଏବଂ ଏହି ଶକ୍ତିର ହାସଲ ଦ୍ୱାରା ଏ ଜଗତର ବିଜୟ ସମ୍ଭବ ହେବ । ତାନ୍ତ୍ରିକମାନେ ବ୍ରହ୍ମଙ୍କର ଶକ୍ତି, ସାମର୍ଥ୍ୟ, ତେଜ ଓ କ୍ରିୟାର ଦିଗକୁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ପ୍ରେମ, ରସ, ଭାବ ଓ ସୌନ୍ଦର୍ଯ୍ୟର ଦିଗକୁ ଗୌଣ କରିଛନ୍ତି । ସେହିପରି ବୈଷ୍ଣବମାନେ ତନ୍ତ୍ରର ଶକ୍ତି-ସାଧନା, ସାମର୍ଥ୍ୟ, ତେଜ ଓ ବଳର ଦିଗକୁ ବାଦ୍ ଦେଇଛନ୍ତି । କିନ୍ତୁ ତାନ୍ତ୍ରିକମାନେ କିଛି ପରିମାଣରେ ଦିବ୍ୟଜନନୀଙ୍କର ସାମର୍ଥ୍ୟ, ଓ ଶକ୍ତି ବଳରେ ଏ ଜଗତରେ ଅଦିବ୍ୟ ଓ ଅନ୍ଧକାର ଶକ୍ତି ଉପରେ ବିଜୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ତଦ୍ଦ୍ୱାରା ମୂଳ ଅବିଦ୍ୟା ତତ୍ତ୍ୱର 'ଅଚିତ୍' ବା ଅନ୍ଧକାରର କୌଣସି ପରିବର୍ତ୍ତନ ହୋଇ ନାହିଁ । ସାମୟିକଭାବେ ଏହି ଶକ୍ତି ପରାଭୂତ ହେଲେ ମଧ୍ୟ ପୁନରୁତ୍ଥିତ ହୁଏ । ତନ୍ତ୍ର-ସିଦ୍ଧାନ୍ତକୁ ଏକ ଗତିଶୀଳ, ସଚଳ ଅଧ୍ୟାତ୍ମବାଦ ରୂପେ ଗ୍ରହଣ କଲେ ମଧ୍ୟ ଏହା ଶ୍ରୀଅରବିନ୍ଦଙ୍କ ''ଦିବ୍ୟ ରୂପାନ୍ତର'' ସିଦ୍ଧାନ୍ତଠାରୁ ଭିନ୍ନ, ଏଥିରେ କୌଣସି ସନ୍ଦେହ ନାହିଁ ।

ଅନ୍ୟ କେହି କେହି ମନେ କରନ୍ତି ଶ୍ରୀଅରବିନ୍ଦଙ୍କ ଯୋଗର ସମସ୍ତ ଭିତ୍ତି ଗୀତାରୁ ମିଳିବ । କିନ୍ତୁ ଏହା ସତ୍ୟ ନୁହେଁ । ଗୀତାର ଅଧ୍ୟାତ୍ମବାଣୀ ହେଲା ଜଡ଼ ଜଗତର କର୍ମ ମଧ୍ୟରେ ଭାଗବତ ସଙ୍କଳ୍ପକୁ କାର୍ଯ୍ୟ କରିବାକୁ ଦେବା; ନିର୍ଲିପ୍ତ ଓ ନିଷ୍କାମ ଭାବରେ, ପୂର୍ଣ୍ଣ ସମର୍ପଣ ସହ କର୍ମ କରିବା । କିନ୍ତୁ ଏହାର ଚରମ ଲକ୍ଷ୍ୟ ଦିବ୍ୟଲୋକ ଭଗବତ୍ ପ୍ରାପ୍ତି ବା ମୁକ୍ତି । ସଂସାର ତଥା ଜନ୍ମ-ମରଣର ଦ୍ୱନ୍ଦ୍ୱରୁ ମୁକ୍ତିଲାଭ ଗୀତାର ଶେଷ ଲକ୍ଷ୍ୟ । ଏଥିରେ ଆଧ୍ୟାତ୍ମିକ ବିବର୍ତ୍ତନ ବା ଅତିମାନସ ସତ୍ୟ-ଚେତନା ସମ୍ପର୍କରେ ବା ସେହି ଶକ୍ତିକୁ ଉତାରି ଆଣି ଜୀବନ ଓ କର୍ମର ରୂପାନ୍ତର ସମ୍ବନ୍ଧରେ କିଛି କୁହାଯାଇ ନାହିଁ ।

ଅତଏବ ଅତୀତର ସକଳ ଆଧ୍ୟାତ୍ମିକ ପରମ୍ପରାକୁ ତନ୍ନ-ତନ୍ନ ଭାବେ ପରୀକ୍ଷା କଲେ ବୁଝାଯିବ ଯେ ସେହିସବୁର ଦୃଷ୍ଟି ଊର୍ଦ୍ଧ୍ୱମୁଖୀ ଥିଲା; ମୁଖ୍ୟତଃ ମୁକ୍ତିକାମୀ ଥିଲା, ଜଗତକୁ ବର୍ଜନ କରିଥିଲା, ସ୍ଥୂଳ ଓ ଜାଗତିକକୁ ଆଧ୍ୟାତ୍ମିକତାର ବିରୋଧୀ ବୋଲି ଘୋଷଣା କରିଥିଲା । ଏ ଜଗତ୍ ସଙ୍ଗେ ଆଧ୍ୟାତ୍ମିକ ଆଲୋକ ଓ ଶକ୍ତିର କୌଣସି ସମ୍ପର୍କ ରହିପାରେ — ଏହା କୌଣସି ସିଦ୍ଧାନ୍ତରେ ଉଲ୍ଲେଖ ନାହିଁ । ଏକମାତ୍ର ଅତିମାନସ ଦିବ୍ୟ-ସତ୍ୟର ଆବିଷ୍କାର ଓ ପ୍ରତିଷ୍ଠା ଦ୍ୱାରା ଅଧ୍ୟାତ୍ମ ଓ ଜଡ଼ ମଧ୍ୟରେ ଏହି ନୂତନ ସମ୍ବନ୍ଧ ଦେଖା ଦେବ ।

ଅତିମାନସ ସତ୍ୟର ପ୍ରତିଷ୍ଠା ହିଁ ସଚଳ ଆଧ୍ୟାତ୍ମିକତା ବା ଗତିଶୀଳ ଆଧ୍ୟାତ୍ମିକତା । ଏଥିପୂର୍ବରୁ ଆଧ୍ୟାତ୍ମିକତା ମୁଖ୍ୟତଃ ସ୍ଥିତିଶୀଳ (Static), ନିଷ୍କ୍ରିୟ ଓ ସ୍ଥାଣୁ । ଅତିମାନସ ଦିବ୍ୟତତ୍ତ୍ୱ ହେଲା ବ୍ରହ୍ମଙ୍କ ସ୍ୱକୀୟ ଜ୍ଞାନର ଭୂମି । ଅନ୍ୟ କଥାରେ ଏହା ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣଆନନ୍ଦ । ଏହି ତତ୍ତ୍ୱ ମଧ୍ୟରେ ଭଗବାନ୍ ନିରାବରଣଭାବେ ଉପଲବ୍ଧ ହୁଅନ୍ତି । ଏକ ସଙ୍ଗେ ବ୍ରହ୍ମଙ୍କର ସଗୁଣ ଓ ନିର୍ଗୁଣ ବିଭାବ ଏଠାରେ ଉପଲବ୍ଧ ହୁଏ । ଏଠାରେ ଏକ ଓ ବହୁର ମିଳନ ଘଟେ । ଏକାତ୍ମତା ସତ୍ତ୍ୱେ, ଯଥାର୍ଥ ବ୍ୟକ୍ତିତ୍ୱର ମଧ୍ୟ ପ୍ରତିଷ୍ଠା ହୁଏ । ଏହାକୁ ବେଦରେ ଋତ, ଚିତ୍ ଏବଂ ଉପନିଷଦ୍‌ରେ 'ବିଜ୍ଞାନ ଭୂମି' ବୋଲି କୁହାଯାଇଛି । ଗୀତାରେ ଏହା ପରାପ୍ରକୃତି ପୁରୁଷୋତ୍ତମ ତତ୍ତ୍ୱ ରୂପେ ଦର୍ଶିତ ହୋଇଛି । ଏହି ସତ୍ୟର ପ୍ରତିଷ୍ଠା ପରେ ମନୋମୟ ଜଗତ୍ ବିଜ୍ଞାନ-ଲୋକରେ ପରିଣତ ହେବ ଏବଂ ଏକ ନୂତନ ସୃଷ୍ଟି ଦେଖା ଦେବ । ଏ ଜଗତର ବିବର୍ତ୍ତନ ଜଡ଼ରୁ ପ୍ରାଣ, ପ୍ରାଣରୁ ମନ ଓ ମନରୁ ଅତିମାନସ ଦିଗରେ ଚାଲୁଛି । ଯେପରି ମନଃଶକ୍ତିର ପ୍ରତିଷ୍ଠା ଦ୍ୱାରା ମନୁଷ୍ୟ ସୃଷ୍ଟି ହେଲା, ପଶୁଠାରୁ ଉନ୍ନତ ଜୀବ ସୃଷ୍ଟି ହେଲା; ସେହିପରି ଅତିମାନସ ଶକ୍ତିର ପ୍ରତିଷ୍ଠା ଦ୍ୱାରା ଅତିମାନବର ସୃଷ୍ଟି ହେବ ଏବଂ ଏହି ଅତିମାନବ ମନୁଷ୍ୟଠାରୁ ଏକ ସମ୍ପୂର୍ଣ୍ଣ ନୂତନ ଜୀବ ରୂପେ ଦେଖା ଦେବ । ମନୋମୟ ଜୀବର ସୃଷ୍ଟି ପ୍ରକୃତିର କ୍ରିୟା ଦ୍ୱାରା ସମ୍ପାଦିତ ହୋଇଥିଲା, ମାତ୍ର ଅତିମାନବ-ସତ୍ତା ଉଭୟ ପ୍ରକୃତି ଓ ମନୁଷ୍ୟର ସଚେତନ ଉଦ୍ୟମ ଦ୍ୱାରା ସମ୍ଭବ ହେବ । ମନୁଷ୍ୟ ଯଦି ଏ ଦିଗରେ ଉଦ୍ୟମ ନ କରେ ତେବେ ଏହି ନୂତନ ସୃଷ୍ଟି ଯେହେତୁ ଅବଶ୍ୟମ୍ଭାବୀ, ତାହା ଅବଶ୍ୟ ଘଟିବ; କିନ୍ତୁ ବହୁ ବିଳମ୍ବ, ବହୁ ବାଧାବିଘ୍ନ ଓ ଦୁଃଖ-ଦ୍ୱନ୍ଦ୍ୱ ମଧ୍ୟରେ ଘଟିବ । ଶ୍ରୀଅରବିନ୍ଦ ମନୁଷ୍ୟଜାତିର ଏହି ଭାବୀ ପରିଣାମକୁ ଲକ୍ଷ୍ୟ ରଖି କଠୋର ତପସ୍ୟା ଦ୍ୱାରା ଏହି ଦିବ୍ୟ ମହାନ୍ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ଉତାରି ଆଣିଛନ୍ତି । ଏହା ହିଁ ସକଳ ସକ୍ରିୟ ଅଧ୍ୟାତ୍ମ ଐଶ୍ୱର୍ଯ୍ୟ, ବିଭୂତି ଓ ସାମର୍ଥ୍ୟ । ଏହି ଶକ୍ତିର କ୍ରିୟା ଫଳରେ ପୃଥିବୀର ଏକ ଆମୂଳଚୂଳ ପରିବର୍ତ୍ତନ ହେବ ଏବଂ ବର୍ତ୍ତମାନ ଜଗତରେ ଏକ ନୂତନ ସତ୍ତା, ଶକ୍ତି ଓ ଜୀବର ପ୍ରତିଷ୍ଠା ହେବ । ଏହି ଆଧ୍ୟାତ୍ମିକତା କେବଳ ଊର୍ଦ୍ଧ୍ୱମୁଖୀ ନୁହେଁ, ଏହା ଅଧୋମୁଖୀ — ଏହା ଜଗତ୍ ଓ ଭଗବାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରେ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୦୧-୧୦୫) ✤

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩)ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଶ୍ରୀମା'ଙ୍କର ମହାପ୍ରୟାଣ

## ଶ୍ରୀ ମାଧବ ପଣ୍ଡିତ

[**୧୯୭୩ ମସିହା ନଭେମ୍ବର ୨୮** ତାରିଖରେ ଶ୍ରୀମା'ଙ୍କର ମହାପ୍ରୟାଣ ସମ୍ପର୍କରେ ଅରୋଭିଲ୍ **'Peace'** ଅଞ୍ଚଳ ମଧ୍ୟସ୍ଥ ଏକ କେନ୍ଦ୍ରରେ ଶ୍ରୀ ମାଧବ ପଣ୍ଡିତଙ୍କର ପ୍ରଦତ୍ତ ଏକ ଭାଷଣର କିଛି ନିର୍ବାଚିତ ଅଂଶ ।]

...ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କ ଲେଖା ପଢ଼ିଛନ୍ତି ସେମାନେ ଜାଣନ୍ତି ଯେ ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହୋଇ ଆସିଛି ସତ୍ୟ-ଜଗତର ଚେତନାକୁ ଏହି ପୃଥିବୀପୃଷ୍ଠରେ ଉତାରି ଆଣିବା – ଯାହାକୁ କି ସେମାନେ ଅତିମାନସ ଚେତନା ଏବଂ ଶକ୍ତି କହନ୍ତି । ସେମାନେ ଶହେ ଥର ଏକଥା ଘୋଷଣା କରିଛନ୍ତି ଯେ ପୃଥିବୀପୃଷ୍ଠରେ ସତ୍ୟ-ଚେତନାର ଅଭିବ୍ୟକ୍ତି ଘଟାଇବା, ଏକ ସକ୍ରିୟ ତତ୍ତ୍ୱ ରୂପେ ଏହାକୁ ପୃଥିବୀରେ ପ୍ରତିଷ୍ଠିତ କରିବା ଏବଂ ଧୀରେ ଧୀରେ ଏହାକୁ ମାନବ ଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର କରିବା ନିମନ୍ତେ ସମର୍ଥ କରି ତୋଳିବା ହେଉଛି ସେମାନଙ୍କର କାର୍ଯ୍ୟ । ସେମାନେ ଦର୍ଶାଇ ଦେଇଛନ୍ତି ଯେ କେବଳ ସତ୍ୟ-ଶକ୍ତି, ସତ୍ୟ-ସଂକଳ୍ପ ବ୍ୟତୀତ ଅନ୍ୟ କୌଣସି ଶକ୍ତି ଏ କାର୍ଯ୍ୟ କରିପାରିବ ନାହିଁ । ହଜାର ହଜାର ବର୍ଷ ଧରି ମଣିଷ ନିଜକୁ, ନିଜ ଜୀବନକୁ ତଥା ନିଜ ପରିବେଶକୁ ପୂର୍ଣ୍ଣାଙ୍ଗ କରି ତୋଳିବାକୁ ପ୍ରୟାସ କରି ଆସିଛି, କିନ୍ତୁ ସଫଳ ହୋଇପାରି ନାହିଁ । ସଫଳ ନହେବାର ସିଧାସଳଖ କାରଣଟି ହେଉଛି ପ୍ରତିଟି ଶକ୍ତି ଯାହାକୁ ସେ ନିଜର ଚାଳକ ବୋଲି ମାନିଛି, ତାକୁ କାର୍ଯ୍ୟରେ ଲଗାଇଛି, ତାହା ହୋଇପଡ଼ିଛି ଅପେକ୍ଷାକୃତ ଏକ ନିକୃଷ୍ଟ ଶକ୍ତି – ସତ୍ୟର ଶକ୍ତି ନୁହେଁ କିନ୍ତୁ ପରୋକ୍ଷଭାବେ ସତ୍ୟଠାରୁ ଆସିଥିବା ଏକ ଶକ୍ତି ।

ବିବର୍ତ୍ତନର ଦୀର୍ଘ ଯାତ୍ରା ପଥରେ, ପ୍ରତ୍ୟେକ ବିବର୍ତ୍ତନଗତ ସନ୍ଧିକ୍ଷଣରେ ଉର୍ଦ୍ଧ୍ୱତର ଭୂମିରୁ ସେସମୟରେ ଧାରଣା କରା-ଯାଉଥିବା ଉଚ୍ଚତମ ଶକ୍ତିକୁ ଉତାରି ଆଣିବା ନିମନ୍ତେ ଓ ତାକୁ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ କରିବା ନିମନ୍ତେ ପୂର୍ବରୁ ଅବତାରମାନେ ଜନ୍ମ ନେଇଛନ୍ତି । ଆମେ ଜାଣୁ ଶ୍ରୀରାମ ଆସିଥିଲେ ସାତ୍ତ୍ୱିକ ମନକୁ ଉତାରି ଆଣିବାକୁ ଓ ତା'ର ଧାରାକୁ କ୍ରିୟାଶୀଳ କରିବାକୁ । ଏହାର ଯୁଗ ଯୁଗ ପରେ ଶ୍ରୀକୃଷ୍ଣ ଆସିଲେ ଯେ କି ଅଧିମାନସ ଚେତନା, ଭାଗବତ ଆନନ୍ଦମୟ ଚେତନାର ପ୍ରକାଶ ଘଟାଇଲେ । ତା'ପରେ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଯୁଗ ଯୁଗ ବିତିଗଲା । ପରବର୍ତ୍ତୀ ପଦକ୍ଷେପ ଥିଲା ବିଜ୍ଞାନ, ସତ୍ୟ ଚେତନା, ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଉତାରି ଆଣିବା, ଏକ ବ୍ୟକ୍ତିଗତ ସିଦ୍ଧି ହିସାବରେ ନୁହେଁ ଯାହାକୁ କି ବୈଦିକ ଋଷିମାନେ ହଜାର ହଜାର ବର୍ଷ ତଳେ କରି ଥିଲେ; ବରଂ ସମଗ୍ର ମାନବ-ସମାଜ ପାଇଁ ଏହା ଏପରି କିଛି ଯାହାକି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଉପଯୋଗୀ ଏକ ବ୍ୟକ୍ତିଗତ ସିଦ୍ଧି ନହୋଇ ଏକ ସ୍ଥାୟୀ ଶକ୍ତି ହିସାବରେ ପୃଥିବୀପୃଷ୍ଠରେ କ୍ରିୟା କରିପାରିବ ।

ଏହି ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ମଧ୍ୟରେ ସ୍ପଷ୍ଟ ହୋଇଉଠିଲା କେବଳ ସେ ପଣ୍ଡିଚେରୀ ଆସିବା ପରେ । ସେ ପ୍ରଥମେ ଏହାର ସଂଯୋଜନା କରି ''ଆର୍ଯ୍ୟ'' ପତ୍ରିକାରେ ତାହା ପ୍ରକାଶ କଲେ । ମା' ମଧ୍ୟ ଶ୍ରୀଅରବିନ୍ଦଙ୍କ ସହ ଯୋଗଦେବା ପୂର୍ବରୁ ତାଙ୍କ 'ଧ୍ୟାନ ଓ ପ୍ରାର୍ଥନା' ବହିରେ ଏହି ଦିବ୍ୟ-ଚେତନା ସମ୍ପର୍କରେ ଲେଖିଥିଲେ । ମା' କୌଣସି ଦାର୍ଶନିକ ଢଙ୍ଗରେ କହି ନାହାନ୍ତି, ସେ ସିଧାସଳଖ ସ୍ପଷ୍ଟଭାବରେ କହିଛନ୍ତି : ଦିବ୍ୟ-ଚେତନା ପ୍ରକାଶିତ ହେବ ଓ ଜୀବନକୁ ରୂପାନ୍ତର କରିବ । ତେଣୁ ଉଭୟେ ଆର୍ଯ୍ୟରେ ପ୍ରକାଶିତ ଘୋଷଣାପତ୍ରରେ ଘୋଷଣା କଲେ ଯେ ଏକ ନୂତନ ଯୁଗ, ଏକ ପୂର୍ଣ୍ଣାଙ୍ଗ ଜୀବନ, ଏକ ପୂର୍ଣ୍ଣ ମାନବ ଗଢ଼ି ତୋଳିବା ନିମିତ୍ତ ଏପର୍ଯ୍ୟନ୍ତ ଅଭିବ୍ୟକ୍ତ ହୋଇ ନଥିବା ଏକ ନୂତନ ଚେତନାକୁ ଉତାରି ଆଣିବାକୁ ହେବ ଏବଂ ପୃଥିବୀପୃଷ୍ଠରେ ତାକୁ ସକ୍ରିୟ କରିବାକୁ ହେବ । ଏହି ଉଦ୍ଦେଶ୍ୟ ନେଇ ଶ୍ରୀମା ୧୯୨୦ ମସିହାରେ ଶ୍ରୀଅରବିନ୍ଦଙ୍କ ସହ ଯୋଗଦେଲେ ଓ ଶ୍ରୀଅରବିନ୍ଦ ମଧ୍ୟ ଯେଉଁ ବ୍ୟକ୍ତିମାନେ ଏହି ଆଦର୍ଶକୁ ଗ୍ରହଣ କରିବା ନିମିତ୍ତ ଓ ସେଥିପାଇଁ ସାଧନା କରିବାକୁ ଏକ ଆହ୍ୱାନ ଅନୁଭବ କଲେ ସେମାନଙ୍କୁ ଶିଷ୍ୟ ରୂପେ ଗ୍ରହଣ କଲେ । ଆପଣମାନେ ସମସ୍ତେ ଜାଣନ୍ତି ୧୯୨୬ ମସିହାରେ କିପରି ଆଶ୍ରମ ଆରମ୍ଭ ହେଲା । ସେଦିନ ଥିଲା ନଭେମ୍ବର

୨୪ ତାରିଖ ଯେତେବେଳେ କି ଅଧିମାନସ ଚେତନା (ଯାହାକୁ ଶ୍ରୀକୃଷ୍ଣ ପ୍ରଥମେ ଉତାରି ଆଣିଥିଲେ) ଶ୍ରୀଅରବିନ୍ଦଙ୍କ ଭୌତିକ ଶରୀର ମଧ୍ୟକୁ ଅବତରଣ କଲା ଓ ସେ ସମ୍ପୂର୍ଣ୍ଣ ରୂପେ ବାହ୍ୟ କାର୍ଯ୍ୟରୁ ଅବସର ଗ୍ରହଣ କରି ତା'ର ପରବର୍ତ୍ତୀ ପଦକ୍ଷେପ ସତ୍ୟ-ଚେତନାର ଅବତରଣ ଉପରେ ତାଙ୍କର ସକଳ ଶକ୍ତି ଓ ସାଧନା ଏକାଗ୍ର କରିବା ନିମନ୍ତେ ସେ ଅନୁଭବ କଲେ ।

୧୯୨୬ ମସିହାଠାରୁ ଶ୍ରୀଅରବିନ୍ଦଙ୍କ ସହ ଚିଠିପତ୍ରର ଆଦାନପ୍ରଦାନ ଚାଲିଲା । ଏହି ଆଦାନପ୍ରଦାନ (୧୯୩୮ ମସିହା) ତାଙ୍କର ଦୁର୍ଘଟଣା ଘଟିବା ପର୍ଯ୍ୟନ୍ତ ଅବ୍ୟାହତ ରହିଲା । ପ୍ରତିଦିନ ରାତିରେ ସେ ଚିଠିପତ୍ରର ଟିକିନିଖି ଉତ୍ତରସବୁ ଦେଉଥିଲେ । ୧୯୩୪ ମସିହାରେ କେବେ ଥରେ ସେ କହିଥିଲେ ଅତିମାନସକୁ ସାମାନ୍ୟତମ ଅଂଶରେ ସେ ଧରି ପାରିଛନ୍ତି । ପରେ ସେ କହିଥିଲେ ଯେ ଏହି ଶକ୍ତି ଆସୁଛି ଏବଂ ଚାଲିଯାଉଛି । ମା' ମଧ୍ୟ କୌଣସି ସ୍ଥାନରେ କହିଛନ୍ତି ଅତିମାନସ ଶକ୍ତି ଶ୍ରୀଅରବିନ୍ଦଙ୍କ ମଧ୍ୟକୁ ଆସିବାର, ସେଠାରେ କିଛି ସମୟ ରହିବାର ଓ ପୁଣି ଫେରିଯିବାର ସେ ଦେଖିଥିଲେ । ବର୍ଷ ପରେ ବର୍ଷ ସେମାନଙ୍କର ସାଧନା ଚାଲିଲା । ପୃଥିବୀରେ ଯାହାକିଛି ଘଟୁଥିଲା ସେମାନେ ସେସବୁକୁ ତାଙ୍କର ଉଦ୍ଦେଶ୍ୟର ବାହାର ବୋଲି ବିଚାର କରୁ ନଥିଲେ । ସେମାନେ ତାଙ୍କର ବିଶ୍ୱ-ଯୋଜନାର ଏକ ଅଂଶ ରୂପେ ପ୍ରଳୟଙ୍କରୀ ଦ୍ୱିତୀୟ ମହାଯୁଦ୍ଧ ଓ ଭାରତର ରାଜନୈତିକ ଆନ୍ଦୋଳନ ତଥା ବିପ୍ଳବ ପ୍ରତି ସମ୍ପୂର୍ଣ୍ଣ ରୂପେ ଦୃଷ୍ଟି ରଖିଥିଲେ ।

୧୯୫୦ କିଂବା ସେହି ସମୟରେ ଏକ ପରିସ୍ଥିତି ଦେଖା ଦେଲା ଯାହାଫଳରେ ଶ୍ରୀଅରବିନ୍ଦ ଦେଖିଲେ ଅତିମାନସ ଶକ୍ତିର ଅବତରଣ ନିମନ୍ତେ ପୃଥିବୀର ଅବସ୍ଥା ବାଧା ଦେଉଛି । ସେହି ଅବସ୍ଥାରେ ଯଦି ଅତିମାନସ ଶକ୍ତିକୁ ଅବତରଣ କରାଯାଏ ତେବେ ସବୁକିଛି ଭାଙ୍ଗିଯିବ । ବେଦରେ ଆମର ଗୋଟିଏ ମନ୍ତ୍ର ଅଛି ଯେଉଁଥିରେ ''ପୋଡ଼ହୀନ ମୃଣ୍ମୟ ପାତ୍ର'' ବିଷୟ ଉଲ୍ଲେଖ ଅଛି । ଏହାର ଅର୍ଥ ହେଉଛି ପାତ୍ରଟି ଯଦି ଭଲଭାବେ ପୋଡ଼ି ନହୋଇଛି ଅର୍ଥାତ୍ ଆଧାର ଯଦି ଯଥେଷ୍ଟ ପରିମାଣରେ ଶକ୍ତ ଓ ସୁଦୃଢ଼ ନହୋଇଛି ତେବେ ଏହା ଭଗବତ୍ ଅବତରଣକୁ ସମ୍ଭାଳି ପାରିବ ନାହିଁ । ଶ୍ରୀଅରବିନ୍ଦ ଦେଖିଲେ ଭୌତିକ ପଦାର୍ଥ ଏହି ଅବତରଣକୁ ସମ୍ଭାଳିବା ନିମନ୍ତେ ପ୍ରସ୍ତୁତ ନୁହେଁ । ତା'ପରେ ସେ ଏକ ସିଦ୍ଧାନ୍ତ ଗ୍ରହଣ କଲେ । ଏହା ପ୍ରାୟ ୧୯୨୩ ଓ ୧୯୨୬ ମସିହା ମଧ୍ୟରେ । ଥରେ ଏକ ସାନ୍ଧ୍ୟ କଥୋପକଥନ (ମୁଁ ଜାଣେ ନାହିଁ ଏଇ କଥୋପକଥନଟି ପ୍ରକାଶ ପାଇଛି କି ନାହିଁ) ସମୟରେ ଶ୍ରୀଅରବିନ୍ଦଙ୍କୁ ପଚରାଗଲା, ''ଆପଣ ମୃତ୍ୟୁ ଉପରେ ବିଜୟ ହାସଲ କରିଛନ୍ତି କି ?'' ସେ ଉତ୍ତର ଦେଲେ, ''ଏପରିକି ଯଦି ମୁଁ ଏକ କପ ବିଷ ପାନ କରେ ତଥାପି ଏହା ମୋତେ ମାରିପାରିବ ନାହିଁ ।'' ଆଉ ଜଣେ ପଚାରିଲେ, ''ତା'ର ଅର୍ଥ ଆପଣଙ୍କର ମୃତ୍ୟୁ ହୋଇପାରିବ ନାହିଁ ?'' ସେ ଉତ୍ତର ଦେଲେ, ''କେବଳ ତିନୋଟି ସର୍ତ୍ତ ରହିଛି ଯେଉଁଥି ଯୋଗୁଁ ମୁଁ ଶରୀରତ୍ୟାଗ କରିବି : ଗୋଟିଏ ହେଉଛି ମୋର ଲକ୍ଷ୍ୟର ସଫଳ ସମାପ୍ତି, ଦ୍ୱିତୀୟଟି ହେଉଛି ଯଦି ମୁଁ ଜାଣିପାରେ ଯେ ଏଥର ଏହା ଘଟିବ ନାହିଁ, ତୃତୀୟରେ ଯଦି କୌଣସି ଦୁର୍ଘଟଣା ଘଟେ ।'' ୧୯୫୦ ମସିହାରେ ସେ ସ୍ଥିର କଲେ ଯେ ପୃଥିବୀ ବାତାବରଣ ପ୍ରସ୍ତୁତ ହୋଇ ନଥିବାରୁ ନିଜ ଶରୀରରେ ଅତିମାନସର ଅବତରଣ ଘଟାଇ ସେ ଶରୀରତ୍ୟାଗ କରିବେ ।

ସେ ନିଜେ ଅସଂଖ୍ୟ ଲୋକଙ୍କୁ ବହୁ ରୋଗରୁ ନିଜର ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରି ଆରୋଗ୍ୟ କରିଛନ୍ତି; କିନ୍ତୁ ୧୯୫୦ ମସିହାରେ ଯେତେବେଳେ ତାଙ୍କୁ ରୋଗ ଆକ୍ରମଣ କଲା ସେତେବେଳେ ସେ ନିଜକୁ ଆରୋଗ୍ୟ କରିବାକୁ ମନା କଲେ । ଯେତେବେଳେ ଜଣେ ତାଙ୍କୁ ପଚାରିଲେ, ''ଆଜ୍ଞା, ଆପଣ କାହିଁକି ଏହାକୁ ଆରୋଗ୍ୟ କରୁ ନାହାନ୍ତି ?'' ସେ କହିଲେ, ''ତୁମେ ବୁଝିପାରିବ ନାହିଁ'' । ଶରୀରତ୍ୟାଗର ସିଦ୍ଧାନ୍ତ ସେ ଗ୍ରହଣ କଲେ କିନ୍ତୁ ତା' ସଙ୍ଗେ ସଙ୍ଗେ ତାଙ୍କର ସ୍ୱାଭାବିକ ବୀରତ୍ୱ ଯୋଗୁଁ ସେ ତାଙ୍କ ଶରୀରକୁ ଏକ ଉଦ୍ଦେଶ୍ୟମୂଳକ ଭାବେ ବଳି ଦେବାକୁ ସ୍ଥିର କଲେ । ଶେଷ ସମୟ ଯେତେ ନିକଟତର ହୋଇ ଆସୁଥିଲା, ଦେଖାଯାଉଥିଲା ସେ ସେଇ ଶକ୍ତିକୁ ସେତେ ଆକର୍ଷଣ କରିବାରେ ଲାଗିଛନ୍ତି । ଯେତେବେଳେ ଶକ୍ତି ଅବତରଣ କଲା ତାଙ୍କ ଶରୀର ବିନଷ୍ଟ ହୋଇଗଲା । ତାହା ଥିଲା ତାଙ୍କର ଆତ୍ମବଳି । ସେଦିନ ଯେଉଁ ଅବତରଣ ଘଟିଲା ସେଭଳି ଅବତରଣ କେବେ ବି କୌଣସି ପାର୍ଥିବ ଆଧାର ଗ୍ରହଣ କରି ନଥିଲା । ଏହି ଅବତରଣ ଘଟି ତାଙ୍କ ଶରୀରରେ ତାହା ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ମା'ଙ୍କ ଭିତରେ ମଧ୍ୟ ଆଲୋକମୟ ମନର ପ୍ରକାଶ ଘଟିଲା । ତାଙ୍କର ଆଧାର ମଧ୍ୟ ଶ୍ରୀଅରବିନ୍ଦଙ୍କ ଆଧାର ଭଳି ସମାନ ଭାବରେ ବିକାଶପ୍ରାପ୍ତ ହୋଇଥିଲା । ଆପଣମାନେ ଜାଣନ୍ତି ଯେ ଆଲୋକମୟ ମନ ହେଉଛି ଅତିମାନସ ଚେତନା ଦ୍ୱାରା ଅଧିକୃତ ଏବଂ

ଆଲୋକିତ ଭୌତିକ ମନ । ଏ ଘଟଣା ହେଉଛି ୧୯୫୦ ମସିହାର କଥା ।

ଆପଣମାନଙ୍କ ମଧ୍ୟରୁ ସେସମୟରେ ଯେଉଁମାନେ ଏଠାରେ ନଥିଲେ ସେମାନେ କଳ୍ପନା କରିପାରିବେ ନାହିଁ ଯେ ସାରା ଆଶ୍ରମ କିପରି ଅବସାଦଗ୍ରସ୍ତ ହୋଇ ପଡ଼ିଲା ଓ ସାରା ପୃଥିବୀର ସମସ୍ତ ବନ୍ଧୁ ଓ ଶୁଭେଚ୍ଛୁ କିପରି ଆଘାତ ପାଇଲେ । ଏହା ଥିଲା ସମ୍ପୂର୍ଣ୍ଣ ଏକ ଅପ୍ରତ୍ୟାଶିତ ଘଟଣା । କିନ୍ତୁ ଏସବୁ ସତ୍ତ୍ୱେ ଶ୍ରୀମା ଥିଲେ । ସେ ଅବସ୍ଥାକୁ ସମ୍ଭାଳି ନେଲେ; ବିଶ୍ୱାସ, ଭରସା ଓ ପ୍ରଫୁଲ୍ଲତାର କିରଣ ଛଟାରେ ସମସ୍ତଙ୍କୁ ସଂଜୀବିତ କଲେ । ସେ ଏଇ ନିଶ୍ଚୟତା ପ୍ରଦାନ କଲେ ଯେ ସତ୍ୟ-ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ନହେବା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୃଥିବୀ ବାତାବରଣ ଛାଡ଼ିବେ ନାହିଁ ।

ତା'ପରେ ମା ବୀରତ୍ୱପୂର୍ଣ୍ଣ ଭାବରେ, ନିର୍ବିବାଦରେ ସବୁକିଛିକୁ ସହି ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରି ଚାଲିଲେ । ୧୯୫୬ ମସିହା ପୂର୍ବରୁ କେଉଁଠି ଥରେ ମା ନିଶ୍ଚିତତାର ସହ ପ୍ରକାଶ କରିଥିଲେ ଯେ ଏହି ବର୍ଷଟି ପୃଥିବୀପୃଷ୍ଠରେ ଅତିମାନସ ଚେତନାର ଅବତରଣ ଦର୍ଶନ କରିବ – ଗୋଟିଏ, ଦୁଇଟି ଶରୀରରେ ନୁହେଁ, ସାଧାରଣଭାବେ ସମଗ୍ର ପୃଥିବୀରେ । ସେହି ବର୍ଷ ନୂଆ ବର୍ଷ ବାଣୀରେ ମା' କହିଲେ :

''ବୃହତ୍ତମ ବିଜୟଗୁଡ଼ିକ ସବୁଠୁ କମ୍ ଗୋଳମାଳ ଭିତରେ ହୋଇଥାଏ ।

''ଏକ ନୂତନ ଜଗତର ଅଭିବ୍ୟକ୍ତି ଡ୍ରମ୍ ବଜା ଯାଇ ଘୋଷଣା କରାଯାଏ ନାହିଁ ।''

କିନ୍ତୁ ଯାହା ଘଟିଲା ତାହା ମା'ଙ୍କୁ ତଥା ସମସ୍ତଙ୍କୁ ବିସ୍ମୟାଭିଭୂତ କରିଦେଲା । ସେହି ବର୍ଷ ଫେବ୍ରୁଆରୀ ୨୯ ତାରିଖ । ପ୍ଲେ-ଗ୍ରାଉଣ୍ଡରେ ମା' ବୁଧବାର କ୍ଲାସ ନେଇ ସାରିବା ପରେ ସମସ୍ତେ ଧ୍ୟାନ କରିବା ଲାଗି ବସିଥିଲେ । ଆପଣମାନେ ଜାଣନ୍ତି ସାବିତ୍ରୀରେ ବର୍ଣ୍ଣନା ମୁତାବକ ମା କିପରି ସେଦିନ ଏକ 'ଦ୍ୱିବିଧ ଦରଜା'ର ସମ୍ମୁଖୀନ ହେଲେ ଓ ଆଘାତ କରି ସେଇ ଦରଜାକୁ ଭାଙ୍ଗି ସତ୍ୟ-ଚେତନାର ସୁଅ ପୃଥିବୀବକ୍ଷରେ ଛୁଟାଇ ଦେଲେ, ଯେଉଁଥିରେ ସମଗ୍ର ପୃଥିବୀ ପ୍ଲାବିତ ହୋଇଗଲା । ମା' କେତେକଙ୍କୁ ବ୍ୟକ୍ତିଗତ ଭାବରେ କହିଥିଲେ ଯେ ଏହି ଅବତରଣ ଫଳରେ ପ୍ଲେ-ଗ୍ରାଉଣ୍ଡର ସମସ୍ତେ ମୂର୍ଚ୍ଛା ହୋଇ ଯାଇଥିବେ, କିନ୍ତୁ ସେ ଦେଖିଲେ ସମସ୍ତେ ଫେରିବାର ଉପକ୍ରମ କରୁଛନ୍ତି । ଯାହାହେଉ ମା' ଏଥିରେ ନିରାଶ ହୋଇ ନଥିଲେ, କାରଣ ସେ ଥରେ କହୁଥିଲେ ଯେ ତାଙ୍କ କାର୍ଯ୍ୟର ସଫଳତା ପାଇଁ ସେ ମଣିଷସମାଜ ଉପରେ କେବେ ବି ନିର୍ଭର କରନ୍ତି ନାହିଁ । ସେ ମଣିଷସମାଜ ପାଇଁ ଦାସତ୍ୱ ସ୍ୱୀକାର କରିଛନ୍ତି କିନ୍ତୁ ସାମାନ୍ୟତମ ପ୍ରତିଦାନ ସେମାନଙ୍କଠାରୁ ଚାହିଁ ନାହାନ୍ତି । ସେ କେବେ ବି ପ୍ରତିବାଦ କରି ନାହାନ୍ତି । ସେ ସବୁବେଳେ ସହାନୁଭୂତି ପ୍ରକାଶ କରିଛନ୍ତି, ସାହାଯ୍ୟ କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ କାହାରି ପ୍ରତ୍ୟୁତ୍ତରର ଅଭାବରେ କିଂବା ସହଯୋଗର ଅଭାବରେ ସେ କେବେ ବି ପ୍ରତିବାଦ କରି ନାହାନ୍ତି । ଏହା ୧୯୫୬ ମସିହାର କଥା ।

୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖ ରାତିରେ ସତ୍ୟ-ଚେତନାର ପୃଥିବୀପୃଷ୍ଠରେ ଅବତରଣ ଘଟିବା ଫଳରେ ମା'ଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ରଖିଥିଲେ ଯେ ଅତିମାନସ ଚେତନାକୁ ପୃଥିବୀପୃଷ୍ଠକୁ ଉତାରି ଆଣି ତାକୁ ପୃଥିବୀର ଏକ ଅଂଶରେ ପରିଣତ କରିବା, ତାହା ପୂର୍ଣ୍ଣ ହେଲା । ଯେ କେହି ବ୍ୟକ୍ତି ଏହା ଚାହିଁବ, ଏଥିଲାଗି ସାଧନା କରିବ ଏବଂ ସେ ତାହା ପାଇପାରିବ । ତଥାପି ମା ଏକଥା ପ୍ରକାଶ କଲେ ନାହିଁ । ଅଳ୍ପ କିଛି ଦିନ ଭିତରେ ଏହି ସଂବାଦ ବିଭିନ୍ନ ଲୋକଙ୍କ ମଧ୍ୟରେ ଖେଳିଗଲା । ମୁଁ ଯେତେବେଳେ ମା'ଙ୍କୁ ପଚାରିଲି, ''ମା କିଛି କହି ନାହାନ୍ତି କିନ୍ତୁ ଅତିମାନସ ଚେତନାର ଅବତରଣ ସମ୍ବାଦ ଚାରିଆଡ଼େ ପ୍ରଚାରିତ ହୋଇ ଗଲାଣି ।'' ମା ଆଦୌ ଆଶ୍ଚର୍ଯ୍ୟ ନହୋଇ କହିଲେ, ''ଆଃ !'' ତା'ପରେ ମାର୍ଚ୍ଚ ୨୯ ତାରିଖରେ ସମସ୍ତଙ୍କୁ ବିତରଣ କରାଯିବା ନିମନ୍ତେ ଆଶ୍ରମର ଜଣେ ଆର୍ଟିଷ୍ଟ 'ହିରଣ୍ମୟ ପୁରୁଷ' (Golden Purush) ନାମରେ ଗୋଟିଏ ପେଣ୍ଟିଙ୍ଗ୍ କରିଥିଲେ । ସେଥିରେ 'ଧ୍ୟାନ ଓ ପ୍ରାର୍ଥନା' (Prayers and Meditations)ର କିଛି ଅଂଶ ଉଦ୍ଧାର କରିଥିଲେ :

''ପ୍ରଭୁ ସଂକଳ୍ପ କରିଛନ୍ତି ଓ
ତୁମେ ତାହା କାର୍ଯ୍ୟକାରୀ କରୁଛ :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ିବ ।
ଜନ୍ମନେବ ଏକ ନୂତନ ଜଗତ୍,
ଏବଂ ଯାହା ଘୋଷଣା କରାଯାଇଛି ତାହା ପୂରଣ ହେବ ।''

*(The Lord has willed and*
*Thou dost execute :*
*A new Light shall break upon the earth.*
*A new world shall be born,*

*And the things that were promised shall be fulfilled.)*

ଏହି ଲେଖା ସହ ହିରଣ୍ମୟ ପୁରୁଷ ଚିତ୍ରକଳାର କପି ପ୍ରେସରୁ ଆସି ମା'ଙ୍କ ପାଖରେ ପହଞ୍ଚିଲା । ଆମେ ଚାରି, ପାଞ୍ଚ ଜଣ ସେଠାରେ ଉପସ୍ଥିତ ଥିଲୁ । ମା' ସେ କାଗଜକୁ ନେଇ ନିଜ ହାତରେ ପରିବର୍ତ୍ତନ କଲେ । ଯେଉଁଠି ଭବିଷ୍ୟତ୍ କାଳ ଥିଲା ତାକୁ ବର୍ତ୍ତମାନ କାଳରେ ପରିଣତ କଲେ । ସେ କାଗଜଟି ଏପର୍ଯ୍ୟନ୍ତ ସ୍ମୃତି ରୂପେ ମୋ ରୁମ୍‌ରେ ଅଛି । ଶ୍ରୀମା ନିମ୍ନମତେ ସଂଶୋଧନ କରିଥିଲେ :

''ପ୍ରଭୁ, ତୁମେ ସଂକଳ୍ପ କରିଛ, ଏବଂ ମୁଁ ତାକୁ
କାର୍ଯ୍ୟକାରୀ କରିଛି :
ଏକ ନୂତନ ଆଲୋକ ପୃଥିବୀପୃଷ୍ଠରେ ଫାଟି ପଡ଼ୁଛି,
ଜନ୍ମ ନେଇଛି ଏକ ନୂତନ ଜଗତ୍ ।
ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂର୍ଣ୍ଣ ହୋଇଛି ।''

(Lord, Thou hast willed, and I execute :
A new light breaks upon the earth,
A new world is born.
The things that were promised
are fulfilled.)

ଆମମାନଙ୍କ ପ୍ରଶ୍ନ ଲାଗି ଏହା ଥିଲା ତାଙ୍କର ଉତ୍ତର । ମା' ଶ୍ରୀଅରବିନ୍ଦ ଯେଉଁ ପ୍ରଧାନ ଉଦ୍ଦେଶ୍ୟ ନେଇ ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ ସେଇ ଉଦ୍ଦେଶ୍ୟ ପୂରଣ ପଥରେ ତଥା ପୃଥିବୀର ବିବର୍ତ୍ତନଗତ ଯାତ୍ରା ପଥରେ ଏହା ଥିଲା ଏକ ମାଇଲ ଖୁଣ୍ଟ ଭଳି ।

ତା'ପରର ପ୍ରଶ୍ନ ହେଉଛି ଏହାର ଫଳାଫଳ ନିମନ୍ତେ ଏହାକୁ କାର୍ଯ୍ୟକାରୀ କରାଇବା । ପ୍ରଧାନ କାର୍ଯ୍ୟ ଶେଷ ହୋଇଛି । ମା କହିଛନ୍ତି, ଥରେ ଅତିମାନସ ଚେତନା ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହୋଇଗଲେ ତା' ପରବର୍ତ୍ତୀ କାର୍ଯ୍ୟକ୍ରମ ହେଉଛି ତାକୁ ଅଧିକରୁ ଅଧିକ ସମ୍ପ୍ରସାରିତ କରିବା ଯାହାଫଳରେ ପୃଥିବୀ ଏହି ଚେତନାର ସ୍ପନ୍ଦନକୁ ଗ୍ରହଣ କରିବାରେ ଅଭ୍ୟସ୍ତ ହୋଇଯିବ । ୧୯୫୬ ମସିହାଠାରୁ ଶ୍ରୀମା ସେହି କାର୍ଯ୍ୟ କରି ଆସୁଛନ୍ତି । ଏହି ବିଗତ ୧୭ ବର୍ଷ ମଧ୍ୟରେ ପୃଥିବୀ ବାତାବରଣରେ ବହୁତ ପରିବର୍ତ୍ତନ ସଙ୍ଗଠିତ ହୋଇ ଚାଲିଛି ।

ସେହି ୧୯୫୬ରେ ମଧ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ଏହି ଅତିମାନସ ଚେତନା ଓ ଶକ୍ତିର ପ୍ରଭାବ ପରିଲକ୍ଷିତ ହୋଇଥିଲା । ନିକଟରେ ମୋର ଜଣେ ଭାରତର ପୁରୁଣା ରାଷ୍ଟ୍ରନେତାଙ୍କ ସହ ସାକ୍ଷାତ୍ ହୋଇଥିଲା । ସେ ମୋତେ କହିଲେ ଯେ କିପରି ବିଭିନ୍ନ ତଥ୍ୟ ଓ ତାଙ୍କ ନିଜର ଅନୁମାନକୁ ନେଇ ସେ ଆଶା କରୁଥିଲେ ଯେ ବ୍ରିଟେନ୍ ଓ ଫ୍ରାନ୍ସ ନଭେମ୍ବର ୯ ତାରିଖରେ ସୁଏଜ୍ କେନାଲ ଗଣ୍ଡଗୋଳ ନେଇ ଆକ୍ରମଣ ଆରମ୍ଭ କରିବେ । କିନ୍ତୁ ଏପରି କିଛି ଘଟିଲା ଯାହା ଫଳରେ ନଭେମ୍ବର ୨ ତାରିଖରେ ଆକ୍ରମଣ ଆରମ୍ଭ ହୋଇଗଲା । ସେ ଖୁବ୍ ବିଚଳିତ ହୋଇ ପଡ଼ିଲେ । ସେ ଯେତେବେଳେ ଆଶ୍ରମ ଆସିଥିଲେ ସେତେବେଳେ ଏ ବିଷୟ ମା'ଙ୍କୁ କହି ପଚାରିଲେ, ''ମୋର ଗଣନା କେବେ ବି ଭୁଲ୍ ହୋଇ ନାହିଁ, ଏଥର କାହିଁକି ଏପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା ?'' ମା ଟିକିଏ ହସି କହିଲେ, ''ଏକଥା ସତ ଯେ ତୁମେ ସବୁ ବିଷୟ ଗଣନାରେ ନେଇଛ କେବଳ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦେଇ ।'' ତା'ପରେ ସେ ମା'ଙ୍କୁ ସେ ବିଷୟଟି କ'ଣ ବୋଲି ପଚାରିବାରୁ ମା' କହିଲେ, ''ଯେଉଁ ନୂତନ ଶକ୍ତି ଅବତରଣ କରିଛି ତୁମେ ତାକୁ ଗଣନାରେ ନେଇ ନାହଁ ।'' ତା'ପରେ ସାଙ୍ଗେ ସାଙ୍ଗେ ସେ ଏହି ନୂତନ ପରିସ୍ଥିତି ସମ୍ପର୍କରେ ସଚେତନ ହୋଇ ଉଠିଲେ ।

୧୯୫୬ ମସିହାଠାରୁ ଏହି ଅତିମାନସ ଶକ୍ତିର ସଙ୍ଗତି ଓ ଐକ୍ୟର ପ୍ରଭାବ ଯୋଗୁଁ ଯେଉଁ ପରିସ୍ଥିତି ପୂର୍ବରୁ ସହଜରେ ପୃଥିବୀବ୍ୟାପୀ ମହାସମର ଘଟାଇ ପାରୁଥିଲା ତାହା ସେପରି ହେବାକୁ ସୁଯୋଗ ପାଉ ନାହିଁ । ଏକ ତୃତୀୟ ମହାସମର ଘଟିବା ଅସମ୍ଭବ । ସାମାନ୍ୟ ଖଣ୍ଡଯୁଦ୍ଧ, ଆଞ୍ଚଳିକ ସଂଘର୍ଷ ଅନ୍ୟ ଦେଶମାନଙ୍କରେ ଲାଗିପାରେ; କିନ୍ତୁ ପୃଥିବୀ ମହାସମର ଅସମ୍ଭବ । ମୂଳ ସତ୍ୟର ଐକ୍ୟ, ସଙ୍ଗତି ଓ ପ୍ରେମର ପ୍ରତିଷ୍ଠା ଫଳରେ ହିଂସା ଏବଂ ଯୁଦ୍ଧ ପଶ୍ଚାତରେ ଥିବା ଶକ୍ତିର ମୂଳଦୁଆକୁ ଭାଙ୍ଗି ଦିଆଯାଇଛି । ଏକ ନୂତନ ଧାରା ସୃଷ୍ଟି ହୋଇଛି ଯାହା ଆମମାନଙ୍କ ମନରେ ନିଶ୍ଚିତ ଧାରଣା ଦେଉଛି ଯେ ପୃଥିବୀ ଏକ ହେବା ଦିଗରେ ଗତି କରୁଛି । ଏ ତ କେବଳ ଗୋଟିଏ ଫଳାଫଳ, ଆହୁରି ଅନେକ ରହିଛି । ଅତିମାନସ ଅବତରଣର ବହୁତ ଫଳାଫଳ ରହିଛି – କେତେକ ସମଷ୍ଟିଗତ ସ୍ତରରେ କାର୍ଯ୍ୟକାରୀ ହେବ, କେତେକ ବ୍ୟକ୍ତିଗତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ, କିନ୍ତୁ ସବୁକିଛି ସମନ୍ୱିତ ହେବ ।

ଅତିମାନସର ଅବତରଣ ଫଳରେ ମନକୁ ପୂର୍ଣ୍ଣତା ପ୍ରାପ୍ତ

କରିବାକୁ ହେବ । ମନରେ ପ୍ରକାଶ ପାଇବ ଅଭ୍ରାନ୍ତ ଜ୍ଞାନ । ଏହି ଜ୍ଞାନ ସହ ତାଳ ଦେଇ ଚାଲିବା ନିମନ୍ତେ ଆବଶ୍ୟକ ଶକ୍ତି ମଧ୍ୟ ହାସଲ କରିବାକୁ ହେବ, ମଣିଷ ପ୍ରକୃତି ପରିଣତ ହେବ ଦିବ୍ୟ-ପ୍ରକୃତିରେ, ତା'ପରେ ଯାଇ ରୂପାନ୍ତର କ୍ରିୟା ସମ୍ଭବ ହେବ । ଆହୁରି ମଧ୍ୟ ଭୌତିକ ଅଥବା ପାର୍ଥିବ ଅମରତ୍ୱର କଥା ରହିଛି । କିନ୍ତୁ ମନେ ରଖିବାକୁ ହେବ ଏସବୁ ଏକ କେନ୍ଦ୍ରୀୟ କ୍ରିୟାର ଫଳାଫଳ ମାତ୍ର, ଯେଉଁ କ୍ରିୟାକୁ କି ଧୀରେ ଧୀରେ କାର୍ଯ୍ୟକାରୀ କରିବାକୁ ହେବ । ମା କହୁଥିଲେ ଯେ ଥରେ ସେ କୁଆଡ଼େ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଅତିମାନସର ଅବତରଣ ପରେ ରୂପାନ୍ତର କ୍ରିୟା କେତେ ସମୟ ଆବଶ୍ୟକ କରିବ ?'' ଶ୍ରୀଅରବିନ୍ଦ ଉପରକୁ ଚାହିଁଲେ ଏବଂ ମା'ଙ୍କୁ କହିଲେ ''ପ୍ରାୟ ତିନିଶହ ବର୍ଷ ।'' ଏହା ଯେ ଠିକ୍ ତିନିଶହ ବର୍ଷ ତା' ନୁହେଁ, ଯେଉଁ ଦୀର୍ଘ ସମୟ ଏଥିଲାଗି ଦରକାର ଏ କେବଳ ତା'ର ସୂଚନା ମାତ୍ର । ଏଇ କଥା କହିବା ସମୟରେ ମା ଆହୁରି ମଧ୍ୟ କହିଲେ, ''ଶ୍ରୀଅରବିନ୍ଦ କହିଲେ ତିନିଶହ ବର୍ଷ, କିନ୍ତୁ ତୁମେମାନେ ଜାଣ ଭଗବତ୍ କୃପା ବୋଲି ଗୋଟିଏ ଜିନିଷ ଅଛି – କ'ଣ କେତେବେଳେ ଘଟିପାରେ ।'' କିନ୍ତୁ ମା'ଙ୍କ ନିଜ ମନରେ କିଛି ସନ୍ଦେହ ନଥିଲା । ସେ ଥିଲେ ଆଜନ୍ମ ଯୋଦ୍ଧା, କାର୍ଯ୍ୟଟି ନିଶ୍ଚୟ ହେବ ଏଇ ଅଟଳ ବିଶ୍ୱାସ ନେଇ ସେ ସବୁବେଳେ କାର୍ଯ୍ୟ କରୁଥିଲେ ।

ମାନବିକ ପ୍ରକୃତିକୁ ଦିବ୍ୟ-ପ୍ରକୃତିରେ ପରିଣତ କରିବା ଯାହାକି ଆମ ପକ୍ଷରେ ଏକ ଜୀବନବ୍ୟାପୀ କାର୍ଯ୍ୟକ୍ରମ – ସେ ପ୍ରଶ୍ନ ମା'ଙ୍କ ଲାଗି ନଥିଲା । କାରଣ ବିଗତ ପଚାଶ କିଂବା ଷାଠିଏ ବର୍ଷ ଧରି ସେ ଦେଖି ଆସୁଛନ୍ତି ତାଙ୍କର ମାନବୀୟ ଶରୀରର ଯନ୍ତ୍ରାବଳି ଦିବ୍ୟ-ପ୍ରକୃତି ଧାରଣ କରୁଛନ୍ତି । ତେଣୁ ପ୍ରକୃତି ପରିବର୍ତ୍ତନର ପ୍ରଶ୍ନ ଉଠୁ ନାହିଁ । ମା'ଙ୍କ ବ୍ୟାଖ୍ୟା ଅନୁସାରେ ସ୍ଥୂଳ ଶରୀରର ରୂପାନ୍ତର ଅର୍ଥ ପ୍ରତ୍ୟେକ କୋଷକୁ ପରିବର୍ତ୍ତନ ନିମନ୍ତେ ବୁଝାଇବା, ରାଜି କରାଇବା, ସେମାନଙ୍କୁ ରୂପାନ୍ତରକାରୀ ଶକ୍ତି ଦିଗରେ ଖୋଲି ଧରିବା; ଯେଉଁଠି ସେମାନେ ବାଧା ଦିଅନ୍ତି ସେ କ୍ଷେତ୍ରରେ ଶରୀରରେ ଯନ୍ତ୍ରଣା ଆକାରରେ ତାହା ପ୍ରକାଶ ପାଏ ଯାହାକୁ କି କୌଣସି ଔଷଧ ଆରୋଗ୍ୟ କରିପାରିବ ନାହିଁ – ତାକୁ କେବଳ ସହିବାକୁ ହେବ । ମଣିଷ ଶରୀର ମଧ୍ୟରେ କୋଟି କୋଟି କୋଷ ରହିଛି । ତେଣୁ ସେସବୁକୁ ପରିବର୍ତ୍ତନ କରିବା ଏକ ଦୁଃସାଧ୍ୟ, ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟ ଯାହାକି ସେ କରି ଚାଲିଥିଲେ । କେବଳ କୌଣସି ଅଲୌକିକ କ୍ରିୟାର ଆଶ୍ରୟ ନେବା ବ୍ୟତୀତ ଏହି ରୂପାନ୍ତର କାର୍ଯ୍ୟ ଯେ ଖୁବ୍ କମ୍ ବର୍ଷ ଭିତରେ ହୋଇପାରିବ ଏକଥା କେହି ଗୁରୁତ୍ୱର ସହ ଆଶା କରୁ ନଥିଲେ । କିନ୍ତୁ ମା'ଙ୍କର ଧାରା ଓ କାର୍ଯ୍ୟକ୍ରମ କେବେ ବି ଅଲୌକିକ କ୍ରିୟାକୁ ଆଶ୍ରୟ କରେ ନାହିଁ ।

ନିମ୍ନରେ ମା'ଙ୍କ ଶରୀରର ବିଭିନ୍ନ କୋଷଗୁଡ଼ିକର ରୂପାନ୍ତର ସଙ୍ଗେ ସଙ୍ଗେ ଊର୍ଦ୍ଧ୍ୱରୁ ମଧ୍ୟ କାର୍ଯ୍ୟ ଚାଲିଥିଲା । ଶ୍ରୀଅରବିନ୍ଦ ତାଙ୍କ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ କରୁଥିଲେ । ଏକ ନୂତନ ଶରୀର, ଅତିମାନସ ଶରୀର ଗଠିତ ହେଉଥିଲା । ସେହି ଶରୀର ଥିଲା ଏହି ପୁରାତନ ଶରୀରର ରୂପାନ୍ତରର ଶେଷ ପରିଣତି । ପୁରାତନ ଶରୀରର ଅବସାନ ପରେ ସେଥିରେ ତାଙ୍କର ଆଶ୍ରୟ ଗ୍ରହଣ କରିବାର ଥିଲା । ସେହି ନୂତନ ଶରୀର ସମ୍ବନ୍ଧରେ ସେ ''ପଥର ଟିପ୍ପଣୀ'' (Notes on the Way)ରେ ବର୍ଣ୍ଣନା କରିଛନ୍ତି । ସେହି ଶରୀର ଦେଖିବାକୁ କିପରି ତାହା ମଧ୍ୟ ସେ ବର୍ଣ୍ଣନା କରିଛନ୍ତି । ପ୍ରାୟ ବର୍ଷକ ପୂର୍ବେ ସେ ଜଣଙ୍କୁ କହୁଥିଲେ, ''ମୁଁ ଚେଷ୍ଟା କରୁଛି ଏହି ଭୌତିକ ଶରୀରକୁ ସେହି ନୂତନ ଶରୀର ମଧ୍ୟରେ ମିଳାଇ ଦେବାକୁ, କିନ୍ତୁ ମୁଁ ଏପର୍ଯ୍ୟନ୍ତ ତା'ର ଉପାୟ ପାଇ ନାହିଁ ।'' ସେ ପୁଣି କହିଲେ, ''ପୃଥିବୀରେ କେହି ଏ କାର୍ଯ୍ୟ କରିବାକୁ ଚେଷ୍ଟା କରି ନାହିଁ, ଏ କାର୍ଯ୍ୟର ରହସ୍ୟ ବି ମୋତେ ଜଣା ନାହିଁ ।'' ଏହି କାର୍ଯ୍ୟ ଲାଗି ସେ ଊର୍ଦ୍ଧ୍ୱରୁ ମଧ୍ୟ କୌଣସି ସାହାଯ୍ୟ ପାଉ ନଥିଲେ ବୋଲି କହୁଥିଲେ । ଏହି ସାହାଯ୍ୟ ସେ ଅନ୍ୱେଷଣ କରିବାରେ ଲାଗିଥିଲେ ।

ଆପଣମାନଙ୍କ ମନରେ ଦୃଢ଼ ପ୍ରତ୍ୟୟ ଜନ୍ମାଇବା ଲାଗି ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରୁଛି । ଥରେ ମୋ ମନରେ ଏକ ଆକସ୍ମିକ ଝଲକ ରୂପେ ଏହି କଥାଟି ଆସିଲା ଯେ ମା'ଙ୍କର ସେହି ଜ୍ୟୋତିର୍ମୟ ଶରୀରଟି ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ସେ ମୃତ୍ୟୁବରଣ ନକରି ତା' ମଧ୍ୟକୁ ଚାଲିଯିବେ । 'ଏଠାରେ ମୃତ୍ୟୁବରଣ ନକରିବା' ଶରୀର ଅର୍ଥରେ କୁହାଯାଇ ନାହିଁ । ଶରୀର ମୃତ୍ୟୁବରଣ କରିବ; କିନ୍ତୁ ଚେତନା ଅବିଚ୍ଛିନ୍ନ ରହିବ, ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ବଜାୟ ରଖି ମା ତାଙ୍କର ସେହି ଜ୍ୟୋତିର୍ମୟ ଶରୀର ମଧ୍ୟକୁ ଚାଲିଯିବେ । ଏ ବିଷୟ ମୋ ମନକୁ ଏକ ଝଲକ ରୂପେ ଆସିଲା ଓ ଏହା ଯେଭଳି ଭାବରେ ଆସିଲା ତାହା ଏକ ଧାରଣା ଭଳି ନୁହେଁ, ମୁଁ ଆସି ସଙ୍ଗେ ସଙ୍ଗେ ମୋର ଡାଇରିରେ ତାହା ଲେଖିଦେଲି । ତା'ପର ଦିନ ୧୯୭୩ ଜୁଲାଇ ୨୪ ତାରିଖରେ ସେ ଲେଖାକୁ ଦେଖିଲି । ଅନ୍ୟମାନଙ୍କୁ

କାହାକୁ ବିଶେଷ କରି ଏକଥା କହିବାକୁ ମୁଁ ଉଚିତ ମନେ କଲି ନାହିଁ । କେବଳ ମୋ ସହିତ ଯେଉଁମାନେ ଅତି ଘନିଷ୍ଠଭାବେ ସମ୍ପୃକ୍ତ ସେଇମାନଙ୍କୁ କହିଥିଲି । ତା'ପରେ ଏଠାକାର ଜଣେ ବନ୍ଧୁ ମୋ ପାଖକୁ ଆସି ପଚାରିଲେ, ''ମା'ଙ୍କ ସମ୍ବନ୍ଧେ ପ୍ରଶ୍ନୋତ୍ତରରେ ଆପଣଙ୍କ ମୁହଁରୁ ସେଦିନ ସେପରି ଭିନ୍ନ ପ୍ରକାର କଥା କାହିଁକି ଶୁଣିଲି ?'' ମୁଁ ଜାଣିପାରିଲି ନାହିଁ ତାଙ୍କୁ କ'ଣ ଉତ୍ତର ଦେବି, ତେବେ ମୋର ମନ କିପରି କାର୍ଯ୍ୟ କରିଥିଲା ସେତିକି କହିଲି ।

ତା'ପରେ ନଭେମ୍ବର ୧୭ ତାରିଖ ସକାଳ ୯ଟା ସମୟରେ ମୋର ଜଣେ ବନ୍ଧୁଙ୍କ ସହ ସାକ୍ଷାତ୍ ହେଲା । ଗୁହ୍ୟ ଅଭିଜ୍ଞତା ଓ ଗୁହ୍ୟ ଜ୍ଞାନରେ ତାଙ୍କର କିଛି ଦଖଲ ଅଛି । ସାଧାରଣତଃ ଆମର ଯେତେବେଳେ ପରସ୍ପର ସହ ସାକ୍ଷାତ୍ ହୁଏ ସେତେବେଳେ ଆମେ ସେହି ଗୁହ୍ୟ ଅଭିଜ୍ଞତା ସମ୍ବନ୍ଧେ କଥାବାର୍ତ୍ତା ହୋଇଥାଉ । ସେଦିନ ସେ ମୋତେ କହିଲେ, ''ମୁଁ ମା'ଙ୍କର ଜ୍ୟୋତିର୍ମୟ ଶରୀର ଦେଖିଛି ।'' ଏକଥା ଶୁଣି ମୁଁ ଆଗ୍ରହୀ ହୋଇ ଉଠିଲି । ସେ ପୁଣି କହିଲେ, ''ମା'ଙ୍କର ନୂତନ ଶରୀର ଆଲୋକରେ ପୂର୍ଣ୍ଣ କିନ୍ତୁ ପୃଥିବୀ ବାତାବରଣରେ କାର୍ଯ୍ୟ କରିବା ପାଇଁ ଏହା ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହୋଇ ନାହିଁ । ସେହି ଶରୀରକୁ ଦେଖି ମୋର ଏହି ବୋଧ ଆସିଲା ଯେ ପୃଥିବୀ ବାତାବରଣରେ ତିଷ୍ଠି ରହିବା ପାଇଁ ଓ କାର୍ଯ୍ୟ କରିବା ପାଇଁ ସେହି ଶରୀର ଯଥେଷ୍ଟ ପରିମାଣରେ ଘନତ୍ୱ ପ୍ରାପ୍ତ ହେଲେ ମା' ସେ ଶରୀର ମଧ୍ୟରେ ପ୍ରବେଶ କରିବେ, ତାହା ଦୃଶ୍ୟମାନ ହେଉ ବା ଅଦୃଶ୍ୟ ହେଉ । କିନ୍ତୁ ଭୌତିକ ଶରୀରର ପୁନର୍ଜୀବନ ପ୍ରାପ୍ତିର ପ୍ରଶ୍ନ ଉଠୁ ନାହିଁ ।'' ସେ ଆହୁରି ମଧ୍ୟ କହିଲେ, ''ମା'ଙ୍କ ଚାରିପଟେ ଥିବା ଜ୍ୟୋତିଃର ବଳୟକୁ ଯେଉଁମାନେ ଦେଖିପାରନ୍ତି ସେମାନେ ସେହି ଜ୍ୟୋତିର୍ମୟ ଶରୀରକୁ ଦେଖି ପାରିବେ ।'' ଚାରି ମାସ ପୂର୍ବେ ଯାହା ମୁଁ ଦେଖିଥିଲି ଏହା ତାକୁ ଆହୁରି ସୁଦୃଢ଼ କରିଦେଲା ।

ସେହିଦିନ ସନ୍ଧ୍ୟା ୬ଟ୭. ୨୫ ମିନିଟରେ ଆପଣମାନେ ଜାଣନ୍ତି ମା ଶରୀରତ୍ୟାଗ କଲେ । କୁହାଯାଏ ତାଙ୍କ ଶରୀରତ୍ୟାଗର କାରଣ ଥିଲା ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଯିବା କିନ୍ତୁ ମୁଁ ଆପଣମାନଙ୍କୁ କହୁଛି ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହେବା କାରଣ ନଥିଲା, ବରଂ ଶରୀରତ୍ୟାଗର ଏହା ଥିଲା ପରିଣତି । ସେ ସ୍ଥିର କରି ସାରିଥିଲେ, ଯେଉଁ ମୁହୂର୍ତ୍ତରେ ଅନ୍ୟ ଶରୀରଟି ପ୍ରସ୍ତୁତ ହୋଇଗଲା ସେ ତା' ମଧ୍ୟକୁ ଚାଲିଗଲେ ।

ମା' ମୃତ୍ୟୁବରଣ କରି ନାହାନ୍ତି, ସେ କେବଳ ତାଙ୍କ ଶରୀର ପରିବର୍ତ୍ତନ କରିଛନ୍ତି । ଗୀତାରେ ବର୍ଣ୍ଣିତ ଆତ୍ମା ଯେପରି ଶରୀର ପରିବର୍ତ୍ତନ କରେ ସେପରି ନୁହେଁ, କିନ୍ତୁ ସଚେତନ ଭାବେ ତାଙ୍କ ପୂର୍ଣ୍ଣ ବ୍ୟକ୍ତିତ୍ୱ ରକ୍ଷା କରି ସେ ସେହି ଶରୀର ମଧ୍ୟକୁ ଚାଲିଗଲେ । ସେଦିନର ମୋର ଅଭିଜ୍ଞତା ଅନୁଯାୟୀ ମା' ସେହି ନୂତନ ଶରୀର ମଧ୍ୟରେ ଥାଇ ତାଙ୍କ ପ୍ରତି ଉନ୍ମୁକ୍ତ ତାଙ୍କର ଯନ୍ତ୍ରମାନଙ୍କ ଦ୍ୱାରା ଅତିମାନସର ଅବତରଣଜନିତ ପରିଣାମକୁ ତ୍ୱରାନ୍ୱିତ କରିବେ । କିନ୍ତୁ ଏଣିକି ମା'ଙ୍କର କାର୍ଯ୍ୟ ଆଶ୍ରମ କିଂବା ଅରୋଭିଲ୍‌ରେ ସୀମାବଦ୍ଧ ରହିବ ନାହିଁ, ସମଗ୍ର ପୃଥିବୀ ହେବ ତାଙ୍କର ଆଶ୍ରମ । ପୂର୍ବଦିନ ରେଡ଼ିଓରେ ମୁଁ ଯାହା କହିଥିଲି, ''ମା ଯେଉଁ ଦିବ୍ୟପ୍ରେମର ସାଗର ଥିଲେ ତାହା ବର୍ତ୍ତମାନ ମହାସାଗର ରୂପରେ ଉଦ୍‌ବେଳିତ''; ଏକଥା ଏକ ଧାରଣା କିଂବା କଳ୍ପନା ନୁହେଁ, ବରଂ ଏକ ଅଭିଜ୍ଞତା ।

ମୁଁ ଏ ସମ୍ବନ୍ଧେ ନିଶ୍ଚିତ ଯେ ଆପଣମାନେ ସମସ୍ତେ ମା'ଙ୍କର ଉପସ୍ଥିତି ଅନୁଭବ କରି ପାରୁଥିବେ । ତାଙ୍କର ଉପସ୍ଥିତି ଯେପରି ଅନୁଭୂତ ହେଉଛି ଅନ୍ୟ କୌଣସି ମୃତ ବ୍ୟକ୍ତିଙ୍କର ସେପରି ହୋଇପାରିବ ନାହିଁ । ଆଶ୍ରମ ବାତାବରଣରେ ଆପଣମାନେ କୌଣସି ଆତଙ୍କ ଅନୁଭବ କରୁଛନ୍ତି କି ? ଦୁଇ ହଜାର ଲୋକ ତାଙ୍କର ନେତାଙ୍କୁ ହରାଇ ଯେଉଁ ଶାନ୍ତି ଓ ସ୍ଥିରତା ଅନୁଭବ କରୁଛନ୍ତି ତାହା ଆପଣମାନେ କଳ୍ପନା କରିପାରୁଛନ୍ତି ତ ? ଦୁଃଖର ଚିହ୍ନ ଅଛି କି ? ତଥାପି ସ୍ଥୂଳ ବିଚ୍ଛେଦର କିଛିଟା ଯନ୍ତ୍ରଣା ରହିଛି, କିନ୍ତୁ ସେ ତ ସବୁବେଳେ ଉପସ୍ଥିତ ଅଛନ୍ତି । ହଜାର ହଜାର ଭକ୍ତ ଯେଉଁମାନେ ମା'ଙ୍କ ଶରୀରତ୍ୟାଗ ପରେ ଦର୍ଶନ ଲାଗି ଆସିଥିଲେ ସେମାନେ କହୁଥିଲେ : ''ଆମେମାନେ ଅତିଶୟ ଦୁଃଖ ଓ ଅବସାଦଗ୍ରସ୍ତ ହୋଇ ପଡ଼ିଥିଲୁ, ଆମେ ଜାଣିପାରିଲୁ ନାହିଁ କ'ଣ କରିବାକୁ ହେବ । ଯାହା ପାଇଲୁ – ଉଡ଼ାଜାହାଜ, ଟ୍ରେନ୍, ବସ୍, କାର୍ – କିଛି ବିଚାର ନକରି ସେଥିରେ ପଳାଇ ଆସିଲୁ ।'' ସେମାନେ କହନ୍ତି ଯେ ସେମାନେ ଏଠାରେ ପହଞ୍ଚିବାର ଅଧ ଘଣ୍ଟାଏ କିଂବା ଘଣ୍ଟାଏ ପରେ ସେମାନଙ୍କର ଦୁଃଖ ପୋଛି ହୋଇଯାଇଛି । ସେମାନେ ଭାବିଲେ ଯେ ସେମାନଙ୍କର ଆସିବା ସାର୍ଥକ ହୋଇଛି । ମା କୁଆଡ଼େ ଯାଇ ନାହାନ୍ତି, ଏଠାରେ ଅଛନ୍ତି । 'ସେ ଏଠାରେ ଅଛନ୍ତି' ଅର୍ଥ ଏଇ ପୃଥିବୀରେ ଅଛନ୍ତି ।

ମା' ଆମମାନଙ୍କୁ ଏ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମ ଭୌତିକ ଜଗତରେ ତାଙ୍କ ଅତିମାନସ

ଶରୀରରେ ରହିଛନ୍ତି ଓ ପୃଥିବୀରେ ଅଭିବ୍ୟକ୍ତ ହେବା ନିମନ୍ତେ ଅନୁକୂଳ ଅବସ୍ଥାକୁ ଅପେକ୍ଷା କରି ରହିଛନ୍ତି । ଆମେ ଜାଣିନୁ ସେସମୟ କେତେବେଳେ ଆସିବ । ପୃଥିବୀ ଉପାଦାନ ପରିବର୍ତ୍ତନ ନହେଲେ ସେ ଶରୀର ଏଠାରେ କାର୍ଯ୍ୟ କରିପାରିବ ନାହିଁ । ମା ଯେଉଁ ନୂତନ ଶରୀର ଗ୍ରହଣ କରିଛନ୍ତି ତାହା ପୃଥିବୀର ନିକଟତର । ସୂକ୍ଷ୍ମଭୌତିକ ଜଗତରେ ଶ୍ରୀଅରବିନ୍ଦଙ୍କ ଅତିମାନସ ଶରୀର ଓ ଏହି ପାର୍ଥିବ ଜଗତ୍ ମଧ୍ୟରେ ମା ଏକ ସେତୁ ହେବାକୁ ଯାଉଛନ୍ତି । ଶ୍ରୀଅରବିନ୍ଦ ସାବିତ୍ରୀରେ ମା'ଙ୍କ ସମ୍ବନ୍ଧେ କହିଛନ୍ତି :

''ସ୍ୱର୍ଣ୍ଣମୟ ସେତୁ ସିଏ ବହ୍ନି ଅନୁପମ ।''

(She is the golden bridge, the wonderful fire.)

ଆମେମାନେ ଯେଉଁମାନେ ତାଙ୍କ ପ୍ରତି ବିଶ୍ୱସ୍ତ, ତାଙ୍କରି ଲକ୍ଷ୍ୟ ପୂରଣ ନିମିତ୍ତ ଓ ଆମଠାରୁ ଯେଉଁ ପୂର୍ଣ୍ଣତା ସେ ଚାହୁଁଛନ୍ତି ତାକୁ ହାସଲ କରିବା ନିମିତ୍ତ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ସେଇମାନଙ୍କ ପାଇଁ ଊର୍ଦ୍ଧ୍ୱରୁ ଯାହାକିଛି ଆସିବ ସେ ସେତୁ ରୂପେ ତା'ରି କାର୍ଯ୍ୟ କରୁଛନ୍ତି । ସେ ଆମମାନଙ୍କ ପାଇଁ ଯାହା କରିଛନ୍ତି ସେଥିନିମନ୍ତେ କୃତଜ୍ଞତା ଜଣାଇବାର ଏକମାତ୍ର ଉପାୟ ହେଉଛି ଆମେ ଆମର ନିଜ ନିଜ ଧାରା ଅନୁଯାୟୀ ତାଙ୍କୁହିଁ ଆମମାନଙ୍କ ମଧ୍ୟରେ ଜୀବନ୍ତ, ଜାଗ୍ରତ୍ ରଖି ଆମର ସତ୍ତାରେ ପ୍ରକାଶିତ ହେବାକୁ ଦେବା ।

ସମଗ୍ର ପୃଥିବୀକୁ ଆଚ୍ଛାଦନ କରି ସେ ରହିଛନ୍ତି । ଯେଉଁମାନଙ୍କର ତାଙ୍କ ପ୍ରତି ଉନ୍ମୀଳନ, ପ୍ରେମ ଓ ଭକ୍ତି ରହିଛି, ବନ୍ୟା ଭଳି ସେମାନଙ୍କ ମଧ୍ୟକୁ ତାଙ୍କର ଚେତନା, ପ୍ରେମ ଓ ଶକ୍ତି ପ୍ରବେଶ କରୁଛି । ସେଇ ସମ୍ପର୍କ ବଜାୟ ରଖନ୍ତୁ ଓ ତାଙ୍କ ନିମନ୍ତେ ଏକ ପ୍ରେମପୂର୍ଣ୍ଣ ଭାବ ପୋଷଣ କରନ୍ତୁ । କୃତଜ୍ଞତାଭରା ଆନନ୍ଦର ସହ ତାଙ୍କର ଚେତନା ମଧ୍ୟରେ ବାସ କରନ୍ତୁ । ତାଙ୍କ ପାଇଁ ମୃତ୍ୟୁ ନାହିଁ ।

ମୋର ମନେପଡ଼େ ଏହି ୧୯୭୩ ମସିହା ଫେବ୍ରୁଆରୀ ୨୧ ତାରିଖ ମା'ଙ୍କ ଜନ୍ମଦିନରେ ଯେତେବେଳେ ମୁଁ ତାଙ୍କୁ ସାକ୍ଷାତ୍ କରିଥିଲି ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ମୁଁ ତାଙ୍କୁ କହି ପକାଇଥିଲି, ''ଯଦି ମୋର ଜୀବନ ବିନିମୟରେ ତୁମର ଭୌତିକ ପରମାୟୁ ଗୋଟିଏ ଦିନ ବି ବଢ଼ି ଯାଇପାରେ ତେବେ ଅନୁଗ୍ରହ କରି ଏ ଜୀବନ ଗ୍ରହଣ କରନ୍ତୁ ।'' ସେ କିଛି ସମୟ ଆନ୍ତର ଚେତନା ଭିତରକୁ ଚାଲିଗଲେ ଓ ମୋର ହାତକୁ ଧରି କହିଲେ, ''ଜୀବନ ଚିରନ୍ତନ'' ।

ସେ ଶାଶ୍ୱତ ମଧ୍ୟରେ ବାସ କରୁଥିଲେ । ସେ କେବଳ ପାର୍ଥିବ ସ୍ଥାନ, କାଳ ମଧ୍ୟରେ ଆବଦ୍ଧ ନଥିଲେ । ତାଙ୍କର ଜୀବନ ଓ କର୍ମ ନିମନ୍ତେ ସବୁବେଳେ ରହିଥିଲା ଏକ ଭିନ୍ନ ପରିସୀମା । ମୋ ଭଳି ଅନ୍ୟ ଜଣେ କର୍ମୀଙ୍କୁ ସେ ଥରେ କହୁଥିଲେ, ''ଯଦି ମୁଁ ବର୍ତ୍ତମାନ କିଛି କୁହେ ତେବେ ଅନୁଗ୍ରହ କରି ସେଇ କଥାକୁ ଅଧଘଣ୍ଟାଏ ପରେ ଯେପରି ମୋ ବିରୋଧରେ ଉଦ୍ଧାର ନକର; କାରଣ ସେଇ ଅଧଘଣ୍ଟାଏ ଭିତରେ ମୁଁ ୫୦୦ ମାଇଲ ଆଗକୁ ଚାଲି ଯାଇଥିବି ।'' ଏକଥା ବହୁ ବର୍ଷ ପୂର୍ବର କଥା । ତାଙ୍କ ଯଥାର୍ଥ ବ୍ୟକ୍ତିତ୍ୱର କିଛି କିଛି ଆଭାସ ସେ ଏଇ ରୂପେ ଆମକୁ ଦେଇଥିଲେ । ଥରେ ଜଣେ ବ୍ୟକ୍ତି ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ସେଇ ସମୟରେ ମୁଁ ସେଠାରେ ଉପସ୍ଥିତ ଥିଲି । ସେ ତାଙ୍କୁ କହୁଥିଲେ, ''ତୁମେ କ'ଣ ଦେଖିପାରୁନ ଯେ ମୋର ଯେଉଁ ଅଂଶଟି ଏଇ ବିଶ୍ୱର ଅନ୍ତର୍ଗତ କେବଳ ସେଇ ଅଂଶଟି ଏଠାରେ ଅଛି !''

ଏଇସବୁ କଥାରୁ ଆପଣମାନେ ସହଜରେ ଜାଣି ପାରୁଥିବେ ତାଙ୍କର ଅତିଭୌତିକ ଦିଗ ସମ୍ବନ୍ଧେ । ମୋର ସେ ସମ୍ବନ୍ଧରେ ବିଶେଷ କିଛି କହିବା ଆବଶ୍ୟକ ନାହିଁ । ଆପଣମାନଙ୍କର ତାଙ୍କ ଉପରେ ବିଶ୍ୱାସ ଓ ଭରସା ରହିଛି; ତେଣୁ ଆପଣମାନଙ୍କ ଆଗରେ କିଛି ପ୍ରମାଣ କରି ବୁଝାଇବା ଲାଗି ମୁଁ ଏହା କହୁ ନାହିଁ, କେବଳ ଆପଣମାନେ ଏକଥା ଶୁଣିବାକୁ ଭଲ ପାଇବେ ବୋଲି କହୁଛି ।...

...ଯିଏ ମା'ଙ୍କୁ ଓ ମା'ଙ୍କର ବ୍ୟକ୍ତିତ୍ୱକୁ ବୁଝିପାରିଛି ତା' ପାଇଁ କୌଣସି ସମସ୍ୟା ନାହିଁ । ଏ ଆଦର୍ଶ ମହାନ୍, ମହାନ୍ ଏହାର ଗୁରୁ । ସଫଳତା, ବିଫଳତାର ପ୍ରଶ୍ନ ଏଠି ଉଠୁ ନାହିଁ, ଯେଉଁ ବିଧିନିର୍ଦ୍ଦିଷ୍ଟ କାର୍ଯ୍ୟ ସେମାନେ କରିବାକୁ ଆସିଥିଲେ ତାହା କଲେ । ଗତ କିଛି ବର୍ଷ ଧରି ଏହି ଆଦର୍ଶ ପୃଥିବୀ ସାରା ବ୍ୟାପିବାରେ ଲାଗିଛି ଓ ଏହା ନିରବଚ୍ଛିନ୍ନ ଭାବେ ବ୍ୟାପିବାରେ ଲାଗି ରହିବ । ଆମମାନଙ୍କ ପ୍ରତ୍ୟେକଙ୍କର ରହିଛି ଏକ କର୍ତ୍ତବ୍ୟ । ତାହା ହେଉଛି ପୂର୍ଣ୍ଣାଙ୍ଗ ଜୀବନର ମହାନ୍ ଆଦର୍ଶ, ମାନବ-ଜୀବନକୁ ଦିବ୍ୟ-ଜୀବନରେ ରୂପାନ୍ତର,— ଆମର ବିକାଶପ୍ରାପ୍ତ ଅଂଶ ତାହା ଯେତେ କ୍ଷୁଦ୍ର ହେଉ ପଛେ ସେଥିରେ ସତ୍ୟ-ଚେତନାର ଅଭିବ୍ୟକ୍ତି ଆଦି ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ।

ବର୍ତ୍ତମାନ ମୁହୂର୍ତ୍ତରେ ଆଉ ଅଧିକ କିଛି ମୁଁ କହୁ ନାହିଁ ।

(The Mother's Service Society ପତ୍ରିକାର Service Letter No. 13ରୁ ଅନୂଦିତ)

# ''ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ'' : ସମାପ୍ତି କେବେ ?

## ଶ୍ରୀ ମନୋଜ ଦାସ

[ଦୈନିକ 'ପ୍ରମେୟ'ର ପ୍ରତିନିଧି ଶ୍ରୀ ଅମ୍ବିକା ପ୍ରସାଦ ଦାସଙ୍କ ସହ ପ୍ରଶ୍ନୋତ୍ତର]

***ପ୍ରଶ୍ନ - ୧ :*** *ସଂପ୍ରତି ପୁଲ୍‌ଓ୍ୱାମା ଆତଙ୍କବାଦୀ ଆତ୍ମଘାତୀ ଆକ୍ରମଣ ଓ ୪୦ ଜଣ ସୁରକ୍ଷାକର୍ମୀଙ୍କ ନିଧନ ସାରା ଦେଶକୁ ସ୍ତବ୍ଧ କରିଦେଇଛି । ବାତାବରଣରେ ଦୁଃଖ, କ୍ରୋଧ ଓ ପ୍ରତିଶୋଧ ଭାବନାର ଏକ ମିଶ୍ରିତ ପ୍ରତିକ୍ରିୟା... ସଂସଦ ଭବନ ଉପରେ ଆକ୍ରମଣ ହେଉ ବା ୨୬/୧୧ ମୁମ୍ବାଇ ଘଟଣା, ଅଥବା ଉରି ଆକ୍ରମଣ... ସନ୍ତ୍ରାସବାଦର ଲମ୍ବା ତାଲିକା । ସହିଦ ହେଉଛନ୍ତି ସୁରକ୍ଷାକର୍ମୀ, ସାଧାରଣ ନାଗରିକଙ୍କ ପ୍ରାଣହାନି ହେଉଛି, ରାଷ୍ଟ୍ରର ସମ୍ପତ୍ତି ନଷ୍ଟ ହେଉଛି । କେମିତି ମଣିଷ ଜଣେ ଆଉ କେତେଜଣଙ୍କୁ ମାରିପାରେ ? ପୁଣି ଧର୍ମ ନାଁରେ, ସଂପ୍ରଦାୟ ନାଁରେ ? ଏହାର ଆରମ୍ଭର ଇତିହାସ ହୁଏତ ମିଳିବ, ହେଲେ ଶେଷ କେବେ, କେମିତି ସମ୍ଭବ ? ଏଭଳି କିଛି ପ୍ରଶ୍ନ ଏବେ ପ୍ରାୟ ପ୍ରତ୍ୟେକ ସମ୍ବେଦନଶୀଳ ଭାରତୀୟ ମନରେ ରହିଛି । ଏ ନେଇ କିଛି କୁହନ୍ତୁ ।*

**ଉତ୍ତର :** ଆଶା କରେ ମୋତେ ମଧ୍ୟ ଆପଣଙ୍କ ସମ୍ବେଦନଶୀଳ ଗୋଷ୍ଠୀର ଜଣେ ବୋଲି ଆପଣ ଗ୍ରହଣ କରିବେ । ନୃଶଂସତା ଇତିହାସର ଏକ ଧାରାବାହିକ ଉପାଦାନ । ଏକଦା ସଭ୍ୟ ଭବ୍ୟ ନାଗରିକବୃନ୍ଦ ଆରାମଦାୟକ ଆସନରେ ବସି ସେମାନଙ୍କ କୋଲୋସିଆମ୍‌ର ଗ୍ୟାଲେରୀରୁ ତଳେ ଅସହାୟ ବନ୍ଦୀମାନଙ୍କୁ ଅଭୁକ୍ତ ସିଂହମାନେ ବିଦାରୀ ପକାଇ ଭକ୍ଷଣ କରିବାର ଦୃଶ୍ୟ ଉପଭୋଗ କରୁଥିଲେ । ଏହି ଜାତୀୟ ଦୃଷ୍ଟାନ୍ତ ଅସଂଖ୍ୟ । ଆଜି ସମ୍ବାଦ-ସରବରାହରେ କ୍ଷିପ୍ରତା ଯୋଗୁଁ ତୁରନ୍ତ ଏସବୁ ଘଟଣା ଆମ ଗୋଚରକୁ ଆସି ପାରୁଛି । ଆଜି ଏଭଳି ନୃଶଂସତାର ପ୍ରତିକାରର ପ୍ରୟାସ ମଧ୍ୟ ହେଉଛି । ମଣିଷର ପ୍ରକୃତିରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ନ ହେବାଯାଏ ଏଭଳି ମୂଢ଼ ହିଂସ୍ରତାର ଅବସାନ ହେବ ନାହିଁ । ତେବେ ରାଷ୍ଟ୍ର ଓ ବ୍ୟକ୍ତିଗତ ସ୍ତରରେ ମଣିଷର ଶିକ୍ଷାଗତ ଓ ସଂସ୍କୃତିଭିତ୍ତିକ ବିକାଶ ଏହାକୁ ବହୁମାତ୍ରାରେ ପ୍ରଦମିତ କରିପାରେ ମାତ୍ର । ମୋ ବିଶ୍ୱାସ ଉପରେ ନିର୍ଭର କରି ମୁଁ ଏତକ କହିପାରେ, ଦିନେ ମଣିଷ ଏ ପର୍ଯ୍ୟାୟରୁ ଉତ୍ତୀର୍ଣ୍ଣ ହେବ । କିନ୍ତୁ କେବେ, ସେ ଭବିଷ୍ୟତବାଣୀ କଲାଭଳି ଶକ୍ତି ମୋର ନାହିଁ; ଆଉ କାହାରି ଥାଇପାରେ ବୋଲି ମଧ୍ୟ ମୁଁ ଭାବୁ ନାହିଁ । ଦୈବୀ ସଂକଳ୍ପ ପ୍ରଭାବରେ ବିବର୍ତ୍ତନୀ ଶକ୍ତି ହଠାତ୍ ତୀବ୍ର ଗତିରେ ପରିବର୍ତ୍ତନ ସାଧନ କରିପାରେ, ନହେଲେ କେତେ ଶହ ବର୍ଷ ଲାଗି ଯାଇପାରେ ।

***ପ୍ରଶ୍ନ - ୨ :*** *ପ୍ରଶ୍ନ ଆରମ୍ଭରୁ କହିରଖେ ମୁଁ ନିରାଶାବାଦୀ ନୁହେଁ । କିନ୍ତୁ ବର୍ତ୍ତମାନର ସାମାଜିକ ସ୍ଥିତି ଅନେକ ସମୟରେ ମତେ ନିରାଶ କରେ । ମନୁଷ୍ୟ ଚେତନାର କ୍ରମବିକାଶ ସମ୍ପର୍କରେ ପଢ଼େ, ଆଶାବାଦୀ ହୁଏ । କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ ଲାଗେ । ଦୁର୍ଯ୍ୟୋଧନ କଥିତ 'ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତି; ଜାନମ୍ୟଧର୍ମଂ ନ ଚ ମେ ନିବୃତ୍ତି, ତ୍ୱୟା ହୃଷୀକେଶ ହୃଦିସ୍ଥିତେନ; ଯଥା ନିଯୁକ୍ତୋସ୍ମି ତଥା କରୋମି'ର ଦ୍ୱାହି ଦେଇ ସମସ୍ତେ ଖସିଯିବାକୁ ବ୍ୟଗ୍ର । ଖବର କାଗଜରେ କାମ କରୁଥିବାରୁ ଅନେକ ସମୟରେ ବହୁ ଅପ୍ରୀତିକର ସମ୍ବାଦ ସମ୍ପାଦନା କରିବାକୁ ହୁଏ । ଦାମ୍ପତ୍ୟ ସମ୍ପର୍କରେ ଆବିଳତା, ଭାଇ ଭାଇର ଶତ୍ରୁ, ଅନୈତିକ ସମ୍ପର୍କ ଇତ୍ୟାଦି ଇତ୍ୟାଦି । ଗୋଟିଏ ଉଦାହରଣ ଦେବି । ଏକ ସାତବର୍ଷର ଶିଶୁର ହତ୍ୟା ଘଟଣାରେ ଅଭିଯୁକ୍ତ ତା'ର ଗାର୍ଜନ ବୋଲାଉଥିବା ଜଣେ ଯୁବକ । ସେ ପୁଣି ସ୍ୱୀକାରୋକ୍ତି ଦେଲା, 'ମୁଁ ତାକୁ ପଥରରେ ଛେଚୁଥାଏ, ସେ ମୋତେ କୁଣ୍ଢାଇ ଧରି ମୋତେ ମାରନା ମାରନା ବୋଲି ଅଳି କରୁଥାଏ । କିନ୍ତୁ ମୁଁ ତାକୁ ମାରିଦେଲି ।' ଖବର ଭାବେ ସେ ସନ୍ଧ୍ୟାରେ ଏହା ଲେଖିଦେଲି ସତ, କିନ୍ତୁ କ୍ରମାଗତ କେତେ ରାତି ମୋତେ ସେହି କାଳ୍ପନିକ ଦୃଶ୍ୟ ବିବ୍ରତ କରିଛି । ହୁଏତ ଅନେକଙ୍କୁ*

*କରିଥିବ । ଏସବୁ ଭିତରେ ମଣିଷ ଚେତନାର କ୍ରମବିକାଶକୁ 'ମୁଁ'ଟିଏ କିଭଳି ଦେଖିବ ?*

**ଉତ୍ତର :** ଆପଣଙ୍କ ବର୍ଣ୍ଣିତ ଘଟଣା ମୋତେ ମଧ ବିଷାଦରେ ନିମଜ୍ଜିତ କଲା । ସେ ଯୁବକଟି ଉପରେ ଏକ ପିଶାଚ ଶକ୍ତି ସବାର ହୋଇଥିଲା, ଏଥିରେ ସନ୍ଦେହ ନାହିଁ । ଆନ୍ତର ଚେତନା ବିକଶିତ ହୋଇ ନଥିବା କୌଣସି କୌଣସି ମଣିଷକୁ ସେ ସ୍ତରର ବିକୃତ ସତ୍ତାମାନେ ବଶୀଭୂତ କରିନିଅନ୍ତି — ମଣିଷଟି ଶିକ୍ଷିତ, ଧୂର୍ତ୍ତ ଓ ମୋଟାମୋଟି ବୁଦ୍ଧିମାନ୍ ହୋଇଥିବା ସତ୍ତ୍ୱେ । ବେଶୀ ଦିନ ତଳର କଥା ନୁହେଁ; ଜର୍ମାନୀ ଭଳି ଏକ ସମଗ୍ର 'ସଭ୍ୟ' ଦେଶକୁ ହିଁ ପିଶାଚ ଶକ୍ତି ଆୟତ୍ତ କରି ନେଇଥିଲା । ପ୍ରକାଶ୍ୟ ଦିବାଲୋକରେ ହଜାର ହଜାର ସଂଖ୍ୟାରେ ଅଧାପକ, ବୈଜ୍ଞାନିକ ଇତ୍ୟାଦି ସମେତ ଦେଶ ପ୍ରତି ବିପୁଳ ଅବଦାନ ଦେଇଥିବା ଲକ୍ଷ ଲକ୍ଷ ନରନାରୀ, ସେମାନଙ୍କ ସନ୍ତାନ-ସନ୍ତିତମାନଙ୍କୁ ଟ୍ରକ୍‌ରେ ବୋଝେଇ କରି ନେଇଯାଇ ସିଧାସଳଖ ଗ୍ୟାସ୍ ଚେମ୍ବର ଭିତରେ ନିକ୍ଷେପ କରାଯାଉଥିଲା — ଯେହେତୁ ସେମାନେ ଇହୁଦୀ ! ଦେଶବାସୀମାନେ ସେ ବର୍ବରତା ଦେଖୁଥିଲେ; ଚୁପ୍ ରହୁଥିଲେ । ହିଟ୍‌ଲର ଏବଂ ତା'ର ଯେଉଁ ସହଯୋଗୀବୃନ୍ଦ ଏଭଳି ଯୋଜନା କରୁଥିଲେ, ସେମାନଙ୍କୁ ଆମେ ସ୍ୱାଭାବିକ ବୋଲି କହିପାରିବା କି ? ଯୁଦ୍ଧରେ ହଜାର ହଜାର ମଣିଷଙ୍କ ନିଧନ ଗୋଟାଏ କଥା, କିନ୍ତୁ ଶାନ୍ତିପୂର୍ଣ୍ଣ ସ୍ୱାଭାବିକ ନରନାରୀଙ୍କୁ ଏମିତି ଯୋଜନାବଦ୍ଧ ଭାବେ ନିର୍ମମ ରୀତିରେ ସିଝାଇ ହତ୍ୟା କରିବା ସକାଶେ ପ୍ରେରଣା ଆସିପାରେ କେଉଁ ଲୋକରୁ ? ରାକ୍ଷସଠାରୁ ଅଧମ ପିଶାଚଲୋକରୁ ନିଶ୍ଚୟ ।

ଏସବୁକୁ ଆମେ ଏକ ବିମର୍ଷକର ବାସ୍ତବତା ବ୍ୟତିରେକେ ଆଉ କେଉଁ ଭାବରେ ବା ଦେଖିପାରିବା ? ଆଶା କରିବା ଯେ ଯେମିତି ସେ ବିକୃତ ଶକ୍ତି ଦିନେ ଭୂଲୁଣ୍ଠିତ ହେଲା, ସେମିତି ଚେତନା ଜଗତରୁ ଦିନେ ସେ ସ୍ତରର ଶକ୍ତିର ସାମଗ୍ରିକ ଅବସାନ ସମ୍ଭବ ହେବ । ଆଉ, ଆପଣଙ୍କୁ ଓ ମୋତେ ବିଚଳିତ କରିଥିବା ସେ ପିଲାଟି ବ୍ୟାପାରରେ ଆମେ କିଞ୍ଚିତ୍ ଆଶ୍ୱାସନା ପାଇବା ଏହି କଥାରୁ ଯେ ଅଳ୍ପ କେତୋଟି ମୁହୂର୍ତ୍ତର ହତଭମ୍ବତା ଓ ଯନ୍ତ୍ରଣା ପରେ ସେ ଅଚେତନ ହୋଇ ଯନ୍ତ୍ରଣାରୁ ଅବ୍ୟାହତି ପାଇଥିବ ଏବଂ ମୃତ୍ୟୁ ସଙ୍ଗେ ସଙ୍ଗେ ନେଇଥିବ ପରମ ଶାନ୍ତିରେ ବିଶ୍ରାମ; ଏକ ବିପୁଳ ମୋହମୁକ୍ତିର ଅଭିଜ୍ଞତା ଦ୍ୱାରା ସମୃଦ୍ଧ ତା'ର ଚେତନା ଯଥାସମୟରେ ଜନ୍ମନେବ ଅଧିକ ପ୍ରଗତି ସକାଶେ ଉପଯୁକ୍ତ ପରିବେଶରେ; କିନ୍ତୁ ଯୁବକ ହତ୍ୟାକାରୀକୁ ଆୟତ୍ତ କରିଥିବା ଅପଶକ୍ତି ଯୁବକଟିକୁ ଛାଡ଼ି ଦେଇ ଦୂରରୁ ମଜା ଦେଖୁଥିବ ଏବଂ ଯୁବକଟିର କ୍ଲେଶ ହେବ ଦୀର୍ଘସ୍ଥାୟୀ — ହୁଏତ ଅବ୍ୟାହତ ରହିବ ଜନ୍ମାନ୍ତର ବ୍ୟାପୀ । 'ଉତ୍କଟ କର୍ମ'ର ଫଳ ଭୋଗରୁ ନିସ୍ତାର ନାହିଁ ।

***ପ୍ରଶ୍ନ - ୩ :*** *ଜଣଙ୍କର ଆଧାତ୍ମିକ ପ୍ରଗତିରେ ପରିବେଶର ଭୂମିକା ନିଶ୍ଚିତଭାବେ ଗୁରୁତ୍ୱପୂର୍ଣ୍ଣ । ଆଶ୍ରମ ଭିତରେ ରହୁଥିବା ବ୍ୟକ୍ତିଟିର ଜୀବନଯାତ୍ରା ସ୍ୱାଭାବିକ ଭାବେ ଶୃଙ୍ଖଳିତ ହେବ । କିନ୍ତୁ ସାଧାରଣ ସଂସାରୀ ଲୋକଟିର ଅବସ୍ଥା କ'ଣ ? ହୁଏତ ସେ ରୁଟିନ୍ ଭଳି ସକାଳୁ ସ୍ନାନଶୌଚ ସାରି ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରି କାର୍ଯ୍ୟ କ୍ଷେତ୍ରକୁ ବାହାରିଯାଏ । କିନ୍ତୁ ଆଜିକାଲି କେଉଁ କାର୍ଯ୍ୟକ୍ଷେତ୍ର ମିଛ, ଲାଞ୍ଚ, ଗୋଡ଼ଟଣା, ଚୁଗୁଲି ଆଦିରୁ ମୁକ୍ତ ? ଏହିଭଳି ପରିବେଶରୁ ସେ ନିଜକୁ କେତେ ଦୂରେଇ ରଖିପାରିବ ? ରଖିବା ସମ୍ଭବ କି ? ଏଥିପାଇଁ ଯେଉଁ ସାଧନା ଦରକାର, ଆମ ଭଳି ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ କି ?*

**ଉତ୍ତର :** ଅବଶ୍ୟ ସମ୍ଭବ । ନିର୍ଭର କରେ ଆମ ଚେତନାର ଗୁଣଗତ ସ୍ତର ଏବଂ ଜୀବନର ଆଭିମୁଖ୍ୟ ଉପରେ । ମଣିଷଟିଏ ଦୁର୍ନୀତିବହୁଳ ସାମାଜିକ ପରିସ୍ଥିତି ସହ ସାଲିସ କରି ସାମୟିକ ଭାବେ ସ୍ଥୂଳ ସନ୍ତୋଷ ଆହରଣ କରିପାରେ; କିନ୍ତୁ ତା' ଭିତରେ ଯଦି ବିବେକର ସାମାନ୍ୟ ବିକାଶ ହୋଇଥିବ ତେବେ ସେ ସନ୍ତୋଷ କଦାପି ସ୍ଥାୟୀ ହେବ ନାହିଁ । ପକ୍ଷାନ୍ତରରେ, ଯଦି ସେ ସାମୟିକ ପ୍ରଲୋଭନ ଉପରେ ବିଜୟ ହାସଲ କରି ନିଜ ବିବେକ ପ୍ରତି ସତ୍ ରହିପାରେ, ତେବେ ସାମୟିକ ଭାବରେ ନାନାଦି ଅସୁବିଧା ଏବଂ ଏପରିକି ଲାଞ୍ଛନା ଭୋଗ କଲେ ମଧ ତା' ଆନ୍ତର ଚେତନାରେ ସେ ଯେଉଁ ସନ୍ତୋଷ ଅନୁଭବ କରିବ ତାହା ତୁଳନାରେ ଗ୍ଲାନିଯୁକ୍ତ ସ୍ଥୂଳ ସନ୍ତୋଷ ଏକ ଆବର୍ଜନା ଭଳି । ନିଜ ଆତ୍ମ-ବିଶ୍ୱାସରେ ସେ ହେବ ଗରୀୟାନ୍ ।

***ପ୍ରଶ୍ନ - ୪ :*** *ସଂପ୍ରତି ଧର୍ମନିରପେକ୍ଷତାର ସଂଜ୍ଞା କ'ଣ ? ନା, ଅର୍ଥ ଜାଣିନି ବୋଲି ଯେ ପଚାରୁଛି ତା' ନୁହେଁ । ଏବେ ଆମେ ଏକପ୍ରକାର ନୂଆ ଧର୍ମନିରପେକ୍ଷତା*

*ଦେଖୁଛୁ । ଆପଣଙ୍କର ଏକ ଲେଖା ମନେପଡୁଛି, 'ତଥାପି ଏ ଶିକ୍ଷାଭ୍ରଷ୍ଟ ଶିକ୍ଷାମନ୍ତ୍ରୀମାନଙ୍କୁ ବି କ୍ଷମା କରିବ ଭାରତର ଉଦାର ଆତ୍ମା !' ପଟଭୂମି ଆପଣଙ୍କୁ ମନେପକାଇବା ଆବଶ୍ୟକ ମନେ କରୁନି । ପ୍ରାୟ ଦୁଇ ଦଶନ୍ଧି ତଳେ ଶିକ୍ଷାମନ୍ତ୍ରୀମାନଙ୍କ ଏକ ସମ୍ମିଳନୀରେ ବାଗ୍‌ଦେବୀ ସରସ୍ୱତୀଙ୍କ ବନ୍ଦନା ଆରମ୍ଭ ହୁଅନ୍ତେ ଧର୍ମନିରପେକ୍ଷତାର ଦ୍ୱାହି ଦେଇ ଶିକ୍ଷାମନ୍ତ୍ରୀମାନେ କକ୍ଷତ୍ୟାଗ କରିଥିଲେ । ସେ ଧାରା ଅବ୍ୟାହତ ରହିଛି । ଏବେ ଭଗବାନ୍ ଶ୍ରୀରାମଙ୍କ ନାଁଆ ନେଲେ ଜଣଙ୍କୁ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ସମର୍ଥକ ଭାବେ ବିବେଚନା କରାଯାଉଛି । 'ଭାରତମାତା କୀ ଜୟ' ବା 'ବନ୍ଦେ ମାତରମ୍' ଆଦି ଉଚ୍ଚାରଣ ବି ଧର୍ମନିରପେକ୍ଷ ବା ସାଂପ୍ରଦାୟିକ ମୁକ୍ତ ନୁହେଁ ବୋଲି କୁହାଯାଉଛି । ଜାତି, ସଂପ୍ରଦାୟ ଭେଦଭାବରୁ ମୁକ୍ତ ହେବା ପରିବର୍ତ୍ତେ କ୍ରମଶଃ ଏହାକୁ ଅଧିକ ପ୍ରଶ୍ରୟ ଦିଆଯାଉ ନାହିଁ କି ?*

**ଉତ୍ତର :** ପ୍ରଥମେ ଆମକୁ ଧର୍ମର ଅର୍ଥ ଉପରେ ଦୃଷ୍ଟି ଦେବାକୁ ପଡ଼େ । ଆମର ସମଗ୍ର ସତ୍ତାକୁ, ଏ ବିଶ୍ୱ ବ୍ରହ୍ମାଣ୍ଡକୁ ଧାରଣ କରେ ଧର୍ମ । ଆଜିର ରାଜନୈତିକ ଓ ସାମାଜିକ ପଟଭୂମିରେ ଧର୍ମ ନିରପେକ୍ଷତା ଶବ୍ଦିକାଟିର (Phrase ଅର୍ଥରେ ଶବ୍ଦିକା ବ୍ୟବହାର କରୁଛି) ଯେଉଁ ଚାଲୁ ଅର୍ଥ ରହିଛି, କହିବା ବାହୁଲ୍ୟ ତାହା ଏକ ଅପରିଣତ ଅର୍ଥ : ତାହା ଦ୍ୱାରା ସଂସ୍କାର-ଭିତ୍ତିକ ଗୋଟାଏ ଧାରାକୁ ଚିହ୍ନିତ କରାଯାଉଛି । ସାମାନ୍ୟ ଅନୁଧ୍ୟାନରେ ବୁଝିହେବ, ରାଜନୈତିକ ଏବଂ ଅତ୍ୟନ୍ତ ହାଲୁକା ଧରଣର ସୁବିଧା ନିମନ୍ତେ ଧର୍ମ-ନିରପେକ୍ଷତା ରୂପକ ଏକ ଆଦର୍ଶର ଦ୍ୱାହି ଦିଆଯାଉଛି । ଏହା ଯେ ବିଡ଼ମ୍ବନା, ଏଥିରେ ବା ସନ୍ଦେହ କ'ଣ । କିନ୍ତୁ ଛଳ-କପଟତାକୁ ଆମେ ସ୍ୱାଭାବିକ ବୋଲି ଧରିନେଇଛୁ ବୋଲି ମନେ ହୁଏ ।

***ପ୍ରଶ୍ନ - ୫ :*** *ସାହିତ୍ୟ ପ୍ରସଙ୍ଗରେ କିଛି ପଚାରିବି ନାହିଁ ବୋଲି ପ୍ରଥମରୁ ଭାବିଥିଲି । କାରଣ ପୂର୍ବରୁ ବହୁ ବିଶିଷ୍ଟ ବ୍ୟକ୍ତି ସାହିତ୍ୟର ପ୍ରାୟଶଃ ସମସ୍ତ ଦିଗ ଉପରେ ଏ ନେଇ ଆପଣଙ୍କ ସହ ଆଲୋଚନା କରିଛନ୍ତି । ବିଭିନ୍ନ ଗଣମାଧ୍ୟମରେ ଏହା ଉପଲବ୍ଧ । ମୋର ଉଦ୍‌ବେଗର କାରଣ ଭିନ୍ନ । କ୍ରମଶଃ ପଠନ ରୁଚି ପ୍ରତି ସାଧାରଣରେ ଆଗ୍ରହ କମିଥିବା ଲକ୍ଷ୍ୟ କରାଯାଉଥିଲା । କିଛି ବର୍ଷ ତଳେ ସାଧାରଣ ଲୋକଟିଏ ନିଜର ଅବସର ସମୟକୁ ବିଭିନ୍ନ ପ୍ରକାର ବହି (ଗଳ୍ପ, ଉପନ୍ୟାସ, କାବ୍ୟ) ପଢ଼ାରେ କାଟୁଥିଲା । ଟେଲିଭିଜନର ପ୍ରସାର ବ୍ୟାପକ ହେଲା । ନୂଆ ପିଢ଼ି ପାଠ୍ୟପୁସ୍ତକ ବ୍ୟତିରେକେ ଅନ୍ୟ କିଛି ପଢ଼ାପଢ଼ି ପ୍ରତି ଅନାଗ୍ରହୀ ରହିବା ଦେଖାଗଲା । ପଠନ ସୀମିତ ରହିଲା କେବଳ ଖବରକାଗଜ ବା ନ୍ୟୁଜ୍ ମାଗାଜିନ୍‌ରେ । ଏବେ ଇଣ୍ଟରନେଟ୍‌ର ବହୁଳତା ଛାପା ବହି ଉପରେ ବି ବିପରୀତ ପ୍ରଭାବ ପକାଉଥିବା ଲକ୍ଷ୍ୟ କରାଯାଉଛି । କେବଳ ବହି କାହିଁକି, ଖବରକାଗଜ ଶିଳ୍ପ ବି ଏହା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଲାଣି । କିଛିଦିନ ତଳ ପର୍ଯ୍ୟନ୍ତ ସକାଳୁ କୌଣସି ଟ୍ରେନ୍ କମ୍ପାର୍ଟମେଣ୍ଟ୍ ଭିତରେ ପଶିଲେ ଅଧିକାଂଶ ଯାତ୍ରୀଙ୍କ ହାତରେ ଖଣ୍ଡେ ଖବର କାଗଜ ସାଧାରଣ ଦୃଶ୍ୟ ଥିଲା । ଏବେ ସେଇଠି ଆମେ ଦେଖୁଛୁଁ କ'ଣ ? ପ୍ରାୟଶଃ ସମସ୍ତ ଯାତ୍ରୀଙ୍କ ହାତରେ ମୋବାଇଲ୍, ସେମାନଙ୍କର ମନୋନିବେଶର କେନ୍ଦ୍ରବିନ୍ଦୁ । ଇଣ୍ଟରନେଟ୍ ଏବଂ ଏସବୁର ବହୁ ବ୍ୟବହାର ଛାପା ପୁସ୍ତକ ବା ଖବର କାଗଜ ପ୍ରତି ବିପଦ ନୁହେଁ କି ?*

**ଉତ୍ତର :** ସମାଜ ଓ ଆମ ଜୀବନ ଶୈଳୀରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଅବିସମ୍ବାଦିତ । ଏହାକୁ ରୋକିବାର ପ୍ରଶ୍ନ ନାହିଁ, କିନ୍ତୁ ଆମେ ଏହା ଦ୍ୱାରା କେତେଦୂର ପ୍ରଭାବିତ ହେବୁ, ତାହା ଆମ ସଂକଳ୍ପ ଉପରେ ନିର୍ଭର କରେ । ପ୍ରାଥମିକ ସତ୍ୟ ହେଲା ମଣିଷର ଚେତନା ଶକ୍ତିକୁ ତା'ର କୌଣସି ଉଦ୍ଭାବନ ବଳିଯାଇ ନ ପାରେ । ସଙ୍ଗେ ସଙ୍ଗେ ବାସ୍ତବତା ହେଲା ମଣିଷର ଉଦ୍ଭାବିତ ବହୁ ଶକ୍ତି, ଧରନ୍ତୁ ଆଣବିକ ବୋମା, ତାକୁ ଧ୍ୱଂସ କରିଦେଇପାରେ – ଯଦି ମଣିଷ ଯଥେଷ୍ଟ ସଚେତନ ନ ହୁଏ । ପ୍ରାକୃତିକ କ୍ରମବିକାଶରେ କେତେ ପ୍ରାଣୀ ବିଲୁପ୍ତ ହେଲେଣି; ପ୍ରକୃତିର ଦୃଷ୍ଟିକୋଣରୁ ମଣିଷ ସେମିତି ଏକ ପ୍ରାଣୀ ମାତ୍ର ।

କିନ୍ତୁ ସୃଷ୍ଟି ପଛରେ ଏକ ମହତ୍ତର ରହସ୍ୟ ରହିଛି । ସେ ଦୃଷ୍ଟିରୁ ମଣିଷ ଦିନେ ଆପଣାକୁ ଅତିକ୍ରମ କରିବା ଅନିବାର୍ଯ୍ୟ; ଅର୍ଥାତ୍ ସେ ଆଜିର ଅର୍ଦ୍ଧ-ପଶୁବତ୍ ଅବସ୍ଥାରୁ ଉତ୍ତୀର୍ଣ୍ଣ ହେବା ଅବଶ୍ୟମ୍ଭାବୀ । ସେଭଳି ମାନବେତ୍ତର ବା ଅତିମାନସ ଯୁଗରେ ସାହିତ୍ୟର ରୂପରେଖ କ'ଣ ହେବ କହିବା ସମ୍ଭବପର ନୁହେଁ ।

ତେବେ ଚଳିତ ଚରିତ୍ର-ସମ୍ବଳିତ ଆମ ଯୁଗ ସକାଶେ ସାହିତ୍ୟ ଅବ୍ୟାହତ ରହିବ । ଉପନିଷଦ୍ ଯୁଗ ପର୍ଯ୍ୟନ୍ତ ସାହିତ୍ୟ ଋଷି ଏବଂ ଧୀମାନ୍‌ବର୍ଗଙ୍କ ସ୍ମୃତିରେ ହିଁ ରହିଥିଲା; ପରେ ଭୂର୍ଜ ବା ତାଳପତ୍ରରେ ଲେଖନୀ ଯୋଗେ ଲିଖିତ ହେଲା । ପରେ ଆସିଲା କାଗଜ ଓ ପରକଲମ । ତହିଁ ପରେ ମୁଦ୍ରଣାଳୟ ଏବଂ ତା'ର ଏକ ପରେ ଏକ ନିତ୍ୟ ନୂତନ ବୈଦ୍ୟୁତିକ ସ୍ତର । ଆଜି ଉଭୟ ମୁଦ୍ରଣ ଏବଂ ବିଦ୍ୟୁତ୍‌ଲିପି ଯୋଗେ ପରିବେଷଣ ସମାନ୍ତରାଳ ଭାବେ ଚାଲିଛି । ଅଦୂର ଭବିଷ୍ୟତରେ ମୁଦ୍ରଣ ରୀତିରେ ସାହିତ୍ୟର ପରିବେଷଣ – ଅର୍ଥାତ୍ ପୁସ୍ତକ ସଂସ୍କୃତିର ଅବସାନ ହେବାର ସମ୍ଭାବନା ନାହିଁ – ଯଦିଓ ତା'ର ପ୍ରସାରଣ ହ୍ରାସ ହେବା ଅନିବାର୍ଯ୍ୟ ।

ମୁଦ୍ରିତ ସାହିତ୍ୟ ତୁଳନାରେ ମୁଦ୍ରିତ ସମ୍ବାଦପତ୍ର ଉପରେ ଏ ଯାନ୍ତ୍ରିକତାର ପ୍ରଭାବ ବହୁ ଅଧିକ ହେବା ନିଶ୍ଚିତ । ଅଭିବ୍ୟକ୍ତିର ମାଧ୍ୟମ ଯାହାହେଉ ନା କାହିଁକି, ସାହିତ୍ୟ ତିଷ୍ଠି ରହିବ – ଯେପର୍ଯ୍ୟନ୍ତ ମଣିଷର ଆଶା ଓ ବହୁବିଧ ଆବେଗ ତିଷ୍ଠି ରହିଥିବ । ରାମାୟଣ, ମହାଭାରତ ଯୁଗରେ ମଣିଷର ଯେଉଁସବୁ ଆବେଗ ଥିଲା, ଆଜି ମଧ୍ୟ ମଣିଷ ସେହିସବୁ ଆବେଗକୁ ନେଇ ଜୀବନଯାତ୍ରା ଅବ୍ୟାହତ ରଖିଛି ।

***ପ୍ରଶ୍ନ - ୬ :*** *ପ୍ରଶ୍ନ ଏକାନ୍ତ ବ୍ୟକ୍ତିଗତ । ଆପଣ କିଭଳି ଗ୍ରହଣ କରିବେ ଜାଣିପାରୁନି । ୧୯୬୩ରେ ଆପଣ ପଣ୍ଡିଚେରୀ ଆସିଲେ । ସେତେବେଳେ ଆପଣ ଓଡ଼ିଶାରେ ଜଣେ ବହୁମୁଖୀ ପ୍ରତିଭା ଭାବେ ପରିଚିତି ଲାଭ କରିସାରିଥିଲେ । କୈଶୋରରେ ଜଣେ ଲେଖକ ପୁଣି ସମ୍ପାଦନାରେ ଅଭିଜ୍ଞତା ଆପଣଙ୍କ ସାହିତ୍ୟିକ ସମ୍ଭାବନାକୁ ପ୍ରମାଣିତ କରିଥିଲା ।୧୯୬୩ ବେଳକୁ ଆପଣ ଓଡ଼ିଆ ସାହିତ୍ୟର ଜଣେ ଆଗଧାଡ଼ିର ଲେଖକ ଭାବେ ବିବେଚିତ ହୋଇସାରିଥିଲେ । ପୁଣି ଆପଣ ସର୍ବଭାରତୀୟ ସ୍ତରରେ ଛାତ୍ରନେତା ଓ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଜଣେ ନେତାଭାବେ ପରିଚିତି ଲାଭ କରିଥିଲେ । ଜମିଦାର ବଂଶର ଦାୟାଦ, ରାଜବଂଶୀ ତଥା ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ପରିବାରର ଜାମାତା । ଏଣୁ ରାଜନୈତିକ କ୍ଷେତ୍ରରେ ବି ପ୍ରତିଷ୍ଠା ଲାଭ କରିବାର ସମ୍ଭାବନା ଥିଲା । ଏସବୁ ଛାଡ଼ି ଆପଣ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ପଣ୍ଡିଚେରୀରେ ଅଛନ୍ତି । ସାହିତ୍ୟ ସାଧନା ଅବଶ୍ୟ ଅବ୍ୟାହତ ରହିଛି । ଆଧ୍ୟାତ୍ମିକ କ୍ଷେତ୍ରରେ ଆପଣଙ୍କର କ'ଣ ପ୍ରାପ୍ତି ହୋଇଛି ? ଆପଣ ଏବର ଜୀବନକୁ ନେଇ ସନ୍ତୁଷ୍ଟ କି ? ୧୯୬୩ ପୂର୍ବର ଜୀବନ କେବେ ଭାବାନ୍ତର ସୃଷ୍ଟି କରିଛି କି ?*

**ଉତ୍ତର :** ଆଧ୍ୟାତ୍ମିକ କ୍ଷେତ୍ରର ପ୍ରାପ୍ତିକୁ ବର୍ଣ୍ଣନା କରିବା ଆଧ୍ୟାତ୍ମିକ ଆଚରଣର ପ୍ରତିକୂଳ ବ୍ୟାପାର । ଦ୍ୱିତୀୟରେ ତାହା ସମ୍ଭବ ମଧ୍ୟ ନୁହେଁ । ଆପଣ ମୋତେ ଯଦି ଭାଷା ଅଥବା ସାହିତ୍ୟ ମାଧ୍ୟମରେ ପଦ୍ମ ବା ମଲ୍ଲୀ ବା ରଜନୀଗନ୍ଧାର ମହକର ବର୍ଣ୍ଣନା କରିବାକୁ କହିବେ, ତେବେ ସାହିତ୍ୟ ରଚନାରେ ମୋ ପ୍ରତିଭା ବୋଲି ଯେତିକି ଯାହା ଥିବ, ସେସବୁର ଯଥା ସମ୍ଭବ ପ୍ରୟୋଗ କରି ମଧ୍ୟ ମୁଁ ଏକ ହାସ୍ୟକର ଆଲେଖ୍ୟ ପ୍ରସ୍ତୁତ କରିବା ସାର ହେବ ।

୧୯୬୩ ପୂର୍ବର ଜୀବନ ପ୍ରତି ମୋ ମନୋଭାବ କୃତଜ୍ଞତାପୂର୍ଣ୍ଣ; ସେ ଦିନର ସମସ୍ତ ଅଭିଜ୍ଞତା ପରବର୍ତ୍ତୀ ଜୀବନଯାତ୍ରା ନିମନ୍ତେ ମୋ ଅଜାଣତରେ ମୋ ସହାୟକ ହୋଇଛି । ଧନ୍ୟବାଦ ।

('ପ୍ରମେୟ', ୨୪.୦୨.୨୦୧୯)

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୫୮-୧୬୫)

ମନୁଷ୍ୟର ବିଧାନ ଅନୁସାରେ ଅପରାଧୀକୁ ଦଣ୍ଡ ମିଳିବା ଉଚିତ । କିନ୍ତୁ ଏପରି ଏକ ବିଧାନ ରହିଛି ଯାହା ମନୁଷ୍ୟର ବିଧାନ ଅପେକ୍ଷା ଅଧିକ ଆଦେଶାତ୍ମକ । ଏହା ହେଉଛି ଭଗବତ୍ ବିଧାନ, କରୁଣା ଓ ଅନୁକମ୍ପାର ବିଧାନ ।

ଏହି ବିଧାନ ରହିଥିବା ଯୋଗୁଁ ପୃଥିବୀ ସକ୍ଷମ ହୋଇଛି ସହ୍ୟ କରିବାକୁ ଓ ଦିବ୍ୟ ପ୍ରେମ ତଥା ସତ୍ୟ ଦିଗରେ ଅଗ୍ରସର ହେବାକୁ ।

– ଶ୍ରୀମା

# ନବଜ୍ୟୋତି ମୁଦ୍ରଣାଳୟର ଇତିହାସ ଓ ତହିଁରେ ଶ୍ରୀପତି ବାବୁଙ୍କ ଭୂମିକା

ଶ୍ରୀ ଗୋପାଳଚନ୍ଦ୍ର ମାହାନା

୧୯୬୦ ମସିହାରୁ ଓଡ଼ିଶାରେ ଅଧିକ ସଂଖ୍ୟକ ଶ୍ରୀଅରବିନ୍ଦ ପାଠଚକ୍ର ଉନ୍ମୋଚିତ ହେବା ସହ ଶ୍ରୀମା ଶ୍ରୀଅରବିନ୍ଦଙ୍କର ସାହିତ୍ୟ ଓ ଦର୍ଶନ ଅଧ୍ୟୟନ ପାଇଁ ଅଭୀପ୍ସୁମାନଙ୍କ ମଧ୍ୟରେ ତୀବ୍ର ଆଗ୍ରହ ସୃଷ୍ଟି ହେବାକୁ ଲାଗିଲା । ସେତେବେଳେ ନବଜ୍ୟୋତି କାର୍ଯ୍ୟାଳୟ ଆନୁକୂଲ୍ୟରେ ମାତ୍ର ଗୋଟିଏ ତ୍ରୈମାସିକ ପତ୍ରିକା 'ନବଜ୍ୟୋତି' ଏବଂ କିଛି 'ଲୋକ ସାହିତ୍ୟ' ପୁସ୍ତକ ପ୍ରକାଶ ପାଉଥିଲା । ଏସବୁର ମୁଦ୍ରଣ କାର୍ଯ୍ୟ ଆଶ୍ରମ ପ୍ରେସରେହିଁ ସମ୍ପାଦିତ ହେଉଥିଲା । ୧୯୫୯ ମସିହାରୁ ଶ୍ରୀପତି ବାବୁ ଏହି କାର୍ଯ୍ୟରେ ସହଯୋଗ କରି ଆସୁଥିଲେ । ୧୯୬୮ ମସିହା ଫେବ୍ରୁଆରୀ ମାସରେ ମୁଁ ଆଶ୍ରମର ଅନ୍ତେବାସୀ ରୂପେ ଯୋଗଦେଲା ପରେ ମୋର କାର୍ଯ୍ୟ ଆରମ୍ଭ ହେଲା ଆଶ୍ରମ ପ୍ରେସର ଓଡ଼ିଆ ବିଭାଗରେ ଜଣେ କମ୍ପୋଜିଟର-କର୍ମୀ ହିସାବରେ । ଶ୍ରୀପତି ବାବୁ ଥିଲେ ଏହି କର୍ମର ମୁଖ୍ୟ ଦାୟିତ୍ୱରେ । ତାଙ୍କ ମାରଫତରେ ଶ୍ରୀ ପ୍ରପତ୍ତି ପ୍ରେସ କାମର ସବୁକିଛି ତଦାରଖ କରୁଥିଲେ ।

ସେତେବେଳେ ଓଡ଼ିଆ ବିଭାଗରେ କେବଳ ତିନୋଟି ଟାଇପ୍ କେସ୍ ଥିଲା, କୌଣସି ପ୍ରକାରେ 'ଓଭର୍ ଟାଇମ୍' କାମ କରି ଆମେ ଛାପା କାମ ଆଗେଇ ନେଇ ଚାଲିଥିଲୁ । ଏହା ପରେ ଆସିଲା 'ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ' ସକାଶେ ପ୍ରଭୂତ ମାତ୍ରାରେ ପ୍ରସ୍ତୁତି । ୧୯୬୯ର ଶେଷାର୍ଦ୍ଧରେ ପ୍ରେସରେ ଏହି ଓଡ଼ିଆ ସେକ୍ସନ୍‌ର ଅଭିବୃଦ୍ଧି ସକାଶେ ଦୃଢ଼ ଭାବରେ ସିଦ୍ଧାନ୍ତ ନିଆଗଲା । ପ୍ରେସରେ ଆଦୌ ସ୍ଥାନ ନାହିଁ । ତେଣୁ ଏକ ସ୍ୱତନ୍ତ୍ର କମ୍ପୋଜିଂ ସେକ୍ସନ୍ ଆରମ୍ଭ ନିମନ୍ତେ ସ୍ଥାନ ନିରୂପଣ ପରେ ଶ୍ରୀମା'ଙ୍କୁ ଏକ ପ୍ରାର୍ଥନା-ପତ୍ର ଲେଖାଗଲା – ୧୭ ନଭେମ୍ବର ୧୯୭୦ରେ ଏହାର ଉଦ୍‌ଘାଟନ ହେଲା, ପ୍ରାର୍ଥନା-ପତ୍ରଟିରେ ଶ୍ରୀମା'ଙ୍କର ଆଶୀର୍ବାଦ ଓ ସ୍ୱାକ୍ଷର ସହିତ । ଏହାହିଁ 'ନବଜ୍ୟୋତି ମୁଦ୍ରଣାଳୟ'ର ଆଦି ରୂପ ।

ବର୍ତ୍ତମାନର 'ନବଜ୍ୟୋତି ଅତିଥିଶାଳା'ର ପ୍ରଧାନ ଦରଜା ଦେଇ ଭିତରକୁ ପ୍ରବେଶ କଲେ ଏହାର ବାମ ପଟରେ ଥିବା କକ୍ଷଗୁଡ଼ିକ ସ୍ଥାନରେ ୧୯୭୦ ମସିହାରୁ ଆରମ୍ଭ ହୋଇଥିଲା ଆମ ମୁଦ୍ରଣାଳୟର କମ୍ପୋଜିଂ ସେକ୍ସନ୍ । କାର୍ଯ୍ୟ ସମ୍ପାଦନ ପାଇଁ ଆମେ ସମୁଦାୟ ନଅ କି ଦଶ ଜଣ କର୍ମୀ ଥିଲୁ । ଛଅ ଜଣ କମ୍ପୋଜିଟର୍ ଥିଲେ ଏବଂ ଜଣେ ପେଜିଂ କରି ପ୍ରିଣ୍ଟିଂ ପାଇଁ ପ୍ରସ୍ତୁତ କରୁଥିଲେ । ତେଣୁ ସମୁଦାୟ ସାତୋଟି ଟାଇପ୍ କେସ୍ ଥିଲା ।

ସେତେବେଳେ ସିଭିଲ୍ ଇଞ୍ଜିନିୟର ଭୋଳେଶ୍ୱର ବାବୁ ସେଇମାତ୍ର ଆଶ୍ରମକୁ ଆସି ଶ୍ରୀମା'ଙ୍କ ଅନୁମତି ପ୍ରାପ୍ତ ହୋଇ ନବଜ୍ୟୋତିରେ କାର୍ଯ୍ୟ କରୁଥା'ନ୍ତି । ତାଙ୍କର ପ୍ରଥମ କାର୍ଯ୍ୟ ଥିଲା କମ୍ପୋଜିଂ ସେକ୍ସନ୍‌ଟି ନିର୍ମାଣ କରିବା । ସିମେଣ୍ଟ ଚଟାଣ ଥାଇ ତିନିପଟ କାନ୍ଥରେ ସେ ପ୍ରଥମ କରି ଶ୍ରୀମା'ଙ୍କ ସିମ୍ବଲକୁ ସିମେଣ୍ଟରେ ଢଳେଇ କରି ଖଞ୍ଜାଇ ଦେଇଥିଲେ । ପ୍ରଥମେ ନଡ଼ିଆ ପତ୍ରର ଛାଉଣୀ ଥିଲା । ସେସବୁରେ ଉଇପୋକ ଲାଗି ଟାଇପ୍ କେସ୍ ଉପରେ ମାଟିଗୁଣ୍ଡ ପଡୁଥିବାରୁ କାର୍ଯ୍ୟ ଶେଷ ହେବା ପରେ ଟାଇପ୍ କେସ୍ ଉପରେ ବଡ଼ ବଡ଼ ପ୍ଲାଷ୍ଟିକ୍ ଚାଦରସବୁ ଘୋଡ଼ାଇ ଦେଉଥିଲୁ । ପରେ ଟିଣ ଛପର ହେଲା ।

ଉଦାରଜିଙ୍କର ଏକ ଅଟୋମେଟିକ୍ ଟ୍ରେଡ଼େଲ୍ ମେସିନ୍ କାମ କରୁ ନଥିବାରୁ ଆଶ୍ରମର ହ୍ୟାଣ୍ଡମେଡ୍ ପେପର୍ ଫ୍ୟାକ୍ଟରୀରେ ସେମିତି ପଡ଼ି ରହିଥିଲା । ସେ ସ୍ୱତଃପ୍ରବୃତ୍ତ ହୋଇ ପ୍ରପତ୍ତି ଓ ବାବାଜୀଙ୍କ ପ୍ରତି ଗଭୀର ଶ୍ରଦ୍ଧାପୂର୍ବକ ଆମ ପ୍ରେସକୁ ସେଇଟିକୁ ପଠାଇ ଦେଇଥିଲେ । ମେସିନ୍‌ର ଅଟୋମେଟିକ୍ ଅଂଶଟି କାମ କରୁ ନଥିବାରୁ ଉଦାରଜି ସେଇଟିକୁ ବାଦ୍ ଦେଇଥିଲେ । ଆମେ ହସ୍ତପଦ ସାହାଯ୍ୟରେ (manually)ଟ୍ରେଡ଼େଲ୍ ମେସିନ୍‌ରେ ପ୍ରିଣ୍ଟିଂ ଆରମ୍ଭ କଲୁ । ଏଇଟି ଆମର ପ୍ରଥମ ପ୍ରିଣ୍ଟିଂ ମେସିନ୍ – ଏଥିରେ 'ନବପ୍ରକାଶ' ପତ୍ରିକା ସାଇଜ୍‌ର ଦୁଇ ପୃଷ୍ଠା ଏବଂ ବହି ସାଇଜ୍‌ର ଚାରି ପୃଷ୍ଠା ଏକ ସଙ୍ଗେ ଛପା ଯାଇ ପାରୁଥିଲା । ଏଇଥିରେ ଆମେ ଅନେକ ଦିନ ଧରି କାମ ଚଳାଇଛୁ ।...

ଆଶ୍ରମ ପ୍ରେସରୁ ଆମର ଓଡ଼ିଆ କମ୍ପୋଜିଂ ସେକ୍ସନ୍ ନବଜ୍ୟୋତି କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ ହେବା ପରେ ଆଶ୍ରମ ପ୍ରେସର ତଦାନୀନ୍ତନ ମ୍ୟାନେଜର ଆମକୁ ଜଣାଇଲେ ଯେ ସେଠାରେ ଆମେ କେବଳ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ଗ୍ରନ୍ଥାବଳି

ଛପାଇ ପାରିବୁ, ସର୍ତ୍ତ ଥିଲା ଏକ ସ୍ୱତନ୍ତ୍ର ମେସିନ୍ ଆମ କାମ ପାଇଁ ନିଯୁକ୍ତ ରହିବ, ଆମକୁ କିନ୍ତୁ ପ୍ରତ୍ୟେକ ଦିନ ସେଇ ମେସିନ୍‌କୁ ପ୍ରିଣ୍ଟିଂ କାମ ଯୋଗାଇ ଦେବାକୁ ହେବ । ଆମେ ତାଙ୍କର ଏହି ପ୍ରସ୍ତାବରେ ରାଜି ହେଲୁ । ଦିନରେ ଏବଂ ରାତିରେ ବେଶୀ ସମୟ କାମ କରି ଆମେ 'ଗୀତା-ନିବନ୍ଧମାଳା' ଗ୍ରନ୍ଥଟିର ଆଠ ପୃଷ୍ଠା ପରେ ଆଠ ପୃଷ୍ଠା ପ୍ରସ୍ତୁତ କରି ପ୍ରତିଦିନ ପ୍ରିଣ୍ଟିଂ ପାଇଁ ଯୋଗାଉ ଥିଲୁ । ଲୁହା ନିର୍ମିତ ଗୋଟିଏ ବଡ଼ ଠେଲା ଗାଡ଼ି ଯୋଗେ ଛାପା ହେବାକୁ ଥିବା ପୃଷ୍ଠାସବୁକୁ ଆଶ୍ରମ ପ୍ରେସ ନେଇ ଯାଉଥିଲୁ ଏବଂ ତା' ପରଦିନ ଛାପା ହୋଇ ସାରିଥିବା ପୃଷ୍ଠାସବୁକୁ ଆମ ପ୍ରେସକୁ ନେଇ ଆସୁଥିଲୁ । ସେସବୁକୁ ପୁଣି ଡିଷ୍ଟ୍ରିବ୍ୟୁସନ୍ କରାଯାଇ ଟାଇପ୍ କେସ୍‌ରେ ଯଥା ସ୍ଥାନରେ ରଖୁଥିଲୁ; ପରବର୍ତ୍ତୀ ପୃଷ୍ଠାସବୁ କମ୍ପୋଜିଂ କରାଯିବା ସକାଶେ ।ଏମିତି କରି ଅଗଷ୍ଟ ୧୨ କି ୧୩ ତାରିଖ ବେଳକୁ ଆଶ୍ରମ ପ୍ରେସରେ ଆମର 'ଗୀତା-ନିବନ୍ଧମାଳା' ଗ୍ରନ୍ଥଟି ପ୍ରସ୍ତୁତ ହୋଇ ଉଠିଲା – ଶ୍ରୀମା'ଙ୍କୁ ଅଗଷ୍ଟ ୧୫ ଦିନ ଅର୍ପଣ କରିବାକୁ ।...

ପତ୍ରିକା ଏବଂ ଅନ୍ୟାନ୍ୟ କାମ ଆମେ ବାହାର ଏକ ପ୍ରେସରେ ଛପାଉଥିଲୁ । ତା'ର ନାମ ଥିଲା 'ସନ୍ଧାନମ୍ ପ୍ରେସ' । ଏହା ଥିଲା ମିସନ୍ ଷ୍ଟ୍ରୀଟ୍‌ରେ ଥିବା ଆମର 'ଅନେଷ୍ଟି ଷ୍ଟୋର୍'ର ଠିକ୍ ବିପରୀତ ପାର୍ଶ୍ୱରେ । ସେତେବେଳେ ଆମର କାଗଜ କଟିଂ ମେସିନ୍ ନଥିଲା । ତେଣୁ ଏବେ ଯେଉଁଠି ଆଶ୍ରମ ବିଦ୍ୟାଳୟର 'Knowledge' ବିଭାଗଟି ରହିଛି, ତା'ର ଠିକ୍ ବିପରୀତ ପାର୍ଶ୍ୱରେ 'ମଥ୍' ନାମକ ଜଣେ ଭଦ୍ରମହିଳା ରହୁଥିଲେ, ତାଙ୍କର ଘର ବାରଣ୍ଡାରେ ଭଲ କଟିଂ ମେସିନ୍‌ଟିଏ ଥିଲା । ତାଙ୍କର 'Equals One' ପତ୍ରିକା ଛପା ଯାଉଥିଲା । ତାଙ୍କରି ମେସିନ୍‌ରୁ ଆମେ ଆମର ରିମ୍ କାଗଜସବୁ ଆବଶ୍ୟକ ଅନୁସାରେ କଟାଇ ଆଣୁଥିଲୁ ଏବଂ ସେସବୁରେ ଆମେ ଆମର ଟ୍ରେଡ଼େଲ୍ ମେସିନ୍ ଯୋଗେ ଆମର ଅନ୍ୟାନ୍ୟ ଛାପା କାର୍ଯ୍ୟ ତୁଲାଉ ଥିଲୁ ।

ଇତି ମଧ୍ୟରେ ଅରୋଭିଲ୍‌ରେ ବରୁଣ ଟାଗୋର 'ଅରୋ ପ୍ରେସ' ନାମକ ଏକ ପ୍ରିଣ୍ଟିଂ ପ୍ରେସର ଉଦ୍‌ଘାଟନ କଲେ । ସେ ପ୍ରପତ୍ତିଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ତାଙ୍କର 'ସ୍ୱୟଂଚାଳିତ ଭିକ୍‌ଟୋରିଆ' ମୁଦ୍ରଣ ଯନ୍ତ୍ରରେ ପ୍ରଥମେ ଆମର 'ନବଜ୍ୟୋତି ପତ୍ରିକା' ଛାପା କାର୍ଯ୍ୟ ହେଲା । ସେଠାରେ ନବଜ୍ୟୋତି ପ୍ରକାଶନ କାର୍ଯ୍ୟର ଦାୟିତ୍ୱରେ ଥିଲେ ହରିହର ବାବୁ । ପ୍ରତିଦିନ ଅରୋଭିଲ୍ ବସ୍ ଯୋଗେ ସେ ସେଠାକୁ ଯାତାୟାତ କରୁଥିଲେ । ଛାପା କାର୍ଯ୍ୟ ସମାପ୍ତ ହେବା ପରେ ସେସବୁର ବନ୍ଧେଇ ପାଇଁ ନବଜ୍ୟୋତି ପ୍ରେସକୁ ଅଣାଯାଉଥିଲା ।

ସେତେବେଳେ 'ଓଡ଼ିଆ ନିଳୟମ୍' ବାସଭବନଟିକୁ ଭଡ଼ାରେ ନିଆଯାଇ ସେଠାରେ ଏକ 'ଗେଷ୍ଟ୍ ହାଉସ୍' ଖୋଲିବାର ପ୍ରସ୍ତାବ ନିଆଯାଇଥିଲା । ସେହି ବାସଭବନର ମାଲିକଙ୍କର ଏକ ମିଲିଟାରୀ ଜିପ୍ ଥିଲା । ସେ ସେଇଟିକୁ ନବଜ୍ୟୋତି କାର୍ଯ୍ୟାଳୟକୁ ଦେଇ ଦେଇଥିଲେ । ଦୟାନିଧି ବାବୁ ଡ୍ରାଇଭିଂ ଶିଖିଥିବାରୁ ସେହି ଜିପ୍‌ରେ ଆମର ପ୍ରିଣ୍ଟିଂ ହେବାକୁ ଥିବା ପୃଷ୍ଠାସବୁ ଓ କଟିଂ କାଗଜସବୁ ଅରୋଭିଲ୍‌କୁ ନେବା ଆଣିବା କରୁଥିଲେ ।

ତେଣୁ ଆମର ପ୍ରିଣ୍ଟିଂ କାମ ସେ ସମୟରେ ପ୍ରଧାନତଃ ତିନୋଟି ସ୍ଥାନରେ ଚାଲିଥିଲା – ଆମ ପ୍ରେସରେ ଥିବା ଟ୍ରେଡ଼େଲ୍ ମେସିନ୍‌ରେ, ଆଶ୍ରମ ପ୍ରେସରେ ଏବଂ 'ଅରୋ ପ୍ରେସ'ରେ । କିନ୍ତୁ 'ଅରୋ ପ୍ରେସ'ରେ ଆମର କାମ ବେଶୀ ଦିନ ଚାଲି ନଥିଲା । କାରଣ ସେହି ମେସିନ୍‌ଟି ଥିଲା ବିଦେଶରେ ପ୍ରସ୍ତୁତ ଅଟୋମେଟିକ୍ ମେସିନ୍ । ସେଥିରେ ଆମର ଟାଇପ୍‌ସବୁ ଶୀଘ୍ର ଖରାପ ହୋଇ ଯାଉଥିଲା । ଇତିମଧ୍ୟରେ 'ଅଲ୍ ଇଣ୍ଡିଆ ପ୍ରେସ'ର ସୃଷ୍ଟି ହେଲା । ଆମେ ଆମର ଫାଇନାଲ୍ ପେଜ୍ ପ୍ରୁଫ୍ ସେଠାକୁ ପଠାଇ ଦେଉଥିଲୁ । ସେମାନେ ସେସବୁର ଫଟୋ-କପି କରି 'ଅଫ୍‌ସେଟ୍' ମେସିନ୍‌ରେ ଛପାଇ ଦେଉଥିଲେ । ଜିପ୍‌ରେ ସେସବୁ ଛାପା କାଗଜକୁ ଆଣି ଆମେ ଆମର ପ୍ରେସରେ ବାଇଣ୍ଡିଂ କରୁଥିଲୁ । ଏହି ଧରଣର କର୍ମର ତତ୍ତ୍ୱାବଧାନରେ ଭୋପାଲ ଥିଲା ।

ହଁ, ଆମର ପ୍ରୁଫ୍ ରିଡ଼ିଂ ସେକ୍‌ସନ୍‌ଟି ଏବେ ଯେଉଁଠି ନବଜ୍ୟୋତି ଗେଷ୍ଟ ହାଉସ୍‌ର ଅଫିସ ରହିଛି ସେଇଠାରେ । ଆମେ ଥିଲୁ ତିନି ଜଣ – ଶ୍ରୀପତି ବାବୁ, ନରେନ୍ଦ୍ର ବାବୁ ଓ ମୁଁ । ଶ୍ରୀପତି ବାବୁଙ୍କୁ ଦିନରାତି ଖଟିବାକୁ ହେଉଥିଲା । ନରେନ୍ଦ୍ର ବାବୁ ଥିଲେ ଜଣେ ପ୍ରବୀଣ ସଂଶୋଧକ । ମୁଁ ନରେନ୍ଦ୍ର ବାବୁଙ୍କ ସହିତ ପାଣ୍ଡୁଲିପି ପଢ଼ୁଥିଲି । ସେ ପ୍ରଥମ କମ୍ପୋଜିଂ ହୋଇଥିବା ଗାଲି ପ୍ରୁଫ୍ ମିଳାଉ ଥିଲେ । ପରେ ନରେନ୍ଦ୍ର ବାବୁ ଓ ଶ୍ରୀପତି ବାବୁ ପେଜ୍ ପ୍ରୁଫ୍ ଓ ଫାଇନାଲ୍ ପ୍ରୁଫ୍ ଦେଖୁଥିଲେ ।... ଏମିତି ଚାଲୁଥିଲା ଆମର ପ୍ରେସ କାମ । ଧୀରେ ଧୀରେ ପ୍ରେସର କଳେବର ବଢ଼ିଲା । କଟିଂ ମେସିନ୍ ଆସିଲା, ନୂତନ କରି ଏକ ଟ୍ରେଡ଼େଲ୍ ମେସିନ୍ ଆଣିଲୁ ଏବଂ ଆଶ୍ରମ ପ୍ରେସରୁ ଏକ ଅଟୋମ୍ୟାଟିକ୍ ଟ୍ରେଡ଼େଲ୍ ମେସିନ୍ ମିଳିଲା । ଆମେ ମଧ୍ୟ ଯେକୌଣସି ଗ୍ରନ୍ଥର ଆଠ ପୃଷ୍ଠା ଏକାଥରକେ ଛାପା ଯାଇ

ପାରିବାର ଏକ ସ୍ୱୟଂଚାଳିତ ବଡ଼ ମେସିନ୍ ଆଣିଲୁ । ବାଇଣ୍ଡିଂ ଓ ଡେସ୍‌ପାଚ୍ ସେକ୍‌ସନ ସହିତ ଆମ ପ୍ରେସଟି ହୋଇ ଉଠିଲା ଏକ ସ୍ୱୟଂ ସମ୍ପୂର୍ଣ୍ଣ ପ୍ରିଣ୍ଟିଂ ପ୍ରେସ । ୧୯୯୨ ମସିହାରୁ ଯନ୍ତ୍ର-ଜଗତର ପ୍ରସାର ସହ ଆମ ଛାପାଖାନାର ସ୍ୱରୂପ ବଦଳି ଗଲା । ଆରମ୍ଭ ହେଲା କମ୍ପ୍ୟୁଟରରେ ପୁସ୍ତକ ଓ ପତ୍ରିକାଗୁଡ଼ିକର ମୁଦ୍ରଣ କାର୍ଯ୍ୟ । ଅବିଳମ୍ବେ ଆମର ହାତ କମ୍ପୋଜ୍‌ର କାର୍ଯ୍ୟ ତା'ର ଭୂମିକା ସମାପନ କରି ପାଲଟି ଗଲା ଇତିହାସର କଥାବସ୍ତୁ ।

ବେଶ୍ କିଛି ବର୍ଷ ଧରି ହାତ କମ୍ପୋଜିଙ୍ଗ ବନ୍ଦ ହେବା ପରେ ବି ଆମ ପ୍ରେସ କାମ ବେଶ୍ ଭଲ ଭାବରେ ଆଗେଇ ଚାଲିଥିଲା । ଏହାରି ଭିତରେ କେତେକ ସାଧକ ଏଥିରେ କାମ କରୁ କରୁ ଘରକୁ ଚାଲି ଯାଇଛନ୍ତି, କେତେକ ସାଧକ ଆଶ୍ରମର ଅନ୍ୟ ବିଭାଗରେ ଯାଇ ଯୋଗ ଦେଇଛନ୍ତି । ପୁନଶ୍ଚ ଅନ୍ୟ ବିଭାଗରେ କାମ କରୁଥିବା କେତେକ ସାଧକ ମଧ୍ୟ ସ୍ୱତଃପ୍ରବୃତ୍ତ ହୋଇ ନିଜ ନିଜର ଫାଙ୍କା ସମୟରେ ପ୍ରେସକୁ ଆସି କର୍ମରେ ଆମକୁ ସାହାଯ୍ୟ କରି ଆନନ୍ଦ ପାଉଛନ୍ତି ।

କାଳର ପ୍ରବାହରେ ଏକତ୍ର ମିଳିମିଶି କାମ କରିବାରେ ବେଶ୍ ବାଧା ଉପୁଜେ; କିନ୍ତୁ ଅନ୍ୟ ଦୃଷ୍ଟିରୁ ଦେଖିଲେ 'ମଙ୍ଗଳମୟ ଶ୍ରୀହରି ଅମଙ୍ଗଳ ଦ୍ୱାରା ପରମ ମଙ୍ଗଳ ଘଟାଇଥା'ନ୍ତି ।' ଆଜି ଆମର ସେହି ପ୍ରେସଟି ସ୍ଥାନରେ ଦଣ୍ଡାୟମାନ ରହିଛି 'ନବଜ୍ୟୋତି ଗେଷ୍ଟ ହାଉସ୍' ।

ଯଦିଓ ଶ୍ରୀପତି ବାବୁ ତାଙ୍କର ନିଜସ୍ୱ ଧାରାରେ କର୍ମ-ସମ୍ପାଦନ କରିବାରେ (ପ୍ରାୟ ପ୍ରାରମ୍ଭରୁହିଁ) କିଞ୍ଚିତ୍ ମନ୍ଥର ଥିଲେ ତଥାପି ବର୍ଷ ପରେ ବର୍ଷ ଅର୍ଦ୍ଧ-ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ସେ ନିଜ କର୍ତ୍ତବ୍ୟ କର୍ମ କରି ଯାଇଛନ୍ତି । ଏମିତି ଅନେକ ଥର ଘଟିଛି — ସେ ପ୍ରପତ୍ତିଙ୍କ ଠାରୁ କୌଣସି କାରଣରୁ ଗାଳି ଖାଇଛନ୍ତି, କିନ୍ତୁ କେବେ ହେଲେ ଉଭୟଙ୍କ ଭିତରେ ବା କର୍ମକ୍ଷେତ୍ରରେ କୌଣସି ଅସଂଗତି ଓ ଅନ୍ତରାୟ ସୃଷ୍ଟି କରି ନାହାନ୍ତି । ପାଣ୍ଡୁଲିପି ପ୍ରସ୍ତୁତ କରିବା, କେଉଁସବୁ ପୁସ୍ତକ ପୁନର୍ମୁଦ୍ରଣ ହେବ, ଛାପା କାଗଜ (ରିମ୍)ର ଷ୍ଟୋର ହିସାବ ଏବଂ ଏହା ସାଙ୍ଗକୁ 'ଗାଲି' ପ୍ରୁଫ୍ ରିଡ଼ିଙ୍ଗ, ପେଜ୍ ପ୍ରୁଫ୍ ରିଡ଼ିଙ୍ଗ ଏବଂ ଫାଇନାଲ୍ ମେସିନ୍ ପ୍ରୁଫ୍ ମଧ୍ୟ ସେ ଦେଖୁଥିଲେ ।

ଆମର ଓଡ଼ିଆ ଟାଇପସବୁ ଉତ୍କଳର 'ଗୋପବନ୍ଧୁ ଟାଇପ୍ ଫାଉଣ୍ଡରୀ'ରୁ ଗଦାଧର ମିଶ୍ରଙ୍କ ଦ୍ୱାରା ପ୍ରପତ୍ତି ଏଠାକୁ ନେଇ ଆସୁଥିଲେ । ଇଂରାଜୀ ଟାଇପ୍ ମାଡ୍ରାସ୍ (ଅଧୁନା ଚେନ୍ନାଇ)ର 'ନର୍ଟନ୍ ଟାଇପ୍ ଫାଉଣ୍ଡରୀ'ରୁ ଅଣାଯାଉଥିଲା । ଟାଇପ୍‌ସବୁ କାଗଜ ପ୍ୟାକେଟ୍‌ରେ ପୃଥକ୍ ପୃଥକ୍ ପୁଟୁଳା ବନ୍ଧା ହୋଇ ଆସୁଥିଲା । ଆମେ ସମସ୍ତେ ବସି ସେସବୁକୁ ଖୋଲି 'କେସ୍' (ଦେଢ଼ ଇଞ୍ଚର ବର୍ଗାକାର ଖୋପସବୁ ଥିବା ଲମ୍ୱା କାଠ ବାକ୍‌ସ; ଲୋଅର୍ କେସ୍, ଅପର୍ କେସ୍, ଲେଫ୍‌ଟ କେସ୍ ଓ ରାଇଟ୍ କେସ୍)ରେ ଆବଶ୍ୟକ ପରିମାଣରେ ଭର୍ତ୍ତି କରି ଅଧିକା ଟାଇପ୍‌କୁ ବାନ୍ଧି ଯତ୍ନରେ ଷ୍ଟୋର କରି ରଖି ଦେଉଥିଲୁ । ପ୍ରତି ଚାରି ପାଞ୍ଚ ବର୍ଷରେ ପୁରୁଣା ଟାଇପ୍‌ସବୁକୁ ଗୋଟିଏ କି ଦୁଇଟି ମୋଟା ଅଖାରେ ଭର୍ତ୍ତି କରି, ଓଜନ କରି ଗୋପବନ୍ଧୁ ଟାଇପ୍ ଫାଉଣ୍ଡରୀକୁ ପଠାଇ ଦିଆଯାଉଥିଲା; ପୁଣି ନୂଆ ଟାଇପ୍ (ସମାନ ଓଜନର, କିନ୍ତୁ ପ୍ରତ୍ୟେକଟି ଟାଇପ୍ ସ୍ୱତନ୍ତ୍ର ପ୍ୟାକେଟ୍‌ରେ) ଆସୁଥିଲା । ପ୍ରେସ ପାଇଁ ଅନ୍ୟାନ୍ୟ ସରଞ୍ଜାମ ପ୍ରପତ୍ତି ମାଡ୍ରାସ୍‌ରୁ ନେଇ ଆସୁଥିଲେ । ଏମିତି ଧାରାରେ ଚାଲୁଥିଲା ଆମର ହାତ କମ୍ପୋଜିଙ୍ଗ କର୍ମ ।...

ହଁ, ମେସିନ୍‌ରେ ପ୍ରିଣ୍ଟିଂ ସରିଗଲେ ସେସବୁ ଫର୍ମାକୁ ବାହାର କରିଆଣି ବାହାରେ ଅଗଣାରେ କାଛକୁ ଆଉଜାଇ ସେଥିରେ କିରୋସିନି ଓ ସୋଡ଼ା ଦେଇ ବ୍ରସ୍‌ରେ ମାଜି ପରିଷ୍କାର କରି ଦିଆଯାଉଥିଲା । ଖରାପାଗ ହୋଇଥିଲେ କେତେ ଘଣ୍ଟା ପରେ ସେସବୁ ଶୁଖି ଯାଉଥିଲା । ନଚେତ୍ ତହିଁ ପରଦିନ ସେସବୁ 'ପେଜ୍' ଟାଇପ୍‌କୁ ଗାଲିରେ ରଖି ଟାଇପ୍ ଡିଷ୍ଟ୍ରିବ୍ୟୁସନ୍ କରି ଯଥା ସ୍ଥାନରେ ଅର୍ଥାତ୍ କେସ୍‌ର ନିର୍ଦ୍ଦିଷ୍ଟ ଖୋପରେ ରଖିବାକୁ ପଡୁଥିଲା, ପୁଣି ନୂଆ କମ୍ପୋଜିଙ୍ଗ୍ ପାଇଁ ।... ତଥାପି କାଳିମିଶା ତେଲ ବାର ବାର ଲାଗି ହାତରେ ଆଙ୍ଗୁଳିସବୁ ପ୍ରାୟ ନଷ୍ଟ ହୋଇଯାଉଥିଲା । ସେତେବେଳେ ଆମେ ପ୍ରତ୍ୟେକେ ପରେ ନଡ଼ିଆ ତେଲ ଇତ୍ୟାଦି ବ୍ୟବହାର କରି ଯଥାସମ୍ଭବ ହାତର ଯତ୍ନ ନେଉଥିଲୁ । ଶ୍ରୀପତି ବାବୁଙ୍କ ଆଙ୍ଗୁଳି ଏଥିରେ ଅଧିକ ଭାବରେ ଆକ୍ରାନ୍ତ ହୋଇ ଯାଇଥିଲା । ଯଦ୍ୱାରା ସେ ଏ କାର୍ଯ୍ୟରୁ ଅବ୍ୟାହତି ନେବାକୁ ବାଧ୍ୟ ହୋଇଥିଲେ ।

ଶରୀର ଭାଙ୍ଗିପଡ଼ିବା ପର୍ଯ୍ୟନ୍ତ ଶ୍ରୀପତି ବାବୁ ତାଙ୍କର କର୍ମ କରିଯାଇଛନ୍ତି । ଏତତ୍ ବ୍ୟତୀତ ତାଙ୍କ ଦ୍ୱାରା ଶ୍ରୀମା'ଙ୍କ 'Tales of All Times' ଏବଂ ଅମୃତଙ୍କ 'Old Long Since' ପୁସ୍ତକ ଓଡ଼ିଆରେ ଅନୂଦିତ ହୋଇ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି — 'ଗନ୍ଧଶ୍ରୀ', ଓ 'ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଦର୍ଶନ' ପରେ ନୂତନ ନାମକରଣ 'ଅତୀତ ସ୍ମୃତି' ।

ପୁନଶ୍ଚ ୧୯୭୦ରୁ ପ୍ରକାଶିତ ମାସିକ ପତ୍ରିକା 'ନବପ୍ରକାଶ'ର ପ୍ରଚ୍ଛଦପଟରେ ଥିବା ପ୍ରତୀକଟି ତାଙ୍କରି ଦ୍ୱାରା ପ୍ରସ୍ତୁତ ହୋଇଛି । ପ୍ରତିବର୍ଷ ନବଜ୍ୟୋତି କାର୍ଯ୍ୟାଳୟରୁ ପ୍ରକାଶିତ

ନବବର୍ଷ ଶୁଭେଚ୍ଛା କାର୍ଡ଼ଟିର ନକ୍ସା ସେ ପ୍ରସ୍ତୁତ କରିଥିଲେ । ଏହିପରି ଅନେକ କାର୍ଯ୍ୟ ପାଇଁ ସେ ଆମର ଚିରସ୍ମରଣୀୟ ହୋଇ ରହିଥିବେ ।

ଏକଥା ସତ ଯେ ନବଜ୍ୟୋତି କାର୍ଯ୍ୟାଳୟର ପ୍ରାୟ ପ୍ରତ୍ୟେକ କର୍ମୀ ଊଣାଧିକେ ପ୍ରପତ୍ତିଙ୍କଠାରୁ କଦବା କେବେ ଗାଳି ଖାଇଛନ୍ତି ଏବଂ ଶ୍ରୀପତି ବାବୁ ଥିଲେ ତନ୍ମଧ୍ୟରେ ପ୍ରଥମ-ସ୍ଥାନୀୟ । ଏହି ପରିପ୍ରେକ୍ଷୀରେ ଗୋଟିଏ ଛୋଟ ହୃଦୟସ୍ପର୍ଶୀ ଘଟଣା ସ୍ମରଣରେ ଆସୁଛି, ହୁଏତ ଅପ୍ରାସଙ୍ଗିକ ହେବନି :

ସେଦିନ ଆମେ ଆଶ୍ରମ ପ୍ରେସର ଓଡ଼ିଆ କର୍ମୀବୃନ୍ଦ (ଚାରିଜଣ) ପ୍ରପତ୍ତିଙ୍କ ଠାରୁ କୌଣସି ଏକ ବିଶେଷ କାରଣରୁ ଅଳ୍ପ ମାତ୍ରାରେ ହୋଇଥିଲେ ମଧ୍ୟ ମିଠା-କଡ଼ା ଗାଳି ଖାଇଥିଲୁ । ହୁଏତ ଏଥିନିମିତ୍ତ ପ୍ରଧାନ ଦୋଷୀ ଥିଲେ ଶ୍ରୀପତି ବାବୁ । କିନ୍ତୁ ଆମେ ସମସ୍ତେ ନୀରବରେ, ସମ୍ମାନର ସହିତ ସେସବୁ ହଜମ କଲୁ । ଏହା ଥିଲା ସକାଳର ଘଟଣା । ଦିନ ଏଗାରଟା ପାଖାପାଖି ପ୍ରେସ ଅଫିସ୍‌ରୁ ମ୍ୟାନେଜର ଅମୀୟଦା' ଆସି ଆମମାନଙ୍କୁ କହିଲେ, ''ପ୍ରପତ୍ତିଜି ଫୋନ୍ କରି ଜଣାଇଛନ୍ତି ଯେ ସାଢ଼େ ଏଗାରଟାରେ ଭୋଜନାଳୟକୁ ଯିବା ପୂର୍ବରୁ ତୁମେମାନେ ସମସ୍ତେ ନବଜ୍ୟୋତି କାର୍ଯ୍ୟାଳୟରେ ତାଙ୍କୁ ଦେଖା କରିଯିବ ।'' ଅର୍ଥାତ୍ ପ୍ରପତ୍ତିଙ୍କୁ ଦେଖା କରି ଆମେ ଭୋଜନାଳୟକୁ ଖାଇବାକୁ ଯିବୁ । ମନେ ମନେ ଊଣାଧିକେ ଆମ ସମସ୍ତଙ୍କର ଖିଆଲ ହେଲା ଯେ ବାକି ରହି ଯାଇଥିବା ଗାଳିତକ ଖାଇ ଭୋଜନ କରିବାକୁ ଯିବୁ । କିନ୍ତୁ ଯିବାକୁ ତ ହେବ ।

ନବଜ୍ୟୋତିର ଦରଜା ଖୋଲି ଆମେ ଭିତରକୁ ପ୍ରବେଶ କରିବା ମାତ୍ରେ ପ୍ରପତ୍ତି ବାରଣ୍ଡାରେ ନିଜ ଆସନରୁ ଉଠି ଆମକୁ ସସ୍ନେହରେ କହିଲେ, ''ତୁମେ ସମସ୍ତେ ହାତ ଧୋଇ ଅନିମେଷର ଘରକୁ ଯାଅ । ତା'ର ଫ୍ରିଜ୍‌ରେ ନବଜ୍ୟୋତି ଆମ୍ବଗଛର ପାଚିଲା ଆମ୍ବ କାଟି କରି ରଖିଛି । ଖାଇ କରି ଡାଇନିଂ ରୁମ୍‌କୁ ଯିବ ।'' — ଏତକ କହି ସେ ନିଜ ରୁମ୍‌କୁ ପ୍ରବେଶ କଲେ ।... ✤

How beautiful is the day when one can offer one's devotion to Sri Aurobindo.

(CWM. Vol. 13, p. 27) – THE MOTHER

*With best compliments from* :

## SRI JAGANNATH RICE MILL

**MAITAPUR, BALASORE (ODISHA)**

**ସାଧନା-ପରମ୍ପରା :**

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୯)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ '**ବୁଦ୍ଧଚରିତ**' ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମ-ପର୍ଯ୍ୟାୟର ବୋଲି ମନେ କରନ୍ତି ।

'ନବଜ୍ୟୋତି'ର ଗତ ସଂଖ୍ୟାରେ ବୁଦ୍ଧଚରିତର ଦ୍ୱାଦଶ ସର୍ଗ 'ଅରାଡ଼ ଦର୍ଶନ'ର ସଂକ୍ଷିପ୍ତ ଅନୁବାଦ ପ୍ରକାଶ ପାଇଥିଲା । ଏଥରକ ତ୍ରୟୋଦଶ ସର୍ଗ 'ମାର ବିଜୟ'ରୁ କେତେକ ଅଂଶର ଅନୁବାଦ ଦିଆଯାଉଛି । – ସଂପାଦକ]

### ତ୍ରୟୋଦଶ ସର୍ଗ

ରାଜର୍ଷି ବଂଶସମ୍ଭୂତ ମହର୍ଷି ସିଦ୍ଧାର୍ଥ ମୋକ୍ଷଲାଭ ନିମନ୍ତେ ଦୃଢ଼-ପ୍ରତିଜ୍ଞ ହୋଇ ନିଜ ଆସନରେ ଉପବିଷ୍ଟ ହେଲାରୁ ସମଗ୍ର ସଂସାର ଆନନ୍ଦିତ ହେଲା; କିନ୍ତୁ ସଦ୍‌ଧର୍ମର ଶତ୍ରୁ 'ମାର' ଭୟଭୀତ ହେଲା । ଜଗତରେ ଯାହାକୁ କାମଦେବ, ତଥା ଚିତ୍ରଧନୁ ଓ ପୁଷ୍ପଶର ବୋଲି କୁହନ୍ତି ସେ ହେଉଛି ମୋକ୍ଷର ଶତ୍ରୁ ଏବଂ କାମବାସନାର ଅଧିପତି । ତା'ର ବିଭ୍ରମ, ହର୍ଷ ଓ ଦର୍ପ ନାମରେ ତିନି ପୁତ୍ର ଏବଂ ଆରତି, ପ୍ରୀତି ଓ ତୃଷ୍ଣା ନାମରେ ତିନି କନ୍ୟା । ସେମାନେ ନିଜ ପିତାକୁ ତା'ର ମାନସିକ ଅସ୍ୱସ୍ତିର କାରଣ ପଚାରିଲାରୁ ମାର କହିଲା :

''ଏହି ମୁନି ପ୍ରତିଜ୍ଞାରୂପକ କବଚ ପିନ୍ଧି, ସାତ୍ତ୍ୱିକତା ରୂପକ ଧନୁ ଧରି ଏବଂ ବୁଦ୍ଧି-ରୂପକ ଶର ସଂଯୋଗ କରି ମୋର ରାଜ୍ୟ ଜିଣିବାକୁ ଇଚ୍ଛା କରୁଛନ୍ତି । ଏଇଥିପାଇଁ ମୋ ମନରେ ବିଷାଦ । ଏ ଯଦି ମୋତେ ଜିଣିଯିବେ ଏବଂ ସଂସାରର ଲୋକମାନଙ୍କୁ ମୋକ୍ଷର ମାର୍ଗ ପ୍ରଦର୍ଶନ କରିବେ ତେବେ ଆଜିଠାରୁ ମୋର ରାଜ୍ୟ ଶୂନ୍ୟ ହୋଇଯିବ । ତେଣୁ ଯେପର୍ଯ୍ୟନ୍ତ ଏ ଜ୍ଞାନଚକ୍ଷୁ ଲାଭ କରି ନାହାନ୍ତି ଓ ମୋର ସୀମା ଭିତରେ ଅଛନ୍ତି ସେହି ସମୟ ଭିତରେ ନଦୀର ପ୍ରବଳ ପ୍ରବାହ ବନ୍ଧକୁ ଭାଙ୍ଗିଲା ପରି ମୁଁ ଏହାଙ୍କର ପ୍ରତିଜ୍ଞା ଭାଙ୍ଗିବାକୁ ଚେଷ୍ଟା କରିବି ।''

ଏହାପରେ ଜନଗଣଙ୍କର ମନବିକୃତକାରୀ ମାର ପୁଷ୍ପଧନୁ ଓ ଜଗତମୋହିତକାରୀ ପଞ୍ଚଶର ଧରି ପୁତ୍ରମାନଙ୍କ ସହ ସେହି ଅଶ୍ୱତ୍ଥ ବୃକ୍ଷ ମୂଳକୁ ଗଲା ଓ ଧନୁ ଅଗରେ ବାମହାତ ରଖି ଶର ସଙ୍ଗରେ ଖେଳି ଖେଳି, ସଂସାର ସାଗରକୁ ପାର ହେବାକୁ ଇଚ୍ଛା କରୁଥିବା ଆସନୋପବିଷ୍ଟ ଶାନ୍ତଚେତା ମୁନିଙ୍କୁ କହିଲା, ''ହେ ମୃତ୍ୟୁଭୀରୁ କ୍ଷତ୍ରିୟ, ଉଠ, ସ୍ୱଧର୍ମ ଆଚରଣ କର । ମୋକ୍ଷ ଧର୍ମ ଛାଡ଼ି ଶରସନ୍ଧାନ ଓ ଯଜ୍ଞସାଧନ ଦ୍ୱାରା ଜଗତ୍ ଜୟ କର ଓ ଏହି ଲୋକରେହିଁ ଇନ୍ଦ୍ରପଦ ଲାଭ କର । ଏହାହିଁ ଯଶଲାଭର ପନ୍ଥା ଓ ପୂର୍ବକାଳର ରାଜାମାନେ ଏହି ମାର୍ଗକୁହିଁ ଅବଲମ୍ବନ କରିଥିଲେ । ବିଖ୍ୟାତ ରାଜର୍ଷି ବଂଶରେ ଜନ୍ମ ହୋଇ ଏଭଳି ଭିକ୍ଷୁବୃତ୍ତି ଗ୍ରହଣ ତୁମ ପକ୍ଷରେ ଶୋଭନୀୟ ନୁହେଁ । ତା' ନ କରି ଯଦି ନିଜ ପ୍ରତିଜ୍ଞାରେ ସ୍ଥିର ଓ ଅଟଳ ରୁହ ତେବେ ମୁଁ ଶର ଉଠାଉଛି, ତୁମ ଉପରକୁ ନିକ୍ଷେପ କରିବି । ଚନ୍ଦ୍ରଙ୍କର ନାତି ଏହି ଶର ସ୍ପର୍ଶ ମାତ୍ରକେ ବିଚଳିତ ହୋଇ ପଡ଼ିଥିଲେ, ସ୍ଥିରଚେତା ଶାନ୍ତନୁ ପରାଧୀନ ହୋଇ ଯାଇଥିଲେ, ଆଉ ଏ ଯୁଗର ଦୁର୍ବଳମନା ଲୋକଙ୍କ କଥା କ'ଣ କହିବା ! ଏହି ଶର ତୁମକୁ ଲେହନ କରିଦେବ, କିନ୍ତୁ ଯେଉଁମାନେ ରତି-ପ୍ରିୟ ଚକ୍ରବାକ ଭଳି ପ୍ରିୟାମାନଙ୍କର କିଙ୍କର – ମୁଁ ସେମାନଙ୍କ ପ୍ରତି ଏ ଶର ନିକ୍ଷେପ କରେ ନାହିଁ ।''

ମାର ଏପରି କହିଲେ ମଧ୍ୟ ଶାକ୍ୟମୁନି ତାହା ଉପେକ୍ଷା କରି ଆସନ ନ ଛାଡ଼ିବାରୁ ମାର ତାଙ୍କ ଉପରକୁ ଶର ନିକ୍ଷେପ କଲା । କିନ୍ତୁ ଶାକ୍ୟମୁନି ସେଥିପ୍ରତି ଭ୍ରୂକ୍ଷେପ କଲେ ନାହିଁ ବା ଧୈର୍ଯ୍ୟଚ୍ୟୁତ ହେଲେ ନାହିଁ । ଏହି ଅବସ୍ଥା ଦେଖି ମାର ବିଷଣ୍ଣ ଓ ଚିନ୍ତାକୁଳ ହୋଇ କହିଲା, ''ଯେଉଁ ଶର ଦ୍ୱାରା ବିଦ୍ଧ ହୋଇ

ଶିବ ମଧ ପାର୍ବତୀଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ, ସେ ଶର ପ୍ରତି ଏହାଙ୍କର ଭ୍ରୁକ୍ଷେପ ନାହିଁ । ଏ କ'ଣ ଚିତ୍ତହୀନ ନା ମୋର ଶର ଆଉ ସେହି ଶର ନୁହେଁ ? ଏହାଙ୍କ ପ୍ରତି ପୁଷ୍ପଶର, ହର୍ଷଣ ବା ରତି ପ୍ରୟୋଗ ଉପଯୁକ୍ତ ବ୍ୟବସ୍ଥା ନୁହେଁ । ଏହାଙ୍କ ପ୍ରତି ଭୟଙ୍କର ଭୂତଗଣଙ୍କ ଦ୍ୱାରା ଭୟ ପ୍ରଦର୍ଶନ, ତର୍ଜନ, ଗର୍ଜନ ତଥା ପ୍ରହାର ପ୍ରୟୋଗ କରାଯିବା ଉଚିତ ।''

## କାମ-ପ୍ରଲୋଭନ-ସୃଷ୍ଟିରେ ବ୍ୟର୍ଥ ହୋଇ ମାରର ଭୟ ପ୍ରଦର୍ଶନ

ଶାକ୍ୟମୁନିଙ୍କ ଶାନ୍ତିରେ ବିଘ୍ନ ସୃଷ୍ଟି ପାଇଁ ମାର ତା'ର ସୈନ୍ୟମାନଙ୍କୁ ସ୍ମରଣ କଲା ଓ ସଙ୍ଗେ ସଙ୍ଗେ ତା'ର ଅନୁଚରମାନେ ପର୍ବତ, ବୃକ୍ଷ, ବର୍ଚ୍ଛା, ଗଦା ଓ ଖଡ୍‌ଗ ପ୍ରଭୃତି ଧରି ଶାକ୍ୟମୁନିଙ୍କ ଚାରିପାଖେ ଘେରିଗଲେ । ବରାହ, ମତ୍ସ୍ୟ, ଅଶ୍ୱ, ଗଧ ଏବଂ ଓଟଙ୍କ ପରି ସେମାନଙ୍କ ମୁହଁ । କାହାର କାହାର ମୁହଁ ଭାଲୁ, ସିଂହ ଓ ହାତୀଙ୍କ ପରି । କିଏ ଏକ ଆଖିଆ, କିଏ ବା ଅନେକ ମୁହାଁ, ଆଉ କିଏ ତିନି ମୁଣ୍ଡିଆ, କାହାର ପେଟ ଲମ୍ବା ତ ଆଉ କାହାର ପେଟ ଅନ୍ତଲ । କିଏ ଜାନୁବିହୀନ, ଜଙ୍ଘବିହୀନ, କିଏ ବା ଘଟାକୃତି ଜଙ୍ଘ ନେଇ ଓ ତୀକ୍ଷ୍ଣ ଦନ୍ତ, ନଖ କଙ୍କାଳର ମୁହଁ ବା ଭଙ୍ଗା, ଅଧା ବା ବଡ଼ ମୁହଁ ନେଇ ଭୟ ପ୍ରଦର୍ଶନ କଲେ । ଏମାନେ ଥିଲେ କେତେବେଳେ ପାଉଁଶିଆ ଲାଲବର୍ଣ୍ଣ ବା ଲାଲ ଟୁପୁଟୁପୁକିଆ ଚିହ୍ନରେ ଚିତ୍ର ବିଚିତ୍ର ବାନରଙ୍କ ଭଳି ଲୋମଯୁକ୍ତ ଓ ଚର୍ମ ପରିହିତ ବା କେତେବେଳେ ଉଲଗ୍ନ, ଅଧା ଶରୀର ଧଳା, ଅଧା ଶରୀର ସବୁଜ ତମ୍ବା ବର୍ଣ୍ଣ, ଧୂମ ବର୍ଣ୍ଣ, ନୀଳ ଓ କଳା ବର୍ଣ୍ଣ, ସର୍ପବେଷ୍ଟିତ ହସ୍ତ ଓ ଶବ୍ଦାୟମାନ ଘଣ୍ଟିବନ୍ଧା-ଅଣ୍ଟାସୂତା ପରିହିତ । ତାଳ ଗଛ ପରି ଉଚ୍ଚ, ଶୂଳଧାରୀ, ଭୟଙ୍କର ଦାନ୍ତ, ଶିଶୁ ପରି କ୍ଷୁଦ୍ର, ମେଣ୍ଢାଙ୍କ ପରି ମୁହଁ, ପକ୍ଷୀଙ୍କ ପରି ଆଖି, ବିରାଡ଼ିଙ୍କ ପରି ମୁହଁ କିନ୍ତୁ ମଣିଷଙ୍କ ପରି ଶରୀର । ମୁକୁଳା କେଶ, ଚୁଟିଆ ମୁଣ୍ଡ । ଅଧାଲଣ୍ଡା, ଲାଲବସ୍ତ୍ର ପରିହିତ, ନାନା ପଗଡ଼ି ପିନ୍ଧି କେତେବେଳେ ହସମୁଖ, କେତେବେଳେ ଭ୍ରୁକୁଟିମୁଖ — ଏମାନେ ଥିଲେ ତେଜହରଣକାରୀ ଓ ମନ-ବିକାରକାରୀ ।

ଏମାନଙ୍କ ଭିତରୁ କେହି ଚାଲୁଚାଲୁ କୁଦା ମାରୁଥିଲେ, କେତେକେ ଡିଆଁ ଡେଇଁ କରୁଥିଲେ, କେତେ ଜଣ ଆକାଶରେ ଖେଳୁ ଥିଲେ ଓ ଆଉ କେତେକେ ଗଛ ଉପରେ ବିଚରଣ କରୁଥିଲେ । କେହି ତ୍ରିଶୂଳ ବୁଲାଇ ନାଚୁଥିଲେ, କେହି ଗଦା ଉଞ୍ଚାଇ ଡେଉଁଥିଲେ, କେହି ଆନନ୍ଦରେ ଷଣ୍ଢ ଭଳି ଗର୍ଜନ କରୁଥିଲେ, କାହାର ବା କେଶ ନିଆଁରେ ଜଳୁଥିଲା । ଏହିପରି ଭୂତଗଣ ବୋଧିଦ୍ରୁମର ଚାରିପାଖରେ ଘେରି ଛିଡ଼ା ହୋଇଗଲେ । ସେମାନେ ଶାକ୍ୟମୁନିଙ୍କୁ ଧରିବାକୁ ଓ ହତ୍ୟା କରିବାକୁ ଚାହୁଁଥିଲେ ଓ ମୁନିବ ମାରର ଆଜ୍ଞାକୁ ଅପେକ୍ଷା କରି ରହିଲେ ।

ରାତ୍ରିର ପ୍ରଥମ ପ୍ରହରରେ ମାର ଓ ଶାକ୍ୟମୁନିଙ୍କ ମଧରେ ଏଭଳି ଯୁଦ୍ଧ କାଳ ଉପସ୍ଥିତ ହେବାର ଦେଖି ଆକାଶ ମଳିନ ହୋଇଗଲା, ପୃଥିବୀ ପ୍ରକମ୍ପିତ ହେଲା ଓ ଦିଗମାନେ ସଶବ୍ଦରେ ପ୍ରଜ୍ୱଳିତ ହୋଇ ଉଠିଲେ । ପବନ ଚାରି ଦିଗରୁ ବେଗରେ ବହିଲା, ଆକାଶରେ ତାରାମାନେ ନିଷ୍ପ୍ରଭ ହୋଇଗଲେ, ଚନ୍ଦ୍ର ଶୋଭା ପାଇଲେ ନାହିଁ, ରାତ୍ରି ଅଧିକ ଅନ୍ଧକାର ବିସ୍ତାର କଲା ଓ ସମୁଦ୍ରମାନେ ବିକ୍ଷୋଭିତ ହୋଇ ଉଠିଲେ । ପୃଥ୍ୱୀକୁ ଧାରଣ କରିଥିବା ଧର୍ମପରାୟଣ ନାଗମାନେ ମାର ପ୍ରତି କ୍ରୋଧରେ ଚକ୍ଷୁ ବିସ୍ତାର କରି ଦୀର୍ଘଶ୍ୱାସ ଛାଡ଼ିଲେ । ମାର ସେନାମାନେ ବୋଧିଦ୍ରୁମର ମୂଳକୁ ଚାରିପଟରୁ ଘେରିଯିବା ଦେଖି ଜଗତବାସୀଙ୍କର ମୁକ୍ତି ଚାହୁଁ ଥିବା ଧର୍ମାତ୍ମାମାନେ ହାହାକାର କଲେ । କିନ୍ତୁ ମହର୍ଷି ସିଦ୍ଧାର୍ଥ ଏହି ମାରସେନାଙ୍କୁ ଦେଖି ଧେନୁମାନଙ୍କ ମଧରେ ସିଂହ ପରି ଅବିଚଳିତ ରହିଲେ ଓ ତାଙ୍କ ମନରେ କୌଣସି ବିକାର ଜାତ ହେଲା ନାହିଁ ।

ତା'ପରେ ମାରର ଆଜ୍ଞା ପାଇ ତା'ର ସେନାମାନେ ମୁନିଙ୍କୁ ଭୟଭୀତ ଓ ଧୈର୍ଯ୍ୟଚ୍ୟୁତ କରିବାର ଚେଷ୍ଟାରେ ଲାଗି ପଡ଼ିଲେ । ଲହଲହ ଜିହ୍ୱା ବିସ୍ତାର କରି କେତେକ ଭୂତ, ତୀକ୍ଷ୍ଣ ଦାନ୍ତ, ସୂର୍ଯ୍ୟମଣ୍ଡଳ ପରି ଆଖି ଓ କିଳା ପରି କାନ ନେଇ ପାଟି ଆଁ କରି ଛିଡ଼ା ହେଲେ । କିନ୍ତୁ ଏହି ଦଣ୍ଡାୟମାନ ଉଦ୍ଧତ ଭୂତଗଣଙ୍କୁ ଦେଖି ମୁନି କ୍ରୀଡ଼ାରତ ବାଳକମାନଙ୍କୁ ଦେଖିବା ପରି ଟିକିଏ ବି ଭୀତ ବା ଚିନ୍ତିତ ହେଲେ ନାହିଁ । ଗୋଟିଏ ଭୂତ ଆଖି ତରାଟି ମୁନିଙ୍କ ଉପରକୁ ଗଦା ଉଞ୍ଚାଇଲା କିନ୍ତୁ ତା'ର ହାତ ସେଇଠାରେ ହିଁ ଅଟକି ଗଲା । କେତେକ ଭୂତ ପଥର ଓ ବୃକ୍ଷ ସବୁ ଉଞ୍ଚାଇଲେ କିନ୍ତୁ ମୁନିଙ୍କ ଉପରକୁ ଫିଙ୍ଗିବାକୁ ସମର୍ଥ ହେଲେ ନାହିଁ । ବୃକ୍ଷ ଓ ପଥର ସହ ତଳେ ପଡ଼ି ବଜ୍ରଭଗ୍ନ ବିନ୍ଧ୍ୟପର୍ବତର ଅଙ୍ଗ ଭଳି ଦେଖାଗଲେ । କେତେକ ଭୂତ ଆକାଶକୁ ଉଠି ପଥର, ବୃକ୍ଷ ଓ ମୁଦ୍‌ଗର ଫିଙ୍ଗିଲେ କିନ୍ତୁ ତାହା ତଳେ ନ ପଡ଼ି ଆକାଶରେ ନାନା ବର୍ଣ୍ଣର ମେଘ ପରି ଦିଶିଲା । ଗୋଟାଏ ଭୂତ ପର୍ବତଶୃଙ୍ଗ ପରି ଏକ ନିଆଁହୁଳା

ପକାଇବାରୁ ତାହା ମୁନିଙ୍କ ପ୍ରଭାବରେ ସେହି ଆକାଶରେ ଶହ ଶହ ଖଣ୍ଡରେ ଛିନ୍ନଭିନ୍ନ ହୋଇଗଲା । ସେହି ବୋଧିଦ୍ରୁମ ମୂଳରେ ଯେଉଁ ଅଗ୍ନିପିଣ୍ଡମାନ ବୃଷ୍ଟି କରାଗଲା ତାହା ମୁନିଙ୍କ ମୈତ୍ରୀମୟ ପ୍ରଭାବରୁ ଲାଲ ପଦ୍ମର ପାଖୁଡ଼ାମାନ ହୋଇଗଲା । କେତେକ ଭୂତ ନିଜ ପାଟିରୁ ସାପସବୁ ବାହାର କଲେ କିନ୍ତୁ ମୁନିଙ୍କ ନିକଟକୁ ଆସି ସେଇ ସାପମାନେ ମନ୍ତ୍ରମୁଗ୍ଧ ହେଲା ପରି ଫଣା ଟେକିଲେ ନାହିଁ କିମ୍ବା ଫଁ ଫଁ କଲେ ନାହିଁ । ଭୂତମାନେ ବର୍ଷଣ କରୁଥିବା ପଥର ମୁନିଙ୍କ ପରିବେଶରେ ସୁନ୍ଦର ପୁଷ୍ପବୃଷ୍ଟିରେ ପରିଣତ ହେଲା । ଶର ନିକ୍ଷେପ ପାଇଁ ଉଦ୍ୟତ ଏକ ଭୂତର ହାତ ଧନୁରେ ହିଁ ଲାଖି ରହିଗଲା, ଠିକ୍ ଯେପରି ଦରିଦ୍ର କ୍ରୋଧୀ ଲୋକର କ୍ରୋଧ ବାହାରକୁ ପ୍ରକାଶ ନ ପାଇ ତା'ର ହୃଦୟକୁ ସନ୍ତପ୍ତ କରେ । ଆଉ ଏକ ଭୂତର ପାଞ୍ଚୋଟି ଶର ଗତିହୀନ ହୋଇ ଅଟକି ରହିଗଲା, ଯେପରି ମୁକ୍ତିକାମୀ ସାଧକର ପଞ୍ଚ ଇନ୍ଦ୍ରିୟ ସାଂସାରିକ ବିଷୟ ବାସନା ଆଡ଼କୁ ଯାଏ ନାହିଁ, ସେହିପରି ସେହି ଶରଗୁଡ଼ିକ ମୁନିଙ୍କ ଆଡ଼କୁ ଗଲେ ନାହିଁ । ଚଞ୍ଚଳଚିତ୍ତ ଲୋକର ମନ ଶାସ୍ତ୍ରରେ ସ୍ଥିର ନ ହେଲା ପରି ଏକ କଳାବର୍ଣ୍ଣର ଭୂତୁଣୀ ହାତରେ ମଣିଷ ଖପୁରି ଧରି ଅସ୍ଥିର ଭାବରେ ମୁନିଙ୍କ ଚାରିପଟେ ଘୂରି ବୁଲିଲା । ଆଉ ଏକ ଭୂତ ବିଷଧର ସର୍ପ ଭଳି ଚକ୍ଷୁର ଅଗ୍ନିରେ ମୁନିଙ୍କୁ ଜାଳି ଦେବା ଭଳି ଦୃଷ୍ଟି ନିବଦ୍ଧ କଲା; କିନ୍ତୁ ବିଷୟାସକ୍ତ ଲୋକକୁ ମଙ୍ଗଳମୟ ପଥ ଦେଖାଇ ଦେଲେ ବି ସେ ଯେପରି ତାହା ଦେଖିପାରେ ନାହିଁ ସେ ସେହିପରି ମୁନିଙ୍କୁ ଦେଖି ପାରିଲା ନାହିଁ । ଆଉ ଏକ ଭୂତ ମୁନିଙ୍କୁ ଏକ ପ୍ରକାଣ୍ଡ ପଥରରେ ଆଘାତ କରିବାକୁ ଚେଷ୍ଟା କରି ବ୍ୟର୍ଥ ହେଲା, ଯେପରି ଜ୍ଞାନ ଓ ଏକାଗ୍ର ଧ୍ୟାନ ଦ୍ୱାରା ଲାଭ କରାଯାଉଥିବା ଧର୍ମକୁ ପୀଡ଼ାଦାୟକ ତପସ୍ୟା ଦ୍ୱାରା ଲାଭ କରିବାକୁ ଚାହୁଁଥିବା ଲୋକର ପରିଶ୍ରମ ବ୍ୟର୍ଥ ହୁଏ । ବାଘ ଓ ସିଂହ ଆକୃତିର କେତେକ ଭୂତଙ୍କ ପ୍ରଚଣ୍ଡ ଗର୍ଜନ ଶୁଣି ଜୀବଜନ୍ତୁମାନେ ବଜ୍ରାଘାତରେ ଆକାଶ ଦି'ଫାଳ ହୋଇଯାଇଛି ବୋଲି ଭାବି ଚାରିଆଡ଼େ ଲୁଚିଗଲେ; ମୃଗ ଓ ହସ୍ତୀମାନେ ଆର୍ତ୍ତନାଦ କରି ଧାଇଁଲେ, ରାତିରେ ମଧ୍ୟ ଦିନ ପରି ପକ୍ଷୀମାନେ ରବ କରି ଚାରିଆଡ଼େ ଉଡ଼ିବାକୁ ଲାଗିଲେ । ଜୀବଜନ୍ତୁମାନଙ୍କର ଏହି ଶବ୍ଦରେ ସମସ୍ତେ ଭୀତତ୍ରସ୍ତ ହୋଇ ପଡ଼ିଲେ ମଧ୍ୟ କୁଆମାନଙ୍କ ରାବରେ ଗରୁଡ଼ ଯେପରି ଡରେ ନାହିଁ, ଶାକ୍ୟମୁନି ସେହିପରି ଟିକେ ହେଲେ ଡରିଲେ ନାହିଁ କି ସଂକୁଚିତ ହେଲେ ନାହିଁ । ଭୟଙ୍କର ଭୂତଗଣଙ୍କ ଆକ୍ରମଣରେ ମୁନି ଯେତେ ନିର୍ଭୟ ରହିଲେ, ମାର ସେତିକି ଦୁଃଖ ଓ କ୍ରୋଧରେ ଜର୍ଜରିତ ହେଲା ।

## ମାରକୁ ଆକାଶବାଣୀ

ଏହାପରେ କୌଣସି ଏକ ଅଦୃଶ୍ୟ ବ୍ୟକ୍ତି ଆକାଶରେ ରହି ମାର ପ୍ରତି ଋଷିଙ୍କର କୌଣସି ଶତ୍ରୁତା ନ ଥିଲେ ମଧ୍ୟ ତାଙ୍କ ପ୍ରତି ମାରର ଏହି ଦ୍ରୋହ ଓ କ୍ରୁଦ୍ଧ ଭାବକୁ ତ୍ୟାଗ କରିବା ପାଇଁ ବୁଝାଇ କହିଲେ :

''ହେ ମାର ! ବୃଥା ଶ୍ରମ କର ନାହିଁ । ହିଂସା ପରିତ୍ୟାଗ କରି ଶାନ୍ତ ହୁଅ । ମହାପର୍ବତ ସୁମେରୁକୁ ଯେପରି ବାୟୁ ଦୋହଲାଇ ପାରେ ନାହିଁ, ତୁମେ ସେହିପରି ଏହାଙ୍କୁ ପଥଭ୍ରଷ୍ଟ କରି ପାରିବ ନାହିଁ । ଅଗ୍ନି ହୁଏତ ଉଷ୍ଣତା ଛାଡ଼ିପାରେ, ଜଳ ହୁଏତ ତରଳତା ଛାଡ଼ିପାରେ, ପୃଥିବୀ ହୁଏତ ସ୍ଥିରତା ଛାଡ଼ିପାରେ, କିନ୍ତୁ ଅନେକ ଜନ୍ମରୁ ପୁଣ୍ୟ କରୁଥିବା ଏହି ମୁନି ନିଜର ପ୍ରତିଜ୍ଞା ଛାଡ଼ିବେ ନାହିଁ । ଏହାଙ୍କର ସିଦ୍ଧାନ୍ତ, ପରାକ୍ରମ, ତେଜ ଓ ପ୍ରାଣୀମାନଙ୍କ ପ୍ରତି ଦୟାରୁ ଜଣାପଡୁଛି, ସୂର୍ଯ୍ୟ ଯେପରି ଅନ୍ଧକାରକୁ ବିନାଶ ନ କରି ଉଦୟ ହୁଅନ୍ତି ନାହିଁ, ଏ ମୁନି ସେହିପରି ତତ୍ତ୍ୱଜ୍ଞାନ ଲାଭ ନ କରି ଉଠିବେ ନାହିଁ । ମନୁଷ୍ୟ କାଷ୍ଠ ଘର୍ଷଣ କରି ଅଗ୍ନି ପାଏ, ଭୂମି ଖନନ କରି ଜଳ ପାଏ । ଦୃଢ଼ପ୍ରତିଜ୍ଞ ଲୋକ ପାଖରେ ଅସାଧ୍ୟ କିଛି ନାହିଁ । ନ୍ୟାୟ ପଥରେ ଥିବା ଲୋକର ସମସ୍ତ କିଛି ସିଦ୍ଧ ହୁଏ ।

''ବିଷୟବାସନା – ଆସକ୍ତି ରୂପକ ଭୋଗରେ ଶଢୁଥିବା ଲୋକମାନଙ୍କ ପ୍ରତି ଏ ମୁନି କରୁଣାଶୀଳ । ସେହି ରୋଗକୁ ଦୂର କରିବା ପାଇଁ ଏ ମହାବୈଦ୍ୟ ସ୍ୱରୂପ । ଜ୍ଞାନରୂପକ ଔଷଧ ଆବିଷ୍କାର ନିମନ୍ତେ ଏ ବର୍ତ୍ତମାନ କଷ୍ଟ ସହୁଛନ୍ତି । ଯେପରି ଅରଣ୍ୟ ମଧ୍ୟରେ ବାଟ ଭୁଲି ଯାଇଥିବା ବ୍ୟାପାରୀକୁ ଯେ ବାଟ ଦେଖାଇବାକୁ ଚାହୁଁଥାଏ, ତାକୁ ବିଚଳିତ କରିବା ଉଚିତ ନୁହେଁ; ସେହିପରି ଅନେକ କୁମାର୍ଗ ଦ୍ୱାରା ଆକର୍ଷିତ ହେଉଥିବା ସଂସାରକୁ ଏହି ପଥପ୍ରଦର୍ଶକ ମୁନି ଶ୍ରମ କରି ସତ୍‌ପଥ ଦେଖାଇବାକୁ ଚାହୁଁଛନ୍ତି – ଏହାଙ୍କୁ ବିଚଳିତ କରିବା ଉଚିତ ନୁହେଁ । ସଂସାରରେ ସଦ୍‌ଗୁଣ ନଷ୍ଟ ହେବା ଦ୍ୱାରା ଯେଉଁ ମହାନ୍ଧକାର ଘୋଟି ଯାଉଛି, ତନ୍ମଧ୍ୟରେ ଏ ଜ୍ଞାନ ପ୍ରଦୀପ ଜଳାଇବାକୁ ଯାଉଛନ୍ତି । ଅନ୍ଧାରରେ ଜଳୁଥିବା ପ୍ରଦୀପକୁ ଲିଭାଇଦେବା ଯେପରି ଉଚିତ ନୁହେଁ, ସେହିପରି ଜ୍ଞାନ-ପ୍ରଦୀପକୁ ଲିଭାଇଦେବା ଆର୍ଯ୍ୟ ବ୍ୟକ୍ତି ପକ୍ଷରେ ଉଚିତ ନୁହେଁ । ଜନ୍ମମରଣରୂପକ ମହାପ୍ରବାହରେ କୂଳ କିନାରା ନ ପାଇ ଭାସି ଯାଉଥିବା ଜଗତକୁ ଦେଖି ଯେ ଏହାକୁ ଉଦ୍ଧାର କରିବାକୁ

ଚାହୁଁଛନ୍ତି, କେଉଁ ଆର୍ଯ୍ୟ ବ୍ୟକ୍ତି ତାଙ୍କ ପ୍ରତି ମନ୍ଦ ଆଚରଣ କରିବ ?

''କ୍ଷମା ଯାହାର ମଞ୍ଜରୀ, ଧୈର୍ଯ୍ୟ ଯାହାର ସୁଦୃଢ଼ ମୂଳ, ଚରିତ୍ର ଯାହାର ପୁଷ୍ପ, ସ୍ମୃତି ଓ ବୁଦ୍ଧି ଯାହାର ଶାଖା – ଏଭଳି ଜ୍ଞାନ ରୂପକ ବୃକ୍ଷ, ଯାହାଙ୍କ ଧର୍ମ ରୂପକ ଫଳ ଦେବାକୁ ବଢ଼ି ଉଠୁଛି, ତାହାକୁ ଉତ୍‌ପାଟନ କରିବା ଠିକ୍ ହେବ ନାହିଁ। ଦୃଢ଼ ମୋହପାଶରେ ବନ୍ଧା ହୋଇଥିବା ମନୁଷ୍ୟମାନଙ୍କୁ ଯେ ମୁକ୍ତ କରିବାକୁ ଇଚ୍ଛା କରୁଛନ୍ତି ଏବଂ ଜଗତର ବନ୍ଧନ ଛିନ୍ନ କରିବାକୁ ଶ୍ରମ କରୁଛନ୍ତି, ତାଙ୍କୁ ହତ୍ୟା କରିବା ତୁମ ପକ୍ଷରେ ଉଚିତ ହେବ ନାହିଁ। ବୁଦ୍ଧତ୍ୱ ଲାଭ ନିମନ୍ତେ ଏ ଯେଉଁସବୁ କର୍ମ କଲେଣି, ତଦ୍ୱାରା ଏହାଙ୍କର ବୁଦ୍ଧତ୍ୱ ଲାଭର ସମୟ ଉପସ୍ଥିତ ହେଲାଣି। ଏହି ସ୍ଥାନରେ ପୂର୍ବେ ମୁନିମାନେ ଯେପରି ଭାବରେ ବସିଥିଲେ, ଏ ମଧ୍ୟ ସେହିପରି ଭାବରେ ବସିଛନ୍ତି। ଯେହେତୁ ଏହି ସ୍ଥାନ ଭୂତଳର ନାଭି ଏବଂ ସମସ୍ତ ଶ୍ରେଷ୍ଠ ପ୍ରଭାବରେ ପରିପୂର୍ଣ୍ଣ, ଏହାପରି ଉତ୍ତମ ସ୍ଥାନ ଆଉ ଭୂମଣ୍ଡଳରେ ନାହିଁ। ତେଣୁ ଏ ସ୍ଥାନ ଏହାଙ୍କର ସମାଧିର ତେଜକୁ ସହି ପାରିଛି। ତେଣୁ ହେ ମାର ! ଦୁଃଖିତ ହୁଅ ନାହିଁ। ଶାନ୍ତି ଲାଭ କର। ନିଜ ମହିମାର ଅଭିମାନ କର ନାହିଁ। ନଶ୍ୱର ଐଶ୍ୱର୍ଯ୍ୟକୁ ବିଶ୍ୱାସ କର ନାହିଁ। ତୁମେ ତୁମର ଅନିଶ୍ଚିତ ସ୍ଥିତିରେ କାହିଁକି ଉନ୍ମାଦିତ ହେଉଛ ?''

## ପରାଜିତ ମାରର ପଳାୟନ

ତା'ପରେ ଏହି କଥା ଶୁଣି ଏବଂ ମହାମୁନିଙ୍କର ଅବିଚଳିତ ଭାବ ଦେଖି ମାର ବିଷଣ୍ଣମନା ଓ ବିଫଳପ୍ରଯତ୍ନ ହୋଇଗଲା ଏବଂ ନିଜର ଜଗତଜୟକାରୀ ଶରଗୁଡ଼ିକୁ ଘେନି ଚାଲିଗଲା। ମାରର ସେନାବାହିନୀ ବିଫଳ ପ୍ରଯତ୍ନ ହୋଇ ପଥର, ନିଆଁହୁଳା ଓ ଗଛ ପ୍ରଭୃତି ଅସ୍ତ୍ରଶସ୍ତ୍ର ଫିଙ୍ଗିଦେଇ, ସେନାପତି ନିହତ ହେଲେ ଯେପରି ଶତ୍ରୁସେନା ଛତ୍ରଭଙ୍ଗ ଦିଅନ୍ତି, ସେହିପରି ଛତ୍ରଭଙ୍ଗ ଦେଇ ଏଣେ ତେଣେ ପଳାଇଲେ। ମାର ପରାଜିତ ହୋଇ ନିଜର ସୈନ୍ୟବାହିନୀ ଘେନି ପଳାଇ ଯାଆନ୍ତେ ଏବଂ ଅଜ୍ଞାନ-ଅନ୍ଧକାର-ବିନାଶକ, ରଜୋଗୁଣ-ରହିତ ମହର୍ଷି ଜୟଲାଭ କରନ୍ତେ, ଆକାଶ ଚନ୍ଦ୍ରକୁ ଘେନି ହାସ୍ୟମୁଖୀ ଯୁବତୀ ପରି ଶୋଭା ପାଇଲା ଏବଂ ସୁଗନ୍ଧମୟ ଜଳ ସହିତ ପୁଷ୍ପରାଶି ବୃଷ୍ଟି କଲା। ଆଉ ମଧ୍ୟ ପାପିଷ୍ଠ ମାର ପରାଜିତ ହୁଅନ୍ତେ ସବୁ ଦିଗ ନିର୍ମଳ ହୋଇଗଲା; ଚନ୍ଦ୍ର ଶୋଭା ପାଇଲା, ଆକାଶରୁ ପୁଷ୍ପ ବୃଷ୍ଟି ହେଲା ଏବଂ ନିଷ୍ପାପୀ ସ୍ତ୍ରୀ ପରି ରାତ୍ରି ସୁନ୍ଦର ଦିଶିଲା।

(ଉପରୋକ୍ତ ଅନୁବାଦ ପାଇଁ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ଅନୂଦିତ 'ଅଶ୍ୱଘୋଷ ରଚନାବଳୀ'ର ସାହାଯ୍ୟ ନିଆଯାଇଛି।)

(କ୍ରମଶଃ)

ଯଦି... ଯଦି ଜଣେ ସରଳ ଭାବରେ, ସମଗ୍ର ଭାବରେ ଓ ସର୍ତ୍ତହୀନ ଭାବରେ ନିଜକୁ ଦେଇଦିଏ, ଯଦି ପରମ ସତ୍ୟ, ପରମ ସଂକଳ୍ପ, ପରମ ସତ୍ତା ପାଖରେ ସେ ନିଜକୁ ସମର୍ପଣ କରେ ଓ କୌଣସି ହିସାବ କିତାବ ନ କରି ସମଗ୍ର ସତ୍ତା ଓ ସତ୍ତାର ସମଗ୍ର ଉପାଦାନର ଏକ ବିପୁଳ ଉଦ୍ଦୀପନ ଭିତରେ ନିଜକୁ ସମ୍ପୂର୍ଣ୍ଣ ରୂପେ ତାଙ୍କରି ହାତରେ ଛାଡ଼ିଦିଏ ତା'ହେଲେ ଅହଂର ବିଲୋପ ପାଇଁ ତାହାହିଁ ହେବ ସବୁଠୁ ଦ୍ରୁତ ଓ ମୌଳିକ ମାର୍ଗ। ଲୋକମାନେ କହିବେ ଯେ ଏହା କରିବା ଖୁବ୍ କଷ୍ଟସାଧ୍ୟ କିନ୍ତୁ ଏହି ମାର୍ଗରେ ଅନ୍ତତଃ ଏକ ଉଷ୍ମତା ଅଛି, ଏକ ଉଦ୍ଦୀପନା, ଏକ ଉତ୍ସାହ, ଏକ ଆଲୋକ ଓ ଏକ ସୌନ୍ଦର୍ଯ୍ୟ ରହିଛି, ଏକ ପ୍ରତ୍ୟୟଭରା ସୃଜନଶୀଳ ଜୀବନ ରହିଛି ...।

ଏବଂ ଏହି ମାର୍ଗଟିକୁ ମୁଁ ଅସ୍ତିବାଚକ, ସକାରାତ୍ମକ ମାର୍ଗ ବୋଲି କୁହେ, ଏହି ଆତ୍ମ-ନିବେଦନ ହେଉଛି ପୂର୍ଣ୍ଣାଙ୍ଗ, ସାମଗ୍ରିକ ଓ ସମ୍ପୂର୍ଣ୍ଣ, ଯେଉଁଥିରେ ନିଜ ପାଇଁ କୌଣସି କିଛି ସାଇତି ରଖିବାର ଭାବ ନାହିଁ, ଯେଉଁଥିରେ କୌଣସି ମୂଳଚାଲ କରିବାର ଭାବ ନାହିଁ।

– ଶ୍ରୀମା

# ଅନ୍ତର୍ନିହିତ ନୂତନ ଜଗତ୍

## ଶ୍ରୀମା

''ଅତିମାନସ ଏଠାରେହିଁ ରହିଛି, କିନ୍ତୁ ଏହା ରହିଛି ଏକ ଅଭିବ୍ୟକ୍ତ ମନ, ପ୍ରାଣ ଓ ଜଡ଼ର ପଶ୍ଚାତରେ ଗୁପ୍ତ-ନିବର୍ତ୍ତିତ ଅବସ୍ଥାରେ।''

— ଶ୍ରୀଅରବିନ୍ଦ

*'ନିବର୍ତ୍ତିତ (involved) ଅତିମାନସ' କ'ଣ ?*

ନିବର୍ତ୍ତିତ ହୋଇ ନ ଥିବା ଅତିମାନସ ଯାହା, ଏହା ମଧ୍ୟ ସେଇୟା।

ଗୋଟିଏ କଥାକୁ ବିଭିନ୍ନ ପ୍ରକାରରେ ପ୍ରକାଶ କରାଯାଏ। ଶ୍ରୀଅରବିନ୍ଦ ମଧ୍ୟ କହିଛନ୍ତି, ଯଦି ସବୁର କେନ୍ଦ୍ରରେ ଈଶ୍ୱର ରହି ନ ଥା'ନ୍ତେ, ତା'ହେଲେ ସେ ପୃଥିବୀରେ ପ୍ରକଟ ହୋଇ ପାରନ୍ତେ ନାହିଁ। ଏହା ଏକା କଥା। କିଂବା ସେ କହନ୍ତି, ଏହି ସୃଷ୍ଟି ତା'ର ଉତ୍ପତ୍ତି ଓ ଆଭ୍ୟନ୍ତରୀଣ ଗଠନରେ ଦିବ୍ୟ, ଏହି ଜଗତ୍ ଦିବ୍ୟ; ସେଥିଯୋଗୁଁ ଏହି ଦିବ୍ୟତ୍ୱ ଦିନେ ନା ଦିନେ ନିଜକୁ ବ୍ୟକ୍ତ କରିବ, ବାସ୍ତବ ରୂପେ ପ୍ରକାଶିତ ହେବ ଓ ବର୍ତ୍ତମାନ ଯାହାସବୁ ଏହାକୁ ବିକୃତ ଓ ଆବୃତ କରୁଛି ସେସବୁକୁ ଦୂର କରି ଏହା ପୂର୍ଣ୍ଣ ରୂପେ ପ୍ରକଟିତ ହେବ। ଏପର୍ଯ୍ୟନ୍ତ ଏହି ଦିବ୍ୟତ୍ୱର ଅଭିବ୍ୟକ୍ତି, ଆମେ ଏହି ଯେଉଁ ଜଗତ୍ ଦେଖୁଛୁ, ତା'ରି ଭିତରେ ସୀମାବଦ୍ଧ ହୋଇଛି, କିନ୍ତୁ ଏହି ଅଭିବ୍ୟକ୍ତି ସୀମାହୀନ। ଏହି ମନୋମୟ ଜଗତ୍, ମନୁଷ୍ୟହିଁ ହେଲା ଯାହାର ନମୁନା ଓ ଚୂଡ଼ାନ୍ତ ଅଭିବ୍ୟକ୍ତି, ଏହା ପରେ ଆଉ ବାସ୍ତବତା ଆସୁଛି ଯାହାକୁ ସେ କହିଛନ୍ତି ଅତିମାନସ, ଏହାହିଁ ହେଉଛି ପ୍ରକୃତିର ମନ-ପରବର୍ତ୍ତୀ ସୋପାନ — ବର୍ତ୍ତମାନର ଜଗତ୍ ଦିଗରୁ ଦେଖିଲେ ଏହା ହେବ ଅତିମାନସ ଜଗତ୍; ଅର୍ଥାତ୍ ମନର ଊର୍ଦ୍ଧ୍ୱ ଜଗତ୍। ଶ୍ରୀଅରବିନ୍ଦ ଏହା ମଧ୍ୟ କହିଛନ୍ତି, ଏହି ନୂତନ ପଦକ୍ଷେପ ପ୍ରକୃତରେ ହେବ ଗୋଟିଏ ଜଗତର ଅନ୍ୟ ଏକ ଜଗତକୁ ପରିବର୍ତ୍ତନ। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ସୃଷ୍ଟି ରହିଛି — ଯାହାକୁ ସେ କହନ୍ତି — ନିମ୍ନ ଗୋଲାର୍ଦ୍ଧର ଅନ୍ତର୍ଗତ, ଯାହା ଅଜ୍ଞାନ ଦ୍ୱାରା ଶାସିତ ଏବଂ ଯାହାର ଭିତ୍ତି ହେଲା ନିଶ୍ଚେତନା। କିନ୍ତୁ ଅନ୍ୟ ଜଗତଟି ହେବ ଏହାର ସମ୍ପୂର୍ଣ୍ଣ ଓଲଟା। ଏହା ହେବ ଏକ ସମ୍ପୂର୍ଣ୍ଣ ଭିନ୍ନ ଜଗତ୍, ଅଜ୍ଞାନ ଉପରେ ପ୍ରତିଷ୍ଠିତ ନ ହୋଇ ଏହା ପ୍ରତିଷ୍ଠିତ ହେବ ସତ୍ୟ ଉପରେ। ସେଥିପାଇଁ ଏହା ଯଥାର୍ଥରେ ହେବ ଏକ ନୂତନ ଜଗତ୍। କିନ୍ତୁ ସେହି ଜଗତର ମୂଳସତ୍ତା ଓ ତତ୍ତ୍ୱ ଯଦି ଆମେ ଜାଣିଥିବା ଏହି ଜଗତରେ ଅନ୍ତର୍ନିହିତ ନ ଥା'ନ୍ତା, ତା'ହେଲେ ଗୋଟିଏ ଅନ୍ୟଟିକୁ ରୂପାନ୍ତରିତ ହେବାର କୌଣସି ଆଶା ନ ଥା'ନ୍ତା। ସେମାନେ ଦୁଇଟି ସମ୍ପୂର୍ଣ୍ଣ ବିପରୀତ ଓ ଭିନ୍ନ ଜଗତ୍ ହୋଇଥା'ନ୍ତେ ଏବଂ ସେମାନଙ୍କ ଭିତରେ କୌଣସି ସଂଯୋଗ ନ ଥା'ନ୍ତା ଏବଂ ଜଣେ ଏହି ସତ୍ୟ, ଜ୍ଞାନ ଓ ଆଲୋକର ରାଜ୍ୟ ଭିତରକୁ ପ୍ରବେଶ କରିବା ମାତ୍ରକେ ଅଜ୍ଞାନ ଓ ନିଶ୍ଚେତନାର ଜଗତରେ ତା'ର ଅସ୍ତିତ୍ୱ ସମ୍ପୂର୍ଣ୍ଣ ଲୋପ ପାଆନ୍ତା।

ତା'ହେଲେ ଏହି ପରିବର୍ତ୍ତନ ଯେତେବେଳେ ଘଟିବ ସେତେବେଳେ ମଧ୍ୟ ଏହି ଦୁଇ ଜଗତ୍ ଭିତରେ ସମ୍ବନ୍ଧ ରହିବ, ଏହା ହେବ କିପରି ? ଏହି ନୂତନ ଜଗତ୍ ପୁରାତନ ଜଗତ୍ ଉପରେ କ୍ରିୟା କରିବ କିପରି ? ଏହା ହେବ, କାରଣ ଏହି ନୂତନ ଜଗତ୍ ତା'ର ମୂଳସତ୍ତା ଓ ତତ୍ତ୍ୱରେ ପୁରାତନ ଜଗତ୍ ମଧ୍ୟରେ ନିବର୍ତ୍ତିତ ଓ ଅନ୍ତର୍ନିହିତ ହୋଇ ରହିଛି। ପ୍ରକୃତରେ ଏହା ତା'ର ଗଭୀର ତଳ ଦେଶରେ ଅଦୃଶ୍ୟ, ଲୁକ୍କାୟିତ, ଅସ୍ପଷ୍ଟ ଓ ଅବ୍ୟକ୍ତ ହୋଇ ରହିଛି। କିନ୍ତୁ ତାହା ତାହାର ମୂଳ ସତ୍ତାରେହିଁ ରହିଛି। ତଥାପି ବି ଉଚ୍ଚତର ଶିଖରରୁ ଅତିମାନସ ଚେତନା, ଶକ୍ତି ଓ ଆଲୋକ ସିଧା ପ୍ରତ୍ୟକ୍ଷ ଭାବରେ ଏହି ପୃଥିବୀରେ ଅଭିବ୍ୟକ୍ତ ନ ହେଲେ — ଦେଢ଼ ବର୍ଷ ତଳେ ଯେପରି ହୋଇଥିଲା — ଏହି ଅତିମାନସ ଜଗତ୍ ଯାହାକି ତତ୍ତ୍ୱତଃ ଜଡ଼ ଜଗତର ଗଭୀରତମ ପ୍ରଦେଶରେ ରହିଛି, ତାହାର ପ୍ରକାଶ କେବେହେଲେ ସମ୍ଭବ ହୁଅନ୍ତା ନାହିଁ। ଏଠାରେ, ନିମ୍ନ ଜଗତରେ ଏହାର ଜାଗରଣ ଓ ପ୍ରକାଶ ଘଟିବ ଊର୍ଦ୍ଧ୍ୱରୁ ଏକ ସ୍ପର୍ଶର ଉତ୍ତର ସ୍ୱରୂପ ଓ ଏହା ଜଡ଼ର ନିମ୍ନ ଦେଶରେ ଲୁକ୍କାୟିତ ଥିବା ସମଧର୍ମୀ

ଉପାଦାନକୁ ଉପରି ଭାଗକୁ ନେଇ ଆସିବ । ବର୍ତ୍ତମାନ ତାହାହିଁ ହେଉଛି । କିନ୍ତୁ ମୁଁ କିଛିଦିନ ପୂର୍ବେ ଯାହା କହିଥିଲି, ଏହି ଜଡ଼ ଜଗତ୍ ଦୃଶ୍ୟତଃ ଓ ବାସ୍ତବତଃ ସାଧାରଣ ଚେତନା ପାଇଁ ଏତେ ଶକ୍ତିଶାଳୀ, ଏତେ ବାସ୍ତବ ଯେ, କହିବାକୁ ଗଲେ ଅତିମାନସ ଶକ୍ତି ଓ ଚେତନା ନିଜକୁ ଅଭିବ୍ୟକ୍ତ କରିବାକୁ ଗଲାବେଳେ ଏହା ତାହାକୁ ଆତ୍ମସାତ୍ କରି ଦେଇଛି ଏବଂ – ଏପରିକି ଅତିମାନସର ଉପସ୍ଥିତିକୁ କୌଣସି ଭାବରେ ଅନୁଭବ ଓ ପ୍ରତ୍ୟକ୍ଷ କରିବା ପାଇଁ ମଧ୍ୟ ବହୁ ପ୍ରସ୍ତୁତି ଦରକାର । ବର୍ତ୍ତମାନ ପାଇଁ ଏହା ଏହି କାର୍ଯ୍ୟରେ ନିଯୁକ୍ତ ।

କେତେ ସମୟ ଲାଗିବ ତାହା ଆଗରୁ କହିବା କଷ୍ଟକର । କିଛି ସଂଖ୍ୟକ ବ୍ୟକ୍ତିଙ୍କର ଶୁଭେଚ୍ଛା ଓ ଗ୍ରହଣଶୀଳତା ଉପରେ ଏହା ଅନେକାଂଶରେ ନିର୍ଭର କରେ । କାରଣ ସମଷ୍ଟି ଅପେକ୍ଷା ବ୍ୟକ୍ତି ଅଧିକ ଦ୍ରୁତ ଗତିରେ ଆଗେଇଯାଏ । ଏବଂ ସୃଷ୍ଟିରେ ଅନ୍ୟାନ୍ୟ ଜୀବମାନଙ୍କ ପୂର୍ବରୁ ମାନବଜାତିହିଁ ନିଜର ସ୍ୱଭାବବଶତଃ ଏହି ଅତିମାନସକୁ ଅଭିବ୍ୟକ୍ତ କରିବା ବିଧିନିର୍ଦ୍ଦିଷ୍ଟ ।

ଏଥିପାଇଁ ଯେଉଁ ସହଯୋଗିତା ଦରକାର, ତା'ର ମୂଳରେ ପ୍ରଧାନତଃ ଯାହା ରହିବା ଆବଶ୍ୟକ, ତାହା ହେଲା ପରିବର୍ତ୍ତନ ପାଇଁ ଏକ ଇଚ୍ଛା ବା ସଂକଳ୍ପ । ନିଜେ ଯାହା ଅଛ ସେପରି ନ ରହିବା ପାଇଁ ଏକ ଇଚ୍ଛା । ଏହିପରି ଅବସ୍ଥାରେ ପହଞ୍ଚିବାର ଅନେକ ରାସ୍ତା ଅଛି, ସଫଳ ହୋଇ ପାରିଲେ ସବୁ ରାସ୍ତାଗୁଡ଼ିକହିଁ ଭଲ । ନିଜେ ଜଣେ ଯେଉଁ ଅବସ୍ଥାରେ ରହିଛି ସେହି ଅବସ୍ଥାରେ ତାକୁ ନିତାନ୍ତ ବିରକ୍ତିକର ଲାଗିପାରେ, ଏବଂ ସେଥିରୁ ବାହାରି ଆସିବା ପାଇଁ ଓ ଅନ୍ୟ ଏକ ଉତ୍ତମ ଅବସ୍ଥା ଲାଭ କରିବା ପାଇଁ ସେ ତୀବ୍ର ଭାବରେ ଇଚ୍ଛା କରିପାରେ । କିଂବା ଆହୁରି ପ୍ରତ୍ୟକ୍ଷତର ଏକ ରାସ୍ତା ଦେଇ ଜଣେ ନିଜ ଭିତରେ ମହତ୍ତର କିଛିର ସ୍ପର୍ଶ ଅନୁଭବ କରିପାରେ ଓ ସତ୍ୟତର ଏବଂ ସୁନ୍ଦରତର କିଛିର ଆଗମନୀ ଅନୁଭବ କରିପାରେ ଏବଂ ସେଥିପାଇଁ ସେ ସ୍ୱେଚ୍ଛାକୃତ ଭାବେ ଯାହାକିଛି ତ୍ୟାଗ କରିଦେଇ ପାରେ; ସେହି ନୂତନ ସତ୍ୟ ଓ ସୁନ୍ଦରର ଦିଗରେ ତା'ର ଯାତ୍ରା ପଥରେ ସେଗୁଡ଼ିକ ଆଉ ବୋଝ ସ୍ୱରୂପ ଯେପରି ନ ହୁଅନ୍ତି । ଯାହାହେଲେ ମଧ୍ୟ ସବୁଠାରୁ ଅପରିହାର୍ଯ୍ୟ ବିଷୟ ହେଉଛି ଆଗେଇ ଯିବା ପାଇଁ ଜ୍ୱଳନ୍ତ ଉତ୍ସାହ ଏବଂ ସେହି ଅଗ୍ରଗତିରେ ଯାହାକିଛି ବାଧାଦିଏ ବା ବୋଝ ଭଳି ହୁଏ ସେଗୁଡ଼ିକର ସାନନ୍ଦ ସ୍ୱେଚ୍ଛାକୃତ ବର୍ଜନ । ତୁମ ଭିତରୁ ସେଗୁଡ଼ିକୁ ବାହାର କରି ଫୋପାଡ଼ି ଦେବାକୁ ହେବ, ଯାହା ତୁମକୁ ସେହି ଅଜ୍ଞାତ ଦିବ୍ୟ ଲକ୍ଷ୍ୟ ଦିଗରେ ଆଗେଇ ଯିବାକୁ ବାଧାଦିଏ ଓ ତୁମକୁ ଏହି ଅଟଳ ବିଶ୍ୱାସ ରଖିବାକୁ ହେବ ଯେ ଏହାହିଁ ହେଉଛି ଆଗାମୀକାଲିର ଏକ ଅବଧାରିତ ସତ୍ୟ ଯାହାକୁ କି କୌଣସି ବ୍ୟକ୍ତି, କୌଣସି ବସ୍ତୁ, କୌଣସି ଅସତ୍ ଇଚ୍ଛା, ଏପରିକି ପ୍ରକୃତିର ଇଚ୍ଛା ମଧ୍ୟ ବାଧା ଦେଇ ନ ପାରେ; ଏହା ବାସ୍ତବ ରୂପେ ପ୍ରକଟିତ ହେବା ଅନିବାର୍ଯ୍ୟ ଏବଂ ବୋଧହୁଏ ଅଦୂର ଭବିଷ୍ୟତରେ ଏହା ବାସ୍ତବ ରୂପ ଗ୍ରହଣ କରିବ । ଏହି ସତ୍ୟ ଏହି ମୁହୂର୍ତ୍ତରେହିଁ ନିଜକୁ କାର୍ଯ୍ୟକାରୀ କରି ଚାଲିଛି ଏବଂ ଯେଉଁମାନେ ନିଜକୁ କିପରି ପରିବର୍ତ୍ତିତ କରିବାକୁ ହୁଏ ତାହା ଜାଣନ୍ତି, ସେମାନେ ନିଶ୍ଚିତ ରୂପେ ଏହି ସତ୍ୟର ଅଭିବ୍ୟକ୍ତିକୁ ଖାଲି ଦେଖିବା ନୁହେଁ, ଏହାକୁ ସିଦ୍ଧି ଓ ଉପଲବ୍ଧି କରିବାର ଆନନ୍ଦ ମଧ୍ୟ ପାଇବେ ।

କିନ୍ତୁ ତୁମେ ଭୁଲିଯାଅ, ସବୁବେଳେ ଭୁଲିଯାଅ, ତୁମେ ପୂର୍ବପରି ସେହି ଧରାବନ୍ଧା ଜୀବନ କଟାଇବାରେ ଲାଗି ରହିଥାଅ, ସବୁବେଳେ ଶୋଇ ପଡ଼ିଥାଅ, ସବୁବେଳେ ଏହି ନୂତନ ସତ୍ୟ ବିଷୟ ଭୁଲି ଯାଇଥାଅ । କିନ୍ତୁ ଯଦି ତୁମେ ସ୍ମରଣ ରଖନ୍ତ ଯେ ତୁମେ ଏକ ଅସାଧାରଣ ମୁହୂର୍ତ୍ତରେ, ଏକ ଅପୂର୍ବ ସନ୍ଧିକ୍ଷଣରେ ପୃଥିବୀ ଉପରେ ରହିଛ, ଯଦି ବୁଝନ୍ତ ଯେ ଏକ ନୂତନ ଜଗତର ଜନ୍ମ ସମୟରେ ଉପସ୍ଥିତ ରହିବାର ଅମୂଲ୍ୟ ସୁଯୋଗ ଓ ଆନନ୍ଦ ତୁମେ ପାଇଛ; ତା'ହେଲେ ତୁମେ ଅନାୟାସରେ ସେହିସବୁ ବାଧା ପ୍ରତିବନ୍ଧକକୁ ଅତିକ୍ରମ କରି ପାରନ୍ତ, ଯାହା ତୁମ ଅଗ୍ରଗତିରେ ବାଧା ଦେଉଛି । ତେଣୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ବିଷୟକୁ ସ୍ମରଣ ରଖିବା । ଏପରିକି ଯେତେବେଳେ ତୁମର କୌଣସି ନିର୍ଦ୍ଦିଷ୍ଟ ଅନୁଭୂତି ନ ଥିବ, ସେତେବେଳେ ମଧ୍ୟ ତୁମ ଭିତରେ ଏହି ସତ୍ୟ ସମ୍ପର୍କରେ ନିଶ୍ଚିତତା ଓ ଦୃଢ଼ ବିଶ୍ୱାସ ରଖିବା ଉଚିତ । ତୁମକୁ ଏକଥା ବରାବର ମନେ ରଖିବାକୁ ହେବ, ବାରଂବାର ମନେ ପକାଇବାକୁ ହେବ ଯେ ଏକ ନୂତନ ଜଗତର ଜନ୍ମ-ମୁହୂର୍ତ୍ତରେ ତୁମେ ପୃଥିବୀରେ ରହିଛ । ଶୋଇବାକୁ ଗଲାବେଳେ ତୁମେ ଯେପରି ସେହି ଭାବନା ସହ ନିଦ୍ରାଯାଅ ଓ ନିଦ୍ରାରୁ ଉଠିଲା ବେଳେ ମଧ୍ୟ ଯେପରି ଏହାହିଁ ତୁମ ମନରେ ବରାବର ରହେ, ସମସ୍ତ କାର୍ଯ୍ୟ କଲାବେଳେ ଯେପରି ତା'ର ପଟ୍ଟଭୂମିରେହିଁ ସର୍ବଦା ଏହି ଭାବନାହିଁ ରହିଥାଏ ଯେ ଏକ ନୂତନ ଜଗତର ଜନ୍ମ ଲଗ୍ନରେ ତୁମେ ଉପସ୍ଥିତ ରହିଛ ।

ତୁମେ ଏଥିରେ ଅଂଶ ଗ୍ରହଣ କରିପାର, ତୁମେ ସ୍ୱୟଂ ଏହି ନୂତନ ଜଗତରେ ପରିଣତ ହୋଇପାର ଏବଂ ପ୍ରକୃତରେ ତୁମର ଯେତେବେଳେ ଏହିପରି ଅପୂର୍ବ ସୁଯୋଗ ରହିଛି ସେତେବେଳେ ଏହା ପାଇଁ ତୁମେ ସବୁକିଛିକୁ ତ୍ୟାଗ କରିବାକୁ ପ୍ରସ୍ତୁତ ହେବା ଦରକାର ।

(ବୁଲେଟିନ୍, ଫେବ୍ରୁଆରୀ ୧୯୬୩) ✤

ଅଧିକ ଶିଖିବାର ସର୍ବୋତ୍ତମ ଉପାୟ ହେଉଛି, ଯେତେ ସାମାନ୍ୟ ହେଲେ ମଧ୍ୟ ତୁମେ ଯେତିକିଟା ଜାଣ ତାହାକୁ ଆଚରଣରେ ରୂପଦେବା; ଲକ୍ଷ୍ୟ ପଥରେ ଆଗେଇ ଯିବାର ଏହାହିଁ ହେଉଛି ସବୁଠୁ ଶକ୍ତିଶାଳୀ ଉପାୟ – ଯଥାର୍ଥ ଆନ୍ତରିକ ଆଚରଣର ଟିକେ ଅଭ୍ୟାସ । ଉଦାହରଣ ସ୍ୱରୂପ ତୁମେ ଯାହା କରାଯିବା ଉଚିତ ନୁହେଁ ବୋଲି ଜାଣ ତାହା ନ କରିବା । ତୁମେ ତୁମ ସତ୍ତାରେ ଯେତେବେଳେ ଦୁର୍ବଳତାଟିଏ ଦେଖ, ଅକ୍ଷମତାଟିଏ ଦେଖ, ତାହାକୁ ପୁଣି ଥରେ ଘଟିବା ପାଇଁ ଆଦୌ ଅନୁମତି ଦେବ ନାହିଁ । ଯେତେବେଳେ ଯଦି କେବଳ ମୁହୂର୍ତ୍ତଟିଏ ପାଇଁ ମଧ୍ୟ ତୁମେ ଯାହା ହେବା ଉଚିତ, ଏକ ଆନ୍ତରିକ ଅଭୀପ୍ସାରେ ତାହାର ଏକ ସୂକ୍ଷ୍ମ ଦର୍ଶନ ବା ସୂଚନା ପାଅ, ତାହାହିଁ ହୋଇ ଉଠିବାକୁ ତୁମେ ଯେପରି ଭୁଲି ନଯାଅ ।

କେତେକ ଲୋକେ ବରାବର ସେମାନଙ୍କ ଅକ୍ଷମତାକୁ ନେଇ ଅଭିଯୋଗ କରିଥାଆନ୍ତି । କିନ୍ତୁ ତାହା ତୁମକୁ ବେଶୀ ଦୂର ଆଗେଇ ନେବ ନାହିଁ । ଯଦି ଥରକ ପାଇଁ ଯଥାର୍ଥରେ ତୁମ ଦୁର୍ବଳତାଟିକୁ ଦେଖି ପାରିଛ ଏବଂ ଯଥାର୍ଥରେ, ଆନ୍ତରିକ ଭାବରେ ବୁଝିପାରିଛ ଓ ଦେଖିପାରିଛ ଯେ ତୁମେ ସେପରି ହେବା ଉଚିତ ନୁହେଁ – ତେବେ ସେଇଠିହିଁ ସମସ୍ତ ଅଭିଯୋଗର ସମାପ୍ତି ହେବା ଉଚିତ । ସେତେବେଳେ ହେବା ଉଚିତ ଦୈନନ୍ଦିନ ପ୍ରଚେଷ୍ଟା, ସଂକଳ୍ପକୁ ଗଢ଼ି ତୋଳିବା, ପ୍ରତ୍ୟେକ ମୁହୂର୍ତ୍ତରେ ସତର୍କତା – ତୁମେ କେବେହେଲେ ଏକ ସ୍ୱୀକୃତ ଭୁଲ୍‌କୁ ଆଉ ଥରେ ଘଟିବାକୁ ଦେବା ଉଚିତ ନୁହେଁ । ଅଜ୍ଞାନ ହେତୁ ଭୁଲ୍ କରିବା, ଅଚେତନା ଯୋଗୁଁ ଭୁଲ୍ କରିବା ସ୍ପଷ୍ଟତଃ ଖୁବ୍ ଦୁର୍ଭାଗ୍ୟଜନକ, କିନ୍ତୁ ତାହାର ସଂଶୋଧନ କରାଯାଇପାରେ । କିନ୍ତୁ ତାହା କରାଯିବା ଉଚିତ ନୁହେଁ ବୋଲି ଜାଣି ସେହି ଏକା ଭୁଲ୍‌କୁ ବାରଂବାର କରିଚାଲିବା ଏକ ଭୀରୁତାର କାମ, ଯାହାକୁ ଆମେ ଆଦୌ ପ୍ରଶ୍ରୟ ଦେବା ଉଚିତ ନୁହେଁ ।

ଏପରି କହିବା ଯେ ''ଓଃ ! ମଣିଷର ସ୍ୱଭାବ ହେଉଛି ସେହିପରି, ଓଃ ! ଆମେମାନେ ନିଶ୍ଚେତନାରେ ରହିଛୁ, ଓଃ ! ଆମେମାନେ ଅଜ୍ଞାନରେ ରହିଛୁ''– ଏଗୁଡ଼ିକ କେବଳ ଅଳସୁଆମି ଓ ଦୁର୍ବଳତା । ଏବଂ ଏହି ଆଳସ୍ୟ ଓ ଦୁର୍ବଳତା ପଛରେ ରହିଛି ଏକ ବିରାଟ ଅସଦିଚ୍ଛା । ବୁଝିଲ !

ମୁଁ ଏହା କହୁଛି କାରଣ ଅନେକ ଲୋକ ମୋ ଆଗରେ ଏଇ ଧରଣର ମନ୍ତବ୍ୟ ଦେଇଛନ୍ତି, ଅନେକ ଲୋକ । ଏବଂ ବରାବର ଏହା ନିଜର ଯାଥାର୍ଥ୍ୟ ପ୍ରତିପାଦନର ଏକ ବାଟ : ''ଓଃ ଆମେ ଯାହା କରିପାରିବା କଥା ତାହା କରୁଛୁ'' । ଏହା ସତ ନୁହେଁ । କାରଣ ଯଦି ତୁମେ ଆନ୍ତରିକ ହୋଇଥିବ; ଥରୁଟିଏ ତୁମେ ଦେଖିବ – ଯେପର୍ଯ୍ୟନ୍ତ ତୁମେ ଦେଖି ନାହଁ ସେପର୍ଯ୍ୟନ୍ତ କିଛି କୁହାଯାଇ ପାରିବ ନାହିଁ – କିନ୍ତୁ ଯେଉଁ ମୁହୂର୍ତ୍ତରେ ତୁମେ ତାହା ଦେଖିପାରିବ, ତାହା ହେଉଛି ତୁମେ କୃପା ପାଇବାର ମୁହୂର୍ତ୍ତ, ଏବଂ ଥରେ ଯଦି ତୁମେ କୃପା ଲାଭ କରିଛ, ତାହାକୁ ଭୁଲିଯିବାର କୌଣସି ଅଧିକାର ତୁମର ନାହିଁ ।

*(୫ ଡିସେମ୍ବର, ୧୯୫୮)*

**– ଶ୍ରୀମା**

ଶେଷ ପୃଷ୍ଠା :

# ଜାତୀୟ ଚେତନାର ଉଦ୍‌ବୋଧନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀଅରବିନ୍ଦ 'କର୍ମ ଓ ଆଦର୍ଶ' ନାମକ ଏକ ଛୋଟ ପ୍ରବନ୍ଧରେ (ବନ୍ଦେ ମାତରମ୍, ଫେବ୍ରୁଆରୀ ୨୦, ୧୯୦୮) ସେତେବେଳର ଗୋଟିଏ ଧରଣର ଚିନ୍ତାଧାରାର ତୀବ୍ର ସମାଲୋଚନା କରିଥିଲେ । ସେଇ ଚିନ୍ତାଧାରାର ପ୍ରଧାନ ବକ୍ତବ୍ୟ ଥିଲା ଯେ ବର୍ତ୍ତମାନ ଦେଶ ଯେତେବେଳେ ଭୀଷଣ ଦାରିଦ୍ର୍ୟ, ରୋଗ, ଅଶିକ୍ଷା, ଅବନତି ଆଦି ଭିତରେ ଶଢୁଛି; ସେତେବେଳେ ସ୍ୱାଧୀନତା, ଜାତୀୟତା ଆଦି ବଡ଼ ବଡ଼ ଆଦର୍ଶର କଥା ନକହି ବରଂ ସେହି ଦାରିଦ୍ର୍ୟ, ରୋଗ, ଅଶିକ୍ଷା ଆଦି ଘୁଞ୍ଚାଇବା ପାଇଁ ନିର୍ଦ୍ଦିଷ୍ଟ କାମ ଉପରେ ଜୋର୍ ଦେବା ଉଚିତ । ସ୍କୁଲ ଖୋଲିବା, ଡାକ୍ତରଖାନା ଖୋଲିବା, ଆର୍ଥିକ ବିକାଶ ପାଇଁ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା କରିବା, କୁଟୀର ଶିଳ୍ପ, ଚାଷ ଆଦି ଉପରେହିଁ ସମସ୍ତ ଶକ୍ତି ନିୟୋଜିତ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିବା ଉଚିତ । ଦେଶର ଦାରିଦ୍ର୍ୟ ଓ ଅବନତି ଆଗେ ଦୂର ହେଉ, ତା'ପରେ ମୁକ୍ତି, ଜାତୀୟତା ଓ ଅନ୍ୟାନ୍ୟ ବଡ଼ ବଡ଼ ଆଦର୍ଶର କଥା ।

ଏଇ ଧରଣର ବିଚାର ଓ ଚିନ୍ତାଧାରାକୁ କଠୋର ସମାଲୋଚନା କରି ଶ୍ରୀଅରବିନ୍ଦ ସେତେବେଳେ ଲେଖିଥିଲେ, ଅବଶ୍ୟ ଏଇ ଧରଣର କର୍ମର ମୂଲ୍ୟକୁ କେହି ଊଣା କରି ଦେଖିବା ଉଚିତ ନୁହେଁ ଓ ଦେଶର ଉତ୍‌ଥାନ ପାଇଁ ସେ ସମସ୍ତ କର୍ମ ନିତାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ । କିନ୍ତୁ ବଡ଼ କଥା ହେଲା ଦେଶ ଓ ଜାତି ଆଗରେ ମହାନ୍ ଆଦର୍ଶ ସ୍ଥାପନ କରିବା ଏବଂ ସେହି ଆଦର୍ଶ ଭିତରୁହିଁ ଯେପରି କର୍ମର ସମସ୍ତ ପ୍ରେରଣା ଉତ୍ସାରିତ ହୁଏ ସେଥିପ୍ରତି ଧ୍ୟାନ ଦେବା । କାରଣ, ''ଆଦର୍ଶ ବିନା କର୍ମ କିଛି ନୁହେଁ ଏବଂ ନିଜର ପ୍ରେରଣାଦାୟୀ ଶକ୍ତିରୁ ବିଚ୍ଛିନ୍ନ ହୋଇଗଲେ ତାହା ନିଷ୍ଫଳ ହେବ ।'' (''But the work is nothing without the ideal, and will be fruitless if divorced from its inspiring force.'')

ସେତେବେଳେ ଶ୍ରୀଅରବିନ୍ଦ ଏହି ଯେଉଁ ବିଷୟଟି ଉଠାଇଥିଲେ ଆଜି ମଧ୍ୟ ଆମେ ଆମ ଜାତୀୟ ଉଦ୍ୟମ ଓ ପ୍ରୟାସର ନାନା କ୍ଷେତ୍ରରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛୁ ତା'ର ମୂଳକୁ ଗଲେ ଦେଖିବା ଯେ ଏହି ଆଦର୍ଶର ଅଭାବହିଁ ଆମର ସମସ୍ତ ଉଦ୍ୟମ, ସମସ୍ତ କର୍ମକୁ ଖର୍ବ ଓ ଭ୍ରଷ୍ଟ କରି ଦେଉଛି । ଆଜି ଦେଶର ବିଶିଷ୍ଟ ସମାଜସେବୀ, ଗଣ୍ୟମାନ୍ୟ ନେତା ଓ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ ପର୍ଯ୍ୟନ୍ତ, ପଦସ୍ଥ ସରକାରୀ ମୁଖପାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଦେଶବାସୀଙ୍କୁ ଜନହିତକର ଉନ୍ନୟନମୂଳକ ନାନା କର୍ମରେ ମନଃପ୍ରାଣ ଢାଳି ଦେବାକୁ ଆହ୍ୱାନ କରୁଛନ୍ତି । ଖାଲି ସେତିକି ନୁହେଁ, ଉନ୍ନୟନର ନାନା ଯୋଜନା, ନାନା ସଂସ୍ଥାସବୁ ଗଢ଼ାଯାଉଛି, ଶିଳ୍ପ ଓ କୃଷି ଆଦିର ବିକାଶ ପାଇଁ ସରକାରୀ ବେସରକାରୀ କେତେ ଉଦ୍ୟମ ହେଉଛି । କିନ୍ତୁ ଫଳ କାହିଁ ? ଯେଉଁ ଦୁଃଖ, ଦାରିଦ୍ର୍ୟ, ଅନଟନ ଅନ୍ଧକାରରେ ଦେଶ ଶଢୁଥିଲା, ତାହା ସେହିପରି ରହିଛି, ବରଂ ନିଜ ସମ୍ପର୍କରେ, ଦେଶ ସମ୍ପର୍କରେ, ନିଜର ଓ ଦେଶର ଭବିଷ୍ୟତ୍ ସମ୍ପର୍କରେ ଅଧିକ ନୈରାଶ୍ୟ ଓ ଅନିଶ୍ଚିତ ଭାବ ଦେଖାଦେଇଛି । ଏହାର ମୂଳ କାରଣ ହେଲା ଦେଶ ଓ ଜାତି ଆଗରେ ଏପରି କିଛି ମହତ୍ ଆଦର୍ଶ ରଖାଗଲା ନାହିଁ, ଯାହାକୁ ସଫଳ ଓ ସାର୍ଥକ କରିବା ପାଇଁ ଲୋକେ ନିଷ୍ଠାର ସହିତ କର୍ମ କରିବାକୁ, ଆବଶ୍ୟକ ହେଲେ ତ୍ୟାଗ କରିବାକୁ ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିବେ । ନିଜର ସଂକୀର୍ଣ୍ଣ ସ୍ୱାର୍ଥ, କାମନାବାସନା ଓ ଭୋଗ ପ୍ରବୃତ୍ତିକୁ ଚରିତାର୍ଥ କରିବା ଛଡ଼ା ଜୀବନର ଅନ୍ୟ ମହତ୍ ଲକ୍ଷ୍ୟ କିଛି ଅଛି ବୋଲି ଯଦି ଲୋକେ ସଚେତ ନହେବେ ତେବେ ସେମାନେ ନିଜ ଅହଂର ବା ପାରସ୍ପରିକ ସ୍ୱାର୍ଥପୂରଣ ଉଦ୍ଦେଶ୍ୟ ଉପରେ ଏକତ୍ର ହୋଇଥିବା କେତେଗୁଡ଼ିଏ ଅହଂସମଷ୍ଟିର ଅର୍ଥାତ୍ ପରିବାର, ଦଳ ବା ଗୋଷ୍ଠୀ-ଅହଂର ସେବା କରିବା ଛଡ଼ା ଅନ୍ୟ କଥା ଭାବିବେ କାହିଁକି ? ଶ୍ରୀଅରବିନ୍ଦ ଯାହା ଲେଖିଥିଲେ, ''ସ୍ୱାର୍ଥ ଓ ଉପଯୋଗୀସର୍ବସ୍ୱ ସାଧାରଣ ଜୀବନଧାରାରେ ଚଳୁଥିବା ଯାଏ ଲୋକମାନେ ନିଜ ଛଡ଼ା ଅନ୍ୟ କିଛିର ସେବା କରିବାକୁ ପ୍ରେରଣା ଅନୁଭବ କରିବେ ନାହିଁ ।'' ("Man in their ordinary utilitarian course of life do not feel called upon to serve anyone except themselves.")

ସେଇଥି ଯୋଗୁଁ ଆମେ ଦେଖୁ ଜନସେବାର ଖୁବ୍

ଉତ୍ସାହ ନେଇ ସ୍କୁଲଟିଏ, ଡାକ୍ତରଖାନାଟିଏ ଗଢ଼ା ହେଲାଣି ତ ଦୁଇଦିନ ପରେ ପରିଚାଳନା ସମିତିର ସଭ୍ୟ ହେବ କିଏ ସେ ନେଇ ଝଗଡ଼ା ଓ ମାଲିମକଦ୍ଦମା । ଶିକ୍ଷ ପ୍ରତିଷ୍ଠାନଟିଏ ମୁଣ୍ଡ ଟେକୁ ଟେକୁ ଧର୍ମଘଟ ଓ ତାଲା ବନ୍ଦ । କୃଷି ଓ ଶିଳ୍ପ ନାମରେ କେତେ ସମବାୟ ସମିତି ଗଢ଼ାଯାଇ ପୁଣି କୁଆଡ଼େ ମିଳେଇ ଯାଏ, କେତେ ଋଣ ଆସେ, କାହା ଭାଗରେ ତାହା କୁଆଡ଼େ ଯାଏ କେଉଁଠି କିଛି ଟେର୍ ବି ମିଳେ ନାହିଁ । ସେଇଥି ଯୋଗୁଁ ବ୍ଲକ ଉନ୍ନୟନ ଆଦି ସରକାରୀ ପ୍ରୟାସ ଆଦିର ବ୍ୟର୍ଥତା; ଦୁର୍ନୀତି, ଅପବ୍ୟୟ, ପ୍ରିୟାପ୍ରୀତିତୋଷଣ, ଅର୍ଥ ଆତ୍ମସାତ୍ ଆଦିର ସାର୍ବଜନୀନ ପ୍ରସାର । ଲୋକଙ୍କର ଚେତନାରେ ଏକ ଜାଗରଣ ନ ଆଣିଲେ, ଏକ ମହାନ୍ ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ଚେତନାକୁ ଉଦ୍‌ବୋଧିତ ନକଲେ ହଜାର ଯୋଜନା, ହଜାର କର୍ମ କଲେ ବି ଜାତି ହିସାବରେ ଆମେ ସମର୍ଥ ହୋଇ ଛିଡ଼ାହୋଇ ପାରିବା ନାହିଁ; ଦାରିଦ୍ର୍ୟ, ଦୁର୍ନୀତି, କୁଶାସନ, ଅଶାନ୍ତି, ଅନିଶ୍ଚିତତା, ବିଭେଦ ଆଦିର କର୍ଦ୍ଦମରେ ଦିନୁ ଦିନ ଆହୁରି ତଳକୁ ତଳକୁ ବୁଡ଼ିଯିବା ।

ପ୍ରକୃତରେ ଜାତୀୟ ଚେତନାର ଉଦ୍‌ବୋଧନ କହିଲେ ଠିକ୍ କ'ଣ ବୁଝାଏ ? ପ୍ରତ୍ୟେକ ଦେଶବାସୀ ଭିତରେ ଏପରି ଏକ ଚେତନା ଅନ୍ତର୍ନିହିତ ହୋଇ ରହିଛି ଯାହାକି ସତ୍ୟର ଆହ୍ୱାନ ଶୁଣିବାକୁ ସକ୍ଷମ । କାହା ଭିତରେ ହୁଏତ ଏହି ଚେତନା ଜାଗ୍ରତ୍ ଓ ପ୍ରକଟ ହୋଇ ରହିଛି, କାହା ଭିତରେ ହୁଏତ ଏହା ସୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛି; ଆଉ କାହା ଭିତରେ ଏପରିକି ବ୍ୟକ୍ତି ବା ଗୋଷ୍ଠୀଗତ ନାନା ସଂକୀର୍ଣ୍ଣ ସ୍ୱାର୍ଥର ଗାଢ଼ ଆବରଣ ତଳେ ଏକଦମ୍ ଲୁଚି ଯାଇଥିଲେ ବି ଏ ଅଗ୍ନି କାହାରି ଭିତରୁ ପୂରା ନିର୍ବାପିତ ହୋଇ ନାହିଁ କି ହୋଇପାରିବ ନାହିଁ । କାରଣ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟ ଶାଶ୍ୱତ ସତ୍ୟରହିଁ ଅଂଶବିଶେଷ ଏହି ଚେତନା । ତେଣୁ ଏହା ସତ୍ୟର ବାଣୀ ଓ ଆହ୍ୱାନ ଶୁଣିବା ପାଇଁ ଓ ତାର ଉତ୍ତର ଦେବା ପାଇଁ ସକ୍ଷମ । ଗୋଟିଏ ଦେଶ ବା ଜାତି ଆଗରେ ସେହି ଶାଶ୍ୱତ ଦିବ୍ୟ ସତ୍ୟ ଯେଉଁ ନିୟତି, ଯେଉଁ ଭବିଷ୍ୟତ୍, ଯେଉଁ କାର୍ଯ୍ୟକ୍ରମ ରଖିଥାଏ, ତାହା ବୁଝିପାରିବା ଓ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଜାତି ହିସାବରେ ଆଗେଇ ଆସିବାକୁ ଯେଉଁ ଆହ୍ୱାନ ଓ ଉଦ୍‌ବୋଧନ ଦିଆଯାଏ ତାହାହିଁ ଯଥାର୍ଥରେ ଜାତୀୟ ଚେତନାର ଉଦ୍‌ବୋଧନ । ଶାଶ୍ୱତ ସତ୍ୟର ସେହି ଆହ୍ୱାନ ପ୍ରତି ଦେଶବାସୀଙ୍କ ଅନ୍ତରସ୍ଥ ସତ୍ୟ ଚେତନାର ଉତ୍ତର ଓ ବାହ୍ୟ ଜୀବନରେ ତା'ର ଅଭିବ୍ୟକ୍ତିହିଁ ଜାତୀୟ ଚେତନା ଓ ଜାତୀୟ ଜୀବନର ସ୍ୱରୂପ, ବିକାଶ ଓ ପରିଣତିକୁ ନିର୍ଣ୍ଣୟ କରିଥାଏ । ସେହି ଚେତନାର ବିକାଶର ନାନା ପର୍ବରେ ତାହାରି ଭିତରୁହିଁ କର୍ମର ଅଜସ୍ର ଧାରା ଆପଣାଛାଏଁ ଫିଟି ବାହାରିପଡ଼େ ।

ଏକଦା ଏହି ଶାଶ୍ୱତ ସତ୍ୟ ଆମ ଜାତି ଓ ଦେଶ ଆଗରେ ରାଜନୈତିକ ସ୍ୱାଧୀନତାର କାର୍ଯ୍ୟକ୍ରମ ରଖିଥିଲା — ହୁଏତ ଆହୁରି ଏକ ବୃହତ୍ତର କାର୍ଯ୍ୟକ୍ରମର ଅଙ୍ଗ ଓ ପ୍ରାରମ୍ଭିକ ପଦକ୍ଷେପରୂପେ, ଏବଂ ଦେଶବାସୀ ନିଜର ହୃଦୟରେ ସେହି ଆହ୍ୱାନର ସ୍ପନ୍ଦନ ଅନୁଭବ କରିଥିଲେ ଓ ତାହାର ଉତ୍ତର ଦେଇଥିଲେ ଦେଶର ସ୍ୱାଧୀନତାକୁ ଜୀବନର ମହାନ୍ ବ୍ରତ ଓ ସଂକଳ୍ପରୂପେ ଗ୍ରହଣ କରି । ସେହି ସଂକଳ୍ପକୁ ସିଦ୍ଧ କରିବା ପାଇଁ କୌଣସି କର୍ମରୁ, କୌଣସି ତ୍ୟାଗରୁ ସେମାନେ ପଛାଇ ନଥିଲେ । ପରସ୍ପର ଭିତରେ ଥିବା ସମସ୍ତ ବାଦବିବାଦ ଓ ସ୍ୱାର୍ଥର ସଂଘାତ ଭୁଲି ଏକ ମନ ଓ ଏକ ପ୍ରାଣ ହୋଇ ଲାଗି ପଡ଼ିଥିଲେ । କିନ୍ତୁ ସ୍ୱାଧୀନତା ଲାଭ ପାଇଁ ଜାତୀୟ ଚେତନା ଯେପରି ଉଦ୍‌ବୋଧିତ ହୋଇଥିଲା, ତାହାପରେ ଦେଶର ନେତୃବୃନ୍ଦଙ୍କ ଦ୍ୱାରା ଦେଶ ଆଗରେ ଏପରି କୌଣସି ଆଦର୍ଶ ରଖାଗଲା ନାହିଁ, ଯାହା ଜାତୀୟ ଚେତନାର ସେହି ପ୍ରବେଗକୁ ସେହିଭଳି ଉଦ୍ଦୀପିତ ଓ ଉଜ୍ଜୀବିତ କରି ରଖିଥାଆନ୍ତା ଓ ଆମ ଦେଶ ବିଶ୍ୱର ଜାତିମାନଙ୍କ ଦରବାରରେ ନିଜର ନିର୍ଦ୍ଧାରିତ ମହାନ୍ ଭୂମିକା ଗ୍ରହଣ କରିବା ଭଳି ଜାତୀୟ ଅଭ୍ୟୁତ୍ଥାନର ଦ୍ୱିତୀୟ ପର୍ବରେ ପ୍ରବେଶ କରିଥାଆନ୍ତା । କେଇ ବର୍ଷରେ ଥରେ ହେଉଥିବା ନିର୍ବାଚନରେ ନିଜ ନିଜ ଦଳକୁ ଜୟଯୁକ୍ତ କରିବା ପାଇଁ ଲୋକମାନଙ୍କୁ ସୁଖସୁବିଧାର ନାନା ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିବା ଓ ନିଜ ନିଜ ଦଳର କର୍ମୀ ଓ ନେତାମାନଙ୍କ ଭିତରେ କ୍ଷମତାର ଲାଳସା ଉଦ୍ରେକ କରି ସେମାନଙ୍କର ସମସ୍ତ କର୍ମୋତ୍ସାହକୁ କ୍ଷମତାର ସେହି ନିଶାରେ ପ୍ରମତ୍ତ କରି ରଖିବା ଜାତୀୟ ଚେତନାର ଉଦ୍‌ବୋଧନ ନୁହେଁ । କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ଦେଶର ଅଧିକାଂଶ ରାଜନୈତିକ ଦଳର ଏହାହିଁ ମୁଖ୍ୟ ବେଉସା ଏବଂ ଦେଶବାସୀଙ୍କ ଚରିତ୍ରର ଉଚ୍ଚତର ଦିଗ ବା ମହତ୍ତର ପ୍ରବୃତ୍ତି ପ୍ରତି ନୁହେଁ; ନିମ୍ନତର ପ୍ରବୃତ୍ତି, ସଂକୀର୍ଣ୍ଣ ଦଳୀୟ ସ୍ୱାର୍ଥ ଓ କାମନାବାସନାର ଚରିତାର୍ଥ ଦିଗରେହିଁ ଏହାର ଆବେଦନ ।

ଏହି ଧରଣର ମନୋଭାବ ନେଇ ଦେଶବାସୀଙ୍କଠାରୁ ଆମେ ମହାନ୍ କିଛି ଆଶା କରିପାରିବା ନାହିଁ । ଯଦି ଆମେ

ଦେଶବାସୀଙ୍କଠାରୁ ମହାନ୍ କିଛି ଆଶା କରିବା ତେବେ ଆମକୁ ସେମାନଙ୍କର ଚରିତ୍ରର ଉଚ୍ଚତର ଓ ମହତ୍ତର ଦିଗ ପ୍ରତି ଆବେଦନ ଜଣାଇବାକୁ ହେବ । ଶ୍ରୀଅରବିନ୍ଦ ଏହି ବିଷୟଟି ପ୍ରତିହିଁ ଆମର ଧ୍ୟାନ ଆକର୍ଷଣ କରିଛନ୍ତି, ଯେତେବେଳେ ସେ ଲେଖିଛନ୍ତି :

"He is propelled by the inertia of his own individual needs, and if any other sort of work is expected of him a different and more intense force must be continuously applied to him to produce the necessary energy. Or, in other words, we must continuously appeal to his better nature, we must evoke the spiritual in him, we must call forth his moral enthusiasm."

(CWSA, Vol. 6 - 7, P. 880)

''ସେ କର୍ମରେ ତତ୍ପର ହୁଏ କେବଳ ତା'ର ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ଚାହିଦାର ପ୍ରବେଗରେ; ଯଦି ତା'ଠାରୁ ଅନ୍ୟ କୌଣସି ଧରଣର କର୍ମ ଆଶା କରାଯିବ, ତେବେ ତା' ପ୍ରତି ନିରନ୍ତର ଭିନ୍ନ ଧରଣର ତଥା ଅଧିକ ଗଭୀରତର ଶକ୍ତି ପ୍ରୟୋଗ କରାଯିବା ଆବଶ୍ୟକ । ଅଥବା, ଅନ୍ୟ କଥାରେ ଆମକୁ ନିରନ୍ତର ତା'ର ଉଚ୍ଚ ପ୍ରକୃତିକୁ ଆବେଦନ କରିବାକୁ ହେବ, ତା' ଭିତରେ ତା'ର ଆତ୍ମସତ୍ତାକୁ ଆବାହନ କରିବାକୁ ହେବ, ତା'ର ନୈତିକ ପ୍ରୋତ୍ସାହନକୁ ଆହ୍ୱାନ ଜଣାଇବାକୁ ହେବ ।...''

ପ୍ରତ୍ୟେକ ଦେଶବାସୀ ଭିତରେ ଯଥାର୍ଥ ଜାତୀୟ ଚେତନାର ଉଦ୍‌ବୋଧନ ଓ ଉନ୍ମେଷ ଦ୍ୱାରା କେବଳ ଏହା ସମ୍ଭବ । ସେଥିପାଇଁ ତା'ର କର୍ମ ଆଗରେ ମୂଳ ଯେଉଁ ଆଦର୍ଶ ଓ ଲକ୍ଷ୍ୟ ରଖିବାକୁ ହେବ ତାହା ସମାଜବାଦ, ଗଣତନ୍ତ୍ର ବା ଧର୍ମନିରପେକ୍ଷ ଜନମଙ୍ଗଳ ରାଷ୍ଟ୍ର ନିର୍ମାଣ ନୁହେଁ, ଏଗୁଡ଼ିକ ହୁଏତ ଆମ ଜାତୀୟ ଆତ୍ମା ଯେଉଁ ସତ୍ୟକୁ ରୂପାୟିତ କରିବାକୁ ଚାହେଁ ତା'ର ବାହ୍ୟ ଅଙ୍ଗ ହୋଇପାରନ୍ତି ବା ନପାରନ୍ତି; କିନ୍ତୁ ମୂଳ ଯେଉଁ ଲକ୍ଷ୍ୟ ବା ଆଦର୍ଶ ଆମକୁ ସିଦ୍ଧ ଓ ସାର୍ଥକ କରିବାକୁ ହେବ ତା' ହେଲା – ଭାରତର ଜାତୀୟ ଆତ୍ମା ଉପରେ ପରମ ଦିବ୍ୟ ସତ୍ୟ ଯେଉଁ ଦାୟିତ୍ୱ, ଯେଉଁ କର୍ମଭାର ନ୍ୟସ୍ତ କରିଛନ୍ତି – ସମଗ୍ର ପୃଥିବୀ, ସମଗ୍ର ମାନବସମାଜ ଆଗରେ ଆଧ୍ୟାତ୍ମିକତାର ସୁମହାନ୍ ସତ୍ୟସବୁକୁ ଜୀବନ୍ତ ଓ ଜାଗ୍ରତ୍ କରି ଫୁଟାଇ ତୋଳି ଧରିବା । ❖

*ପ୍ରଶ୍ନ : ତରୁଣମାନଙ୍କୁ ଶ୍ରୀଅରବିନ୍ଦଙ୍କ ଆହ୍ୱାନ କ'ଣ ?*

**ଶ୍ରୀମା** : ଅତିମାନସ ଚେତନାର ଆଲୋକରେ ଏକ ଶ୍ରେଷ୍ଠତର ଭବିଷ୍ୟତର ନିର୍ମାତା ହୋଇ ଉଠିବା ।

(୨୭ ନଭେମ୍ବର, ୧୯୭୧)

*ପ୍ରଶ୍ନ : ଆପଣଙ୍କର ୧୯୭୨ ଜାନୁଆରୀ ୨ର ବାର୍ତ୍ତାରେ ଆପଣ କହିଥିଲେ,*

''ତାଙ୍କର ଶତବାର୍ଷିକୀର ଏହି ବର୍ଷରେ ତାଙ୍କର ସହାୟତା ଆହୁରି ଦୃଢ଼ତର ହେବ । ସେଥିପ୍ରତି ଅଧିକ ଉନ୍ମୋଚିତ ହେବା ଓ ତାହାର ସୁଯୋଗ ଗ୍ରହଣ କରିବା ନିର୍ଭର କରେ ଆମ ଉପରେ ।

''ଯେଉଁମାନଙ୍କର ବୀରର ଆତ୍ମା ରହିଛି, ଭବିଷ୍ୟତ୍ ସେହିମାନଙ୍କରହିଁ ।''

*ଅନୁଗ୍ରହ କରି ଆପଣ ବୁଝାଇ ଦେବେ କି ଏହି ବାର୍ତ୍ତାରେ ଆପଣ କେଉଁ ଅର୍ଥରେ 'ବୀର' କଥା କହିଛନ୍ତି ?*

**ଶ୍ରୀମା :** ଜଣେ ବୀର କୌଣସି କିଛିକୁ ଭୟ କରେ ନାହିଁ, କୌଣସି ବିଷୟରେ ଅଭିଯୋଗ କରେ ନାହିଁ, ଏବଂ କେବେହେଲେ ନିଜର ସଙ୍କଳ୍ପ ଛାଡ଼ିଦିଏ ନାହିଁ ।

(୧୯୭୨)


New forms are needed
for the manifestation
of a new Force.
With my blessings

Vol. LXIV, No. 4, NAVAJYOTI – 24 November, 2021, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**